

ଭାବ ବିହ୍ୱଳ ହେଲେ ସିଜେଆଇ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମୋଦୀଙ୍କ ଗ୍ୟାରେଣ୍ଟି ପୂର୍ଣ୍ଣ କରୁଛି ଛତିଶଗଡ଼ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୯ Vol. 22 No-89 29 JUNE 2025 SUNDAY, BHUBANESWAR ରବିବାର, ୨୯ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପରାଗ ଜୈନ ଆର ଆଣ୍ଡ ଏଡବ୍ଲ୍ୟୁର ମୁଖ୍ୟ ନିଯୁକ୍ତ

ନୂଆଦିଲ୍ଲୀ,୨୮।୬: ୧୯୮୯ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇପିଏସ୍ ପରାଗ ଜୈନଙ୍କୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ୍‌ର ମୁଖ୍ୟଭାବେ ନିଯୁକ୍ତି ଦିଆଯାଇଛି। ଏଥିପୂର୍ବରୁ ମୁଖ୍ୟ ଭାବେ କାର୍ଯ୍ୟରତ ରବି ସିହ୍ନା ଆସନ୍ତା ୩୦ ତାରିଖରେ ଅବସର ନେବେ। ଜୁଲାଇ ୧ରେ ଶ୍ରୀ ଜୈନ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିବେ। ଅପରେସନ ସିନ୍ଦୂରରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

### ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୮।୬(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲା ପୋଲିସ ନିକଟରେ ୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିରେ ୪ଜଣ ମହିଳା ମାଓବାଦୀ ଥିବା ସୂଚନା ମିଳିଛି। ସେମାନଙ୍କ ମୁଣ୍ଡପାଇଁ ୧୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ ଛତିଶଗଡ଼ ସରକାରଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।


### ବନ୍ୟା ଜଳରେ ଧୋଇଗଲା ପୋଲ

ଉଦଳା,୨୮।୬(ଭାସ୍କର ନ୍ୟୁଜ): ଲଘୁଚାପ ପ୍ରଭାବରେ ଗତ କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି। ତେବେ ଜାମୁଘାଟ ପୋଲ ବନ୍ୟାଜଳରେ ଧୋଇଯିବାରୁ ଉଦଳା-ବାଲେଶ୍ୱର ରାସ୍ତା ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଉଭୟ ପଟରେ ଶହଶହ ଗାଡ଼ି ଅଟକି ରହିଛି।

ସେନ୍‌ସେକ୍ସ: ୮୪,୦୫୮.୯୦
ସର୍ବାଧିକ: ୨୯.୪ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

**୨୮।୬।୨୦୨୫ ର ମତାମତ**

ସିବିଏସ୍‌ଇ ଦଶମ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବା ଠିକ୍ କି ?





**ଆଜିର ପ୍ରସଙ୍ଗ**

ଚଳିତବର୍ଷ ରଥଯାତ୍ରାରେ ବିଶୃଙ୍ଖଳା ପାଇଁ କାହାକୁ ଦାୟୀ କରାଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପାଗ ଭଲଥିଲା ଯୋଗ ଭଲଥିଲା
ଜଗା କିନ୍ତୁ ଦେଲା ଚକମା,
ଟ୍ରେଲର ଦେଖାଇ ରହିଲା ଅଟକି
ଆଜି ହେବ ଫୁଲ୍ ସିନେମା ।
ତ୍ରୁଟିର ନକରି ତର୍ଜମା,
ଚକାନୟନର ସବୁ ଇଛା କହି
ଅନ୍ଧକୁ ଲେପିଲେ ସୁରମା !

## ଶରଧାବାଲିରେ ତିନି ରଥ

# ଆଜି ଆଡପ ମଣ୍ଡପ ବିଜେ



**ସକାଳ ୯.୩୦ରେ ଆରମ୍ଭ ହୋଇଥିଲା ରଥଟଣା**

**ଉପମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡିଜିପି ଟାଣିଲେ ରଥ**

**ନୀତିକାନ୍ତି ସବୁ ସୁଚାରୁରୂପେ ଚାଲୁ ରହିଛି: ମୁଖ୍ୟ ପ୍ରଶାସକ**

ପୁରୀ,୨୮।୬ (ଭାସ୍କର ନ୍ୟୁଜ) : ଶରଧାବାଲିରେ ଲାଗିଲା ତିନି ରଥ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପହଞ୍ଚିଥିଲା । ଏହାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ପରେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା । ଶୁକ୍ରବାର ବିଭିନ୍ନ କାରଣରୁ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ପାରିନଥିଲା ୩ ରଥ । ସରିଛି ସେହି ଅପେକ୍ଷା । ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି ମହାପ୍ରଭୁଙ୍କ ରଥ । ଶୁକ୍ରବାର ସମୟ ଅନୁସାରେ ରଥ ଟଣା ଆରମ୍ଭ ହୋଇଥିଲା । ହେଲେ ବିଭିନ୍ନ ଅସୁବିଧା କାରଣରୁ ଗୁଣ୍ଡିଚା ମନ୍ଦିରରେ କୌଣସି ରଥ ପହଞ୍ଚି ପାରିନଥିଲେ ।ସକାଳ ୯ ଟା ୩୦ ମିନିଟରେ ରଥଟଣା ଆରମ୍ଭ ହୋଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୋଲିସ ଡିଜି ୱାଇ.ବି ଖୁରାନିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ରଥ ଟାଣିଥିଲେ । ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରଥ ଟାଣି ନେଇଥିଲେ । ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପହଞ୍ଚିଥିଲା ଶରଧା ବାଲିରେ । ଏହା ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ପରେ କାଳିଆର • ପୃଷ୍ଠା ୫ ଦେଖନ୍ତୁ

### ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଗୌତମ ଆଦାନୀ

ପୁରୀ,୨୮।୬ (ଭାସ୍କର ନ୍ୟୁଜ) : ରଥଯାତ୍ରାରେ ସାମିଲ ହେଲେ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ । ଶନିବାର ପୁରୀ ଗସ୍ତରେ ଆସି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସପରିବାର ଦର୍ଶନ କରିଛନ୍ତି । ଏହି ଅବସର ଇସ୍କନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରସାଦ ସେବାରେ • ପୃଷ୍ଠା ୫ ଦେଖନ୍ତୁ



## ମହାକାଶଚାରୀ ଶୁଭାଂଶୁଙ୍କ ସହ କଥା ହେଲେ ମୋଦୀ


# ଦେଶ ଆପଣଙ୍କ ପାଇଁ ଗର୍ବିତ



ନୂଆଦିଲ୍ଲୀ,୨୮।୬: ଗ୍ରୁପ୍ କ୍ୟାପଟେନ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆକ୍ସିଅମ୍-୪ ମିଶନର ଅଂଶଭାବରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଅଛନ୍ତି ଭାରତର ଦ୍ୱିତୀୟ ମହାକାଶଚାରୀ ଶୁଭାଂଶୁ। ସେ ୧୪ ଦିନ ପାଇଁ ମହାକାଶକୁ ଯାତ୍ରା କରିଛନ୍ତି। ବୁଧବାର ଆଇଏସଏସକୁ ଐତିହାସିକ ଯାତ୍ରାରେ ସେ ଉଡାଣ ଭରିଥିଲେ। ୪୧ବର୍ଷର ବ୍ୟବଧାନ ପରେ ଭାରତର ନାଗରିକ ଭାବେ ଶୁଭାଂଶୁ ମହାକାଶକୁ ଯାଇଛନ୍ତି। ଏହି ଅବସରରେ ଆଲୋଚନା ସମୟରେ ମୋଦୀ କହିଥିଲେ ଯେ ଅନ୍ତରୀକ୍ଷକୁ ମୁଁ ନୁହେଁ, ମୋ ଦେଶ ଯାତ୍ରା କରିଛି। ଭାରତର ଗୌରବ ବଢାଇଥିବାରୁ ଆପଣଙ୍କୁ ଶୁଭେଚ୍ଛା ସହ ସାରା ଦେଶ ଗର୍ବ ଅନୁଭବ କରୁଛି। ଆପଣଙ୍କ ପାଇଁ ୧୪୦ କୋଟି ଭାରତୀୟଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ଆପଣ ଦେଶବାସୀଙ୍କ ହୃଦୟର ଅତି ନିକଟତର ହୋଇପାରିଛନ୍ତି। ଏହାର ଉତ୍ତରରେ ଶୁଭାଂଶୁ କହିଥିଲେ ଯେ ଅନ୍ତରୀକ୍ଷରୁ ଭାରତ ସୁନ୍ଦର ଓ ବଡ଼ ଦେଖାଯାଉଛି। ମହାକାଶରୁ ଭାରତ ଭବ୍ୟ ପରି ଲାଗୁଛି। ଏଠାରେ ଦିନକୁ ୧୬ଥର ମୁଁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖୁଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଆମେରିକାର ୪ ସଦସ୍ୟ ବିଶିଷ୍ଟ ବହୁଦେଶୀୟ କ୍ରିୟୁ ସହିତ ଆକ୍ସିଅମ ତା’ର ମହାକାଶ ଯାତ୍ରା ଆରମ୍ଭ କରିଛି। ଶୁଭାଂଶୁଙ୍କ ସହ ଏହି ମିଶନରେ ପୋଲାଣ୍ଡର ସ୍ଲାଭୋସ୍ ଉଗ୍ୟାନସ୍କି, ହଙ୍ଗେରୀର ଟୋବାର କାପୁ ଏବଂ ମିଶନ କମାଣ୍ଡର ପେଡି ହ୍ୱିଟସନ ରହିଛନ୍ତି। ଆକ୍ସିଅମ-୪ ମିଶନର ଏହି ଟିମ୍ ଗତ ବୁଧବାର ମହାକାଶ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ସେମାନେ ୧୪ ଦିନ ରହି ବୈଜ୍ଞାନିକ ପରୀକ୍ଷଣ କରିବେ। ଏଥିପୂର୍ବରୁ ୧୯୮୪ରେ ୱିଙ୍ଗ କମାଣ୍ଡର ରାକେଶ ବର୍ମା। ସୋଭିଏତ୍ ୟୁନିୟନ ମିଶନ ଅଧୀନରେ ମହାକାଶ ଯାତ୍ରା କରିଥିବା ପ୍ରଥମ ଭାରତୀୟ ଥିଲେ। ଶୁଭାଂଶୁ ୨୦୦୬ ମସିହାରେ ଭାରତୀୟ ବାୟୁସେନାରେ ଜଣେ ପାଇଲଟ ଭାବେ କ୍ୟାରିୟର ଆରମ୍ଭ କରିଥିଲେ।

# ଆଜିଠୁ ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୮।୬(ଭାସ୍କର ନ୍ୟୁଜ): ଦୀର୍ଘଦିନର ପ୍ରତୀକ୍ଷା ପରେ ରବିବାରଠାରୁ ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଉଛି। ଏଥିସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯିବ। ୩ ଦିନ ଧରି ଏହି ପ୍ରକ୍ରିୟା ଚାଲୁ ରହିବ। ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ଏ ନେଇ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଜେପି ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ରାଜ୍ୟ ବିଜେପି ସଭାପତି ନିଯୁକ୍ତିରେ ବିଳମ୍ବ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି। ଗତ ୫ ତାରିଖରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ବିଜେପିରେ ସଭାପତି ଚୟନ ସର୍ବସମ୍ମତି



ନିଷ୍ପତ୍ତିକ୍ରମେ ହୋଇଥାଏ। ବିଜେପି ହେଉଛି ଏକମାତ୍ର ଦଳ ଯେଉଁଠି ଦଳର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଜିଲ୍ଲା ସଭାପତି, ରାଜ୍ୟ ସଭାପତି କିମ୍ବା ଜାତୀୟ ସ୍ତରର ସଭାପତି ହୋଇଥାନ୍ତି। ସେ ଆହୁରି କହିଥିଲେ, ରାଜ୍ୟ ସଭାପତି ଚୟନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯେ କୌଣସି ମୁହୂର୍ତ୍ତରେ ନାମ ଘୋଷଣା ହୋଇପାରେ। ଦେଶର ଅନେକ ଆଞ୍ଚଳିକ ଦଳରେ ଜଣେ ବ୍ୟକ୍ତି ସଭାପତି ରହିଆସିଛନ୍ତି। କିନ୍ତୁ ଆମେ ଜାତୀୟ ଦଳ ହୋଇଥିବାରୁ ଆମ ପ୍ରକ୍ରିୟା ଟିକେ ବିଳମ୍ବ ହୋଇଥାଏ। ତେବେ ବିଜେପି ସଭାପତି ମନୋନୟନକୁ ନେଇ ମାନସମନ୍ଥନ ଜାରି ରହିଛି। ରାଜ୍ୟ ବିଜେପିର କିଏ ମଙ୍ଗ ସମ୍ଭାଳିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ବର୍ତ୍ତମାନ ମନମୋହନ ସାମଲ ସଭାପତି ଦାୟିତ୍ୱରେ ରହିଛନ୍ତି। ତାଙ୍କ ସଭାପତିତ୍ୱରେ ପ୍ରଥମ ଥର ଓଡ଼ିଶାରେ ନିର୍ବାଚନ ଜିତି ବିଜେପି ସରକାର କରିଛି। ତେବେ ପରବର୍ତ୍ତୀ ସଭାପତି କିଏ ହେବେ ତାକୁ ନେଇ ସସ୍‌ପେନସନ ଲାଗି ରହିଛି।

## ଅଧୁରା ରହିଲା ଜଗା ଦର୍ଶନ

# ଆମ ବସ୍ ଧକ୍କାରେ ୩ ଛାତ୍ରୀ ମୃତ



ପିପିଲି/ଭୁବନେଶ୍ୱର,୨୮।୬(ଭାସ୍କର ନ୍ୟୁଜ): ମନଖୁସିରେ ୩ ସାଙ୍ଗ ଘରୁ ବାହାରିଥିଲେ। ଉଦ୍ଦେଶ୍ୟ ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କରିବା । ସେଥିପାଇଁ ଭୁବନେଶ୍ୱରରୁ ୩ ସାଙ୍ଗ ଏକ ସ୍କୁଟିରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧାରେ ରହିଗଲା। ବାଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଚାଲିଗଲା ଏହି ୩ ଛାତ୍ରୀଙ୍କ ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ଶନିବାର ଅପରାହ୍ନରେ ପୁରୀଜିଲ୍ଲା ପିପିଲି ତରାକାଜ ନିକଟରେ ଘଟିଛି। ମୃତ ଛାତ୍ରୀମାନେ ହେଲେ ରିମିଝିମି ପ୍ରିୟଦର୍ଶିନୀ ସାହୁ(୨୦), ଏଲିନା ଦାସ (୨୦) ଓ କାଜଲ ଦାସ (୨୦)। ରିମିଝିମିଙ୍କ ଘର ପୁରୁଣା ଭୁବନେଶ୍ୱରରେ ହୋଇଥିବାବେଳେ ଏଲିନାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାରେ। ସେହିପରି କାଜଲଙ୍କ ଘର କେନ୍ଦ୍ରାପଡ଼ା ସହରରେ ବୋଲି ସୂଚନା ମିଳିଛି। ଏହି ତିନିଜଣ ଛାତ୍ରୀ ଭୁବନେଶ୍ୱର ସଂଗୀତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେମାନେ ସ୍କୁଟିରେ ଯାଉଥିବାବେଳେ ପିପିଲି ତରାକାଜ

**ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ**

**ସହାୟତା ରାଶି ଘୋଷଣା**

ନିକଟରେ ରଙ୍ଗ ରୁଟ୍‌ରୁ ଆସି ଆଉ ଏକ ସ୍କୁଟି ସେମାନଙ୍କୁ ସାଇଡ୍ ମାରିଥିଲା। ଏଥିରେ ଛାତ୍ରୀମାନେ ସ୍କୁଟି ସହ ରାସ୍ତା ଉପରେ ପଡ଼ି ଯାଇଥିଲେ। ସେହି ସମୟରେ ପଛପଟୁ ଆସୁଥିବା ଆମ ବସ୍ ସେମାନଙ୍କ ଉପରେ ଚଢି ଯାଇଥିଲା। ବସ୍‌ର ପଛଚକା ସେମାନଙ୍କ ଉପରେ ଚଢିଥିବା ପୋଲିସ କହିଛି । ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ତୁରନ୍ତ ୩ ଛାତ୍ରୀଙ୍କୁ ଉଦ୍ଧାର କରି • ପୃଷ୍ଠା ୫ ଦେଖନ୍ତୁ




ଓଡ଼ିଶା ଭାସ୍କର
ରାଜ୍ୟ ଖବର




କରଞ୍ଜିଆ(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍‌ରେ ଉନ୍ନୟନମୂଳକ କାମରେ ଶୁକ୍ରୁଳି ବିଡ଼ିଓ ମନମାନୀ କରୁଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକ । ବୁଧବାର ଅପରାହ୍ଣରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ହେଉଥିବା ଉନ୍ନୟନମୂଳକ କାମକୁ ନେଇ ଆଲୋଚନା କରିଥିଲେ । ବ୍ଲକ୍ ଅଧକ୍ଷ ବ୍ଲକର ବିଭିନ୍ନ ଗ୍ରାମ ପାଇଁ ଉନ୍ନୟନମୂଳକ କାମ ପାଇଁ ପ୍ରସ୍ତାବ ଦେଉଥିବାବେଳେ ବିଡ଼ିଓ ବ୍ରହ୍ମାନନ୍ଦ ଦେହୁରୀ ବ୍ଲକ୍ ଅଧକ୍ଷଙ୍କ ପ୍ରସ୍ତାବକୁ ମଞ୍ଜୁରୀ ପାଇଁ ପଠାଉ ନଥିବା ଅଭିଯୋଗ ଆଣିଲେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକ । ଏନେଇ ବିଡ଼ିଓ ବ୍ରହ୍ମା ନନ୍ଦ ବେହେରା ଏବଂ ଗୋଲୋକ ବିହାରୀ ନାୟକ ଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । କିନ୍ତୁ ଶୁକ୍ରୁଳି ବିଡ଼ିଓ ବ୍ରହ୍ମାନନ୍ଦ ବେହେରା ଡରିଯାଇ ସଙ୍ଗେ ସଙ୍ଗେ ପୋଲିସ୍ କୁ ଫୋନ୍ କରିଥିଲେ । ପୋଲିସ୍ ମଧ ସଙ୍ଗେ ସଙ୍ଗେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ତା ପୂର୍ବରୁ ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି ପହଞ୍ଚି ଥିଲେ । କିନ୍ତୁ ସେମିତି କିଛି ଘଟଣା ନ ଥିଲା ଉନ୍ନୟନ ମୂଳକ କାମପାଇଁ କଥା କଟାକଟି ଚାଲିଥିବା ଦେଖି ପୋଲିସ୍ ଚୁପ୍ ରହିଥିଲା । ପରେ ଗୋଲକ ବିହାରୀ ନାୟକ ଏବଂ ବିକାଶ ରଞ୍ଜନ ସି ବ୍ଲକ୍ ଅଫିସ୍ ଛାଡ଼ିଥିଲେ । ସରକାର ବଦଳିଲା ପରେ ଅଫିସରମାନଙ୍କ ଠାଣି ବଦଳି ଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଆଗାମୀ ଦିନରେ ବିଡ଼ିଓ ଏଭଳି ମନମାନି ନ କରିବାକୁ ଚେତାବନୀ ଦେଇଛନ୍ତି ।




# ଫରେଷ୍ଟର ଓ ଗାର୍ଡ଼ଙ୍କୁ ନିର୍ଧୁମ ମାଡ଼

- ଜଙ୍ଗଲ ଜମି ଚାଷ ସମୟରେ ବାରଣ କରିବାରୁ ତାତିଲେ ଗ୍ରାମବାସୀ
- ଉଭୟ ପକ୍ଷରୁ ଥାନାର ଦ୍ୱାରସ୍ଥ, ଆହତ କର୍ମଚାରୀ ମେଡିକାଲରେ ଭର୍ତ୍ତି



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ଅଧୀନରେ ଥିବା ନାକଟିସିମଡା କୁସୁମପୁର ସନ୍ଧିରେ ଥିବା ସଂରକ୍ଷିତ ଜଙ୍ଗଲରେ ଆଜି କିଛି ଗ୍ରାମବାସୀ ମକା ଲଗାଉଥିଲେ । ଠିକ ଏହି ସମୟରେ କୁନ୍ଦେଇ ବନ ବିଭାଗର କିଛି କର୍ମଚାରୀ ସେଠାରେ ପହଞ୍ଚି ବାରଣ କରିବାରୁ ଉଭୟ ପକ୍ଷରୁ ବଚସା ହେବା ସହ ହାତାହାତି ହୋଇଥିଲେ । ଶେଷରେ କିଛି ଲୋକ କୁନ୍ଦେଇ ଫରେଷ୍ଟର ହରିହର ବ୍ରହ୍ମା ଓ ଗାର୍ଡ଼ ଦୀପକ କୁମାର ପ୍ରଧାନଙ୍କୁ ନିର୍ଧୁମ ମାଡ଼ ମାରିଥିଲେ । ଆହତ ଅବସ୍ଥାରେ ଫରେଷ୍ଟର ଶ୍ରୀ ବ୍ରହ୍ମା ଓ ଗାର୍ଡ଼ ଶ୍ରୀ ପ୍ରଧାନ ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ରାଇଘର ଥାନାରେ ଲିଖିତ ଜଣାଇଛନ୍ତି । ସୂଚନା ଅନୁଯାୟୀ ନାକଟିସିମଡ଼ା ଓ କୁସୁମପୁର ସନ୍ଧିରେ ରହିଥିବା ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ସଂରକ୍ଷିତ ଜଙ୍ଗଲକୁ କୁସୁମପୁର, ଆମାବେଡା ଓ ଜୈଲଗୁଡା ଗ୍ରାମର କିଛି ଲୋକ ଜଙ୍ଗଲ ସଫା କରି ପ୍ରାୟ ୨୫ ରୁ ୩୦ ବର୍ଷ ଧରି ମକା ଚାଷ କରୁଥିବା ଜଣାପଡ଼ିଛି । ଉକ୍ତ ଜଙ୍ଗଲ ଜମିରେ ଚଳିତ ବର୍ଷ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରିବାକୁ ନିଷ୍ପତ୍ତି ନିଆ ଯାଇଛି । ସେଥିପାଇଁ ନାକଟିସିମଡ଼ା ବିଟରେ ନର୍ସରୀ କରାଯାଇ ଚାରା ପ୍ରସ୍ତୁତ ଚାଲିଛି । ନାକଟିସିମଡ଼ା ଓ ଲଖନପୁର ଆଦି ୮୫ ହେକ୍ଟର ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୭୫ ହଜାର ଗଛ ଲାଗିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ନାକଟିସିମଡ଼ା ଓ କୁସୁମପୁର ସନ୍ଧିରେ ଗଛ ଲଗାଇବାକୁ ବନ ବିଭାଗ ପକ୍ଷରୁ ଖାଲ ମଧ ଖୋଳା ଯାଇଥିଲା । ଆଜି ଉକ୍ତ ଖାଲ ଖୋଳା ଯାଇଥିବା ଜମିରେ କୁସୁମପୁର, ଆମାବେଡା ଓ ଜୈଲଗୁଡ଼ା ଆଦି ଗ୍ରାମର ଗ୍ରାମବାସୀ ଚାଷ କାମ କରୁଥିବା ବେଳେ ନାକଟିସିମଡ଼ାର କିଛି ଲୋକ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କୁନ୍ଦେଇ ଫରେଷ୍ଟର ଶ୍ରୀ ବ୍ରହ୍ମାଙ୍କ ନେତୃତ୍ୱରେ କିଛି ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଚାଷ କରୁଥିବା ଲୋକଙ୍କୁ ବାରଣ କରିବା ଫଳରେ ଉଭୟ ପକ୍ଷରୁ ବଚସା ହୋଇଥିଲା । ଶେଷରେ ଏହା ଉଗ୍ର ରୂପ ନେଇ ଫରେଷ୍ଟର ଶ୍ରୀ ବ୍ରହ୍ମା ଓ ଗାର୍ଡ଼ ଶ୍ରୀ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ । ଦୁହେଁ ଆହତ ହେବା ଖବର ପାଇ ସ୍ଥାନୀୟ ରେଞ୍ଜର ରାଇଘର ପୋଲିସକୁ ଜଣାଇବା ପରେ ଘଟଣା ସ୍ଥଳରୁ ଦୁହିଁଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଆହତ କର୍ମଚାରୀ ଦୁହେଁ ରାଇଘର ମେଡିକାଲରେ ଚିକିତ୍ସା ହେଉଥିବା ଜଣାପଡିଛି । ଅନ୍ୟ ପକ୍ଷରେ ଏ ନେଇ ରେଞ୍ଜର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ସନ୍ତୁ ଗଣ୍ଡ,ସତ୍ୟ ଗଣ୍ଡ ,ଗୁଟା ଗଣ୍ଡ,ଦେବୀ ଗଣ୍ଡ , ମନୁରାମ ଗଣ୍ଡ, ଲଖି ଗଣ୍ଡ , ରାମଦେବ ଗଣ୍ଡ ପ୍ରମୁଖ ସମ୍ପୃକ୍ତ ଥିବା ବନ ବିଭାଗ ପକ୍ଷରୁ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଅପର ପକ୍ଷରେ ଆଜି ସନ୍ଧ୍ୟା ୭ଟା ସମୟରେ ତିନିଗୋଟି ଗ୍ରାମର ପ୍ରାୟ ଶତାଧିକ ଲୋକେ ରାଇଘର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଭେଟିଥିଲେ । ଗୁଟା ଗଣ୍ଡକୁ ବନ ବିଭାଗର ଜଣେ କର୍ମଚାରୀ କଲର ଧରି ଟାଣିବା ପରେ ଏଭଳି ପରିସ୍ଥିତି ହୋଇଥିବା ସେମାନଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଥିବା ଜଣାପଡିଛି ।

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗ



କଣାସ(ଭାସ୍କର ନ୍ୟୁଜ୍): ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବ ସରକାରଙ୍କ ସମୟରେ ଗଠନ କରାଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାମାନଙ୍କୁ ଜୁଲାଇ ୨୦୨୫ ମସିହା ୪ ତାରିଖ ସୁଧା ବଦଳି କରାଯାଇପାରିବନାହିଁ । କିନ୍ତୁ କଣାସ ବ୍ଲକ ସିରେଇ ଗ୍ରାମପଂଚାୟତରେ ଚଞ୍ଚକତା କରି ବିପିଏମ୍ ,ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁ କେତୋଟି ନୂଆ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିବାରୁ ବ୍ଲକ ସ୍ୱୟଂ ସହାୟକ ମହାସଂଘର ସଂପାଦିକା ଉଲ୍ଲାସ ସାମନ୍ତରାୟ ଉଦବେଗ ପ୍ରକାଶ କରିଛନ୍ତି । କଣାସ ବ୍ଲକର ତିନି ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ଥିବାବେଳ ତିରିଶି ହଜାର ମହିଳା ଉକ୍ତ ଗୋଷ୍ଠୀରେ ସଭ୍ୟ ଅଛନ୍ତି ଏବଂ ବ୍ୟାଙ୍କ ଖାତା ଗୁଡ଼ିକ ବିଡ଼ିଓ ମହାଶୟ ବନ୍ଦ କରିଥିବାରୁ ନାହିଁନଥିବା ହଇରାଣ ହେଉଛନ୍ତି । ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ମାନୁନଥିବାରୁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସମାଧାନ ଯଦି ନହୁଏ ଆଗାମୀ ଦିନରେ ତିନି ହଜାର ଗୋଷ୍ଠୀର ମହିଳାମାନେ ରାଜରାସ୍ତାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ଚିତ୍ରକୋଣ୍ଡା ଦୈନିକ ବଜାର ରାସ୍ତା ଅବସ୍ଥା ଶୋଚନୀୟ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦମହକୁମା ଦୈନିକ ବଜାରର ରାସ୍ତା ସମ୍ପୂର୍ଣ୍ଣ ଭାବରେ ଖରାପ ହୋଇଯାଇଛି । ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ସାଇକେଲ ନେଇ ଚାଲି ଚାଲି ଯାଉଥିବା ସ୍କୁଲ ଛାତ୍ରଛାତ୍ରୀ ବହୁ ଅସୁବିଧା ଭୋଗୁଛନ୍ତି । ଖାଲି ଛାତ୍ରଛାତ୍ରୀ ନୁହନ୍ତି ଖାଲଖମା ଭରା ରାସ୍ତାରେ ସାନରୁ ବଡ଼ ପର୍ଯ୍ୟନ୍ତ ସଭିଏଁ ଗଲାବେଳେ ପ୍ରମାଦ ଗଣନ୍ତି ଓ ରାସ୍ତାର ଅବସ୍ଥା ଅତି ଦୟନୀୟ ଅବସ୍ଥାରେ ରହିଛି । ଗୋଟିଏ କିଲୋମିଟର ରାସ୍ତା ଉପରେ ସ୍ଥାନେ ସ୍ଥାନେ ଖାଲଖମା ସହ ରାସ୍ତା ଖରାପ ଯୋଗୁ ପାଦଚଲା ଲୋକଙ୍କ ସମେତ ବାଇକ୍ ଚାଳକଙ୍କ ପାଇଁ ଯାତାୟତ କଷ୍ଟକର ହୋଇଛି । କିଛି ଦିନ ହେଲା ଚିତ୍ରକୋଣ୍ଡା ଅଞ୍ଚଳରେ ବର୍ଷା ଯୋଗୁଁ ଅଞ୍ଚଳବାସୀ ଅଧିକ କଷ୍ଟ ଭୋଗୁଛନ୍ତି । ଚିତ୍ରକୋଣ୍ଡା ବ୍ଲକ୍‌ର ୧୮ ପଞ୍ଚାୟତ ଲୋକେ ନିଜର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଚିତ୍ରକୋଣ୍ଡା ଦୈନିକ ବଜାର ଉପରେ ନିର୍ଭରଶୀଳ କିନ୍ତୁ ବର୍ଷ ପରେ ବର୍ଷ ବିତିଯାଉଥିଲେ ମଧ ପ୍ରଶାସନ ଏହି ରାସ୍ତା ନିର୍ମାଣ କରୁନାହିଁ । ଇଲେକ୍ଟ୍ରି ଅଫିସ ଛକଠାରୁ କଳାହାଣ୍ଡି ସାହି ପର୍ଯ୍ୟନ୍ତ ରାସ୍ତାର ଦୂରାବସ୍ଥା ଚିତ୍ରକୋଣ୍ଡା ଅଞ୍ଚଳର ରାସ୍ତା କିପରି ଅଛି ତାହା ପଦାରେ ପକାଇଛି । ସେହିପରି ଘଡେଇ ଦୋକାନ ଛକ ଠାରୁ ମିନି ଷ୍ଟାଡିୟମ ଛକ, ହନୁମାନ ମନ୍ଦିର ଠାରୁ ଡିଆଇଇଟି ସ୍କୁଲ, ମସଜିଦ ଛକ ଠାରୁ ଆଦର୍ଶ ବିଦ୍ୟାଳୟ ଚର୍ଚ୍ଚ ଲାଇନ ମୁଖ୍ୟରାସ୍ତା, ମସ୍‌ଜିଦ ସମ୍ପୂର୍ଣ୍ଣ । ମଧ ଲାଇନ ମୁଖ୍ୟରାସ୍ତାର ଅବସ୍ଥା ମଧ ସମ୍ପୂର୍ଣ୍ଣ ଭାବରେ ଖରାପ । ସେହିପରି ଅନ୍ୟ ସମସ୍ତ ସାହି, ଗଳିର ରାସ୍ତା କଥା ନ କହିବା ଭଲ । ରାସ୍ତାର ଏହିପରି ଶୋଚନୀୟ ଅବସ୍ଥା ଦେଖି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ରାସ୍ତା ଖରାପ ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ସମସ୍ତ ରାସ୍ତାର ଦୁରାବସ୍ଥା ଦେଖିଦେଖି ରାସ୍ତା ଗୁଡ଼ିକ ତୁରନ୍ତ ନିର୍ମାଣ କରିବାପାଇଁ ଲୋକଙ୍କ ମଧରେ ଦାବି ଜୋର ଧରିଲାଣି । ଚିତ୍ରକୋଣ୍ଡା ଦୈନିକ ବଜାର ରାସ୍ତା ନିର୍ମାଣ କରିବାପାଇଁ ବଜାର କମିଟି ଠାରୁ ଆରମ୍ଭ କରି ସାଧାରଣ ଜନତା ବାରମ୍ବାର ସାଂସଦ, ବିଧାୟକ, ସରପଞ୍ଚ,. ବ୍ଲକ ଅଧକ୍ଷା, ଜିଲ୍ଲାପରିଷଦ ଅଧକ୍ଷାଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ମଧ ଦୀର୍ଘ ବର୍ଷ ହେବ ଗୋଟିଏ କିଲୋମିଟର ରାସ୍ତା ନିର୍ମାଣ ହୋଇପାରିନାହିଁ ।

## 'ଆମ ସଂକଳ୍ପ, ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ବରଗଡ(ଭାସ୍କର ନ୍ୟୁଜ୍): ଅବକାରୀ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଅନ୍ତର୍ଜାତୀୟ ନିଶା ସେବନ ଓ ବେଆଇନ କାରବାର ନିରୋଧ ଦିବସ ପର୍ଯ୍ୟନ୍ତ ମାସିକ ଜନ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । 'ଆମ ସଂକଳ୍ପ ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମର ଏକ ଜନ ସଚେତନତା ରଥକୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଉଦଘାଟନ କରିଥିଲେ । ଏଇ ରଥ ଏକ ମାସଧରି ଜିଲ୍ଲାର ପ୍ରତି ବ୍ଲକର ପଞ୍ଚାୟତକୁ ସଚେତନତା ବାର୍ତ୍ତା ପହଞ୍ଚାଇଥିଲା । ବେଆଇନ ନିଶା କାରବାର, ଚୋରା ମଦ କାରବାର, ବିଭିନ୍ନ ନିଶା ତଥା ମାଦକ ଦ୍ରବ୍ୟର କୁପ୍ରଭାବ ସହ ଓଡିଶା ଅବକାରୀ ଆଇନ ୨୦୦୮ ଏବଂ ଅନ୍ୟାନ୍ୟ ଆଇନ ଓ ଦଣ୍ଡ ବିଧାନ ସମ୍ବନ୍ଧରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ,, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଦୁଇ ମୃତ

କାଳିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମ୍ ଭି-୭୯ ଥାନା ଅନ୍ତର୍ଗତ ଶିଶୁଗୁଡା ଗ୍ରାମରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ଗତ ଶୁକ୍ରବାର ଦିନ ୧୦ ଟା ରେ ଏମ୍ ଭି-୧୨୬ ଠାରୁ ମାନ୍ୟମକୋଣ୍ଡା ଅଭିମୁଖେ ଯାଉଥିବାବେଳେ ଏକ ଟିପର ସହିତ ଧକ୍କା ହୋଇଥଲା । ସେହିପରି କାଳିମେଳା ଥାନା ଅନ୍ତର୍ଗତ ଏମଭି-୬୮ ଗ୍ରାମ ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି । ସେ କାଳିମେଳା ରଥଯାତ୍ରା ଦେଖି ସାରି ଘରକୁ ଫେରୁଥିବା ବେଳେ ଏକ ଗଛରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ । ମାରାନପାଲି ଠାରେ ଦୁଇଟି ବାଇକ୍ ଧକ୍କା ହେବାରୁ ଜଣେ ଗୁରୁତର ହୋଇ ସଦର ମାଲକାନଗିରି ଓ ଦୁଇଜଣ ଆହତ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

## ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ୧୫୭ ତମ ଜୟନ୍ତୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସଭାପତି ବାଲାରାଜୁ ପାଢି ଅଧକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଶିକ୍ଷାବିତ୍ ରବିନ୍ଦ୍ର କୁମାର ମହାରଣା, ସମ୍ମାନୀତ ଅତିଥି ଶଶାଙ୍କ ମିଶ୍ର ଓ ଶିବ ପ୍ରସାଦ ପାତ୍ର ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାରଣା ମହାରାଜା ବିକ୍ରମଦେବଙ୍କ ବାଲ୍ୟକାଳ, ଶିକ୍ଷା, ରାଜତ୍ୱ କାଳରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅର୍ଥ ପ୍ରଦାନ, ମେଧା ଛାତ୍ରଛାତ୍ରୀ ବୃତ୍ତି ପ୍ରଦାନ, ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଓଡ଼ିଶାରେ ମିଶ୍ରଣ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଉପସ୍ଥିତ ସଦସ୍ୟମାନେ ମହାରାଜା ବିକ୍ରମଦେବ ବର୍ମାଙ୍କ ଜୀବନୀ ପ୍ରାଥମିକ ବିଦ୍ୟାଳୟ, ମହାବିଦ୍ୟାଳୟର ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଉଚିତ୍ ନଚେତ୍ ଓଡ଼ିଶାର ଆଗାମୀ ପିଢ଼ି ଓଡ଼ିଶା ଗଠନରେ ଅବଦାନ ଥିବା ମହାପୁରୁଷଙ୍କୁ ଭୁଲିଯିବେ ବୋଲି କହିଥିଲେ । ମହାରାଜାଙ୍କ ଜୀବନୀ ସଂକ୍ଷେପରେ ମୁଦ୍ରିତ କରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିବା ପାଇଁ ସଦସ୍ୟମାନେ ମତାମତ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ମିଶ୍ର ଏହାର ଖର୍ଚ୍ଚ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରିବାପାଇଁ ପ୍ରତିଶ୍ରୁତି ଦେଇ ଥିଲେ । ଆଲୋଚନାଚକ୍ରରେ ଭାଗ ନେଇଥିବା ସଦସ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଦୁର୍ଯ୍ୟୋଧନ ପାତ୍ର, ସଂପାଦକ ଅଶୋକ କୁମାର ସାମଲ, ଉପସଭାପତି ରବି ନାରାୟଣ ପାଣିଗ୍ରାହୀ, ରକ୍ଷାକର ମହାନ୍ତି, ଲଡ୍ଡୁ କିଶୋର ପଣ୍ଡା, ଏସ୍. ଓ୍ୱିରାସ୍ୱାମୀ, ବାବାଜୀ ସ୍ୱାଇଁ, ସୁରେନ୍ଦ୍ର ମଲ୍ଲିକ, ଅଭିମନ୍ୟୁ ବେହେରା, ଚିରଞ୍ଜିବୀ ମହାପାତ୍ର, ବିଚିତ୍ରାନନ୍ଦ ରାଉତ, ଜଗନ୍ନାଥ ତିଆଡି, କେ. ଶିବ ଶଙ୍କର ପାତ୍ର, ଗୌରଚନ୍ଦ୍ର ପୁଜାରୀ, କମଳ କଶ୍ୟପ ମାଝି,ସନ୍ୟାସୀ ଆଦି, ଧନୁ ଦାଢ଼ିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ।।।। ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ ।।।।



କନ୍ଧମାଳ(ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରା ବିଭିନ୍ନ ଜିଲ୍ଲା, ବ୍ଲକରେ ଧୁମଧାମରେ ପାଳିତ ହୋଇଯାଇଛି । ଏଥିମଧ୍ୟରୁ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ପବିତ୍ର ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ସେହିପରି ମଧ କନ୍ଧମାଳ ବ୍ଲକରେ ମଧ ରଥଯାତ୍ରା ପାଳିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲାପାଳ ବା ରାଜା ବେଶରେ ଅମୃତ ଋତୁରାଜ ରଥକୁ ଛେରା ପହଁରା କରିଥିଲେ । ତିନି ଠାକୁରଙ୍କ ରଥାରୁଢ଼ ହେବାପରେ ଭକ୍ତ, ପୋଲିସ ମାନଙ୍କ ଦ୍ୱାରା ରଥଟଣା ଶାନ୍ତି ଶୃଙ୍ଖଳାରେ ଆରମ୍ଭ ହେଇଥିଲା । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଅସ୍ତ ହେଲେ ରଥଟଣା ବନ୍ଦ କରାଯାଇଥାଏ । ପ୍ରଥମ ଥର ଫୁଲବାଣୀରେ ସୂର୍ଯ୍ୟ ଅସ୍ତ ପରେ ରଥଟଣା ବନ୍ଦ କରାଯାଇଛି । ଶୁକ୍ରବାର ଦିନ ଫୁଲବାଣୀ ଷ୍ଟେଟ୍‌ବ୍ୟାଙ୍କ୍ ନିକଟ ଜଗନ୍ନାଥ ମାର୍କେଟରେ ରଥ ଅଟକି ରହିଲା । ଏହି ରଥଯାତ୍ରାକୁ ଦେଖିବା ପାଇଁ ୫୦୦୦ ଭକ୍ତ ମାନଙ୍କର ସମାଗମ ହୋଇଥିଲା । ରଥଯାତ୍ରାରେ ମଧ ଫୁଲବାଣୀ ର ବିଭିନ୍ନ ସଂକୀର୍ତ୍ତନ ଦଳ, ଇସ୍କନ ଶାଖା, ଖରୁଡ଼ା ସଂଘର ସଭ୍ୟ ମାନେ ଘଣ୍ଟ ବଜାଇ ଭକ୍ତଙ୍କ ମନ ଓ ମହାପ୍ରଭୁଙ୍କ ରଥଯାତ୍ରାକୁ ଆନନ୍ଦମୟ କରିଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଭିକାରୀ ସାହୁ, ଅତିରିକ୍ତ ଏସପି, ଥାନା ଅଧିକାରୀ ପି ସ୍ୱରୂପ କିଶାନ ଏସଡିପିଓ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତରେ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସେହିପରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଶଙ୍ଖ କ୍ଷେତ୍ରରେ ଗୁଣ୍ଡିଚା ଯାତ୍ରା ପାଳିତ ହୋଇଛି । ବାଳିଗୁଡ଼ାରେ ମଧ ରଥଯାତ୍ରାରେ ଥିଲା । ଶ୍ରୀକ୍ଷେତ୍ରର ରୀତିନୀତି ଅନୁସାରେ ପ୍ରତ୍ୟେକ ଅଞ୍ଚଳରେ ଧୁମଧାମରେ ଅନୁଷ୍ଠିତ ହୋଇଥିଲା ଘୋଷଯାତ୍ରା । ସବୁଠି ଜୟ ଜଗନ୍ନାଥ ଧ୍ୱନି ସାଙ୍ଗକୁ ଘଣ୍ଟ-ଘଣ୍ଟା , କାହାଳୀ , ଝାଞ୍ଜ-କୀର୍ତ୍ତନ ଓ ଶଙ୍ଖ ନାଦରେ ପ୍ରକମ୍ପିତ ହେଉଥିଲା ଗଗନ ପବନ । ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।



ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ , କୁହୁଡ଼ି ଓ ଭୂଷଣ୍ଡପୁର ଅଞ୍ଚଳରେ ପବିତ୍ର ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି । ଟାଙ୍ଗୀ ସଦରମହକୁମାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ଠାକୁର ରାଜା ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ଆଦ୍ୟ ସେବକ ଭାରତ ଭୂଷଣ ଜଗଦେବ ରଥରେ ଛେରାପହଁରା ସେବା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । କୁହୁଡ଼ି ଗ୍ରାମରେ ଅନୁଷ୍ଠିତ ହେଉଥିବା ଘୋଷଯାତ୍ରାରେ ପାରିକୁଦ ଗଡ଼ର ଠାକୁର ରାଜା ସନ୍ତୋଷ ମର୍ଦ୍ଦରାଜ ମାନସିଂହ ଭ୍ରମରବର ଚମ୍ପତିରାୟ ଛେରାପହଁରା ସେବା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଠିକ୍ ସେହିପରି ଭୂଷଣ୍ଡପୁର ଗ୍ରାମରେ ଧୁମଧାମରେ ଅନୁଷ୍ଠିତ ହୋଇଥିଲା ପବିତ୍ର ରଥଯାତ୍ରା । କୁହୁଡ଼ି-ରତନପୁର ଗ୍ରାମ ନିକଟସ୍ଥ ତାଳଡ଼ିହ ଗ୍ରାମର ଛୋଟ-ଛୋଟ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୁନି କୁନି ରଥ ନିର୍ମାଣ ଏବଂ ଏହାକୁ ଗାଁ-ଗହଳିଆ ରାସ୍ତାରେ ରଥଟଣା ଦୃଶ୍ୟ ମୁଖ୍ୟ ଆକର୍ଷଣ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମ ମାନଙ୍କରେ ପବିତ୍ର ଶ୍ରୀଗୁଣ୍ଡିଚା ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ତିନି ଠାକୁର ସେବାୟତମାନଙ୍କ ନୀତି ନିୟମରେ ପୂଜାର୍ଚ୍ଚନା ଦ୍ୱାରା ରଥାରୁଢ଼ ହୋଇ



ନଅ ଦିନ ପାଇଁ ମାଉସୀମା ଘରକୁ ବିଜେ କରିଥିବା ଦେଖାଯାଇଛି ।ପରଜଙ୍ଗ ଅଞ୍ଚଳରେ ପରଜଙ୍ଗ, କୁଆଳୁ, ଜହ୍ନପଡା, କନ୍ତୁର, ସାନ୍ଧା, ମୁକ୍ତାପସୀ, ମାଣିକମରା ଆଦି ଗ୍ରାମ ମାନଙ୍କରେ ରଥଯାତ୍ରା ପାଳିତ ହୋଇଥିବା ଦେଖାଯାଇଛି । ମହା ଆଡମ୍ବରରେ ଶ୍ରଦ୍ଧାଳୁଙ୍କ ସହ ଭଜନ କୀର୍ତ୍ତନ, ଘଣ୍ଟ ବାଦ୍ୟରେ ରଥ ଦଉଡିକୁ ଟାଣି ଟାଣି ତିନିଠାକୁରଙ୍କୁ ରଥରେ ବସାଇ ଶତାଧିକ ଭକ୍ତଙ୍କ ଗହଣରେ ଶୃଙ୍ଖଳାର ସହ ଠାକୁର ବିଜେ କରିଛନ୍ତି ।

ଶୁଳିଆପଦା(ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରା ଉପଲକ୍ଷେ ସାରା ବିଶ୍ୱ ଜଗନ୍ନାଥ ମୟ । ଶୁଳିଆପଦାରେ ମଧ ରଥଯାତ୍ରାର ପବିତ୍ର ଅବସରରେ ରଥାରୂଢ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ହାଇସ୍କୁଲ ଛକ,ବ୍ଲକ ଛକ ଅତିକ୍ରମ



କରି ଶ୍ରୀଜଗନ୍ନାଥ ସେବା ସମିତିର କାର୍ଯ୍ୟାଳୟ ଠାରେ ପହଞ୍ଚି ଅଟକି ରହିଥିଲା । ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଆନନ୍ଦ ଉଲ୍ଲାସରେ ରଥ ଟାଣୁଥିବା ଦେଖାଯାଇଥିଲା । ସଂକୀର୍ତ୍ତନ ମଣ୍ଡଳୀର ନାମ ସଂକୀର୍ତ୍ତନ ତାଳେ ତାଳେ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ।ବଡ ଗୁଡଲଡୁ ବଣ୍ଟନ ପାଇଁ ଲୋକମାନଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ରଥ ଅଟକିବା ପରେ ସନ୍ଧ୍ୟା ଆଳତୀ ଓ ନିତିକାନ୍ତିରେ ପରିବେଶ ଭକ୍ତିମୟ ହୋଇ ଉଠିଥିଲା । ଶ୍ରୀଜଗନ୍ନାଥ ସେବା ସମିତିର ସମସ୍ତ ସେବକ ସ୍ୱେଚ୍ଛାସେବୀ ଓ ପୋଲିସ ପ୍ରଶାସନର ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ପ୍ରଥମ ଦିନର ରଥଟଣା ସମ୍ପନ୍ନ ହୋଇଛି ।ଶନିବାର ଅପରାହ୍ନ ୪ ଘଟିକା ସମୟରେ ଦ୍ୱିତୀୟ ଦିନର ରଥଟଣା ଆରମ୍ଭ ହୋଇଛି ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ସେହିପରି କୋଷ୍ଠା/ ବାଙ୍ଗିରିପୋଷି ((ସରଡିହା / ସିଙ୍ଗଡ଼ା ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଶହ ଶହ ଲୋକଙ୍କ ଭିଡ଼ ହୋଇଥିଲା ।



ବେତନଟ(ଭାସ୍କର ନ୍ୟୁଜ୍): ବେତନଟୀ ଜଗନ୍ନାଥ ମନ୍ଦିର ପକ୍ଷରୁ ଚଳିତବର୍ଷ ଆନୁଷ୍ଠାନିକ ଭାବେ ପ୍ରଥମଥର ରଥଯାତ୍ରାର ଆୟୋଜନ କରାଯାଇଥିବା ବେଳେ ଏଥିରେ ୬ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା ପଣ୍ଡିତ ପର୍ଶୁରାମ ମିଶ୍ରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଶୁକ୍ରବାର ସକାଳେ ଅବକାଶ, ମଙ୍ଗଳଆଳତୀ, ସୂର୍ଯ୍ୟପୂଜା, ମଇଲମ, ସକାଳଧୂପ ସମେତ ସମସ୍ତ ନୀତିକାନ୍ତି ଯଥାବିଧି ସମ୍ପାଦନ କରାଯାଇଥିଲା । ଦରଫୁଟ କେତୁଡି ଖାଇ ଚତୁର୍ଦ୍ଧାମୂର୍ତ୍ତି ଧାଡି ପହଣ୍ଡିରେ ରଥକୁ ବିଜେ କରିଥିଲେ । ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରାଜା ଲାଲସାହେବ ଅମିତଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା । ଏହାପରେ ଅପରାହ୍ନ ୪ଟା ପାଖାପାଖି ରଥଟଣା ଆରମ୍ଭ କରାଯାଇଥିଲା । ରଥଟଣାରେ ୬ ହଜାର ପାଖାପାଖି ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା । ଏହି ଅବସରରେ ବିଧାୟକ ସନାତନ ବିଜୁଳି ଯୋଗଦେଇ ରଥାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ । ପୋଲିସ ପ୍ରଶାସନ, ଅଗ୍ନିଶମ ଉପସ୍ଥିତ ରହି ଶୃଙ୍ଖଳାର ସହିତ ରଥଟଣା ଠାରୁ ଆରମ୍ଭ କରି ଭିଡ ନିୟନ୍ତ୍ରଣ ସମେତ ପରିଚାଳନାରେ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ । ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବରେ ପରିଚାଳନା ପ୍ରକ୍ରିୟାର ନୀରିକ୍ଷଣ କରିଥିଲେ । ଧାର୍ଯ୍ୟ କାର୍ଯ୍ୟସୂଚୀ ମୁତାବକ ରଥଟଣା ଠାରୁ ଆରମ୍ଭ କରି ରଥାରୁଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ନେଇ ଜନ୍ମବେଦିରେ ପହଞ୍ଚାଇଥିଲେ । ତେବେ ବେତନଟୀ ଜଗନ୍ନାଥ ମନ୍ଦିର ପକ୍ଷରୁ ପ୍ରଥମକରି ଆନୁଷ୍ଠାନିକ ଭାବେ ରଥଯାତ୍ରାର ଆୟୋଜନ କରାଯାଇଥିବା ବେଳେ ହଜାର ହଜାର ଭକ୍ତଙ୍କ ଜନସମୁଦ୍ର ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ସେହିପରି ବେତନଟୀ ରଥଯାତ୍ରା କମିଟି ପକ୍ଷରୁ ଅପରାହ୍ନରେ ବେତନଟୀ ହନୁମାନ ମନ୍ଦିରରୁ ବାହାରି ଲକ୍ଷ୍ମୀନାରାୟଣ ମନ୍ଦିର ମାଉସୀ ବାଡ଼ିରେ ପହଞ୍ଚିଥିଲା । ଏଥିରେ ଶତାଧିକ ଶ୍ରଦ୍ଧାଳୁ ଦେଖିବା ପାଇଁ ମିଳିଥିଲା ।

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ବିଭିନ୍ନ ଗାଁ ରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାଥ ମନ୍ଦିରରେରେ ଠାକୁରଙ୍କ ପୂଜାନୀତି, ପରେ ପହଣ୍ଡି ଓ ରଥାରୁଢ଼ କରାଇ ଠାକୁରଙ୍କୁ ଥାନା ଛକକୁ ଆଣିଥିଲେ । ଠାକୁର ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ପୂଜକ ରମେଶ ଚନ୍ଦ୍ର ଦାଶ ପୂଜା ପାଠ କରିଥିଲେ । ସେହିପରି ଧଣ୍ଡାମୁଣ୍ଡା ଗାଁ ରେ ମଧ ତିନି ଠାକୁର ପହଣ୍ଡି, ରଥଟଣା ଅନୁଷ୍ଠିତ ହୋଇଥିଲା । ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡି ରଥାରୁଢ଼ କରାଯାଇଥିଲା । ପୂଜକ ବଶିଷ୍ଠ ମିଶ୍ର, ଓଁକାର ମିଶ୍ର, ବୈଦ୍ୟନାଥ ମିଶ୍ର, ଗାଁ କମିଟି ତରଫରୁ ଅମୂଲ୍ୟ ଭୋଇ, କ୍ଷୀରୋଦ ପ୍ରଧାନ, ପଞ୍ଚାନନ ସାହୁ, କ୍ଷମା ଭୋଇ ପ୍ରମୁଖଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ସେହିପରି କପସିପାଲି, ହରିଶଙ୍କର, ମହରା ପଦର, ଭାନପୁର ସମେତ ବ୍ଲକ୍‌ର ବିଭିନ୍ନ ଗାଁ ରେ ଠାକୁରଙ୍କ ରଥ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଶାନ୍ତି ଶୃଙ୍ଖଳା ପାଇଁ ସବୁଠି ପୋଲିସ ମୁତୟନ ହୋଇଥିଲେ ।



କେନ୍ଦୁଝର(ଭାସ୍କର ନ୍ୟୁଜ୍):କେନ୍ଦୁଝରର ପ୍ରସିଦ୍ଧ ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଶୁକ୍ରବାର ଦିନ ହଜାର ହଜାର ଭକ୍ତଙ୍କ ଗହଣରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି । ଘୋଡାବନ୍ଧା ଓ ରଥ ଉପରେ ଚକାଭିଡା କାର୍ଯ୍ୟକ୍ରମ ଶେଷ ହେବାପରେ କେନ୍ଦୁଝରର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା । ବଡପଣ୍ଡା ରାଜକିଶୋର ପଣ୍ଡା, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ,ବ୍ରହ୍ମା ଗଙ୍ଗାଧର ମିଶ୍ର, ପୂଜାପଣ୍ଡା ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ, ଈଶ୍ୱର ତ୍ରିପାଠୀ, ଦେବଦତ୍ତ ପତି, ପଦ୍ମନାଭ ନନ୍ଦ, ସୁଆର ସେବକ ଉପସ୍ଥିତିରେ ଅପରାହ୍ନ ସମୟରେ ରଥଟଣା ଆରମ୍ଭ ହୋଇ ସମୟରେ ବଳଗଣ୍ଡି ଭୋଗ ପାଇଁ ରହି ସଂଧ୍ୟା ପୂର୍ବରୁ ରଥ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା । ସେବକ ଦେବାଶିଷ ମିଶ୍ର କେନ୍ଦୁଝର ରସ୍ତା ଓ ଗୃହନିର୍ମାଣ ସଂସ୍ଥାର ଅଧିକାରୀମାନେ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ତତ୍ତ୍ୱାବଧାନରେ ସ୍ଥାନୀୟ ଘୁଙ୍ଗୁରୁ କ୍ଲବରେ ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଇଲେଭେନ୍ ବୁଲେଟ୍ କ୍ଲବ, ୟଙ୍ଗ ଜିନିୟସ କ୍ଲବ ଓ କେନ୍ଦୁଝର ଇଂଜିନିୟରିଂ ସ୍କୁଲ ତରଫରୁ ଭକ୍ତମାନଙ୍କୁ ମାଗଣାରେ ଭୋଗ ବିତରଣ କରାଯାଇଥିଲା । ଶ୍ରୀ ଗୋପାଳଜୀଉ ମଠ ଓ ରଥ ବେଞ୍ଚ ସଂଗଠନ ତରଫରୁ ପାଣି,ଦହିପାଣି ବଣ୍ଟନ ହେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଅସ୍ଥାୟୀ ଚିକିତ୍ସାଳୟ ଖୋଲାଯାଇଥିଲା । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ରେଡକ୍ରସ୍,ଏନ୍‌ସିସି ଛାତ୍ରଛାତ୍ରୀମାନେ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ପାନୀୟ ଜଳ ବଣ୍ଟନ,ପ୍ରାଥମିକ ଚିକିତ୍ସା ଆଦି ସଂପର୍କରେ ତଦାରଖ କରୁଥିବା ଦେଖିବାକୁ ମିଳିଥିଲା । କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ,ଏସ୍‌ପି ନୀତିନ କୁଶଲକର,ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ,ରବୀନ୍ଦ୍ର କୁମାର ପ୍ରଧାନ,ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ଉମାଖଙ୍କର ଦଳାଇ,ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି,ସଦର ତହସିଲଦାର ଶୁଭେନ୍ଦୁ ସାହୁ,ରଥ ମାଜିଷ୍ଟ୍ରେଟ ବିକାଶ କୁମାର ସାହୁ,କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ,ବିଭାଗୀୟ ଅଧିକାରୀ ଭୁବନେଶ୍ୱର ମହାପାତ୍ର,ଜନ୍ମେଜୟ ଶତପଥି,ଦେବୋତ୍ତର ସୁପରଭାଇଜର ପଞ୍ଚାନନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସକମାନଙ୍କ ଉପସ୍ଥିତିରେ ନୀତି ସଂପନ୍ନ ହୋଇଥିଲା ।



ଫୁଲନଖରା(ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ସେବା ସଂଘ ନୋଇଡ଼ା ପକ୍ଷରୁ ପବିତ୍ର ରଥଯାତ୍ରାରେ ସେକ୍ଟର ୩୪ ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ୱାସ୍ଥ୍ୟ ସେବା,ପ୍ରସାଦ ସେବା, ଜଳଛତ୍ର,ଓଡ଼ିଶୀ ନୃତ୍ୟ,ଭଗବତ୍ ଗୀତା ପ୍ରଚାର ଅଭିଯାନ ଆଦି ଅନେକ ସେବା ତଥା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ସେକ୍ଟର ୩୪ ଉଦୟଗିରି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ସ୍ଥାନୀୟ କମ୍ୟୁନିଟି ସେଣ୍ଟର ସ୍ଥିତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରଥଟଣା ଯାଇଥିଲା । ଏହି ରଥଟଣା ଓ ବିଭିନ୍ନ ସେବା କାର୍ଯ୍ୟକ୍ରମରେ ସମାଜସେବୀ ଦୀପକ ଜେନା, ଅମୂଲ୍ୟ ସିଂହ,ତ୍ରିଲୋଚନ ପ୍ରଧାନ,ଇଂ.ମାନସ ରଂଜନ ନନ୍ଦୀ, ସଂଜୟ ଆଚାର୍ଯ୍ୟ,ଅରୁଣ କୁମାର ସାହୁ, ଶୈଳେନ୍ଦ୍ର ପାଣ୍ଡବ, ସର୍ବେଶ୍ୱର ଦଳାଇ, ଶାନ୍ତନୁ ସାହୁ, ସ୍ଥାନୀୟ ଜନ ସାଧାରଣ, ବହୁ ପ୍ରବାସୀ ଓଡ଼ିଆ, ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ନୂଆବଜାର ହାଇସ୍କୁଲ୍ ୧୯୮୨ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରଧାନ ଶିକ୍ଷକ ସ୍ୱର୍ଗତ କୃଷ୍ଣମୋହନ ନନ୍ଦୀଙ୍କ ସ୍ମୃତିରେ ମେଧାବୀ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ୨୦୨୪ -୨୫ ମସିହା ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ଇ୧ ଗ୍ରେଡ ରଖିଥିବା କୁମାରୀ ଜ୍ୟୋତିର୍ମୟୀ ସାହୁ, ବିସ୍ମିତା ନାୟକ, ଏବଂ ଖୁସଲ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୮୨ ବ୍ୟାଚ୍ ପୁରାତନ ଛାତ୍ର ସଂସଦ ସଭାପତି ଅଜୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀ ଜୟନ୍ତୀ ମିଶ୍ର, ପ୍ରଧାନଶିକ୍ଷକ ପ୍ରଦୀପ୍ତ ନାୟକ, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ କାନୁନଗୋ, ପ୍ରମିଳା ମହାରଣା, ମନୋଜ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଛାତ୍ର ଛାତ୍ରୀ ଶିକ୍ଷକ,ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଉମେଶ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



### ଏସ୍ଆଇଟିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ ଦୁର୍ନୀତି ନେଇ ଉଦ୍‌ବେଗ

କଟକ(ଭାସ୍କର ନ୍ୟୁଜ୍): ନିକଟରେ ବହୁ ସରକାରୀ ଅଧିକାରୀ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଛନ୍ତି । ପ୍ରଶାସନିକ ସେବାରେ ଦିନକୁ ଦିନ ଦୁର୍ନୀତିଖୋର ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ କହିଛନ୍ତି। ଦୁର୍ନୀତି ରୋକିବାକୁ ହେଲେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଭିତରେ ସମନ୍ୱୟ ରହିବା ଜରୁରୀ । ସେହିପରି ଦୁର୍ନୀତିଖୋର ଅଧିକାରୀମାନେ କିପରି ଆଇନ ଅଦାଲତରେ ଦଣ୍ଡିତ ହୋଇପାରିବେ ସେ ନେଇ ଆଜି କଳାଧନ ଠାବ ସମ୍ପର୍କିତ ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ଯେ କୌଣସି ମାମଲାକୁ ଧରିବା ପରେ ଟ୍ରାଏଲକୁ ଜଲ୍‌ଦି ଆଣିବା ଏବଂ ଟ୍ରାଏଲ୍ କୋର୍ଟ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର । ଦେଶରେ ଗଚ୍ଛିତ କଳାଧନ ଠାବ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ କମିଟି (ଏସ୍ଆଇଟି)ବୈଠକ ଏସ୍ଆଇଟି



ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାର ସ୍ଥିତ ଆବାସିକ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଷ୍ଟିସ୍ ପଶାୟତ ରାଜ୍ୟରେ ବଢି ଚାଲିଥିବା ଅବାଧ ନିଶା କାରବାରକୁ ରୋକିବା ଦିଗରେ ଠୋସ୍ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । ସେହିପରି ଭାରତୀୟ ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତି ମାମଲାରେ ଛନ୍ଦି ହେବା ଘଟଣା ସମ୍ପର୍କରେ ଜଷ୍ଟିସ୍ ପଶାୟତ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ବୈଠକରେ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି । ଏହାକୁ ନେଇ ସନ୍ତୋଷ ପ୍ରକଟକଟ କରିଛନ୍ତି ଜଷ୍ଟିସ ପଶାୟତ । ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ରାଜ୍ୟ ଭିଜିଲାନ୍ସ , କ୍ରାଇମବ୍ରାଞ୍ଚ୍ ଜିଏସ୍‌ଟି ସମେତ ଅନ୍ୟାନ୍ୟ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ମାଗଣା ଶବବାହନ ସେବା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭହେବ ମାଗଣା ଶବବାହନ ସେବା । ଏନେଇ ସ୍ୱାସ୍ଥ୍ୟ ସଚିବ ଅଶ୍ୱତି ଏସ୍.ଙ୍କ ଅଧ୍ୟକ୍ଷତାରେ ସରିଛି ପ୍ରାଥମିକ ପର୍ଯ୍ୟାୟ ବୈଠକ । ଆସନ୍ତା ୨ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିବ ଉଚ୍ଚସ୍ତରୀୟ ବୈଠକ । ବୈଠକରେ ଚୂଡ଼ାନ୍ତ ହେବ ରୂପରେଖ । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ବିଭାଗ ପକ୍ଷରୁ ମାଗଣା ଶବ ବାହାନ ସେବା ଲାଗି ଏକ ଚିଠା ମାର୍ଗ ଦର୍ଶିକା ପ୍ରସ୍ତୁତ ହେବ ।



ରାଜ୍ୟ ଅତିଥି ଭବନରେ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି ।

### ଶିଶୁ ଭବନ କାନ୍ଥ ଭୁଶୁଡିବା ଘଟଣା

## ଠିକାଦାର ଓ ଯନ୍ତ୍ରୀଙ୍କ ନାମରେ ଏତଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ୨୫ ତାରିଖର ଅସରାଏ ବର୍ଷାରେ ଶିଶୁ ଭବନ କାନ୍ଥ ଭୁଷୁଡିବା ଘଟଣାରେ ଶନିବାର ଯୁବକ କଂଗ୍ରେସ ପକ୍ଷରୁ ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ନାମରେ ଲାଲ୍‌ବାଗ୍ ଥାନାରେ ଏତଲା ରୁଜୁ କରାଯାଇଛି। ପିସି ଖାଇ ନିମ୍ନମାନର କାର୍ଯ୍ୟ ଯୋଗୁ ଶିଶୁଭବନ ପାଚେରୀ ଭୁଷୁଡିଲା ବୋଲି ଏତଲାରେ ଦର୍ଶାଯାଇଛି। ଏଣୁ କାର୍ଯ୍ୟଭାର ନେଇଥିବା ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ କୁହାଯାଇଛି । କଟକ ନଗର ଯୁବ କଂଗ୍ରେସ ପକ୍ଷରୁ ସଭାପତି ଆଡଭୋକେଟ୍ ଡ଼ ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ କଟକ ଲାଲବାଗ ଥାନାରେ ଏତଲା ଦିଆଯାଇ ଦୃଢ଼ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍ ପ୍ରମୁଖ ପ୍ରମୁଖ ଯୋଗଦେଇ ଏତଲାକୁ ଗ୍ରହଣ କରି ଠିକାଦାର, ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ ।

## ରଥଟଣା ବିଳମ୍ବକୁ ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀରେ ରଥଟଣା ବିଳମ୍ବକୁ ନେଇ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି । ସୋସିଆଲ ସାଇଟ୍ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି ଯେ, ନନ୍ଦିଘୋଷ ରଥ ଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ। କିନ୍ତୁ ଆମ ରାଜ୍ୟର ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ତାହା ପ୍ରତି ଆମର ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନକରି ରହି ହେଉନାହିଁ। ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା: ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ। ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ। ଚକା ଆଖି ସବୁ ଦେଖୁଛି' ।

## 'ଗାନ୍ଧୀ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଦୋଳଗୋବିନ୍ଦ ପ୍ରଧାନ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ଗାନ୍ଧୀମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୯ତମ ଜନ୍ମୋତ୍ସବ ଶନିବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାଗୃହରେ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବରିଷ୍ଠ ରାଜନେତା, ଇଷ୍ଟର୍ଣ୍ଣ ମିଡ଼ିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଗାନ୍ଧୀ ଆଦର୍ଶର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ପ୍ରଧାନ। ଶ୍ରଦ୍ଧାଞ୍ଜଳି ଜଣାଇ ଓଡ଼ିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତୀ ଦେବବ୍ରତ ଦାଶ କହିଲେ ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ ଜଣେ ୮ମ ଶ୍ରେଣୀର ଛାତ୍ର ତିନିବର୍ଷରୁ ଉର୍ଦ୍ଧ୍ୱ ଜେଲ୍ ଜୀବନ କଟାଇବା ଓଡ଼ିଶା ଇତିହାସରେ ଏକ ପ୍ରମୁଖ ଘଟଣା ବୋଲି କହିଥିଲେ । ବରିଷ୍ଠ ପୂର୍ବ ପ୍ରଶାସକ ଅରବିନ୍ଦ ବେହେରା, ମୁଖ୍ୟବକ୍ତା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ, ବରିଷ୍ଠ ସାମ୍ବାଦିକ, ସମାଜସେବୀ, କର୍ମଚାରୀ ନେତା ଗୌରାଙ୍ଗ ଚରଣ ହୋତାଙ୍କୁ 'ଗାନ୍ଧୀ ଗୌରବ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଶେଷରେ ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନା ଗହଣା ଚୋରି କରି ୩ ଗିରଫ

କଟକ(ଭାସ୍କର ନ୍ୟୁଜ୍): ମାଲଗୋଦାମ ଥାନା ପୋଲିସ ଏକ ସୁନା ଗହଣା ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲେପୁର ଥାନା ଅନ୍ତର୍ଗତ ତିଲଦା ଗ୍ରାମର କିଟୁ ଓରଫ ଅମରେଶ ମହାପାତ୍ର (୩୫), ଶିଶୁଆ ଗ୍ରାମର ବିଜୟ ଓରଫ ଦୈତାରୀ ସାମଲ(୫୨) ଏବଂ ବାଦାମବାଡ଼ି ଥାନା ନିଉ ଏଲଆଇସି କଲୋନୀର ସୁରଜ ସାହା(୩୦)। ସେମାନଙ୍କ ନିକଟରୁ ୮.୧ ଗ୍ରାମ ଓ ୯.୩ ଗ୍ରାମରର ଦୁଇଟି ତରଳା ସୁନା, ହଳେ ସୁନା ଚୁଡ଼ି ଓ ନଗଦ ୪୦ହଜାର ଟଙ୍କା ଜବତ କରାଯାଇଛି। ଏନେଇ ମାଲଗୋଦାମ ଥାନାରେ ମାମଲା ନଂ ୧୩୯/୨୦୨୫ ରୁଜୁ ହୋଇଛି।

## ରଥଯାତ୍ରାକୁ ନେଇ ମିଛ ପ୍ରଚାର କରୁଥିବା ବ୍ୟକ୍ତିଙ୍କୁ ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ: ଅନୀଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଆନନ୍ଦ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ବିରୋଧୀ ବିଜେଡି ଏବଂ କଂଗ୍ରେସ ଅଭ୍ୟାସଗତ ଭାବେ ମିଛ ରାଜନୀତି କରି ସ୍ୱାର୍ଥ ହାସଲ ପାଇଁ ମନଗଢ଼ା ବିବୃତି ଦେଉଛନ୍ତି। ମହାପ୍ରଭୁଙ୍କ ୩ ରଥ ଶରଧାବାଲିରେ ଲାଗିସାରିଛି। ଭକ୍ତମାନେ ଅତ୍ୟନ୍ତ ଶ୍ରଦ୍ଧାର ସହ ଦର୍ଶନ କରୁଛନ୍ତି। ଚଳିତବର୍ଷ ଅତ୍ୟନ୍ତ ଶୃଙ୍ଖଳାର ସହ ଅଘଟଣ ଶୂନ୍ୟ ରଥଯାତ୍ରା ସମାପନ



ହୋଇଛି। ଯେଉଁମାନେ ଏନେଇ ରାଜନୀତି କରୁଛନ୍ତି, ଯେଉଁମାନଙ୍କୁ ସବୁ କଥାରେ ଅଘଟଣ ଦେଖାଯାଉଛି, ସେମାନଙ୍କୁ ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ। ସେମାନେ ତାଙ୍କ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ ବୋଲି ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୀଲ ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ।


## ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ତାରିଖ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୁନ ୩୦ ତାରିଖ ରବି ଧାନ ସଂଗ୍ରହର ଶେଷ ତାରିଖ ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି ଯେ ଧାନ ସଂଗ୍ରହ ପାଇଁ ଆଉ ତାରିଖ ବଢ଼ିବ ନାହିଁ, ତାରିଖ ବଦଳାଇବା କାମ କେନ୍ଦ୍ରର। ଏବେସୁଦ୍ଧା ସୁଦ୍ଧା ୧୭ ଲକ୍ଷ ୪୩ ହଜାର ମେଟ୍ରିକ ଟନ୍ ରବି ଧାନ ସଂଗ୍ରହ ହୋଇଛି। ଗତବର୍ଷ ୧୨ ଲକ୍ଷ ୪୦ ହଜାର ମେଟ୍ରିକଟନ ଧାନକିଣା ହୋଇଥିଲା। ଆଉ ଦୁଇ ତିନି ଦିନ ସମୟ ଅଛି, ତେଣୁ ଧାନ ସଂଗ୍ରହକୁ ତ୍ୱରିତ କରାଯାଉଛି। ଯେପରି ଟୋକନ ନଷ୍ଟ ନ ହେଉ ସେଥିପ୍ରତି ଆମେ କୃଷକଙ୍କ ସହ ଆଲୋଚନା କରିଛୁ। ଖାଦ୍ୟ ସୁରକ୍ଷା କାର୍ଡର ଇ କେୱାଇସି କରିବାର ଶେଷ ତାରିଖ ଜୁନ ୩୦। ଅସମୟରେ ବର୍ଷା ପାଇଁ କ୍ଷତି ସହୁଥିବା ଚାଷୀଙ୍କୁ ସରକାର ସହାୟତା ଦେବେ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।






"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



# ଦି ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

'ମନି ସ୍ପିକ୍‌ସ୍ ଆଣ୍ଡ ସ୍ପିକ୍‌ସ୍ ଲାଉଡ୍' - ମୁଦ୍ରା କଥା କହେ ଏବଂ ପ୍ରଚଣ୍ଡଶବ୍ଦରେ କହେ। ଯେତେ ଆଦର୍ଶର କଥା କୁହାଗଲେ ମଧ ବ୍ୟକ୍ତି, ସମାଜ, ଦେଶ ଏବଂ ବିଶ୍ୱ ମୁଦ୍ରାର ଦାସ। ମୁଦ୍ରା ପାଖରେ ଶକ୍ତି, ସାମର୍ଥ୍ୟ, ବଳ, ସୌର୍ଯ୍ୟ ଇତ୍ୟାଦିକୁ ଆକର୍ଷଣ ଏବଂ ସେସବୁ ପ୍ରୟୋଗ କରି ସବୁକିଛିକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଛି। ମୁଦ୍ରା ପାଖରେ ଅଛି ତା'ର ଯମଜ ଭାଇ ଅହଂ। ଏ ଦୁଇର ପ୍ରଭାବ ମଣିଷକୁ ଯେ ବୁଦ୍ଧି-ବିଚାର-ବିବେକଶୂନ୍ୟ କରିଦିଏ- ବିଶ୍ୱ ଇତିହାସ ଏହା ହିଁ କହେ। ଧନ ବିକାଶ ଓ ଅଗ୍ରଗତି ଆଣିବା ସହିତ କେତେ ଯେ ବିଭ୍ରାଟ ଓ ଧ୍ୱଂସର କାରଣ ହୋଇଛି ତା'ର ହିସାବ ନାହିଁ। ସେ ଧାରା ଅଦ୍ୟାବଧି ପ୍ରବାହିତ। ବିଂଶଶତାବ୍ଦୀର ଆରମ୍ଭରୁ ଅର୍ଥନୈତିକ, ରାଜନୈତିକ, ସାମାଜିକ, ସାମରିକ ଏବଂ ଭୂରାଜନୈତିକ ପରି ବିଭିନ୍ନ ବୈଶ୍ୱିକପରିସ୍ଥିତି ଯୋଗୁ ଇଉରୋପ ଏବଂ ଏସିଆର ଦେଶମାନଙ୍କର ଯେତେବେଳେ ଶକ୍ତି ଏବଂ ବଳ ହ୍ରାସ ପାଇଲା, ସେ ପରିସ୍ଥିତିର ଫାଇଦା ନେଇ ଆମେରିକା ଅତ୍ୟନ୍ତ ବଳଶାଳୀ ହୋଇ ଉଭାହେଲା। ସମଗ୍ରବିଶ୍ୱର ଅର୍ଥନୀତି, ରାଜନୀତି, ସାମରିକ ଅବସ୍ଥା ଏବଂ ଭୂରାଜନୈତିକ ପରିସ୍ଥିତିକୁ ଅର୍ଥବଳରେ ନିୟନ୍ତ୍ରଣ କରିବାର କ୍ଷମତା ପାଇବା ପରେ ନିଜର ସ୍ୱାର୍ଥ ପାଇଁ ଆଜି ପର୍ଯ୍ୟନ୍ତ ଆମେରିକା ଯେ ତାହାର ସଦୁପଯୋଗ କମ୍ ଦୁରୁପଯୋଗ ଅଧିକା କରିଛି ଇତିହାସ ତା'ର ସାକ୍ଷୀ। ବିଭିନ୍ନ ଅନ୍ତର୍ଜାତୀୟ ସଙ୍ଗଠନ ହେଉ ବା ଏକକ ଦେଶ ହେଉ, ଆମେରିକାର ଏକତରଫା ନୀତି, ଅନ୍ୟାୟ ଓ କୁଟିଳନିଷ୍ପତ୍ତି ସବୁବେଳେ କୌଣସି ନା କୌଣସି ଦେଶକୁ ଦୁଃଖ ପହଞ୍ଚାଇଛି। ପୃଥିବୀର ଅର୍ଦ୍ଧେକଅଂଶରେ ପରିଲକ୍ଷିତ ଯୁଦ୍ଧ ଏବଂ ତଜ୍ଜନିତ ଧନଜୀବନହାନୀର ଏକମାତ୍ର ସୂତ୍ରଧର ଆମେରିକା।

ଦେଶର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରଠୁ ତାଙ୍କର ବିଚାରହୀନ କାର୍ଯ୍ୟକଳାପ, ଅସ୍ଥିର ଚିନ୍ତା ଏବଂ ଲଗାମହୀନ କଥାବାର୍ତ୍ତା ତାଙ୍କୁ ବିଶ୍ୱରେ ଖୁବ୍ ନିନ୍ଦିତ କରିଛି। ସବୁଠାରୁ ଧନୀ ଏବଂ ବିକଶିତ ଦେଶର ରାଷ୍ଟ୍ରମୁଖ୍ୟ ଭାବରେ ସେ ଯେ ସୀମା ଓ ମର୍ଯ୍ୟାଦା ଭିତରେ ରହିବା କଥା ସେ ତାହା ଅନୁଭବ କରି ପାରୁନାହାନ୍ତି। ପରିଣତ ବୟସରେ ଟ୍ରମ୍ପ୍ ସ୍ଥାନ-କାଳ-ପାତ୍ର ନ ଦେଖି ସମସ୍ତ ଶାଳୀନତା ଭୁଲି ଅପଶବ୍ଦ ବ୍ୟବହାର କରିବାକୁ ଦ୍ୱିଧାବୋଧ କରୁନାହାନ୍ତି। ବିଭିନ୍ନ କ୍ଷେତ୍ରରେ ଇତିହାସ ସୃଷ୍ଟି କରିବାର ନିଶାରେ 'କ୍ଷଣେ ତୁଷ୍ଟ କ୍ଷଣେ ରୁଷ୍ଟ' ଟ୍ରମ୍ପ ବର୍ତ୍ତମାନ ବିଶ୍ୱବିପଦ ଭାବରେ ଉଭା ହେଲେଣି।

ନିର୍ବାଚନ ବେଳେ ଟ୍ରମ୍ପ୍‌ଙ୍କର ମୁଖ୍ୟ ପ୍ରତିଶ୍ରୁତି ଥିଲା ଆମେରିକାକୁ ପୁନଶ୍ଚ ମହାନ୍ କରିବା ବା 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ଯାହା ସାଧାରଣରେ ଏମ.ଏ.ଜି.ଏ. ବା 'ମାଗା' ଭାବରେ ପରିଚିତ। ଆମେରିକାକୁ ପ୍ରତିବର୍ଷ ଲକ୍ଷଲକ୍ଷ ଲୋକ ମେକ୍ସିକୋ ଦେଇ ଅବୈଧ ପ୍ରବେଶ କରୁଛନ୍ତି ଯାହା ଆମେରିକୀୟଙ୍କ ପାଇଁ ନିଯୁକ୍ତି ସମସ୍ୟା ସହିତ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଟ୍ରମ୍ପ୍‌ଙ୍କର ମତ। ତେଣୁ ସୀମାନ୍ତରେ ପାଚିରୀ ନିର୍ମାଣ ଏବଂ ତାକୁ ଜଗିବାକୁ ସୈନ୍ୟ ମୁତୟନ କରିବାର ଆବଶ୍ୟକତା ତଥା ଦେଶକୁ ଭବିଷ୍ୟତରେ ପୃଥିବୀ କ'ଣ, ଅନ୍ତରୀକ୍ଷ ଆକ୍ରମଣରୁ ରକ୍ଷା କରିବା ପାଇଁ ଗୋଲ୍‌ଡେନ୍ ଡୋମ୍ ନିର୍ମାଣର ପ୍ରସ୍ତାବ ସେ ଦେଇଛନ୍ତି। ଏହାଛଡ଼ା ଦେଶବାସୀଙ୍କୁ ମାଗଣାରେ ଦିଆ ଯାଉଥିବା ଚିକିତ୍ସା ସୁବିଧାକୁ ଟ୍ରମ୍ପ୍ ହ୍ରାସ କରିବାକୁ ଚାହୁଁଛନ୍ତି। ଏହା ସହିତ ଦେଶର ଲୋକମାନଙ୍କ ଉପରେ କରଭାର ହ୍ରାସ କରିବା ଏବଂ ଟ୍ୟାକ୍ସ ସ୍ଲାବ୍ ବଢେଇବା ପାଇଁ ମଧ ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲେ। ଏ ସବୁ କାମ ପାଇଁ ଆବଶ୍ୟକ ପ୍ରଚୁର ଅର୍ଥ।

ପ୍ରତିଶ୍ରୁତି ଭିନ୍ନଭିନ୍ନ। ସେସବୁକୁ ରକ୍ଷା କରି ଦେଶକୁ ମହାନ୍ କରିବା ପାଇଁ ଦରକାର ଭିନ୍ନଭିନ୍ନ ନୀତି ଏବଂ ସେଥିପାଇଁ ଅନେକ ବିଧେୟକ। ଏତେସବୁ ବିଧେୟକ ନ ଆଣି ଟ୍ରମ୍ପ୍ ସବୁକୁ ମିଶେଇ 'ଦି ୱାନ ବିଗ୍ ବିଉଟିଫୁଲ୍ ବିଲ୍' ନାମରେ ଗୋଟିଏ ବିଧେୟକ ଆଣିଛନ୍ତି। ଯଦିଓ ବିଧେୟକର ନାମ ଖୁବ୍ କୌତୁହଳପ୍ରଦ ଏହାର ଉଦ୍ଦେଶ୍ୟ ନୂଆ ନୁହେଁ। ୨୦୧୭ ମସିହାରେ ଟ୍ରମ୍ପ୍‌ଙ୍କର ପ୍ରଥମପାଳି ସମୟରେ ଆରମ୍ଭ ହୋଇଥିବା ଏହି ଆଇନ ୨୦୨୫ ମସିହାରେ ଶେଷ ହେଉଥିବାରୁ ଏ ବିଧେୟକ ଅଣାଯାଇଛି। ବିଧେୟକ ଅନୁମୋଦିତ ହୋଇ ଆଇନରେ ପରିଣତ ହେବା ପାଇଁ ଭାରତର ସାମ୍ବିଧାନିକ ବ୍ୟବସ୍ଥା ଯେପରି ଆମେରିକାରେ ଠିକ୍ ସେହି ପ୍ରଣାଳୀ ଅନୁସୃତ। ପ୍ରଥମେ ତାହା ନିମ୍ନସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ପାରିତ ହେଲା ପରେ ଉଚ୍ଚସଦନ ସିନେଟ୍‌ରେ ପାରିତ ହୋଇ ରାଷ୍ଟ୍ରପତିଙ୍କର ଅନୁମୋଦନ ଲାଭ ପରେ ଆଇନରେ ପରିଣତ ହେବ। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଏହା ମାତ୍ର ଗୋଟିଏ ଭୋଟ୍‌ରେ (୨୧୫-୨୧୪) ପାସ୍ ହୋଇଛି।

## ମୁଦ୍ରା କାହାଣୀ

ବିଧେୟକର ପ୍ରାୟ ସବୁ ପ୍ରସ୍ତାବ ଆମେରିକାର ସ୍ୱାର୍ଥ ପୂରଣ କରୁଥିବା ବେଳେ ଏଥିରେ ଏମିତି ଏକ ପ୍ରସ୍ତାବ ରହିଛି ଯାହା ବିଦେଶରୁ ଯାଇ ଆମେରିକାରେ ଚାକିରି କରୁଥିବା ଲୋକଙ୍କର ସ୍ୱାର୍ଥର ପରିପନ୍ଥୀ। ଭାରତ, ଚୀନ୍, ମେକ୍ସିକୋ, ଫିଲିପାଇନ୍ସ ଏବଂ ନାଇଜେରିଆ ଇତ୍ୟାଦି ଏସୀୟ ଏବଂ ଆଫ୍ରିକୀୟ ଦେଶର ଚାକିରିଆ ନିଜ ଦେଶକୁ ଯେଉଁ ଅର୍ଥ ପଠାନ୍ତି ଯାହା ଅନ୍ତର୍ଜାତୀୟ ଭାଷାରେ ରେମିଟାନ୍‌ସ୍ ଭାବରେ ଜଣା ତା'ଉପରେ ୩.୫%ଶୁଳ୍କ ଲଗାଯାଇଛି। ପ୍ରସ୍ତାବିତ ୫% ଶୁଳ୍କ ବିରୁଦ୍ଧରେ ପ୍ରତିବାଦ ହେବା ଫଳରେ ଏହି ଶୁଳ୍କକୁ ୩.୫%କୁ ହ୍ରାସ କରାଯାଇଛି। ନିୟମରେ ପରିଣତ ହେଲେ ଏହା ୨୦୨୬ ମସିହା ଜାନୁଆରି ମାସ ୧ ତାରିଖରୁ ଲାଗୁ ହେବ। ଆମେରିକାରେ ବର୍ତ୍ତମାନ ଆର୍ଥିକ ରାଷ୍ଟ୍ରବାଦ ଚରମସୀମାରେ। ଭାରତ ଚୀନ୍ ପରି ଦେଶରୁ ଜ୍ଞାନୀ ଓ ଅଧିକ ପରିଶ୍ରମୀ ଯୁବକ ସେଠାରେ ଅପେକ୍ଷାକୃତ କମ୍ ଦରମାରେ କାମ କରୁଥିବାରୁ ଆମେରିକୀୟଙ୍କ ପାଇଁ ନିଯୁକ୍ତିସୁଯୋଗ ସଙ୍କୁଚିତ ହୋଇଯାଇଛି। ତେଣୁ ସେମାନେ ଅଣଆମେରିକୀୟଙ୍କୁ ବାହାର କରିବା ପାଇଁ ଦାବି କରୁଛନ୍ତି। ଏହି ବିଧେୟକ ନିୟମରେ ପରିଣତ ହେଲେ ପ୍ରାୟ ୪୦ ନିୟୁତ ଏଚ୍-୧ବି, ଏଫ୍-୧, ଏଲ୍-୧ ଭିଜାଧାରୀ ଏବଂ ସବୁଜପତ୍ରଧାରୀ ପ୍ରଭାବିତ ହେବେ।

ନୂଆପ୍ରସ୍ତାବ ଅନୁଯାୟୀ ଜଣେ ଯେତେଥର ଅର୍ଥ ପ୍ରେରଣ କରିବ ତାକୁ ସେତେଥର କର ଦେବାକୁ ପଡ଼ିବ। ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍‌ର ମତ ଅନୁସାରେ ଆମେରିକାର ଏହି ଆଇନ ଭାରତୀୟ ମୁଦ୍ରା ଏବଂ ଭାରତୀୟ ପରିବାରକୁ ଆମେରିକାରୁ ଆସିଥିବା ଅର୍ଥରାଶି ଉପରେ ବିପରୀତ ପ୍ରଭାବ ପକାଇବ। ପ୍ରାୟ ୧୨ରୁ ୧୮ ବିଲିଅନ୍ ଡଲାର ହ୍ରାସର ଆଶଙ୍କା ରହିଛି। ଟ୍ୟାକ୍ସ ବଞ୍ଚାଇବାକୁ ହେଲେ ଅଣଆମେରିକୀୟ ହୁଏତ କମ୍ ଅର୍ଥ ଘରକୁ ପଠେଇବେ କିମ୍ବା ଅଧିକ ଅର୍ଥ ପଠେଇବା ପାଇଁ ଅଧିକ କର ଦେବେ। ଯେଉଁ ବାଟେ ହେଉ ଆମେରିକାର ରାଜକୋଷକୁ ଅଣଆମେରିକୀୟଙ୍କ ଠାରୁ ଆଗ ଅପେକ୍ଷା ଅଧିକ ଆୟ ଆସିବ। ହିସାବ କରାଯାଇଛି ଏହାଦ୍ୱାରା ଆମେରିକା ବାର୍ଷିକ ଦଶ ବିଲିଅନ୍ ଡଲାର ଲାଭ ପାଇବ ଯାହା ଦେଶର ଭିତ୍ତିଭୂମି, ପ୍ରତିରକ୍ଷା ଏବଂ ଲୋକଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ବିଭିନ୍ନ ସୁବିଧା ଯୋଗେଇ ଦିଆଯିବ ବୋଲି ଟ୍ରମ୍ପ୍ କହିଛନ୍ତି।

ଏହାର ପ୍ରଭାବ କେବଳ ଅର୍ଥନୈତିକ ଲାଭରେ ସୀମିତ ନୁହେଁ। ନିଜ ଦେଶକୁ କମ୍ ଅର୍ଥ ପଠାଇଲେ ଅଣଆମେରିକୀୟ ଆମେରିକାରେ ଅଧିକ ନିବେଶ କରିବାକୁ ବାଧ ହେବେ। ଫଳରେ ଦେଶର ଅର୍ଥବ୍ୟବସ୍ଥା ସୁଦୃଢ଼ ହେବ ଏବଂ ଦେଶ ପୃଥିବୀର ଏକ ନମ୍ବର ଆର୍ଥିକ ଓ ସାମରିକ ଶକ୍ତିର ସ୍ଥାନ ବଜାୟ ରଖିବା ସହିତ ସାରାବିଶ୍ୱର ରାଜନୀତି, ଅର୍ଥନୀତି ଏବଂ ସାମରିକ ଶକ୍ତିକୁ ନିୟନ୍ତ୍ରଣ କରିପାରିବ। ଏମିତି ଗୋଟିଏ ବିଲ୍ ଆଣି ଟ୍ରମ୍ପ୍ ନିଜର ବିରୋଧୀଙ୍କ ମୁହଁ ବନ୍ଦ କରିବା ସହିତ ରାଷ୍ଟ୍ରଭକ୍ତିର ଦ୍ୱାହି ଦେଇ ନିଜର ରାଜନୈତିକ ସ୍ୱାର୍ଥକୁ ସୁରକ୍ଷିତ ରଖିବାରେ ସଫଳ ହେବେ।

ଏହି ବିଲ୍ ଆଇନରେ ପରିଣତ ହେଲେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହେବ ଭାରତ। ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦେଇଥିବା ଆକଳନ ହିସାବରେ ପୃଥିବୀର ସବୁଠାରୁ ବେଶୀ ରେମିଟାନ୍‌ସ୍ ଭାରତକୁ ଆସିଥାଏ। ୨୦୨୪ ଆର୍ଥିକ ବର୍ଷରେ ଭାରତକୁ ସମୁଦାୟ ୧୧୮ ବିଲିଅନ୍ ଡଲାର ରେମିଟାନ୍‌ସ୍‌ରେ ଆସିଛି ଆମେରିକାର ଭାଗ ୩୩ ବିଲିଅନ୍ ଡଲାର (୨୮%)। ଦେଶକୁ ଅଧିକ ଅର୍ଥ ଆସିଲେ ଲୋକ ଅଧିକ ଜିନିଷ କିଣନ୍ତି। ଫଳରେ ଉତ୍ପାଦନ ବଢ଼ିଥାଏ ଯାହା ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ। ଦେଶରେ ରିଅଲ୍ ଇଷ୍ଟେଟ ବ୍ୟବସାୟରେ ହେଉଥିବା ନିବେଶର ବଡ଼ ଅଂଶ ମଧ ବିଦେଶାଗତ ଧନରୁ ହୋଇଥାଏ। ଆମେରିକାର ଟ୍ୟାକ୍‌ସ୍ ପ୍ରସ୍ତାବ ପରେ ଭାରତକୁ ୧.୧୫ ବିଲିଅନ୍ ଡଲାର ବା ୯୫୦୦ କୋଟି ଟଙ୍କା କମ୍ ଆସିବ। ଫଳରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଏକ ସ୍ଥାୟୀ ନକାରାତ୍ମକ ପ୍ରଭାବ ପଡ଼ିବ। ବିଦେଶୀମୁଦ୍ରାଭଣ୍ଡାର ଦେଶ ପାଇଁ ଆର୍ଥିକ ସୁରକ୍ଷାକବଚ ପରି କାମ କରିଥାଏ। ଏହା ଦେଶର ଆମଦାନୀର ପ୍ରାପ୍ୟ ଦେବା ଏବଂ ଦେଶର ମୁଦ୍ରାମୂଲ୍ୟକୁ ସ୍ଥିର ରଖିବା ସହିତ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଜରୁରୀପରିସ୍ଥିତିରେ ସୁରକ୍ଷା ପ୍ରଦାନ କରିଥାଏ। ଆମଦାନୀ ହ୍ରାସ ଭାରତୀୟ ଅର୍ଥନୀତି ଉପରେ ଦୁଇପ୍ରକାରର ପ୍ରଭାବ ପକେଇବ। ଭାରତର ଆମଦାନୀ କମିବ। ଯେହେତୁ ଭାରତୀୟ ମୁଦ୍ରାର ମୂଲ୍ୟ ଆମେରିକୀୟ ଡଲାର ସହିତ ସଂଯୁକ୍ତ ହୋଇଛି, ଡଲାର କମ୍ ଆସିବା ଫଳରେ ଭାରତୀୟ ମୁଦ୍ରାର ମୂଲ୍ୟ କମିବ। ଭାରତୀୟ ମୁଦ୍ରାର ମୂଲ୍ୟ କମିଲେ ଦରଦାମ ବୃଦ୍ଧି ହେବ, ମୁଦ୍ରାସ୍ଫୀତି ବଢ଼ିବ, ଲୋକଙ୍କ ଆୟ କମିବ।

ଆମେରିକାରେ ରହୁଥିବା ପିଲାମାନେ ପ୍ରତି ମାସରେ ଭାରତରେ ରହୁଥିବା ପିତାମାତାଙ୍କ ନିକଟକୁ ଅର୍ଥ ପଠାନ୍ତି। ଏହା ଏଠାରେ ଥିବା ପରିବାରର ଅନ୍ୟ ସଦସ୍ୟଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଆବଶ୍ୟକତା ପୂରଣ ସହିତ ଆରାମପ୍ରଦାୟକ ଜୀବନ କଟିବାରେ ସାହାଯ୍ୟ କରେ। ଅଧିକ ଟ୍ୟାକ୍ସ ଯୋଗୁ ଏହା ନିଶ୍ଚିତ ପ୍ରଭାବିତ ହେବ। ବିଶେଷଜ୍ଞଙ୍କ ମତରେ ଏହି ପ୍ରସ୍ତାବ ଆମେରିକାରେ କାମ କରୁଥିବା ବିଦେଶୀଙ୍କ ପ୍ରତି ଅନ୍ୟାୟ। ପ୍ରଥମତଃ ସେମାନେ ସେଠାରେ କାମ କରି ଆମେରିକାର ଆର୍ଥିକ ଏବଂ ବୈଷୟିକ ବିକାଶରେ ବଡ଼ ଯୋଗଦାନ ରହିଛି। ଏହା ବାଦ୍ ଥରେ ଦରମା ଉପରେ ଏବଂ ପୁଣି ଥରେ ଘରକୁ ଅର୍ଥ ପଠେଇବା ସମୟରେ କର - ଏହିପରି ଅଣଆମେରିକୀୟ ମାନଙ୍କୁ ଦୁଇଥର କର ଦେବାକୁ ପଡ଼ିବ। ଆମେରିକାର ଦି ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଅଣଆମେରିକୀୟ ଏବଂ ତାଙ୍କ ନିଜ ଦେଶ ପାଇଁ 'ଦି ବିଗ୍ ଅଗ୍‌ଲି ବିଲ୍' ହେବାକୁ ଯାଉଛି।

# କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର...



କିଶୋର କୁମାର ଜେନା
ବଙ୍ଗାଳିସାହି, କଟକ
ମୋ : ୭୩୭୭୪୩୯୦୭୭

ରାସ୍ତାକଡ଼ ବେଞ୍ଚରେ ବସିଥିଲେ ଜଣେ ବୟସ୍କା ମହିଳା। ଆଖି ଥିଲା ରାସ୍ତା ଉପରେ। ସାଇକେଲରୁ ଖସିପଡ଼ି ବାଳକଟିଏ ଆହତ ହେବାର ଦୃଶ୍ୟ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା। ପୁଣି ଜରାଜୀର୍ଣ୍ଣ ବୃଦ୍ଧଙ୍କ ଧୀର-ମନ୍ଥର ଚାଲି ତାଙ୍କ ହୃଦୟକୁ ଦୁଃଖୀଭିଭୂତ କରିପକାଉଥିଲା। ବ୍ୟାୟାମ ସାରି ଫେରୁଥିବା ଯୁବକମାନଙ୍କୁ ସେ ଦେଖୁଥିଲେ। ହାତ ଧରା ଧରି ହୋଇ ରାସ୍ତା କଡ଼ରେ ଚାଲୁଥିବା ନବଦମ୍ପତି ତାଙ୍କୁ ବେଶ୍ ଆମୋଦିତ କରୁଥିଲେ। ନିଜ ଜୀବନର ସ୍ମୃତି ସବୁ ତାଙ୍କ ମାନସ ପଟରେ ଉଙ୍କି ମାରିଲେ। ତିକ୍ତ ମଧୁର, ସ୍ମୃତି, ନିଃସଙ୍ଗତା ତାଙ୍କୁ ଆନମନା କରିପକାଇଲା। ସେ କେତେବେଳେ ହସୁଥିଲେ ତ କେତେବେଳେ ଅଜାଣତରେ ଆଖିରୁ ଲୁହ ବୋହିଯାଉଥିଲା। ତାଙ୍କର ଏ ଭଳି ହାବଭାବ ପ୍ରତି କାହାରି ନଜର ନଥିଲା। ହଠାତ୍ ପାଖରେ ଥିବା ଜଳାଶୟ ଲୋକାରଣ୍ୟ ହୋଇ ଉଠିଲା। ମହିଳା ବସିଥିବା ସ୍ଥାନରୁ ଉଠିଗଲେ। ଦେଖିଲେ ଛୋଟ ପିଲାଟିଏ ପାଣିରେ ବୁଡ଼ିଯାଉଛି। ହେଲେ କେହି ଉଦ୍ଧାର କରୁନାହାନ୍ତି। ମହିଳା ସଙ୍ଗେ ସଙ୍ଗେ ଜଳାଶୟ ଭିତରକୁ ପଶି ପିଲାଟିକୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କଲେ। ତାଙ୍କର ହୃଦ୍‌ବୋଧ ହେଲା, ଏ ପୃଥିବୀରେ ଅନେକ ଦୁଃଖ ଭିତରେ ବଞ୍ଚିବାର ରାହା ଟିକିଏ କେଉଁଠି ନା କେଉଁଠି ଅଛି। ଅତୀତ କେବଳ ସ୍ମୃତି ଯାହା ମୃତ। ଅତୀତକୁ ନେଇ ଦୁଃଖୀ କିମ୍ବା ଆନନ୍ଦିତ ହେବାରେ କିଛି ଯଥାର୍ଥତା ନାହିଁ। ବରଂ ବର୍ତ୍ତମାନକୁ ନେଇ ବଞ୍ଚିବା ବୁଦ୍ଧିମାନର କାମ। ସେ ନିଜକୁ ଅଧିକ ଭଲ ପାଇଲେ ଏବଂ ଅନ୍ୟ ପ୍ରତି ତାଙ୍କର ଭଲ ପାଇବାର ପଥ ସେହି ଦିନ ଠାରୁ ଉନ୍ମୁକ୍ତ ହୋଇଗଲା। ନିଃସଙ୍ଗତା ହୁଏ ତ ଖୁବ୍ ଯନ୍ତ୍ରଣାଦାୟକ ହୋଇପାରେ। ମାତ୍ର ଅନ୍ୟର ଦୁଃଖ ଓ ସୁଖରେ ନିଜକୁ ସାମିଲ କରାଇଲେ ନିଃସଙ୍ଗତା ଦୂର ହୁଏ। ଅନ୍ୟକୁ ସୁଖ ଦେବା ଏବଂ ଅନ୍ୟର ଦୁଃଖ ନେବାରୁ ମିଳେ ଅସୀମ ଆନନ୍ଦ।

ଆମମାନଙ୍କ ଜୀବନ ଚେତନା ସମ୍ପର୍କରେ ଟିକିଏ ଉଲ୍ଲେଖ କରୁଛି। ଶିଶୁ କୁଆଁ କୁଆଁ ହୋଇ କାନ୍ଦେ। ଟିକିଏ ବଡ଼ ହେଲେ ଡିଏଁ, ନାଚେ, କଣ୍ଢେଇ ଧରି ଖେଳେ। ଆଉ ଟିକିଏ ବଡ଼ ହେଲେ ବହିଖାତା ଧରି ପାଠ ପଢ଼ିବାକୁ ଯାଏ। କ୍ରମେ ଆହୁରି ବଡ଼ ହୋଇ ପରୀକ୍ଷାରେ ପାଶ କରେ ଓ ଉପାଧି ପାଏ। ଯୁବା ଅବସ୍ଥା ପାଇଗଲେ, ନିଶ ମୋଡ଼ି କଥା କଥାକେ କଳି କରିବାକୁ ଡିଏଁ। ସ୍ତ୍ରୀପଛରେ ଗୋଡାଏ। ଯଶ, ଗୌରବ ଓ ନାମ ପାଇଁ ଧାଁଧପଡ଼ କରେ। ଟଙ୍କା ପଇସା ସଞ୍ଚେ। ବିବାହ କରେ। ସନ୍ତାନସନ୍ତତି ଜନ୍ମ ହୁଅନ୍ତି। ସମୟ ଗଡ଼ିଚାଲେ। ସେ ବୁଢ଼ା ହୋଇଯାଏ। ତା'ର ଦୃଷ୍ଟି ଶକ୍ତି କମିଆସେ। ସେ ଚଷମା ପିନ୍ଧେ। ପଥର ଦାନ୍ତ ଲଗାଏ। ଅତି ବୁଢ଼ାବେଳେ ବାଡ଼ି ଖଣ୍ଡିଏ ଧରି ଥରି ଥରି ଚାଲେ। ଶେଷରେ ଦିନେ ହିକ୍‌କା ଉଠେ। ତା'ର ପ୍ରାଣବାୟୁ ଉଡ଼ିଯାଏ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି 'ମନୁଷ୍ୟ ଏକ ଦେହଧାରୀ ଆତ୍ମା। ମୂଳତଃ ମନୁଷ୍ୟ ଏକ ଆଧାତ୍ମିକ ଜୀବ। ସେ ମୂଳତଃ ଏକ ଆଧାତ୍ମିକ ଶକ୍ତି ବା ଆତ୍ମା ହୋଇଥିବାରୁ ତା'ର ଜୀବନ ରହିଛି। ଆତ୍ମା ବା ଦିବ୍ୟଶକ୍ତି ହିଁ ତା'ର ଅନ୍ତରତମ ସାର। ମନୁଷ୍ୟର ପ୍ରକୃତି ସ୍ୱଭାବ ହେଉଛି ଐଶ୍ୱରିକତା। ତାର ସ୍ଥୁଳଶରୀର ଓ ବୁଦ୍ଧି ତାର ଅନ୍ତର୍ନିହିତ ଆତ୍ମା ଉପରେ ନିର୍ଭର କରେ। କିନ୍ତୁ ବଡ଼ ଦୁଃଖର ବିଷୟ ଯେ, ମନୁଷ୍ୟ ଆତ୍ମା ସମ୍ବନ୍ଧରେ ପ୍ରାୟ କିଛି ଜାଣେ ନାହିଁ। ଯେଉଁ ମନୁଷ୍ୟ ଆତ୍ମାର ସାକ୍ଷାତ ଲାଭ କରେ, ସେ ନିରାପତ୍ତା, ନିଶ୍ଚିତତା, ପୂର୍ଣ୍ଣତା, ସ୍ୱାଧୀନତା, ମୁକ୍ତି, ଅମରତ୍ୱ ତଥା ଶାଶ୍ୱତ ସୁଖ ଲାଭ କରେ।'

ଏହି ସଂସାର, ଏହି ପ୍ରପଞ୍ଚ, ଏହି ପାର୍ଥିବ ଚେତନା ହିଁ ଆମର ସକଳ ଦୁଃଖଯନ୍ତ୍ରଣାର ହେତୁ ଏଥିରେ ଅନ୍ୟ କାହାର ହାତ ନାହିଁ। ବ୍ୟାଘ୍ରଭୟ, ସର୍ପଭୟ, ବିଛାଭୟ, ଜ୍ୱର, ଅମାଶୟ, ଯୁଦ୍ଧ ବିଗ୍ରହ, ମହାମାରୀ, ଭୂମିକମ୍ପ, ବାତ୍ୟା, ଦୁର୍ଭିକ୍ଷ, ଅଗ୍ନି ଉତ୍ପାତ - ଏସବୁ ହେଉଛି ଗୋଟିଏ ଗୋଟିଏ ନିମିତ୍ତ, ଗୋଟିଏ ଗୋଟିଏ ପ୍ରାକୃତିକ ଘଟଣା। ଏସବୁ ହେତୁ ଆମେ ଦୁଃଖଯନ୍ତ୍ରଣା ଭୋଗୁଛୁ ସତ, କିନ୍ତୁ ଏସବୁର ପରିହାର ପାଇଁ ଆମେ ବିଶେଷ କିଛି କରିପାରିବା ନାହିଁ। ଆମ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇ ରହିଥିବା ପ୍ରକୃତିକୁ ବଦଳାଇ ଦେବା ପାଇଁ ପ୍ରକୃତିକୁ ସଂଯତ ନିୟନ୍ତ୍ରିତ କରିଦେବା ପାଇଁ ଆମ ହାତରେ ସେପରି କୌଣସି ଶକ୍ତି ନାହିଁ। ଯାହା ବା ଅଛି, ତାହା ଅତ୍ୟନ୍ତ ସୀମିତ, ସାମାନ୍ୟ। ପ୍ରକୃତି ଆମକୁ ପରାସ୍ତ କରିଦେଇ ନିଜ ବାଟରେ ଚାଲିବ ହିଁ ଚାଲିବ।

ପରମେଶ୍ୱର ସହାୟ ହୁଅନ୍ତୁ। ଏହିପରି ନିଜେ ନିଜର ମଙ୍ଗଳ କରିବାରେ, ନିଜେ ନିଜ ପ୍ରତି ଦୟାଶୀଳ ହେବାରେ ଆପଣ ସଫଳ ହୁଅନ୍ତୁ। ଈଶ୍ୱର ମଙ୍ଗଳମୟ। ଭଲ ହେଉ କି ମନ୍ଦ ହେଉ, ଜଗତ ଯେପରି ସେପରି ହୋଇ ରହିବ ହିଁ ରହିବ। ଆପଣ ତାକୁ ବଦଳାଇବା ପାରିବେ ନାହିଁ। କିନ୍ତୁ ଆପଣ ବଦଳାଇ ଦେଇପାରିବେ ନିଜକୁ - ଯଦି ଅନ୍ତରର ସହିତ ଚାହିଁବେ, ତେବେ ନିଜକୁ ସୁନ୍ଦର ଭାବରେ ଏକ ଭିନ୍ନ ମଣିଷ କରି ଗଢ଼ି ଦେଇ ପାରିବେ। ନିଜକୁ ଆକାଶର ଉଚ୍ଚ କରି ଗଢ଼ି ଦେଇପାରିବେ। ସେ ବିଷୟରେ ଅସୀମ ସମ୍ଭାବନା ରହିଛି - ସମ୍ଭାବନା ରହିଛି କେବଳ ପରିବର୍ତ୍ତନର ନୁହେଁ, ଆପଣ ଚାହିଁଲେ ନିଜକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଦେଇପାରିବେ, ଘଟାନ୍ତରିତ କରିଦେଇ ପାରିବେ। ପୂର୍ଣ୍ଣବିକଶିତ ମନୁଷ୍ୟ ହେଉଛି ଈଶ୍ୱର। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - 'ସଂସାରଲିପ୍ତ ଈଶ୍ୱର ହେଉଛନ୍ତି ମନୁଷ୍ୟ। ବନ୍ଧନଯୁକ୍ତ ଈଶ୍ୱର ମନୁଷ୍ୟ ଏବଂ ବନ୍ଧନମୁକ୍ତ ମନୁଷ୍ୟ ଈଶ୍ୱର। ମାୟାଗ୍ରସ୍ତ-ଅଜ୍ଞ ମନୁଷ୍ୟ ହେଉଛି ସାଂସାରିକ ମନୁଷ୍ୟ। ପରିପୂର୍ଣ୍ଣ ମନୁଷ୍ୟ ହେଉଛି ଈଶ୍ୱର।' ଏହି ଆଲେଖ୍ୟଟି ଉପସ୍ଥାପନ କଲାବେଳେ ମନେପଡୁଛି କବିବର ରାଧାନାଥ ରାୟଙ୍କର ସେହି କାଳଜୟୀ ଧାଡ଼ିଟି - 'ଏ ଭବ ସାଗରେ ସର୍ବଗ୍ରାସୀ କାଳ, ବାତ୍ୟା ବହେ ଅବିରତ। ଏହା ଜାଣି ଲୋକେ କେଉଁ ଲାଭ ଆଶେ, କଳହେ ହୁଅନ୍ତି ରତ? କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର, ଏଥିଲାଗି କିମ୍ପା ଏତେ ଆଡମ୍ବର? ମର୍ତ୍ତ୍ୟେ ପଡ଼ି କାନ୍ଦି ଲୋଡ଼ ଦୁଧ ଥୋଡ଼ା, ଯିବାବେଳେ ଛଅଖଣ୍ଡି କାଠ ଲୋଡ଼ା।'

# ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପ ମଣ୍ଡପ ଓ ବାହୁଡା ଯାତ୍ରାର ମହତ୍ତ୍ୱ

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ପ୍ରତିବର୍ଷ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଶ୍ରୀକ୍ଷେତ୍ର ସମେତ ସମଗ୍ର ପୃଥିବୀରେ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୁଏ। ଏହି ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟ ପତିତପାବନ ଘୋଷଯାତ୍ରା ନାମରେ ବିଶ୍ୱବିଦିତ। ଏହି ପବିତ୍ର ଘୋଷଯାତ୍ରା ଦିନ ଶ୍ରୀକ୍ଷେତ୍ର ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହୋଇଥାଏ। ଏମାନଙ୍କ ମଧ୍ୟରେ ରହିଥାନ୍ତି ଅନେକ ପତିତ ଯେଉଁମାନଙ୍କର ଶ୍ରୀମନ୍ଦିର ପ୍ରବେଶ ନିଷିଦ୍ଧ ହୋଇଥାଏ। ଏହିଦିନ ଶ୍ରୀମନ୍ଦିର ରତ୍ନ ସିଂହାସନରୁ ଓହ୍ଲାଇ ଆସିଥାନ୍ତି ବଡ଼ଠାକୁର ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଜଗଜ୍ଜନନୀ ମାତା ସୁଭଦ୍ରା, ଶ୍ରୀ ସୁଦର୍ଶନ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ପାର୍ଶ୍ୱ ଦେବଦେବୀ। ବଡ଼ଠାକୁରଙ୍କ ରଥର ନାମ ହେଉଛି ତାଳଧ୍ୱଜ। ଏହାର ଉଚ୍ଚତା ୪୫ ଫୁଟ୍, ଚକ ସଂଖ୍ୟା ୧୬, ବ୍ୟବହୃତ କାଠ ସଂଖ୍ୟା ୭୬୩, ରଙ୍ଗ ଲାଲ ଓ ନୀଳ, ରଥ ମୁଖର ନାମ- କେତୁଭଦ୍ର, ଆୟୁଧ- ହଳ ଓ ମୂଷଳ, ରକ୍ଷକ- ବାସୁଦେବ, ସାରଥି- ମାତଳୀ, ନେତ-ଉନ୍ନନୀ, ୪ ଅଶ୍ୱଙ୍କ ନାମ- ତୀବ୍ର, ଘୋର, ଦୀଘଶ୍ରମ ଓ ସ୍ୱର୍ଣ୍ଣାଭ, ଦଉଡି- ବାସୁକି, ରଥାରୂଢ଼ ପାର୍ଶ୍ୱ ଦେବତା- ଶ୍ରୀଗଣେଶ, ଶ୍ରୀକାର୍ତ୍ତିକ, ସର୍ବମଙ୍ଗଳା, ପ୍ରଳମ୍ବରୀ, ହଳାୟୁଧ, ମୃତ୍ୟୁଞ୍ଜୟ, ନଟମ୍ବରା, ମୁକ୍ତେଶ୍ୱର ଓ ଶେଷଦେବ। ଚଳନ୍ତି ପ୍ରତିମା ଦ୍ୱୟ- ରାମ ଓ କୃଷ୍ଣ, ଦୁଇ ଶୁଆଙ୍କ ନାମ- ଶ୍ରଦ୍ଧା ଓ ବିଶ୍ୱାସ, ରଥର ରଷି ପଟାରେ ଥିବା ଋଷିମାନଙ୍କ ନାମ- ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍ଗଳ, ଆତ୍ରେୟ ଓ କାଶ୍ୟପ। ସେହିପରି ଶ୍ରୀଜଗନ୍ନାଥଙ୍କ ରଥର ନାମ- ନନ୍ଦିଘୋଷ, କପିଧ୍ୱଜ ବା ଗରୁଡଧ୍ୱଜ, ଉଚ୍ଚତା ୪୫ ଫୁଟ ୬ ଇଞ୍ଚ, ଚକ ସଂଖ୍ୟା ୧୮, ରଥରେ ବ୍ୟବହୃତ କାଠ ସଂଖ୍ୟା ୮୩୨ ଖଣ୍ଡ, ମୁଖ- ନନ୍ଦିମୁଖ, ରଙ୍ଗ- ଲାଲ ଓ ହଳଦିଆ, ଆୟୁଧ- ଶଙ୍ଖ ଓ ଚକ୍ର, ରଥର ରକ୍ଷକ- ଗରୁଡ, ସାରଥୀ- ଦାରୁକ, ନେତର ନାମ- ତ୍ରୈଲୋକ୍ୟ ମୋହିନୀ, ୪ ଅଶ୍ୱଙ୍କ ନାମ- ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ, ରଥ ଦଉଡିର ନାମ- ଶଙ୍ଖଚୂଡ, ରଥାରୂଢ ପାର୍ଶ୍ୱ ଦେବତାଙ୍କ ନାମ- ଗୋବର୍ଦ୍ଧନ, କୃଷ୍ଣ, ଗୋପିକୃଷ୍ଣ, ବରାହ, ନୃସିଂହ, ରାମ, ନାରାୟଣ, ତ୍ରିବିକ୍ରମ, ହନୁମାନ ଓ ରୁଦ୍ର, ଦୁଇ ଶୁଆଙ୍କ ନାମ- ଜୀବ ଓ ପରମ, ଚଳନ୍ତି ପ୍ରତିମା- ମଦନମୋହନ, ଓ ରଥର ରଷିପଟାରେ ଥିବା ଋଷିମାନଙ୍କ ନାମ- ନାରଦ, ଦେବଲ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ମାର୍କଣ୍ଡେୟ। ଯୋଗମାୟା ଜଗଜ୍ଜନନୀ ମାତା ସୁଭଦ୍ରାଙ୍କ ରଥର ନାମ ହେଉଛି ଦର୍ପଦଳନ, ଦେବଦଳନ ବା ପଦ୍ମଧ୍ୱଜ। ରଥର ଚକ ସଂଖ୍ୟା ୧୪ ଓ ଉଚ୍ଚତା ୪୪ ଫୁଟ ୬ ଇଞ୍ଚ, ରଥରେ ବ୍ୟବହୃତ କାଠ ସଂଖ୍ୟା ୫୯୩, ରକ୍ଷକ- ମାଆ ଜୟଦୁର୍ଗା, ସାରଥୀ- ଅର୍ଜୁନ, ରଥର ରଙ୍ଗ- ଲୋହିତ ଓ କୃଷ୍ଣ, ଆୟୁଧ- ପଦ୍ମ ଓ କଲ୍ହାର, ନେତର ନାମ- ନାଦମ୍ବିକା, ୪ ଅଶ୍ୱଙ୍କ ନାମ- ରୋଚିକା, ମୋଚିକା, ଜିତା ଓ ଅପରାଜିତା, ଦୁଇ ଶୁଆଙ୍କ ନାମ- ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ, ରଥ ଦଉଡିର ନାମ- ଚନ୍ଦ୍ରଚୂଡ ନାଗ, ଚଳନ୍ତି ପ୍ରତିମା- , ଅଧୀଶ୍ୱର ଦେବତା- ଶ୍ରୀସୁଦର୍ଶନ, ରଥର ରଷିପଟାରେ ଥିବା ଋଷିମାନଙ୍କ ନାମ- ଭୃଗୁ, ସୁପ୍ରଭ, ବଜ୍ର, ଶଙ୍ଖୀ, ଧ୍ରୁବ, ଉଲ୍ଲୁକ ଓ ପ୍ରବର୍ତ୍ତକ। ଦ୍ୱାରପାଳ- ଗଙ୍ଗା ଓ ଯମୁନା ଓ ରଥର ପାର୍ଶ୍ୱ ଦେବାଦେବୀଙ୍କ ନାମ- ବରାହୀ, ବନଦୁର୍ଗା, ଭୁବନେଶ୍ୱରୀ, ବିମଳା, ଚାମୁଣ୍ଡା, ହରଚଣ୍ଡୀ, ଜୟଦୁର୍ଗା, ସର୍ବମଙ୍ଗଳା ଓ ଉଗ୍ରତାରା।

ଏହି ନବଦିନାତ୍ମକ ଘୋଷଯାତ୍ରାର ମହତ୍ତ୍ୱ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ମାଉସୀଙ୍କୁ ଦେଇଥିବା 'ବର' (ଇନ୍ଦ୍ରଦ୍ୟୁମ୍ନଙ୍କ ବଂଶରେ କେହି ନରହୁ)ର ମାନ ରକ୍ଷା କରିବା। ଏହାଛଡା ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପତିତ ଜନଙ୍କୁ ଦର୍ଶନ ଦେବା ପାଇଁ ଏହି ପତିତପାବନ ଯାତ୍ରା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତିନି ପ୍ରମୁଖ ଯାତ୍ରାର ନାମ ହେଉଛି- ଦୋଳ ଯାତ୍ରା, ଚନ୍ଦନ ଯାତ୍ରା ଓ ଶ୍ରୀଗୁଣ୍ଡିଚା ବା ଆଡପ ମଣ୍ଡପ ଯାତ୍ରା। ଏଠାରେ ଏହି ୩ ଯାତ୍ରାକୁ ନେଇ ଏକ ଶ୍ଳୋକ ଉଲ୍ଲେଖନୀୟ, 'ଦୋଳେ ଚ ଦୋଳଗୋବିନ୍ଦଂ, ଚାପେ ଚ ମଧୁସୂଦନଂ। ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।' ଏହି ଶ୍ଳୋକର ଅର୍ଥ ହେଉଛି ଦୋଳବେଦୀରେ ଦୋଳଗୋବିନ୍ଦ ରୂପି ଶ୍ରୀଜଗନ୍ନାଥ, ଚନ୍ଦନ ଯାତ୍ରାର ଚାପରେ ଶ୍ରୀମଧୁସୂଦନ ରୂପୀ ଶ୍ରୀଜଗନ୍ନାଥ ଓ ରଥରେ ବାମନ ରୂପୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୋଇନଥାଏ। ଅର୍ଥାତ୍ ସଂପୃକ୍ତ ସର୍ବଶ୍ରେଷ୍ଠ ଜୀବକୁ ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତି ମିଳିଥାଏ। ୩ ରଥ ଚକଗୁଡ଼ିକ ହେଉଛନ୍ତି ଜୀବନ ଚକ୍ରର ପ୍ରତୀକ ଓ ବଡ଼ଦାଣ୍ଡ ହେଉଛି ନିର୍ବାଣ ବା ମୋକ୍ଷର ମାର୍ଗ। ଅତଃ ପ୍ରତ୍ୟେକ ମନୁଷ୍ୟ ନିଜର ଜିବଦ୍ଦଶା ମଧ୍ୟରେ ଅନ୍ତତଃ ଥରେ ମାତ୍ର ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଉଚିତ୍। ଚଳିତ ବର୍ଷ ନବଦିନାତ୍ମକ ଘୋଷଯାତ୍ରାରେ ପ୍ରାୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ବଡଦାଣ୍ଡରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲାଭ କରିଛନ୍ତି। ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ମଧ୍ୟ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହେବ। ବଡ଼ଦାଣ୍ଡରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏହା ପରେ ମହାପ୍ରଭୁଙ୍କ ନୀଳାଦ୍ରୀ ବିଜେ ହେବ ଓ ଭକ୍ତଗଣ ନୀଳାଦ୍ରୀ ଅବଢା ସେବନ କରି ଇହ ଜନ୍ମରେ ନିଜ ନିଜର ମାନବ ଜନ୍ମକୁ ସାର୍ଥକ କରିବେ।

ଶ୍ରୀ ଜଗଦାନନ୍ଦଜୀ
ସଂସ୍କୃତି ଗବେଷକ
ମୋ: ୯୪୩୭୨୩୬୫୭୫

# ଜଗନ୍ନାଥଙ୍କ ପ୍ରିୟ ପୋଡ଼ପିଠା

ପ୍ରଭୁ ଶ୍ରୀ ଜଗନ୍ନାଥ କେବଳ ପୋଡ଼ପିଠାରେ ସନ୍ତୁଷ୍ଟ ନୁହଁନ୍ତି; ବରଂ ପ୍ରତ୍ୟେକ ଅବତାରରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଦ୍ରବ୍ୟ ପ୍ରିୟ ମଧ ଅଟନ୍ତି। ଯେମିତି ଶ୍ରୀରାମ ଅବତାରରେ ଭକ୍ତ ଶବରୀ ମା'ଙ୍କ ହାତରୁ ଅଇଁଠା ବରକୋଳି ସେବନ କରି ପ୍ରଭୁଙ୍କ ମନ ଏତେ ମାତ୍ରାରେ ମୋହିଥିଲା ଯେ ସମସ୍ତ ଖାଦ୍ୟଦ୍ରବ୍ୟ ଫଳମୂଳଠାରୁ ଅତି ସ୍ୱାଦିଷ୍ଟ ବୋଲି ପ୍ରକାଶ କରିଥିଲେ। ଶ୍ରୀକୃଷ୍ଣ ଅବତାରରେ ସରଲବଣୀ ଖାଇବା ସକାଶେ ଚୋରି କରିବାରେ ମଧ ଦ୍ୱିଧା ପ୍ରକାଶ କରୁ ନ ଥିଲେ। ପୁଣି କେତେବେଳେ ସୁଦାମାଙ୍କ ଚୁଡ଼ା ଭଜା ବା ଖୁଦ ଭଜା ସେବନ କରି ଅତ୍ୟନ୍ତ ଆନନ୍ଦିତ ହେଉଥିଲେ। ବିଦୁରଙ୍କ ଠାରୁ ଶାଗ ଭଜାର ସ୍ୱାଦ ପ୍ରଭୁଙ୍କ ପାଇଁ ସଦା ସ୍ମରଣୀୟ।

ସେହିପରି ଶ୍ରୀ ଜଗନ୍ନାଥଙ୍କ ଅତି ପ୍ରିୟ ପିଠା ପୋଡ଼ପିଠା। ସେହି ପୋଡ଼ପିଠା ପାଇବା ସକାଶେ ବାହୁଡ଼ା ଯାତ୍ରାରେ ଅଟକି ଯାଇ ଲକ୍ଷ ଲକ୍ଷ ଭକ୍ତ ସମ୍ମୁଖରେ ମାଉସୀ ମା'ଙ୍କ ଠାରୁ ପୋଡ଼ପିଠା ଗ୍ରହଣ କରିଥାଆନ୍ତି। ଏ ପୋଡ଼ପିଠା କିଏ ଦିଅନ୍ତି ଏବଂ କେବେଠାରୁ ଏ କ୍ରମ ଆରମ୍ଭ ହୋଇଥିଲା? ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ରର ପ୍ରସାରିତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଅନେକ ଛୋଟ ଛୋଟ ମନ୍ଦିର ସଦ୍ଭାୟମାନ। ତନ୍ମଧ୍ୟରୁ ମା' ମାଉସୀ ବା ଅର୍ଦ୍ଧାଶିନୀ ମନ୍ଦିର ଅତ୍ୟନ୍ତ ପୁରାତନ ଦେବୀ ମନ୍ଦିର। ଶ୍ରୀମନ୍ଦିରରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ବଡ଼ଦାଣ୍ଡର ଡାହାଣ ଭାଗରେ ଅବସ୍ଥିତ ହୋଇ ଶୋଭା ବର୍ଦ୍ଧିତ କରିଥାଏ। ମନ୍ଦିରର ଉଚ୍ଚତା ପ୍ରାୟ ୨୨ ହାତ। ମନ୍ଦିରର ଶୈଳୀ ଏବଂ ପରିପାଟୀ ମଧ ଅଲୌକିକ। ମନ୍ଦିରରେ ପୂଜିତ ଦେବୀଙ୍କ ନାମ ମା' ଅର୍ଦ୍ଧାଶିନୀ। ଦେଖିବାକୁ ଶ୍ରୀମନ୍ଦିରର ପୂଜା ପାଉଥିବା ମା' ସୁଭଦ୍ରାଙ୍କ ରୂପ ଭଳି। ତତ୍‌ସହିତ ସେ ଜଗନ୍ନାଥଙ୍କ ମାଉସୀ ମା' ଭାବରେ ପୂଜିତ ବନ୍ଦିତ।

ମା' ଅର୍ଦ୍ଧାଶିନୀ ଦେବୀ ସୁଭଦ୍ରାଙ୍କ ଅଂଶ ସମ୍ଭୂତା ଭାବେ ଶାସ୍ତ୍ରୀୟ ସିଦ୍ଧାନ୍ତ ପ୍ରମାଣିତ। ଏହା ଏକ ଦେବୀ ମନ୍ଦିର ହେବା ସତ୍ତ୍ୱେ ଶାରଦୀୟ କି ବାସନ୍ତିକ ନବଦିନାତ୍ମକ ଦୁର୍ଗାପୂଜା କିମ୍ବା ଷୋଡ଼ଶଦିନାତ୍ମକ ପୂଜା ଅନୁଷ୍ଠିତ ହୋଇ ନ ଥାଏ। କେବଳ ନୃସିଂହ ଚତୁର୍ଦ୍ଦଶୀ ଦିନ ଦେବୀଙ୍କୁ ଶ୍ରୀମୁଖ ପର୍ଯ୍ୟନ୍ତ ସୁଗନ୍ଧିତ ଜଳରେ ମହାଅଭିଷେକ କରାଯାଇଥାଏ। ଏହି ପୀଠରେ ଅନ୍ନ ଭୋଗ ଲାଗି ହୁଏ ନାହିଁ। ମାଉସୀ ମା' ଅର୍ଦ୍ଧ ଦଣ୍ଡାୟମାନ ରୂପରେ ବସିଥାନ୍ତି। ମୂର୍ତ୍ତି ସମ୍ମୁଖରେ ସୁଭଦ୍ରାଙ୍କ ଆକୃତିର ମୁଖା ବହୁ ପୁରାତନ କାଳରୁ ମଣ୍ଡିତ। ଦେବୀ ପ୍ରଳୟ ବାରି ଶୋଷିକା ଓ ଭକ୍ତମାନଙ୍କୁ ସଦା ଅଭୟ ପ୍ରଦାନ କାରିଣୀ। ଦେବୀ ଦ୍ୱିଭୁଜା। ଗୋଟିଏ ଭୁଜରେ ଅକ୍ଷମାଳାଧାରିଣୀ ଏବଂ ଅନ୍ୟ ହସ୍ତରେ ଅଭୟ ମୁଦ୍ରାରେ ଦୁଃଖୀ ଆରତ ଜନମାନଙ୍କୁ ରକ୍ଷା କରି ଥାଆନ୍ତି। ମା' ଅର୍ଦ୍ଧାଶିନୀ ବିଶ୍ୱାବସୁ ବଂଶଧର ଦଇତାମାନଙ୍କର ଇଷ୍ଟ ଦେବୀ ଓ କୁଳ ଦେବୀ ରୂପରେ ପୂଜିତା। ସେ ବିଷ୍ଣୁପ୍ରିୟା ଅଭୟଦାୟିନୀ। ପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ନିଜ ପ୍ରିୟ ଭକ୍ତ ଓ ପାରିବାରିକ ସମ୍ପର୍କରେ ହିଁ ରହିବା ପାଇଁ ଅତ୍ୟନ୍ତ ଭଲ ପାଇଥାଆନ୍ତି। ସେ ଗହଳ ଚହଳର ଠାକୁର। ଏକା ରହିବା ପାଇଁ ପସନ୍ଦ କରନ୍ତି ନାହିଁ। ଜଗନ୍ନାଥ ଶ୍ୱଶୁର ଘର ସମୁଦ୍ର କୂଳରେ ଓ ଶ୍ରୀମନ୍ଦିରର ଚାରି ପଟେ ତାଙ୍କର ପାଞ୍ଚ ଜଣ ବନ୍ଧୁ ପ୍ରିୟ ପଞ୍ଚୁ ପାଣ୍ଡବ ବିଦ୍ୟମାନ। ଜଗନ୍ନାଥଙ୍କ ମାଉସୀ ମା' କୈକେୟୀ ହେଉଛନ୍ତି ଅର୍ଦ୍ଧାଶିନୀ ଦେବୀ। ମାଉସୀ ମା' ଘର ଗୁଣ୍ଡିଚା ମନ୍ଦିର ଯିବା ମାର୍ଗରେ ପଡ଼ିଲେ ମଧ ରଥଯାତ୍ରା ସମୟରେ ପ୍ରଭୁ ଅତି ବ୍ୟସ୍ତଥିବା ଯୋଗୁଁ ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇଭଉଣୀଙ୍କୁ ନେଇ ମାଉସୀ ମା'ଙ୍କୁ କେବଳ ସାକ୍ଷାତ କରି ଗୁଣ୍ଡିଚା ମନ୍ଦିରକୁ ଚାଲିଯାଆନ୍ତି। କିନ୍ତୁ ବାହୁଡ଼ା ଯାତ୍ରାରେ ଫେରିବା ବେଳେ ବଡ଼ ଠାକୁର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାର ଠାରୁ ଅଳ୍ପ ଦୂରରେ ରହିଥିବା ବେଳେ ମାଉସୀ ମା' ଅର୍ଦ୍ଧାଶିନୀ ଦେବୀଙ୍କ ମନ୍ଦିର ନିକଟରେ ଜଗନ୍ନାଥଙ୍କ ରଥ ଅଟକିଯାଏ। ସେଠାରେ ମନ୍ଦିର ଦ୍ୱାରା ପ୍ରସ୍ତୁତ ହୋଇଥିବା ସ୍ୱାଦିଷ୍ଟ ଛେନାପୋଡ଼ ଭୋଗ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଥାଏ।

ଅର୍ଦ୍ଧାଶିନୀ ନାମର ଯଥାର୍ଥତା: ସୃଷ୍ଟିର ଆଦ୍ୟ ମହାପ୍ରଳୟ କାଳରେ ପ୍ଲାବିତ ଜଳରାଶିର ଅର୍ଦ୍ଧେକ ଭକ୍ଷଣ କରିଥିଲେ ବୋଲି ଏହି ଶକ୍ତିର ନାମ ଅର୍ଦ୍ଧାଶିନୀ ଦେବୀ ନାମରେ ଖ୍ୟାତ। ଇତିହାସ କହେ ଅତୀତରେ ବଡଦାଣ୍ଡର ବଳଗଣ୍ଡି ନିକଟରେ ମାଳିନୀ ନାମକ ନଦୀ ବହି ଯାଇ ବାଙ୍କୀ ମୁହାଣରେ ମହୋଦଧିରେ ମିଶୁଥିଲା। ବଳଗଣ୍ଡି ଠାରେ ଏକ ଗଭୀର ଗଣ୍ଡ ଥିଲା। ଯେଉଁ ନଦୀର ବଡ଼ ଗଭୀର ଶକ୍ତିଶାଳୀ ଗଣ୍ଡ ରହିଛି ତାହାକୁ ବଳଗଣ୍ଡି କୁହାଯାଏ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ବାଧା ସୃଷ୍ଟି ହେଉଥିଲା। ଏଣୁ କରି ଅତୀତରେ ୬ ଗୋଟି ରଥ ନିର୍ମାଣ କରାଯାଉଥିଲା। ମହାପ୍ରଭୁ ବଳଭଦ୍ର ସୁଭଦ୍ରାଙ୍କୁ ନଦୀ ପାର ନିମନ୍ତେ ଚାପ ବା ଭେଳା ନିର୍ମାଣ କରାଯାଉଥିଲା। ସେହି ସମୟରେ ମା' ଅର୍ଦ୍ଧାଶିନୀ ନଦୀଗଣ୍ଡର ଅଧିଷ୍ଠାତ୍ରୀ ଦେବୀ ଭାବରେ ନିଜର ପୁତ୍ର ସଦୃଶ୍ୟ ମହାପ୍ରଭୁ ଜଗନ୍ନାଥଙ୍କୁ ଅତି ସ୍ନେହର ସହ ଯତ୍ନ କରିବା ସହିତ ନିଜର ଶକ୍ତି ବଳରେ ନଦୀ ଗଣ୍ଡର ଜଳକୁ ଶୋଷଣ କରି ପ୍ରଭୁଙ୍କ ରଥଯାତ୍ରାକୁ ସୁଗମ କରୁଥିଲେ। ସେଥିପାଇଁ ଗଜପତି ଦ୍ୱିତୀୟ ନରସିଂହଦେବଙ୍କ ପତ୍ନୀ ଶ୍ରଦ୍ଧାଦେବୀଙ୍କ ଅନୁରୋଧ କ୍ରମେ ଭକ୍ତମାନଙ୍କ ମଙ୍ଗଳ ସୁବିଧା ନିମନ୍ତେ ଏବଂ ବଡ଼ଦାଣ୍ଡର ଶୋଭାବର୍ଦ୍ଧନ ସକାଶେ ଶୁଷ୍କ ମାଳିନୀ ନଦୀଟିକୁ ପୋତି ଦିଆଯାଇଥିଲା। ଫଳରେ ତଦ୍ଦ୍ୱାରା ବଡ଼ଦାଣ୍ଡରେ ତିନି ଠାକୁରଙ୍କ ରଥଯାତ୍ରା ସରଳ ସୁଗମ ଶୋଭାବର୍ଦ୍ଧନ ହୋଇପାରିଲା। ସେହିଦିନ ଠାରୁ ରାଣୀ ଶ୍ରଦ୍ଧାଦେବୀଙ୍କ ସ୍ମରଣାର୍ଥେ ମାଳିନୀ ନଦୀର ବାଲି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶରଧାବାଲିର ନାମ ବହନ କରିଛି।



ଅର୍ଦ୍ଧାଶିନୀଙ୍କ କିମ୍ବଦନ୍ତୀ : ମହାପ୍ରଳୟ କାଳରେ ମହୋଦଧିର ଜଳରାଶି ଶ୍ରୀକ୍ଷେତ୍ରସ୍ଥିତ ରୋହିଣୀ କୁଣ୍ଡକୁ ଗ୍ରାସ କରି ସମଗ୍ର ଶ୍ରୀକ୍ଷେତ୍ରକୁ ଜଳମଗ୍ନ କରିବାର ଆଶଙ୍କା ଥିଲା। ଶ୍ରୀକ୍ଷେତ୍ରର ସୁରକ୍ଷା ସକାଶେ ମହାପ୍ରଭୁଙ୍କ ଆଜ୍ଞାରେ ମା' ସୁଭଦ୍ରା ନିଜ ଦିବ୍ୟ ଶରୀରରୁ ଆଉ ଏକ ମହାଶକ୍ତି ପ୍ରକଟ କଲେ। ସେହି ଶକ୍ତି ପ୍ରଳୟ ଜଳର ଅର୍ଦ୍ଧକ ଶୋଷି ନେଇ ଶ୍ରୀକ୍ଷେତ୍ରକୁ ସୁରକ୍ଷା କରିଥିଲେ। ସେହି ମହାଶକ୍ତି ଅର୍ଦ୍ଧାଶିନୀ ନାମରେ ଶ୍ରୀକ୍ଷେତ୍ରରେ ଅଦ୍ୟାବଧି ପୂଜା ପାଉଛନ୍ତି। କିମ୍ବଦନ୍ତୀ କହେ ମାଉସୀ ମା' କୈକେୟୀ ତ୍ରେତୟା ଯୁଗରେ ନିଜ ପୁତ୍ର ଭରତ ଅପେକ୍ଷା ଶ୍ରୀରାମଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ। ଶ୍ରୀରାମଙ୍କ ଅଯୋଧ୍ୟା ସିଂହାସନରେ ଅଭିଷେକ ହେବାକୁ ନ ଦେଇ ରାମଙ୍କୁ ଅରଣ୍ୟ ପଠେଇ ଦେଇଥିଲେ। ତଥାପି ଦେବକାର୍ଯ୍ୟ ସାଧନ ପାଇଁ ମିଥ୍ୟା ଅପବାଦ ସହ୍ୟ କରି ମଧ ଶ୍ରୀରାମଙ୍କ ପ୍ରତି ଅତୁଟ ସ୍ନେହ ରଖିଥିଲେ। ମାତା କୈକେୟୀଙ୍କର ରାମ ପ୍ରତି ଅନାବିଳ ପୁତ୍ର ସ୍ନେହ ଓ ମମତାର ପ୍ରତିଦାନ ସ୍ୱରୂପ ପ୍ରଭୁ ରାମଚନ୍ଦ୍ର ମାତା କୈକେୟୀଙ୍କୁ ବରଦାନ କରିଥିଲେ। ସେ ହିଁ ଦ୍ୱାପର ଯୁଗରେ ମାତା ଯଶୋଦା ରୂପରେ ଅବତୀର୍ଣ୍ଣ ହେବେ। ଭଗବାନ ଶ୍ରୀକୃଷ୍ଣଙ୍କୁ ଅତି ଆନନ୍ଦରେ ସର ଲବଣୀ ଖୁଆଇ ତୃପ୍ତ କରିବେ। କଳିଯୁଗରେ ସେହି ମା' ଅର୍ଦ୍ଧାଶିନୀ ଜଗନ୍ନାଥଙ୍କ ମାଉସୀ ମା' ରୂପେ ବଡଦାଣ୍ଡର ଠିକ୍ ମଧ୍ୟସ୍ଥଳୀରେ ଅବସ୍ଥିତ ରହି ସେ ପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ଫେରିବା ସମୟରେ ପୋଡ଼ପିଠା ଦେଇ ନିଜର ସନ୍ତାନ ବାତ୍ସଲ୍ୟତାର ପରିଚୟ ପ୍ରଦାନ କରିବେ। ଏହି କିମ୍ବଦନ୍ତୀ ଅନୁଯାୟୀ ପ୍ରଭୁଙ୍କ ରଥ ମାଉସୀ ମା'ଙ୍କ ଦେଉଳ ନିକଟରେ ପୋଡ଼ପିଠା ଗ୍ରହଣ କରିବା ସକାଶେ କାଳିଆ ଠାକୁର ଅଟକି ଯାଆନ୍ତି। ମାଉସୀ ମା' ମଧ ଅତି ଆତୁର ବେଗରେ ଅପେକ୍ଷା କରି ହାତରେ ପୋଡପିଠା ଥାଳି ନେଇ ଅନାଇ ବସିଥାନ୍ତି। ପ୍ରଭୁ ମଧ ମାଉସୀ ମା'ଙ୍କୁ ସାକ୍ଷାତ କରିବା ସାଙ୍ଗରେ ଫଳମୂଳ ମିଷ୍ଟାନ୍ନ ସହ ଭେଟି ଦେଇଥାଆନ୍ତି। ତିନିରଥ ଚାରିଠାକୁର ସେଠାରେ ମଣୋହି କରି ମାଉସୀ ମା'ଙ୍କ ଆତିଥ୍ୟ ସ୍ୱୀକାର କରି ପରମ ଆନନ୍ଦରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି।

ପୋଡ଼ପିଠା ପ୍ରସ୍ତୁତି ପ୍ରଣାଳୀ : ଅଟା, ଗୁଡ଼, ନଡ଼ିଆ, ଛେନା, କାଜୁ, ଅଳେଇଚ, ଲବଙ୍ଗ ଓ ଗୁଆଘିଅରେ ସବୁକୁ ଚକଟା ଯାଇ ବାମ୍ଫରେ ସିଝାଯାଏ। ଏହା ପରେ ତାକୁ ଖଣ୍ଡ ଖଣ୍ଡ କରି କଟାଯାଇ ଭଲ ଘିଅରେ ଛଣାଯାଏ। ମାଉସୀ ମା' ମନ୍ଦିର ସେବକମାନଙ୍କ ଦ୍ୱାରା ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ। ନୂଆ ମାଟିକୁଡୁଆରେ ପିଠାକୁ ରଥ ସମ୍ମୁଖକୁ ନିଆଯାଏ। ପୂଜା ପଣ୍ଡା ସେବକ ଶ୍ରୀଜଗନ୍ନାଥ ଶ୍ରୀ ବଳଭଦ୍ର ମା' ସୁଭଦ୍ରା ତିନି ରଥଙ୍କ ସମ୍ମୁଖରେ, ରଥଯାତ୍ରା ସାରି ଫେରିବା ସମୟରେ ଭୋଗ ଲଗାନ୍ତି।



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଅଞ୍ଚଳର ମୁସଲିମ କବ୍ରସ୍ତାନରେ ଅହମଦିୟା ମୁସଲିମ ଯୁବ ସଂଗଠନ ମଜଲିସ ଖୁଦାମୁଲ ଅହମଦିୟା ଆନୁକୂଲ୍ୟରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହେଲା। ଏହି କାର୍ଯ୍ୟକ୍ରମ ଯୁବ ସଂଗଠନର ଅଧ୍ୟକ୍ଷ ଶେଖ୍ ଜହୀରଙ୍କ ନିର୍ଦ୍ଦେଶନାରେ ଗଠିତ ହୋଇଥିଲା। ପ୍ରବଳ ବର୍ଷା ପରେ କବ୍ରସ୍ତାନ ଅଞ୍ଚଳରେ ବୃଦ୍ଧି ପାଇଥିବା ଅନାବଶ୍ୟକ ଗଛପତ୍ର ଓ ଝାଡ଼ି-ଜଙ୍ଗଲ ଯୋଗୁଁ ଦେଖିବାକୁ ମିଳୁଥିଲା ବିକରାଳ ଦୃଶ୍ୟ। ଏହା ଦ୍ୱାରା ଏଠାରେ ଯିବା ବାଟୋଇମାନେ ଭୟଭୀତ ହେଉଥିଲେ। ଯୁବ ସଂଗଠନର ସଦସ୍ୟମାନେ ସାର୍ବଜନୀନ ରାସ୍ତା ଓ କବ୍ରସ୍ତାନର ଆଖପାଖ ଅଞ୍ଚଳକୁ ସଫା କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅବସରରେ ସଂଗଠନର ପୂର୍ବ ଅଧ୍ୟକ୍ଷ ମହମୁଦ ଖାଁ ନେତୃତ୍ୱ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା ଜବାନ ତୋରାବ ଖାଁ, ମୌଲବୀ ମୁଜା଼ର ଖାଁ, ମୌଲବୀ ଜଲାଲ ଉଦ୍ଦିନ ଖାଁ, ଆସିଫ ଅଲୀ ଖାଁ, ସୋଲେମାନ୍ ଅହମଦ, ଓ୍ୱାହିଦ ଖାଁ, ଶେଖ୍ ୟୁସୁଫ, ମାଜ ଅହମଦ, ଶେଖ୍ ୟୁନୁସ, ଜକାତୁଲ୍ଲାହ ଖାଁ, ସାହିର ମହମ୍ମଦ, ବେସାରତ ଖାଁପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରଚେଷ୍ଟା ଗ୍ରାମୀଣ ସମାଜରେ ଏକ ସକାରାତ୍ମକ ସନ୍ଦେଶ ପଠାଇଛି ଯେ, ଧାର୍ମିକ ସ୍ଥାନମାନଙ୍କ ସମ୍ମାନ ଓ ସ୍ୱଚ୍ଛତା ପ୍ରତି ଆମ ନାଗରିକ ଦାୟିତ୍ୱ ଏବଂ ମାନବିକତାର ପ୍ରକାଶ ଅତି ଆବଶ୍ୟକ।



# ନିଲମ୍ବିତ ଯନ୍ତ୍ରୀଙ୍କୁ ୮ ପଞ୍ଚାୟତର ଦାୟିତ୍ୱ କାହିଁକି !

କୋରେଇ, (ଭାସ୍କର ନ୍ୟୁଜ): ସରକାର ପରିବର୍ତ୍ତନକୁ ବର୍ଷେ ପୁରିଥିବା ବେଳେ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି। ସେହି ପ୍ରକଳ୍ପଗୁଡ଼ିକୁ ତଦାରଖ କରିବାକୁ ବ୍ଲକରେ ମୋଟା ଅଙ୍କରେ ଦରମା ଦିଆଯାଇ ଯନ୍ତ୍ରୀମାନଙ୍କୁ ନିଯୁକ୍ତି କରାଯାଇଛି। ସେହିପରି କୋରେଇ ବ୍ଲକରେ ବର୍ତ୍ତମାନ ୮ଜଣ ଯନ୍ତ୍ରୀ ନିଯୁକ୍ତ ଅଛନ୍ତି। କିନ୍ତୁ ଦୁଃଖର କଥା ଯନ୍ତ୍ରୀମାନଙ୍କୁ ପଞ୍ଚାୟତ ବଣ୍ଟନରେ ସମାନତା ଦେଖିବାକୁ ମିଳୁନାହିଁ। ଅଭିଯୋଗ ହେଉଛି କି ଯେଉଁ ଯନ୍ତ୍ରୀ ଅଧିକ ମିଛ ବିଲ୍ କରିପାରିବ ତାକୁ ପୁରସ୍କାର ସ୍ୱରୂପ ଅଧିକ ପଞ୍ଚାୟତ ଦିଆଯାଉଛି। ସେଥିପାଇଁ କୁଆଡ଼େ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ରଙ୍କୁ ୮ ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି, ଯେ କି ଦୁର୍ନୀତି କରି କିଛିବର୍ଷ ହେବ ଏହି ବ୍ଲକରୁ ନିଲମ୍ବିତ ହୋଇଥିଲେ। ଏପରିକି ଏହି କରିତକର୍ମା ବାବୁଜଣକ କୋରେଇ ଭବନ ନିର୍ମାଣରେ ସର୍ବଗୀଳା ଠିକାଦାର ଶରତ ସାହୁ ସହ ମିଶି ଟ.୨୩,୬୩୬୨୧ ଲକ୍ଷ ଚଳୁ କରିଥିବା ଅଭିଯୋଗ ବି ହେଉଛି। ସେଥିପାଇଁ ଭବନର ଭାଗ୍ୟ ତଥା କୋରେଇର ଅସ୍ମିତା ଆଜି ବଣବୁଦାରେ ପରିପୂର୍ଣ୍ଣ। ଅପାରଗ ଠିକାଦାର




ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ପାଇଁ କୋରେଇ ଭବନ ଆଜି କୋରେଇ ବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ସରକାରୀ ଅର୍ଥ ଆତ୍ମସାତ କରିବାରେ ଉଭୟ ଠିକାଦାର ଯନ୍ତ୍ରୀ ଭାଗୀଦାର ବୋଲି ସାଧାରଣରେ ଅଭିଯୋଗ ହେଉଛି। ୨୦୧୮ରେ ଆରମ୍ଭ ହୋଇଥିବା ଭବନ ଏକବର୍ଷ ଅର୍ଥାତ୍ ୨୦୧୯ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଏଗ୍ରିମେଣ୍ଟରେ ଦର୍ଶାଯାଇଥିବା ବେଳେ ୨୦୨୫ ବିତିବାକୁ ଥିବାବେଳେ ମଧ ନିର୍ମାଣ କାର୍ଯ୍ୟ ସରିଲାନାହିଁ। ଯାହା କୋରେଇବାସୀଙ୍କ ପାଇଁ ପ୍ରତାରଣା ସଦୃଶ୍ୟ। ଏହି କାର୍ଯ୍ୟରେ ସର୍ବଗୀଳା ଠିକାଦାର ଓ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର ଅର୍ଥ ହଡ଼ପ କରିଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ବର୍ତ୍ତମାନର ବିଡ଼ିଓ ଅବନିକାନ୍ତ ସାହୁ ଠିକାଦାରଙ୍କୁ କୋରେଇ ଭବନ ସମ୍ବନ୍ଧୀୟ ୦୫/୦୧/୨୫ ଚିଠି ସଂଖ୍ୟା ୭୧ରେ କାରଣ ଦର୍ଶାଅ ନୋଟିସ୍ ଜାରି କଲା ପରେ ଅତି ସୁବିଧାଜନକ ଭାବରେ ୧୦ ମଇ ୨୦୨୫ରେ ମୁଁ କାର୍ଯ୍ୟ କରିପାରିବି ନାହିଁ ତେଣୁ ମୁଁ ଯେଉଁ କାର୍ଯ୍ୟ କରିଥିଲି ୪୩ ଲକ୍ଷରୁ ୨୩ ଲକ୍ଷ ଟଙ୍କା ବିଲ୍ ପାଇଛି ତେଣୁ ଏହି କାର୍ଯ୍ୟକୁ ଅନ୍ୟକୁ ଦିଆଯାଉ ବୋଲି ଠିକାଦାର ଦର୍ଶାଇଛନ୍ତି। ଜଣେ ଦୁର୍ନୀତିଖୋର୍ ଠିକାଦାର କାର୍ଯ୍ୟାଦେଶ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ନକରିବା ଏଗ୍ରିମେଣ୍ଟର ୭୦ ପ୍ରତିଶତ ବିଲ୍ ହାତେଇବା ଏକ ବଡ ଧରଣର ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ବ୍ଲକ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୁର୍ନୀତି ଖୋର ଯନ୍ତ୍ରୀ ଯେ କି କୋରେଇ ବ୍ଲକର ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହି କୋରେଇ ବ୍ଲକରୁ ନିଲମ୍ବିତ ହୋଇଥିଲେ ତାଙ୍କୁ ଏବେ ଏହି କୋରେଇ ବ୍ଲକରେ ବର୍ତ୍ତମାନ କାର୍ଯ୍ୟ କରିବା ଓ ଏକା ସାଙ୍ଗରେ ୮ ପଞ୍ଚାୟତ ଦାୟିତ୍ୱରେ ରଖାଯାଇଥିବା ବେଳେ ଅନ୍ୟ ଯନ୍ତ୍ରୀମାନଙ୍କୁ ମାତ୍ର ଗୋଟିଏ ଦୁଇଟି ପଞ୍ଚାୟତ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠେ ଏହି ବ୍ଲକରୁ ନିଲମ୍ବିତ ହୋଇଯାଇଥିବା ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ପୁରସ୍କାର ସ୍ୱରୂପ ଏକାବେଳକେ ୮ଟି ପଞ୍ଚାୟତ ଦିଆଯାଇଛି ନା ଯନ୍ତ୍ରୀ ଜଣକ ଭଲ କାମ ଜାଣିଛନ୍ତି ! ଶୁଣିବାକୁ ମିଳୁଛି କି ଯନ୍ତ୍ରୀ ଜଣକ ଦାୟିତ୍ୱରେ ଥିବା ପଞ୍ଚାୟତ ଗୁଡ଼ିକରେ ୨୦୨୪-୨୫ରେ ମନରେଗା କାର୍ଯ୍ୟରେ ବଡ଼ ଧରଣର ଦୁର୍ନୀତି ହୋଇଛି। ତେଣୁ ଜିଲ୍ଲାପାଳ ଓ ପଞ୍ଚାୟତ ରାଜ ବିଭାଗ ଏହାର ତଦନ୍ତ କରି ଦୁର୍ନୀତିଖୋର ଅଧିକାରୀଙ୍କ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ପୋଲ ମରାମତି କଲେ ଯୁବକ

ଉମରକୋଟ, (ଭାସ୍କର ନ୍ୟୁଜ): ବର୍ଷା ଦିନ ଆସିଲାଣି। ଅନେକ ଅଞ୍ଚଳରେ ସଡ଼କର ସମସ୍ୟା ଦେଖା ଦେଇଥାଏ। ଅନେକ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ଆଣ୍ଠୁଏ ପାଣି ଜମା ରହିବା ସହ କାଦୁଅ ପଚପଚରେ ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ନେତା, ମନ୍ତ୍ରୀ ନିଜର ଭୋଟବ୍ୟାଙ୍କ୍ ପାଇଁ ଲୋକଙ୍କୁ ଭୁଆଁ ବୁଲେଇ ଭୋଟ ଆଦାୟ କରିନିଅନ୍ତି। ଏଭଳି ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରୁ ରାଇଘରକୁ ସଂଯୋଗ କରୁଥିବା ଏକ ପୋଲ ଯାହାକି ଉମରକୋଟର ଆରଏମ୍‌ସି ନିକଟରେ ରହିଛି। ଏହି ପୋଲ ଉପରେ ଦିନକୁ ଶହଶହ ଯାନବାହାନ ଯାତାୟାତ କରୁଛି। ଏପରିକି ସରକାରୀ ବାବୁଙ୍କ ଠାରୁ ଆରମ୍ଭ କରି ନେତା, ମନ୍ତ୍ରୀଙ୍କ ଗାଡ଼ି ଏହି ପୋଲ ଉପରେ ଯାଉଛି। ବର୍ତ୍ତମାନ ଏହି



ପୋଲ ଉପରେ ବଡ଼ ବଡ଼ ଗର୍ତ୍ତ ହେଲାଣି, ଯାହାକି ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। କିନ୍ତୁ କୌଣସି ସରକାରୀ ବାବୁ କିମ୍ବା ନେତାମନ୍ତ୍ରୀଙ୍କ ଦୃଷ୍ଟି ଉକ୍ତ ଗର୍ତ୍ତ ଉପରେ ପଡୁନାହିଁ। ସମସ୍ତେ ନିଜନିଜ କାର୍ଯ୍ୟରେ ବ୍ୟସ୍ତ। କିନ୍ତୁ ପେସାରେ ଜଣେ ମିସ୍ତ୍ରୀ କିଛି ଲୋକଙ୍କ ସାହାଯ୍ୟ ନେଇଁ ନିଜସ୍ୱ ଖର୍ଚ୍ଚରେ ସେହି ପୋଲ ଉପରେ ଥିବା ଗର୍ତ୍ତ ଗୁଡ଼ିକରେ ଚିପ୍ସ, ବାଲି, ସିମେଣ୍ଟ ଦେଇ ମରାମତି କରିଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ମିସ୍ତ୍ରୀ କାମ କରି ନିଜର ଘର ଚଳାନ୍ତି କିନ୍ତୁ ଆଜି ନିଜ କାମ ବନ୍ଦ କରି ପୋଲରେ ଥିବା ଗର୍ତ୍ତଗୁଡ଼ିକର ମରାମତି କରିଥିଲେ। ଏହା ଦେଖି ଉମରକୋଟ ବାସୀ ବହୁତ ପ୍ରଶଂସା କରିଛନ୍ତି।

## ଗଡ଼ିଆରେ ପଡ଼ି ଶିଶୁପୁତ୍ର ମୃତ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ରାଇବଣିଆ ଥାନା ଅର୍ନ୍ତଗତ ଚମାରଗାଁ ପଞ୍ଚାୟତର ଚାଫଲା ଗ୍ରାମର ସପନ ଦାସଙ୍କ ୬ ବର୍ଷର ଶିଶୁପୁତ୍ର ଶନିବାର ତାଙ୍କ ଘର ପଛ ବାଡ଼ି ଗଡ଼ିଆରେ ପଡ଼ି ମୃତ୍ୟୁବରଣ କରିଛି। ସୂଚନା ଅନୁସାରେ ଶନିବାର ଅପରାହ୍ନ ସମୟରେ ସପନଦାସଙ୍କ ୬ ବର୍ଷର ଶିଶୁପୁତ୍ର ବାବୁ ଅପରାହ୍ନ ସମୟରୁ ଘରେ ଖେଳୁ ଥିଲେ। କିଛିସମୟ ପରେ ଘର ଲୋକ ତାଙ୍କୁ ଖୋଜା ଖୋଜି କରିଥିଲେ କିନ୍ତୁ ପାଇ ନ ଥିଲେ। ପରେ ଅପରାହ୍ନ ୫ ଘଟିକା ସମୟରେ ଘର ପଛରେ ଥିବା ଗଡ଼ିଆରେ ଭାସି ଥିଲେ। ଏହା ଦେଖି ଘର ଲୋକ ତାଙ୍କୁ ଉଦ୍ଧାର କରି ପିତା ସପନ ଏବଂ ଗ୍ରାମର ମନୋରଞ୍ଜନ ଦେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଲୋକଙ୍କ ନିଆରା ପ୍ରତିବାଦ

ମାଲକାନଗିରି, (ଭାସ୍କର ନ୍ୟୁଜ): ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ମାଲକାନଗିରି ପୌରାଞ୍ଚଳର ଏମଭି-୪୩ ଗ୍ରାମବାସୀଙ୍କର ନିଆରା ପ୍ରତିବାଦ। ପଙ୍କକାଦୁଅ ଭର୍ତ୍ତି ରାସ୍ତାରେ ମାଛ ଯାଆଁଳ ଛାଡିଲେ ଓ ଜାଲ ପକାଇ ମାଛ ଧରି ପ୍ରତିବାଦ କଲେ, ମାଲକାନଗିରି ଜିଲ୍ଲା ପୌରାଞ୍ଚଳର ପ୍ରମୁଖ ରାସ୍ତାରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ରିକ୍ଲାମେସନ କଲୋନୀ ଠାରୁ ଏମଭି-୪୩ ଗ୍ରାମ ପାଖାପାଖି ୩ କିମି ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ଗାତ ଥିବା ବେଳେ ବାରମ୍ବାର ଅଭିଯୋଗ ପରେ ମଧ୍ୟ



ପ୍ରଶାସନ ନଶୁଣିବାରୁ ଶେଷର ଏଭଳି ଏକ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଏହି ରାସ୍ତା ଦେଇ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଶହଶହ ଲୋକ ଯାତାୟାତ କରନ୍ତି। ବିଶେଷ କରି ପ୍ରତିଦିନ ଏହି ରାସ୍ତାରେ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଯାତାୟାତ କରୁଥିବା ବେଳେ ନାନା ସମସ୍ୟା ଭୋଗୁଛନ୍ତି। ଏପରିକି ଅନେକ ସମୟରେ ଦୁର୍ଘଟଣାର ଶିକାର ମଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି ଲୋକେ। ଯଦି ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ ନକରେ ତେବେ ବାଧ ହୋଇ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ମଦ କାରଖାନା ଉପରେ ଚଢ଼ାଉ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଅବକାରୀଥାନା ପକ୍ଷରୁ ବଡସାହି ଥାନା ଅଧୀନ ଯଦୁନାଥପୁର ଗ୍ରାମର ଜଙ୍ଗଲିଆ ଅଞ୍ଚଳରେ ଚାଲିଥିବା ଚୋରା ଦେଶମଦ କାରଖାନା ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି। ଯଦୁନାଥ ଅଞ୍ଚଳରେ ଚୋରାମଦ କାରଖାନା ଚାଲିଥିବାର ଖବରପାଇ ବେତନଟୀ ଅବକାରୀ ବିଭାଗ ଚଢାଉ କରିଥିଲେ। ଚଢାଉ ସମୟରେ ଚୋରାମଦ କାରଖାନା ଚଳାଉଥିବା ମଦମାଫିଆ ମାନେ ଘଟଣାସ୍ଥଳରୁ ମାରିଥିଲେ। ଘଟଣାସ୍ଥଳରୁ ୪୨୦୦ ଲିଟର ମହୁଲପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇ ଥିବା ୧୭୬ଲିଟର ରକ୍ଷାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡ଼ିକୁ ଭାଙ୍ଗିରୁଜି ନଷ୍ଟ କରି ଦିଆଯାଇଥିଲା।

## ଅଟୋ ଓଲଟି ଜଣେ ମୃତ, ତିନି ଗୁରୁତର



ଆସିକା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଥାନା ଢ଼ଉଗାଁ ନିକଟରେ ଭାରସାମ୍ୟ ହରାଇ ଓଲଟିଲା ଅଟୋ। ଜଣେ ମୃତ ଏବଂ ତିନି ଗୁରୁତର ଥିବା ବେଳେ ପାଞ୍ଚ ଜଣ ସାମାନ୍ୟ ଆହାତ ହୋଇଛନ୍ତି। ମୃତକ ଜଣକ ହେଲେ ମାଲୁଣି ଦାଶ। ସୂଚନା ଅନୁସାରେ ଶନିବାର ସକାଳୁ ୬ ଜଣ ବସିବା ଜାଗାରେ ୧୨ ଜଣ ମହିଳା ଶ୍ରମିକ ଗୋଟେ ଅଟୋ ମାଧ୍ୟମରେ କେନାଲ ସଫା କରିବାକୁ ସର୍ଦ୍ଧାପୁର ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମରରୁ ସୁନାମଇ ଗ୍ରାମକୁ ଯିବା ସମୟରେ ଢ଼ଉଗାଁ ଠାରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ସମସ୍ତ ଗୁରୁତର ଆହତଙ୍କୁମାନଙ୍କୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସଞ୍ଜୟ ପାତ୍ର ଓ ସର୍ଧାପୁର ସରପଞ୍ଚ ଦିଲ୍ଲୀପ ସାହୁଙ୍କ ସହଯୋଗରେ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ମାଧ୍ୟମରେ ପ୍ରଥମେ ଆସିକା ସବଡିଭିଜନ ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ଏମ୍‌କେସିଜି ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଞ୍ଚି ଶବକୁ ଜବଦ କରିବା ସହ ଘଟାଣର ତଦନ୍ତ କରୁଛି।

# ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ଖେଳୁଛନ୍ତି ମୀନ !

ନିମାପଡ଼ା,(ଭାସ୍କର ନ୍ୟୁଜ): ନିମାପଡ଼ା ଲଗାଣ ବର୍ଷାରେ ବେହାଲା ହୋଇପଡ଼ିଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା ପୁରୁଣା ବସ୍‌ଷ୍ଟାଣ୍ଡ୍ ନିକଟରେ ରାସ୍ତାରେ ଖେଳୁଛନ୍ତି ମୀନ। ଏହି ରାସ୍ତା ଦେଇ ଲୋକମାନେ ଯାତାୟତ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରାସ୍ତାରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏକ ବର୍ଷ ନପୁରୁଣୁ ଖାଲଖମା ସୃଷ୍ଟି ହେବା ସହ ରାସ୍ତା ଦବି ଯାଇଛି । ଏଠାରେ ପ୍ରଶାସନର ପାରିବା ପଣିଆ ପଦାରେ ପଡ଼ିଛି । ଅଧିକାରୀ ଯଦି ନିଷ୍ଠାର ସହକାରେ କାର୍ଯ୍ୟ କରୁଛନ୍ତି ଏପରି ଘଟିଲା କାହିଁକି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଲୋକ ଦେଖାଣିଆ ଭାବେ ଅଧିକାରୀ ଆବଶ୍ୟକ ନଥିବା ରାସ୍ତାରେ ବୁଲୁଥିବା ବେଳେ ମୁଖ୍ୟ ରାସ୍ତାରେ ଏପରି ଅବସ୍ଥା ତାହା ସାଧାରଣରେ ଅସନ୍ତୋଷ ବଢ଼ାଇଛି। ଏବେ ଲୋକମାନେ କୁହାକୁହି ହେଉଛନ୍ତି ନିମାପଡ଼ାରେ କେତେ ସ୍ୱଚ୍ଛତା ରହିଛି ତାହା ବାରି ହୋଇପଡୁଛୁ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଦୋଳବେଦୀ ଛକଠାରୁ ତଳଅଣିଆ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରାଯାଇ ଅଛି ।



ଅନେକ ସ୍ଥାନରେ ବ୍ୟତିକ୍ରମ ଥିବାବେଳେ ରାସ୍ତା ସମତଳ ନଥିବାରୁ ଜୟଶ୍ରୀ ଛକ ଠାରୁ ଆରମ୍ଭ କରି ରାସ୍ତାର ବିଭନ୍ନସ୍ଥାନରେ ପାଣି ଜମି ରାସ୍ତା ଦବିଯାଇଛି। ବିଶେଷକରି, ଦୋଳବେଦୀ ଛକଠାରେ ଦୁଇଫୁଟରୁ ଉର୍ଦ୍ଧ୍ୱ ପାଣି ଜମା ହୋଇଥିବା ବେଳେ ରାସ୍ତା ଖାଲଖମା ସୃଷ୍ଟି ହୋଇଛି। କେତେକ ସମୟରେ ପ୍ରଶାସନ ପକ୍ଷରୁ ପାଣି ପମ୍ପ ଦ୍ୱାରା ପାଣି ଶୁଖା ଯାଉଥିବା ବେଳେ ରାସ୍ତାର ଏପରି ଅବସ୍ଥା ବେହାଲ୍ ହୋଇପଡ଼ିଥିଲେ ମଧ୍ୟ କାହାର ନଜର ପଡୁ ନାହିଁ। ଅଧିକାରୀ ରାସ୍ତା ଯାଞ୍ଚ କରିଛନ୍ତି ନା ନାହିଁ ତାହା ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଳଅଣିଆ ଠାରୁ ଦୋଳବେଦୀ ପର୍ଯ୍ୟନ୍ତ ରାସ୍ତାର ସମତଳ ନଥିବା ବେଳେ ଉଚ୍ଚାନୀଚା ହୋଇ ରାସ୍ତା କରାଯାଇ ଥିବା ବେଳେ କେଉଁଠି ପିଚୁ ଦବି ଗଲାଣି ତ କେଉଁଠି ଢ଼ଳେଇ ରାସ୍ତା ଫାଟି ଗଲାଣି। ଏପରି କାହିଁକି ବୋଲି ଜନସାଧାରଣ ପ୍ରଶାସନକୁ ଦାୟୀ କରିଛନ୍ତି। ସରକାର କହୁଛନ୍ତି ଦୁର୍ନୀତି ହେବ ନାହିଁ। ମାତ୍ର ଏହି ରାସ୍ତାକୁ ଦେଖିଲେ ବାରି ହୋଇପଡୁଛି କିପରି ଦୁର୍ନୀତି ଘଟିଛି। ଏହି ଘଟଣା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ରାସ୍ତାକୁ ଉଚ୍ଚତା କରିବା ସହ ଦବି ଯାଇଥିବା ସ୍ଥାନରେ ପୁନର୍ବାର ରାସ୍ତା ନିର୍ମାଣ ପାଇଁ ଲୋକମାନଙ୍କ ପକ୍ଷରୁ ଦାବି ହୋଇଛି।

# ଦୁର୍ଦ୍ଦାନ୍ତ ମାଓବାଦୀ ବଦରୁ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ): ସୁରକ୍ଷାକର୍ମୀ କ୍ୟାମ୍ପ ଉପରେ ଆକ୍ରମଣ କରିବା ସହ ବିଭିନ୍ନ ମାଓ ହିଂସାକାଣ୍ଡରେ ଜଡିତ କୁଖ୍ୟାତ ୫ଲକ୍ଷ ଇନାମୀ ମାଓବାଦୀ ଗିରଫ। ସୂଚନା ଅନୁଯାଇ,ଛତିଶଗଡର ନାରାୟଣପୁର ଜିଲ୍ଲା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିବା ପରେ ଜିଲ୍ଲାର ଓରଛା ଥାନା ପୋଲିସ, ଡିଆରଜି, ଏବଂ ଆଇଟିବିପି ବାହିନୀ ମିଳିତ ଦଳ ଓରଛା ଥାନା ଅଞ୍ଚଳରେ ଗ୍ରାମବାସି ଭେଷଭୁଷାରେ ବୁଲୁଥିବା ମାଓବାଦୀକୁ ଗିରଫ କରିଥିଲେ। ଗିରଫ ମାଓବାଦୀ ଜଣକ ହେଲା ନେଲନାର ଏରିଆ କମିଟିର କୁଖ୍ୟାତ ୫ଲକ୍ଷ ଇନାମୀ ମାଓବାଦୀ ବଦରୁକୁ। ଗିରଫ ନେଲନାର ଏରିଆ କମିଟିର ମାଓବାଦୀ ବଦରୁ ୨୦୨୦ ଜୁଲାଇ ମାସ ୩ତାରିଖରେ ଆମଦେଇ ପାହାଡ଼ରେ ଥିବା ସୁରକ୍ଷାକର୍ମୀ କ୍ୟାମ୍ପ ଉପରେ ଆକ୍ରମଣ କରିବାରେ ଜଡିତ ଥିଲା ତା ସହ, ଆଇଇଡି ବିସ୍ଫୋରଣ କରିବା ସହ ଛୋଟେଡୋଙ୍ଗର ଥାନା ଅଞ୍ଚଳର କୋମଲ ମାଂଝିକୁ ହତ୍ୟା କରିବାର ମୁଖ୍ୟ ମାଷ୍ଟର ମାଇଣ୍ଡ ରହିଥିଲା। ବଦରୁ ମାଓ ସଂଗଠନରେ ଦୀର୍ଘ ବର୍ଷ ଧରି ସକ୍ରିୟ ରହି ବିଭିନ୍ନ ମାଓ ହିଂସାକାଣ୍ଡରେ ଜଡିତ ରହି ଥିବା ନାରାୟଣପୁର ପୁଲିସ ଠାରୁ ସୂଚନା ମିଳିଛି। ଗିରଫ ପରେ ମାଓବାଦୀ ବଦରୁକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ପାଇଁ ଦାବି

# ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଦାବି

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନମୌଜା ଅଞ୍ଚଳରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ସଦର ମହକୁମାଠାରୁ ୮ କିମି ଦୂରରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ନମୌଜା ଅଞ୍ଚଳରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ଅତି ଜରୁରୀ ଅବସ୍ଥାରେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ଏଠାରେ ଏକ ନିତିଦିନିଆ ଘଟଣା। ଯାହାଫଳରେ ଅନଭିଜ୍ଞ ଓ ଡାକ୍ତରୀ ଶିକ୍ଷା ନଥିବା ବ୍ୟକ୍ତି (କ୍ୱାକ) ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାକାର ସାଧାରଣ ଲୋକ ଦୀର୍ଘଦିନ ହେବ ଏହି ସମସ୍ୟା ନେଇ ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ମାନଙ୍କୁ ବାରମ୍ବାର ଦାବି କରିବା ସହିତ ୨୦୧୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ମୁଖ୍ୟ ଚିକିତ୍ସା ଅଧିକାରୀ ଆଦିଙ୍କୁ ଭେଟି ଲିଖିତ ପତ୍ର ମାଧ୍ୟମରେ ଜଣାଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଇତିମଧ୍ୟରେ ଅଭିଯୋଗର ୭ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ ନମୌଜା ଅଞ୍ଚଳର ବେଲ୍ଡା, ବଡାମ୍ବିଳା, କଳଦିଆ, ସାହୁପଡ଼ା, ଦଶିପୁର, ଅଟାଳ, ଧନେଶ୍ୱରପୁର, ଗଭାଡ଼ିଆ, ଅରେହିକଣା, ନୂଆଗାଁ, ରମ୍ବିଳା, ବାଲିଅଡା ଆଦି ଗ୍ରାମର ହଜାର ହଜାର ଲୋକ ସ୍ୱାସ୍ଥ୍ୟକେନ୍ଦ୍ରଟିଏ ପାଇଁ ଚାତକ ପରି ଚାହିଁ ବସିଛନ୍ତି। ଦୀର୍ଘଦିନ ପରେ ପୁଣିଥରେ ଅଞ୍ଚଳବାସୀମାନେ ସରକାର ପରିବର୍ତ୍ତନ ପରେ ନୂତନ ସରକାରଙ୍କୁ ନେଇ ଆଶା ପ୍ରକଟ କରିବା ସହ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇବା ସହ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ଜଣାଇବେ ବୋଲି ନମୌଜା ଅଞ୍ଚଳର ଚକ୍ରଧର ଦାଶ, ଅକ୍ଷୟ କୁମାର ଦାସ, ବୀରେନ୍ଦ୍ର କୁମାର ପଣ୍ଡା, ଅମୁଲ୍ୟ ଚରଣ ରାଉତ, ମଧୁସୂଦନ ଦାସ, ବିନୋଦ ଚନ୍ଦ୍ର ଦାସ, ନିରଞ୍ଜନ ଦାଶ, ମନୋଜା ମହାନ୍ତି, ପ୍ରଭାତ ଦାସ, କ୍ଷୀରୋଦ ମହାନ୍ତି ଓ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଦର୍ଶାଇଥିଲେ। ଏନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରଣବ ଶୁକ୍ଳାଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏନେଇ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନମୌଜାର ନୂଆଗାଁ ହନୁମାନ ଛକ ନିକଟରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ର କାର୍ଯ୍ୟ ଚାଲୁଅଛି। କାର୍ଯ୍ୟ ସରିଲା ପରେ ଏହାକୁ କାର୍ଯ୍ୟକାରି କରାଯିବ।

# ପଶୁ ଚିକିତ୍ସା ଶିବିର

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଶନିବାର ଦିନ ସକାଳ ୮ଟା ସମୟରେ ନାଣ୍ଟିମପୁର ଠାରେ ସତ୍ୟସାଇ ବାବାଙ୍କ ଦିବ୍ୟ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଶିବିରରେ ଗାଈ, ଛେଳି ଓ ବାଛୁରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଇଞ୍ଜେକ୍ସନ ଓ ଭିଟାମିନ ବିତରଣ କରାଯାଇଥିଲା। ଜଳେଶ୍ୱର ପଶୁ ଚିକିତ୍ସା କେନ୍ଦ୍ରର ପଶୁ ଚିକିତ୍ସକ ଶତ୍ରୁଘ୍ନ ସିଂ ଓ ସୁଖଦେବ ସିଂ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଦିବ୍ୟ କାର୍ଯ୍ୟକ୍ରମକୁ ଜଳେଶ୍ୱର ସତ୍ୟସାଇ ସମିତିର ଆବାହକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପୂର୍ବତନ ଆବାହକ ରାମଚନ୍ଦ୍ର ସାହୁ, ସେବା ସଂଯୋଜକ ପ୍ରଦୀପ କୁମାର ଜେନା, ସାଇଆଶ୍ରିତ ସଞ୍ଜୟ ପ୍ରଧାନ, ରମାକାନ୍ତ ନନ୍ଦୀ, ମଧୁସୂଦନ ମହାନ୍ତି, ସୁଦାମ ପାତ୍ର, ଅଜିତ ଭାଇ ଓ ୱାର୍ଡ ସଭ୍ୟ ବଂଶୀଧର ପ୍ରଧାନ ପରିଚାଳନା କରିଥିଲେ।

## ଦୁଇ ହାଇୱା ଧକ୍କା, ଅଳ୍ପକେ ବର୍ତ୍ତିଲେ ଚାଳକ

ନିଆଳୀ, (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ଦେବୀକନ୍ଦଳ ଦିପଅଞ୍ଚଳରୁ ଗତକାଲି ରାତିରେ ବାଲି ବୋଝେଇ ହାଇୱା ଅଡଶପୁର ଅଭିମୁଖେ ଯାଉଥିବାବେଳେ ଅପରପକ୍ଷରୁ ମାଟି ବୋଝେଇ ହାଇୱା ଦିପାଅଞ୍ଚଳକୁ ଆସୁଥିବା ବେଳେ ପୋଲିସ କିମ୍ବା ଖଣିବିଭାଗ ଗୋଡ଼େଇବାରୁ ଉଭୟ ଉଭୟଙ୍କୁ ଧକ୍କା ଦେଇଥିଲେ। ଫଳରେ ବାଲିବୋଝେଇ ହାଇୱାଟି ପତ୍ରକଣା, ଅଲିଙ୍ଗୀ ଛକରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ନୂଆ ବାରିକେଡ଼ ଭାଙ୍ଗି ଡିମିରି କସର୍ଦା କେନାଲରେ ପଲଟିଥିଲା। ଯାହାଫଳରେ ଅଳ୍ପକେ ଡ୍ରାଇଭର ବର୍ତ୍ତିଯାଇଥିଲେ। ଏଠାରେ ସୂଚନା ଥାଉକି ପ୍ରତ୍ୟେକ ଦିନ ଦିପଅଞ୍ଚଳରୁ ବାଲି ଚୋରାଚାଲାଣ କରାଯାଉଥିବାରୁ ଦ୍ରୁତ ଗତିରେ ଗାଡିଗୁଡ଼ିକ ଯାତାୟତ କରୁଛନ୍ତି। ଯାହାଫଳରେ ଅଞ୍ଚଳବାସି ସୁରକ୍ଷିତ ନୁହନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଶୁକ୍ରବାର ରାତିରେ ଦେଖିବାକୁ ମିଳିଛି। ହାଇୱା ପଲଟି ଭାଙ୍ଗିଥିବା ଲୁହା ବାରିକେଡ଼ ଅଂଶକୁ ସ୍ଥାନୀୟ ଅଞ୍ଚଳବାସୀ ନେଇଯାଇଥିବା ବେଳେ ପୂର୍ତ୍ତ ବିଭାଗ ଜେଇ ପ୍ରେମଲତା ଦାସଙ୍କ ଉତ୍ତର ଥାନାରେ ଅଭିଯୋଗ ଦିଆଯିବ।

## ବିଦ୍ୟୁତ୍ ଆଘାତରେ ପୁଅ ମୃତ, ମାଆ ଗୁରୁତର

ଧର୍ମଶାଳା, (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ଜଣେ ନାବାଳକଙ୍କ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛି। ପ୍ରକାଶଯୋଗ୍ୟ ଯେ, ଅଭୟପୁର ପଞ୍ଚାୟତ ଅଚ୍ୟୁତପୁର ଗ୍ରାମର ପ୍ରଭାସ କୁମାର ସାହୁଙ୍କ ପତ୍ନୀ ଅଞ୍ଜନା ସାହୁ (୪୭) ଶନିବାର ସକାଳୁ ଘରେ ବିଦ୍ୟୁତ୍ ନଥିବାରୁ ତାଙ୍କ ଛାତ ଉପରକୁ ଯାଇ ଘରକୁ ସଂଯୋଗ କରୁଥିବା ବିଦ୍ୟୁତ୍ ତାରକୁ ଏକ ବାଉଁଶ ବାଡ଼ିରେ ବାଡ଼େଇବା ବେଳେ ତଳେ ପଡ଼ିଯାଇଥିଲେ। ପୁଅ ଓମ୍‌ପ୍ରକାଶ ସାହୁ (୧୭ବର୍ଷ) ମାଆକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ପକ୍ଷରୁ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିଲା। ଓମ୍‌ପ୍ରକାଶ ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମା' ଅଞ୍ଜନା ପ୍ରାଥମିକ ଚିକିତ୍ସାପରେ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି। ପ୍ରଭାସଙ୍କର ଓମ୍ ପ୍ରକାଶ ଏକମାତ୍ର ପୁତ୍ର। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଲଗାଣ ବର୍ଷା ଧୋଇ ଦେବ ଆତରା ତଳି

# ମାଗଣା ବିହନ ଯୋଗାଇ ଦେବାକୁ ଦାବି



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଧିକାଂଶ ପଞ୍ଚାୟତ ଖରିଫ୍ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଖରିଫ୍ ଧାନରୁ ସେମାନେ ନିଜର ଅତ୍ୟାବଶ୍ୟକ ଗୁଜୁରାଣ ମେଣ୍ଟାଇବା ସହିତ ଝିଅ ବାହାଘର ମଧ୍ୟ କରିଥାନ୍ତି। ମାତ୍ର ଚଳିତ ବର୍ଷ ପାଗର ପ୍ରତିକୂଳ ଅବସ୍ଥା ପାଇଁ ଚାଷୀମାନେ ବତୁରି ତଳା ପକାଇବା ସମ୍ଭବ ହୋଇ ପାରିନଥିଲା। ରଜ ପରେ ସାମାନ୍ୟ ବର୍ଷା ହେବାରୁ ଚାଷୀମାନେ ବିହନ କିଣି ଆତରା ତଳା ପକାଇଥିଲେ। ଗତ ୨୩ ତାରିଖ ଠାରୁ ୨୮ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣ ବର୍ଷା ହେଉଥିବାରୁ ଆତରା ତଳି ବିଲ ବର୍ଷା ପାଣିରେ ଉଛୁଳି ପଡ଼ିଛି। ଦେଖିଲା ଯେପରି ବନ୍ୟା ପରି ଲାଗୁଛି। ପାଣିପାଗ ସୂଚନା ଅନୁସାରେ ଆଗାମୀ ୨ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗିରହିବ ବୋଲି ଜଣା ପଡ଼ିଛି। ଏପରି ବର୍ଷା ହେଲେ ଆତରା ତଳି ନିଶ୍ଚିତ ସମ୍ପୂର୍ଣ୍ଣ ନଷ୍ଟ ହେବ। ଚାଷୀ ତରତର ବଣିଜ ମଠ କଥାରେ ଚାଷୀମାନେ ଚାଷ କରିବା ପାଇଁ ତରବରିଆ ଭାବରେ ଆତରା ତଳା ପକାଇଥିଲେ। ମାତ୍ର ପ୍ରକୃତି ସେମାନଙ୍କ ପାଇଁ ଦାଉ ସାଜିଛି। ଯାହାଫଳରେ ଚାଷୀମାନେ ଆଗକୁ ପୁଣି ବିହନ କିଣି ଆତରା ପକାଇବା କଷ୍ଟକର ହୋଇପଡ଼ିବ। ଯେଉଁଥି ପାଇଁ ଚାଷୀକୂଳ ଚିନ୍ତାରେ ପଡ଼ିଯାଇଛି। ଅଧିକ ଅମଳ ପାଇଁ ଚାଷୀ ସରକାରୀ ମୂଲ୍ୟରେ ବିହନ କିଣି ତଳି ପକାଇଥିଲା। ଯଦି ଆତରା ତଳି ନଷ୍ଟ ହେଉଛି ତା'ହେଲେ ଚାଷୀ ପୁଣି ଅଧିକ ମୂଲ୍ୟରେ ବିହନ କିଣିବାକୁ ସକ୍ଷମ ହୋଇ ପାରିବ ନାହିଁ। ଧାନ ତଳି ପକାଇବା ଆରମ୍ଭରୁ ଏପରି ପରିସ୍ଥିତି ସୃଷ୍ଟି ହେବା ଚଳିତବର୍ଷ ଖରିଫ୍ ଚାଷ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଆଲୋଚନା ହେଉଛି। ଚଳିତ ବର୍ଷ ୨୦ହଜାର ୫୬୦ ହେକ୍ଟର ଜମିରେ ଖରିଫ୍ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥି ପାଇଁ ୧୫୦୦ ହେକ୍ଟର ଜମିରେ ଧାନ ତଳି ପଡ଼ିବାକୁ ଥିଲାବେଳେ ୫ ହଜାର ହେକ୍ଟର ଜମିରେ ବୁଣା ଧାନ ହେବାକୁ ଲକ୍ଷ୍ୟ ରଖାଯାଇ ଥିଲା। ତେବେ ବତୁରି ତଳି ପଡ଼ିବା ସମ୍ଭବ ହୋଇପାରିଲା ନାହିଁ। ଯାହାଫଳରେ ଚାଷୀ ମାନେ ବାଧହୋଇ ଆତରାତଳା ପକା ଭରସା ରଖିଥିଲେ। ଆତରା ତଳା ନଷ୍ଟ ହେବାରୁ ଚାଷୀ ଚିନ୍ତାରେ ପଡ଼ିଛି। ତେବେ ସରକାର ଚାଷୀ ମାନଙ୍କୁ ମାଗଣାରେ ବିହନ ଯୋଗାଇ ଦେବାକୁ ଚାଷୀଙ୍କ ମହଲରୁ ଦାବି କରାଯାଇଛି।

# ହଜିଯାଇଛି ପ୍ରଭୁ ପତିତପାବନ ଦେବଙ୍କ ପୂର୍ବ ପରମ୍ପରା ଓ ନୀତି

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ପୂର୍ବ ପରମ୍ପରା ବୁଡ଼ି ଯାଇଥିବା ବେଳେ ତାହାକୁ ନେଇ ଅନେକ ଠାକୁର ପ୍ରେମୀଙ୍କ ମନରେ କୁଠାରାଘାତ ହୋଇଛି। ପୂର୍ବ ପରମ୍ପରା ବେଳକୁ ବେଳ ଲୋପ ପାଉଥିବା ବେଳେ କ'ଣ ପାଇଁ ପତିତପାବନ ଦେବଙ୍କର ନୀତିକାନ୍ତିରେ ବିଭ୍ରାଟ ହେଉଛି ତାହା ସାଧାରଣରେ ଅସନ୍ତୋଷ ପ୍ରକଟ କରିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ କେନ୍ଦେରା ପୋଖରୀ ଉପରେ ପ୍ରଭୁ ପତିତପାବନ ଦେବ ଏକ ଜରାଜୀର୍ଣ୍ଣ ଘରେ ରହିଥିବା ବେଳେ ପୂର୍ବଜ ରାଜାଙ୍କର ବ୍ୟାଧି ହେବାରୁ ରାଜବୈଦ୍ୟ ଫେଲ୍ ମାରିଥିଲେ। ପତିତପାବନ ଦେବଙ୍କ ନିକଟରେ ଅଧିଆ ପଡ଼ି ରାଜା ଆରୋଗ୍ୟ ହେବା ପରେ ନିମାପଡ଼ା ମୁଖ୍ୟ ବଜାର ନିକଟରେ ଏକ ମନ୍ଦିର ତୋଳାଇ ପତିତପାବନ ଦେବଙ୍କ ପ୍ରତିଷ୍ଠା କରିବା ସହ ସମ୍ମୁଖ ଭାଗରେ ଥିବା ହାଟସାହିକୁ ପତିତପାବନ ପାଟଣା ନାମରେ ନାମିତ କରିଛନ୍ତି। ପୂର୍ବତନରାଜା ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନୀତିକାନ୍ତି ସହ ପତିତପାବନ ଦେବଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ। ମାତ୍ର ଦୀର୍ଘବର୍ଷ ହେବ ଏହି ପରମ୍ପରା ବନ୍ଦ ହୋଇଥିବା ବେଳେ ମନ୍ଦିର ଭିତରେ ଅଣସର ଘର ଓ ନବ ଯୌବନ ଦର୍ଶନ ଠାକୁରଙ୍କର ନୀତିକାନ୍ତି ହେଉଛି। ପୂର୍ବରୁ ପତିତପାବନ ଦେବ ରଥାରୂଢ଼ ହୋଇ ଗୁଣ୍ଡିଚାବାଡ଼ିକୁ ଗୁଣ୍ଡିଚା ମନ୍ଦିରରେ ବିଜେ କରନ୍ତି। ଭକ୍ତମାନେ ପତିତପାବନ ପାଟଣା ଠାରୁ ରଥକୁ ଟାଣି ଗୁଣ୍ଡିଚାବାଡ଼ି ପର୍ଯ୍ୟନ୍ତ ନେଇଯା'ନ୍ତି। ଯାହାକି ପୂର୍ବ ରାଜାଙ୍କ ଅମଳରୁ ଗୁଣ୍ଡିଚାବାଡ଼ି ନାମରେ ନାମିତ ହୋଇଛି । ମାତ୍ର ନିମାପଡ଼ା ମେଡ଼ିକାଲ ଛକ ନିକଟରେ ଥିବା ଗୁଣ୍ଡିଚାବାଡ଼ି ଜମିକୁ ବିକ୍ରି କରାଯାଇଥିବା ବେଳେ ଆଉ ରଥଯାତ୍ରା ହୋଇପାରୁ ନାହିଁ। ଯାହାକି ପୂର୍ବତନ ରାଜା ଖଞ୍ଜି ଥିବା ନୀତିକାନ୍ତି ସବୁ ବିଲୁପ୍ତ ହୋଇ ଯାଉଛି। ଆଉ ରଥଯାତ୍ରା ହେଉ ନଥିବା ବେଳେ ପତିତପାବନ ଦେବଙ୍କ ମନ୍ଦିରରେ ନୀତିକାନ୍ତ ହେଉଛି। ଯାହାପାଇଁ ଅନେକ ବ୍ୟକ୍ତି ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । କ'ଣ ପାଇଁ ଠାକୁରଙ୍କର ପରମ୍ପରା ବୁଡ଼ି ଯାଇଛି। ପ୍ରତ୍ୟେକ ବର୍ଷ ସୁନାବେଶ ଦିନ ଠାକୁର ୧୭ କେଜି ଓଜନର ସୁନା ଆବରଣ କରନ୍ତି। ସବୁ ସଠିକ୍ ଚାଲିଥିବା ବେଳେ ଗୁଣ୍ଡିଚାବାଡ଼ି ସମ୍ପତ୍ତିକୁ କିଏ ବିକିଲା ତାହା ଏବେ ବଡ଼ ସମସ୍ୟା ଠିଆ କରିଛି । ଉପଖଣ୍ଡ ଅଞ୍ଚଳରେ ନିମାପଡ଼ା ପତିତପାବନ ଦେବଙ୍କର ରଥଯାତ୍ରା ଏକ ବିଚିତ୍ର ଲୀଳା। ପତିତପାବନ ଦେବଙ୍କର ଅଗାଢ଼ ମହିମା ଥିଲେ ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ମୁଣ୍ଡିଆ ମାରି ଗଲେ କାର୍ଯ୍ୟ ସିଦ୍ଧି ହୁଏ ବୋଲି କିମ୍ବଦନ୍ତୀ ରହିଛି। ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ଏ ଦିଗରେ ଦୃଷ୍ଟିଦେଇ ପୂର୍ବ ପରମ୍ପରାକୁ ଫେରାଇ ଆଣିବାପାଇଁ ଦାବି ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କଲ୍ୟାଣସିଂପୁର (ଭାସ୍କର ନ୍ୟୁଜ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ନିଶାଦ୍ରବ୍ୟ ସେବନ ତଥା ଅବୈଧ ନିଶା ଦ୍ରବ୍ୟ କାରବାର ବିରୋଧୀ ଆନ୍ତର୍ଜାତିକ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅବସରପ୍ରାପ୍ତ ପ୍ରାଧାପକ ଡ଼. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହ ଅବକାରୀ ଅଧିକ୍ଷକ, ଶ୍ରୀ ସନ୍ତୋଷ କୁମାର ଧଳସାମନ୍ତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପ-ନିର୍ଦ୍ଦେଶକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ରାୟଗଡ଼, ଶ୍ରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀ ଭଜନଲାଲ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନସ୍ତାତ୍ତ୍ୱିକବିତ, ଡ଼. ରାକେଶ ରଞ୍ଜନ ପାଢୀ ଓ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚାସୀନ ଥିଲେ । ସମସ୍ତ ଅତିଥି ବୃନ୍ଦ ସମୃଦ୍ଧ ଓଡିଶା ସୁସ୍ଥ ଓଡିଶା ଗଠନ ନିମନ୍ତେ ନିଶାମୁକ୍ତ ରହିବାର ବାର୍ତ୍ତା ଦେବା ସହ ଏହାର କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ସକାଳ ନଅ ଘଟିକା ସମୟରେ ହାତରେ ସ୍ଲୋଗାନ ଓ ପ୍ରଚାରପତ୍ର ଧରି ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଯାହା ଆରକ୍ଷୀ ଅଧିକ୍ଷକ, ସ୍ୱାତି ଏସ କୁମାର ଓ ଅତିରିକ୍ତ ଜିଲ୍ଲାପାଳ, ନବୀନ ଚନ୍ଦ୍ର ନାୟକ ଶୁଭାରମ୍ଭ କରିବା ସହ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଏହି ଶୋଭାଯାତ୍ରାରେ ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ଅବକାରୀ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅନ୍ୟ ବିଭାଗୀୟ କର୍ମକର୍ତ୍ତା ତଥା ଜନସାଧାରଣ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସୂତାରୁ ରୂପେ ପରିଚାଳନା କରିଥିଲେ ।

## ସମ୍ବିଧାନ ହତ୍ୟା ଦିବସ ପାଳିତ

ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଗୁଳିପାଟଣା ସ୍ଥିତ ବାବା ବୈଦେନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜୁନ ୨୬ ତାରିଖ ଦିନ ଉମରକୋଟ ନାଗରିକ ମଞ୍ଚ ତରଫରୁ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଛି । କଂଗ୍ରେସ ସରକାରଙ୍କ ଆପାତ କାଳ ଘୋଷଣା ଦିନକୁ ସମ୍ବିଧାନ ହତ୍ୟା ବା କଳା ଦିବସ ରୂପେ ପାଳନ କରାଯାଇଛି । ଯେଉଁ ଲୋକମାନେ ଏହି ଦେଶର ସମ୍ବିଧାନର ଗାରିମା ପ୍ରତି ସମର୍ପିତ ହୋଇ ଏହି ଦିନରେ କଂଗ୍ରେସ ସରକାରଙ୍କ ବିରୋଧରେ ଆନ୍ଦୋଳନ ଆହ୍ୱାନ କରି କାରବରଣ ହୋଇଥିଲେ । ଏହି ସମୟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ସଂଗ୍ରାମୀ ଏହାର ପ୍ରତିବାଦ କରି ଜେଲ ଦଣ୍ଡ ଭୋଗୀଥିଲେ । ସେମାନଙ୍କ ମଧ୍ୟରୁ ଉମରକୋଟ ଅଞ୍ଚଳର ଜଣେ ଜଣାଶୁଣା ସଂଗ୍ରାମୀ ବ୍ୟକ୍ତି ତଥା ବରିଷ୍ଠ ଆଇନଜୀବୀ ଜୟଦେବ ପରିଡ଼ା ୨୮ ବର୍ଷ ବୟସରେ ୧୯୭୫ ମସିହାରେ ଏହି ଆନ୍ଦୋଳନରେ ସାମିଲ ହୋଇ ୧୮ ମାସ କାଳ ଜେଲ ଦଣ୍ଡ ଭୋଗିଥିଲେ । କେନ୍ଦ୍ରରେ ପୂର୍ବ ସରକାରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧିନ କଂଗ୍ରେସ ସରକାର ୨୫ ଜୁନ ୧୯୭୫ରେ ଭାରତୀୟ ଲୋକତନ୍ତ୍ରରେ ଯେଉଁ କଳଙ୍କ ଲଗାଇଥିଲା, ଭାରତର ସମ୍ବିଧାନର ନିୟମାବଳିକୁ ଉଲଘଂନ କରି ଲୋକତନ୍ତ୍ରର ସମ୍ପୂର୍ଣ୍ଣ ଧ୍ୱଜିଆ ଉଡାଯାଇଥିଲା । ଶାସନ କରିବା ମନସା ଏବଂ ପରବର୍ତ୍ତି ସମୟରେ ନିର୍ବାଚନ ହାରିବା ଭୟରେ କଂଗ୍ରେସ ସରକାର ଯେଉଁ ଆପାତକାଳ ଘୋଷଣା କରି ଯେଉଁ କଳଙ୍କ ଲଗାଇଥିଲା ତାକୁ କେବେ ମଧ ଭୁଲା ଯାଇପାରିବ ନାହିଁ । କଂଗ୍ରେସ ସରକାର ଭାରତୀୟ ଲୋକତନ୍ତ୍ର




ବ୍ୟବସ୍ଥା ରେ ଯେଉଁ ଭୁଲ କରିଛି ସମସ୍ତ ନାଗରିକ ଜନ ସାଧାରଣ ଏ ବିଷୟରେ ଜାଣିବା ଉଚିତ ବୋଲି ଆଜି ଏହି ଦିନକୁ କଳା ଦିବସ ରୂପେ ପାଳନ କରାଯାଇଛି । ଏହି ଅଭୁଲା ଦିନକୁ ମନେ ପକାଇ ଉମରକୋଟ ନାଗରିକ ମଞ୍ଚ ଶ୍ରୀ ପରିଡାଙ୍କୁ ସମ୍ବର୍ଦ୍ଧନାଙ୍କୁ ଜଣାଇ ତାଙ୍କୁ ଉପଢୌକନ ଦେଇ ସମ୍ମାନ ଜଣାଇଥିଲେ ଏବଂ ତାଙ୍କ ହସ୍ତରେ କିଛି ଚାରାରୋପଣ କରାଇଥିଲେ । ଏହି ସମୟକୁ ମନେ ପକାଇ ନିଜ ଜୀବନରେ ଘଟିଥିବା ଦିନକୁ ନିଜ ଭାଷଣରେ ବଖାଣିଥିଲେ । ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ସଂଗ୍ରାମୀ, ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ଜୟଦେବ ପରିଡା, ଅବସର ପ୍ରାପ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼କ୍ଟର ସୁରନ୍ଦ୍ରନାଥ ପରିଡା, ସାଂସଦ ପ୍ରତିନିଧି ରାମ ନାୟକ, ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଶ୍ରୀନିବାସ ପଟ୍ଟନାୟକ ଓ ଉମରକୋଟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ମହିଳା ଓ ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ । ସଭା ଶେଷରେ ଗଣେଶ ରଣା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା କାର୍ଯ୍ୟ ଶେଷ କରିଥିଲେ ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ

ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାପାଳଙ୍କ ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ସୁବା ଚନ୍ଦ୍ର ରଇତଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟୀ ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସିଡିଏମ୍‌ଓ ଡଃ ମନୋଜ କୁମାର ସାହୁ , ଆଞ୍ଚଳିକ ପରିବହନ ଅଧିକାରୀ ମାନସିଂ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଜିଲ୍ଲାରେ ଦୁର୍ଘଟଣାରେ ବହୁ ଅମୂଲ୍ୟ ଜୀବନ ଚାଲିଯାଉଛି । ଏଥିପାଇଁ ଆମକୁ ସଚେତନ ହେବା ସହିତ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ବୈଠକରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଗଲା ଯେ ଆଗାମୀ ଦିନରେ ହେଲମେଟ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତି ରବିବାର ଏବଂ ବୁଧବାର ଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) କଡ଼ାକଡ଼ି କରାଯିବ । ଏହାକୁ ସମସ୍ତ ବିଡ଼ିଓ ତହସିଲଦାର ଓ ଆର୍ ଟି ଓ ତଦାରଖ କରିବେ । ନାବାଳକ ଏବଂ ମଦ୍ୟପ ଗାଡିଚାଳକମାନଙ୍କ ଉପରେ ବିଶେଷ ନଜର ରଖାଯିବ । ଆର୍ ଟି ଓ, ପୋଲିସ୍ ବିଭାଗ ଓ ଅବକାରୀ ବିଭାଗ ଅନେକ ସମୟରେ ମିଳିତ ଭାବରେ ଗାଡ଼ି ଚେକିଙ୍ଗ କରିବେ ।ବର୍ଷାଦିନ ଆସି ଯାଇଥିବାରୁ ସବୁ ନାଳ ନର୍ଦ୍ଦମା ସଫା ହେବା ସହ ସବୁ ପଟ୍ ହୋଲ୍ ମରାମତି ହେବ । ଏନ୍ ଏଚ୍ କଡରେ ନୂତନ ପେଭର ବ୍ଲକ ସବୁ ଲାଗିବ କ୍ଷବିକୁ ଏକ୍ସପ୍ରେସ ୱେ ରେ ଯେଉଁ ଜାଗା ମାନଙ୍କୁ ବେଶୀ ଦୁର୍ଘଟଣା ହେଇଛି ସେଇଠି ଜନ ସଚେତନତା ସୃଷ୍ଟି କରାଯିବା ସହିତ ସାଇନେଜ୍ ଲଗାଯିବ । ରାସ୍ତା କଡ ସ୍କୁଲ ମାନଙ୍କରେ ପିଲା ମାନଙ୍କୁ ବିଶେଷ ଭାବରେ ସଚେତନ କରାଯିବ । ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ନିଜ ଅଫିସ୍ ର କର୍ମଚାରୀ ମାନଙ୍କୁ ହେଲମେଟ



ପିନ୍ଧି ଆସିବା ନିଶ୍ଚିତ କରିବେ । ୨୦୨୫ ବର୍ଷରେ ଏ ପର୍ଯ୍ୟନ୍ତ ୮୪ ଜଣ ମଦ୍ୟପ ଗାଡ଼ି ଚାଳକ ଏବଂ ବିନା ହେଲମେଟ ରେ ଦୁଇଚକିଆ ଯାନ ଚଳାଇବା ପାଇଁ ୨୧୭୨ ଟି ଚାଲାଣ କଟିଛି । ବିଗତ ୬ ମାସରେ ଜିଲ୍ଲାରେ ୭୩ ଟି ଦୁର୍ଘଟଣାରେ ୭୫ ଜଣ ମୃତ୍ୟୁବରଣ କରିଛନ୍ତି । ୩୭ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ କହିଲେଯେ ଜିଲ୍ଲାରେ ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ସହିତ ସମସ୍ତଙ୍କୁ ଏ ବିଷୟରେ ସଚେତନ କରିବାକୁ ପଡିବ । ଏଥିରେ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀମାନେ ସାମିଲ ହେବେ । ଏହାପରେ ଜିଲ୍ଲାର ପରିବହନ କ୍ଷେତ୍ର ଏବଂ ବସ୍‌ଷ୍ଟାଣ୍ଡ ମାନଙ୍କ ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା । ଆମ ବସ୍ ମାନଙ୍କ ନୂତନ ରୁଟ୍ ଚାର୍ଟ, ନୂଆପଡ଼ା ବସଷ୍ଟାଣ୍ଡରେ ଦିନ ଓ ରାତିରେ ଚାଲୁଥିବା ସମସ୍ତ ବସର ବାଧ୍ୟତାମୂଳକ ପ୍ରବେଶ, ଏଠାରେ ମହିଳା ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ମହିଳା ଗାର୍ଡ ମୁତୟନ, ବେସରକାରୀ ବସ୍‌ମାନଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ, ବସ୍ ମାନଙ୍କରେ ସରପ୍ରାଇଜ ଚେକିଂ, ଦୋକାନ ଗୃହ ପରିଚାଳନା, କେଣ୍ଟିନ୍ ଆରମ୍ଭ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିନାପାଲି ବ୍ଲକ୍ ବିଡ଼ିଓ କାର୍ମ ଓରାମ୍ , କୋମନା ବିଡିଓ ବିନୟ କୁମାର ଭୋଇ, ଡିଏସ୍‌ପି ରମାକାନ୍ତ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମଭିଆଇ ଉପେନ୍ଦ୍ର କୁମାର ପୁସିକା, ପିଡବ୍ଲ୍ୟୁଡି ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ଗର୍ଡିଆ, ଏନ୍‌ଏଚ୍ ଯନ୍ତ୍ରୀ ଆଶିଷ କୁମାର ନାୟକ, ସପନ କୁମାର ବେହେରା, ସିଡିଭିଓ ଡଃ ପାର୍ଥ ସାରଥି ଦୋରା, ନୂଆପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ, ଖରିଆର ରୋଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ଖରିଆର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡିଟିଏମ୍ ଆକାଶ ମହାପାତ୍ର, କଦମ୍ବରୁ ଯାଜ୍ଞସେନୀ ମହାପାତ୍ର, ସ୍ୱେଚ୍ଛାସେବୀ ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ ।

## ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପାଳିତ

ବେଲପାହାଡ଼ (ଭାସ୍କର ନ୍ୟୁଜ୍) ଆର୍ତ୍ତତ୍ରାଣ କ୍ଷେତ୍ର ଗୁମାଡେଗା ଓ ସମଡ଼ା (ବେଲପାହାଡ଼)ରେ ଧୁମଧାମରେ ମହାପ୍ରଭୁଙ୍କ ଘୋଷଯାତ୍ରା ସଂପନ୍ନ ହୋଇଛି । ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିରରେ ୧୯୩୨ ମସିହାରୁ ନିୟମିତ ଭାବେ ପ୍ରତିବର୍ଷ ଧୁମଧାମରେ ରଥଯାତ୍ରା ଉତ୍ସବ ପାଳିତ ହେଉଛି । ଚଳିତ ବର୍ଷ ମଧ ଘଣ୍ଟଶଙ୍ଖ, ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମର ତାଳେ ତାଳେ ଅଗଣିତ ଭକ୍ତଙ୍କ ଗହଣରେ ମହାପ୍ରଭୁ ନିଜ ମନ୍ଦିରରୁ ବାହାରି ମାଉସୀ ମା' ମନ୍ଦିରକୁ ରଥାରୁଢ ହୋଇ ଯାଇଛନ୍ତି । ବେଲପାହାଡ଼ ଜଗନ୍ନାଥ ମନ୍ଦିର କମିଟି



ସଭାପତି ଅନୀଲ ଅଗ୍ରୱାଲ ଛେରା ପହର କରିଥିଲେ । ସେହିପରି ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ରରେ ମଧ ରଥାରୁଢ଼ ଠାକୁରଙ୍କୁ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ଓ ଜମିଦାର ବ୍ରଜକିଶୋର ସିଂଦେଓ ଛେରାପହରା କରିଥିଲେ । ଉଭୟ ବେଲପାହାଡ଼ ଏବଂ ଗୁ ମାଡେରାରେ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଉତ୍ସବ ପାଳିତ ହୋଇଥିବାବେଳେ ୪ ପ୍ଲାଟୁନ ପୋଲିସ୍ ଫୋର୍ସ ଉଭୟ ସ୍ଥାନରେ ମୁତୟନ ଥିଲେ ।

■ ମନରେଗା କାର୍ଯ୍ୟରେ ମହାଦୁର୍ନୀତି

## ବିଡ଼ିଓଙ୍କୁ ଭେଟି ତଦନ୍ତ ଦାବିକଲେ ଗ୍ରାମ କମିଟି

ତାଳଚେର(ଭାସ୍କର ନ୍ୟୁଜ୍): ତାଳଚେର ବ୍ଲକ ବନ୍ତୋଲ ଗ୍ରାମ ପଞ୍ଚାୟତ ଅଧୀନ ବନ୍ତୋଲ ଗ୍ରାମରେ କାର୍ଯ୍ୟକାରୀ କରାଯାଇଥିବା ମନରେଗା ଯୋଜନାର ମହାଦୁର୍ନୀତିକୁ ନେଇ ତାଳଚେର ବିଡ଼ିଓଙ୍କୁ ଭେଟି ଲିଖିତ ଦାବୀ ଉପସ୍ଥାପନ କରିଛନ୍ତି ଗ୍ରାମବାସୀ । ବନ୍ତୋଲ ଗ୍ରାମପଞ୍ଚାୟତ ଅଧୀନ ବନ୍ତୋଲ ଗ୍ରାମରେ କାର୍ଯ୍ୟକାରୀ ହୋଇଥିବା 'ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା'ର ବିଭିନ୍ନ ଅନିୟମିତତା ଦେଖିବାକୁ ମିଳିଛି । ବନ୍ତୋଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଗ୍ରାମବାସୀଙ୍କ ସ୍ୱତଃପ୍ରୋତ ଭାବରେ ଏନ୍ଟିପିସି/ ଟିଟି ପିଏସ୍‌ରୁ ମାଟି ଓ ମେସିନ ଆଣି ରାସ୍ତାଟି ନିର୍ମାଣ କରାଯାଇଥିଲେ ହେଁ, ଦୁଃଖର ବିଷୟ ଗ୍ରାମ ପଞ୍ଚାୟତ ର ଅଧିକାରୀ ଓ ସରପଞ୍ଚ ମିଳି ମିଶି ସରକାରୀ ଅର୍ଥ ତିନି ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରିଛନ୍ତି ବୋଲି ଗ୍ରାମବାସୀ ମାନେ ଲିଖିତ ଭାବେ ଜଣାଇଛନ୍ତି । ବନ୍ତୋଲ ସରକାରୀ ଘାଇ ରୁ ବଛୋଇ ହତାର ଉନ୍ନତିକରଣ କାର୍ଯ୍ୟଟି ବନ୍ତୋଲ ଗ୍ରାମବାସୀଙ୍କ ଲିଖିତ ବିରୁଦ୍ଧ ଅଭିଯୋଗ ଯୋଗୁଁ କୌଣସି କାର୍ଯ୍ୟ କରାନଯାଇ ଥିବାସତ୍ତ୍ୱେ ମିଥ୍ୟା ବିଲ କରାଯାଇ ସରକାରୀ ଅର୍ଥ ଆତ୍ମସାତ ହୋଇଛି । ଉଲ୍ଲେଖ କରାଯାଇ ପାରେ ଯେ କାର୍ଯ୍ୟଟି ଫଳକରେ ଘଣ୍ଟାପଡା ମୌଜା ଅଧୀନରେ ନିର୍ମିତ କରାଯାଇଅଛି ବୋଲି ଲିଖିତ ଅଛି । ବନ୍ତୋଲ ଗ୍ରାମ ବରଗାଡିଆ ପୋଖରୀ ଓ ଚେପଟି ବନ୍ଧ ଦୁଇଟି ଅମୃତ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟଟିକୁ ଅଦ୍ଧ ନିର୍ମିତ ଅବସ୍ଥାରେ ବା ଅସମ୍ପୂର୍ଣ୍ଣ କରି ରଖାଯାଇଅଛି । ଗ୍ରାମବାସୀଙ୍କ ତରଫରୁ ଏ ସମ୍ବନ୍ଧରେ ଗ୍ରାମପଞ୍ଚାୟତର ସରପଞ୍ଚ ଓ ବ୍ଲକରେ ଜଣାଇ ଦିଆଯାଇଥିଲେ ହେଁ କେହି ଏହାର ଦାୟିତ୍ୱ କିମ୍ବା ଉତ୍ତର ହେଉନାହାନ୍ତି ବୋଲି ଗ୍ରାମ କମିଟି ପ୍ରକାଶ କରିଛି । ଏସମସ୍ତ ତଥ୍ୟ ଉପରେ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଗ୍ରାମ କମିଟି ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇବା ସହ ମୁଖ୍ୟମନ୍ତ୍ରୀ, ପଂଚାୟତରାଜ ମନ୍ତ୍ରୀ, ଜିଲ୍ଲାପାଳ, ପିଡି ଓ ଉପଜିଲ୍ଲାପାଳଙ୍କୁ ଏହାର କପି ପ୍ରଦାନ କରିଛନ୍ତି ।

## ନିଆଳିରେ ରଥଯାତ୍ରା

ନିଆଳି (ଭାସ୍କର ନ୍ୟୁଜ୍):ନିଆଳି ବ୍ଲକ ନିଆଳି ପଞ୍ଚାୟତରେ ଧୁମଧାମ ରେ ରଥଯାତ୍ରା ଦେଖିବାକୁ ମିଳିଥିଲା । ସୁଧାନଗର ଜଗନ୍ନାଥ ମଠ,ବରିକ୍ଷଣ, ଶାସନପଦା, ସିଠାଳ ଓ଼ ରାଣୀଓଳା, ପଦା ଡିରା, କସର୍ଦ୍ଦା, ପତ୍ରକଣା, ଏରଞ୍ଚ, ଅଳତଳଙ୍ଗ ଠାରେ କୃପାସିନ୍ଧୁ ଦାସ ଅଧିକାରୀ ପୂଜା ଅର୍ଚ୍ଚନା କରିଥିବାବେଳେ ରାଜା ଶରତ ମହାରଣା ଛେରାପହଁରା କରିଥିଲେ । ରଥଟି ମଠରୁ ବାହାରି ବାଲିକୁଦା ସ୍ଥିତ ଗୁଣ୍ଡିଚା ଘରପାଖରେ ପହଞ୍ଚିଛି ।




## ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ରୋଗୀଙ୍କୁ ବୋହିବାକୁ ପଡୁଛି

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଦକ୍ଷିଣ ଓଡ଼ିଶାବାସୀଙ୍କ ଏକ ମାତ୍ର ନିର୍ଭରଯୋଗ୍ୟ ହସ୍ପିଟାଲ ଏମ୍‌କେସିଜି ମେଡିକାଲରେ ସବୁବେଳେ କୌଣସି ନା କୌଣସି ସମସ୍ୟା ନେଇ ଅଭିଯୋଗ ହେଉଥିବା ବେଳେ କିଛି କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା ଓ ପ୍ରଶାସନିକ ନିଷ୍କ୍ରିୟତା ପାଇଁ ଦୈନିକ ଶହ ଶହ ରୋଗୀ ନାନା ପ୍ରକାର ହଇରାଣ ହେଉଛନ୍ତି । ସୂଚନାଯୋଗ୍ୟ ଯେ, କାଜୁଆଲିଟିରୁ ରଞ୍ଜନ ରଶ୍ମି ବିଭାଗକୁ ରୋଗୀଙ୍କୁ ନେବା ପାଇଁ ବ୍ୟାଟେରୀ ଗାଡ଼ି ବ୍ୟବସ୍ଥା ଥିବା ସତ୍ତ୍ୱେ ଡ୍ରାଇଭର ନ ଥିବାରୁ ଦୀର୍ଘ ସମୟ ପରେ ପୁଣି କାଜୁଆଲିଟି ମ୍ୟାନେଜର ସନ୍ତୋଷ ପଣ୍ଡାଙ୍କୁ ଫୋନ କରିବା ପରେ ଗାଡ଼ି ବାହାରିଥିଲା । ଚିନ୍ତାର ବିଷୟ ଏହିକି ଯେ, ପ୍ରତ୍ୟେକ ଦିନ ଏହି ଭଳି ଶହ ଶହ ସାଧାରଣ ନିରୀହ ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶ ଯୋଗ୍ୟ ଯେ, କିଛି ଘୋରୋଇ ଅଟୋ ମଧ ରୋଗୀଙ୍କ ଏ ପ୍ରକାର ସମସ୍ୟାର ସୁଯୋଗ ନେଇ ରୋଗୀ ବୋହିବା ପାଇଁ ନିଜ ନିଜ ବେପାର ଜମାଇଛନ୍ତି । ରଞ୍ଜନ ରଶ୍ମୀ ବିଭାଗରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଷ୍ଟେଚର୍‌ର ଆବଶ୍ୟକତା ପଡ଼ିଥାଏ, କିନ୍ତୁ କାଚ ରୁମ୍ ମଧ୍ୟରେ ଷ୍ଟେଚର୍ ରଖାଯାଇଥିଲେ ବି କେହି କର୍ମଚାରୀ ରୋଗୀଙ୍କୁ ଷ୍ଟେଚର ଦେଉନାହାନ୍ତି କି ନିଜେ ଆସୁନାହାନ୍ତି ଯାହାଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ରୋଗୀଙ୍କୁ ବୋହି ବୋହି ନାନା ପରୀକ୍ଷା କରୁଛନ୍ତି । ଏ ପ୍ରକାରର ଅବ୍ୟବସ୍ଥା ପ୍ରତିଦିନ ରୋଗୀ ସମ୍ମୁଖୀନ ହେଉଥିଲେ ବି ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଦୃଷ୍ଟି ନ ଦେବା ଆଶ୍ଚର୍ଯ୍ୟ ମନେ ହେଉଛି । ଦକ୍ଷିଣ ଓଡିଶାର ଏକ ମାତ୍ର ପ୍ରମୁଖ ବ୍ରହ୍ମପୁର ବଡ ମେଡିକାଲରେ ରୋଗୀଙ୍କୁ ଏହିଭଳି ପ୍ରତିକ୍ଷେତ୍ରରେ ହଇରାଣ କରି ଘରୋଇ ହସ୍ପିଟାଲକୁ ଅତ୍ୟନ୍ତ ସୁନିୟୋଜିତ ଭାବେ ରୋଗି ଚାଲାଣ ଚାଲୁଥିବା ସମାଜସେବୀ ମନୋଜ ତରାଇ ଆଭିଯୋଗ କରିଛନ୍ତି ।




**ଦୁଇ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲା**

## ପୀଡିତା ପରିବାର ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟର ଦ୍ୱାରସ୍ଥ

କାଳିମେଳା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଏମଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ବହୁ ଚର୍ଚ୍ଚିତ ଦୁଇ ଛାତ୍ରୀଙ୍କ ଜଘନ୍ୟ ହତ୍ୟା ଅଭିଯୋଗ ମାମଲାରେ ପୀଡିତା ପରିବାର ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ପୁଳା ପୁଳା ପ୍ରମାଣ ଥିଲେ ସୁଦ୍ଧା ଏ ଘଟଣା ସନ୍ଦେହ ଘେରରେ ପୋଲିସର ଭୂମିକା ରହିଥିବା ବେଳେ ୫ ମାସ ହେବ ଅଭିଯୁକ୍ତଙ୍କୁ ଗିରଫ କରାନଯିବା ଅଭିଯୋଗ ହୋଇଛି । ଗତ ଫେବୃଆରୀ ୬ରେ ଏମ୍ ଭି-୧୨୬ ଗ୍ରାମର ୱାଗା ସୋଡିଙ୍କ ଝିଅ ମନ୍ଦିରା ସୋଡି (୧୨) ଏବଂ ଏମ୍ ଭି-୭୨ ଗ୍ରାମର ତିମିର ହାଲଦାରଙ୍କ ଝିଅ ଜ୍ୟୋତି ହାଲଦାର(୧୨) ଦୁହେଁ ସପ୍ତମ ଶ୍ରେଣୀ ଛାତ୍ରୀ ଉକ୍ତ ବିଦ୍ୟାଳୟକୁ ପାଠ ପଢିବାକୁ ଯାଇ ଘରକୁ ଫେରି ନଥିଲେ ବା ନିଖୋଜ ହୋଇଥିଲେ । ପରେ ଫେବୃଆରୀ ୮ରେ ମୋଟୁ ଥାନା ଅନ୍ତର୍ଗତ ବିଲିଗୁଡା ଜଙ୍ଗଲ ନିକଟରେ ଦୁହିଁଙ୍କ ଝୁଲନ୍ତା ମୃତଦେହ ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ଉଦ୍ଧାର କରିଥିଲେ । ଉଭୟ ପୀଡିତାଙ୍କ ପରିବାର ଲୋକେ ଦୁଇ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଛି ବୋଲି ମୋଟୁ ଓ ଏମଭି-୭୯ ଥାନାରେ ଅଭିଯୋଗ କରିଥିଲେ । ଶବ ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ ଅନୁସାରେ ନିଖୋଜ, ଶ୍ୱାସରୁଦ୍ଧ ଭଳି ମାମଲା ରୁଜୁ କରି ପୁଲିସ ତା'ର କାମ ସାରିଦେଇଛି । କିନ୍ତୁ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି । ଘଟଣା ସ୍ଥଳରେ ଗୋଟିଏ ମୋବାଇଲ୍ ଫୋନ୍, ମାଟି ତଳେ ରକ୍ତସ୍ରାବ ଭଳି ପୁଳା ପୁଳା ପ୍ରମାଣ ଥିଲେ ସୁଦ୍ଧା ପୁଲିସ ହାତ ଖାଲି ବୋଲି ପରିବାର ଲୋକଙ୍କ ଅଭିଯୋଗ ହୋଇଛି । ବର୍ତ୍ତମାନ ପୁଣି ବଡ ପ୍ରମାଣ ହସ୍ତଗତ ହୋଇଥିବା ଯୋଗୁଁ ଏ ମାମଲା ଏବେ ନୂଆ ମୋଡ଼ ନେଇଛି । ନିଖୋଜ ଦିନ ଦୁଇ ଛାତ୍ରୀ ସକାଳ ୧୨:୩୦ ଠାରୁ ବିଦ୍ୟାଳୟରେ ଅନୁପସ୍ଥିତ ରହି ଅପରାହ୍ନ ୩:୩୦ରେ ବିଦ୍ୟାଳୟକୁ ଆସିଥିଲେ । ଛୁଟି ହେବାରୁ ୪ଟାରେ ବିଦ୍ୟାଳୟରୁ ଚାଲିଯାଇଥିଲେ ବୋଲି ଶିକ୍ଷକ ପରିମଳ ମଣ୍ଡଳ ପ୍ରକାଶ କରିଛନ୍ତି । ବିଦ୍ୟାଳୟରେ ଅନୁପସ୍ଥିତ ରହି ଛାତ୍ରୀ ଦୁହେଁ ସେହି ସମୟରେ ପାବଣୀ ବିଶ୍ୱାସ (ସପ୍ତମ ଶ୍ରେଣୀ ଛାତ୍ରୀ) ଘରକୁ ଯାଇଥିଲେ ଏବଂ ସେଠାରେ ରୋଷେଇ କରି ଖାଇଥିଲେ । ଏମାନଙ୍କ ସହିତ ଅଙ୍କିତା ବାରୋଇ (ସପ୍ତମ ଶ୍ରେଣୀ ଛାତ୍ରୀ) ମଧ ରହିଥିଲେ । ଏହି ୪ ଜଣ ଖାଇବା ସମୟରେ ପାବଣି ଘର ଆଗରେ ଏମପିଭି-୮୮ ଗ୍ରାମର ମିଥୁନ ଗାଇନ ଏବଂ ଏମ୍ ପିଭି-୪୧ ଗ୍ରାମର ଆକାଶ ବାଛାଡ ଛିଡ଼ା ହୋଇଥିଲେ । ଏସବୁ କଥା ଅଙ୍କିତା ବାରୋଇ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି । ଶବ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଅଙ୍ଗନବାଡ଼ି କର୍ମୀ ସୁଫଳା ସର୍ଦ୍ଦାରଙ୍କ କହିବା ଅନୁଯାୟୀ ଛାତ୍ରୀଙ୍କ ହାତ ଓ ବେକ ଭାଙ୍ଗି ଥିଲା, ଶରୀରରେ କ୍ଷତ ଚିହ୍ନ, ଶରୀରରେ ରକ୍ତ ଲାଗିଥିଲା, ଗୁପ୍ତାଙ୍ଗରେ ଚମଡା ନଥିଲା ବୋଲି ଜଣାପଡ଼ିଛି । ଏ ସମ୍ପର୍କରେ ଏମ୍ ଭି-୭୯ ଥାନା କେସ ନଂ ୨୩/୭.୨.୨୫, କେସ ନଂ ୨୯/ ୧୫.୨.୨୫ ଓ କେସ ନଂ ୩୫/ ୧.୩.୨୫ ଏବଂ ମୋଟୁ ଥାନା କେସ ନଂ ୨୦/୧୫.୨.୨୫ ରେ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବଛେଦ ପରେ ଶବ ଦ୍ୱୟକୁ ଲୁଣ ପକାଇ ପୋତା ଯାଇଛି । ଅପରପକ୍ଷରେ ଅନୁସୂଚିତ ଜାତି ଓ ଜନଜାତି ପୀଡିତା ପରିବାର ବର୍ଗଙ୍କୁ ନ୍ୟାୟ ଏବଂ ସୁରକ୍ଷା ଯୋଗାଇ ଦେବା ପରିବର୍ତ୍ତେ କିଛିଦିନ ତଳେ କାଳିମେଳା ତହସିଲଦାର ଓ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ସେମାନଙ୍କ ଠାରୁ ଅପମୃତ୍ୟୁ ସମ୍ବନ୍ଧୀୟ ବୟାନ ନାମାରେ ସ୍ୱାକ୍ଷର କରି ଆଣିଥିବା ଅଭିଯୋଗ ହୋଇଛି । ବହୁ ଚର୍ଚ୍ଚିତ ଏ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପୀଡିତା ପରିବାର ଏବେ ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟ ସମେତ ନ୍ୟାସନାଲ କମିସନ ଫର ସିଡୁଲ ଟ୍ରାଇବ ରିଜିଅନାଲ ଅଫିସ, ନ୍ୟାସନାଲ କମିସନ ଫର ସିଡୁଲ କାଷ୍ଟ ରିଜିଅନାଲ ଅଫିସର ଦ୍ୱାରସ୍ଥ ହୋଇଛନ୍ତି ।

### ଦୁର୍ଘଟଣାଗ୍ରସ୍ତ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ପୁଷ୍ପଲତା ବେହେରା (୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ପରଲୋକ ହୋଇଯାଇଛି । ସୂଚନାଯୋଗ୍ୟ ମଙ୍ଗଳବାର ଅପରାହ୍ନରେ ଶ୍ରୀମତୀ ବେହେରା କଟକ-ଚାନ୍ଦବାଲି ରାଜରାସ୍ତାର କୁସୁନୁପୁର ଛକ ନିକଟରେ ଯାଉଥିବା ବେଳେ ଏକ ଅଜଣା ହାଇୱା



ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ପୁଷ୍ପାଲତା ଗୁରୁତର ଆହାତ ଅବସ୍ଥାରେ ସେଠାରେ ସଂଜ୍ଞାହୀନ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ତାଙ୍କର ପରଲୋକ ହୋଇଯାଇଛି । ଆଜି ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ, ଝିଅ, ଜ୍ୱାଇଁ, ପୁଅ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଡେରାବିଶ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଛନ୍ତି । ଶ୍ରୀମତୀ ବେହେରାଙ୍କ ଘର ମାର୍ଶାଘାଇ ବ୍ଲକର ଦଳନ୍ତା ଗ୍ରାମରେ ହୋଇଥିବା ବେଳେ ସେ ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ଗ୍ରାମରେ ଦୀର୍ଘଦିନ ହେବ ଘର କରି ରହୁଥିଲେ । ଏହି ଦୁଃଖଦ ଖବର ପାଇ ବ୍ଲକର ଅନ୍ୟ ଗୋଷ୍ଠୀ ସମ୍ବଳ ଶିକ୍ଷକ ଓ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଘର ଚଟିଆ ସୁରକ୍ଷା ଅଭିଯାନରେ ସାମିଲ ହେଲା ରାଇଝୋଳ ଗ୍ରାମ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକର ରାଇଝୋଳ ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘର ଚଟିଆ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କେ. ଇନ୍ଦିରା ଦେବୀ ଯୋଗ ଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଘର ଚଟିଆ ତଥା ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ବିଷୟରେ ବୁଝାଇ ଥିଲେ । ଛାତ୍ରଛାତ୍ରୀମାନେ ଗ୍ରାମରେ ଘର ଚଟିଆକୁ ସଂରକ୍ଷଣ ସହ ସେମାନଙ୍କ ଯତ୍ନ ପାଇଁ ଶପଥ ପାଠ କରିଥିଲେ ।



ପରିଷଦ ତରଫରୁ ଛାତ୍ର ଛାତ୍ରୀମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ବଣ୍ଟନ ସହ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗ୍ରାମର ଘର ଆଗରେ କୃତିମ ବସା ଓ ଖାଦ୍ୟ ଥଳି ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ବଦ୍ରୀନାଥ ସାବତ, ଦୁର୍ଗା ଶଙ୍କର ପାଢ଼ୀ, ଶିକ୍ଷୟିତ୍ରୀ ସ୍ମିନିତା ପାଢ଼ୀ, ସୁପ୍ରଭା ଚୌଧୁରୀ, ସମ୍ପାଦକ ବିଜେନ୍ଦ୍ର ମାଝୀ, ନଳିନୀକାନ୍ତ ପରିଡା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ସଞ୍ଜୟ ପାତ୍ର, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, କାହ୍ନୁ ଚରଣ ଗୌଡ଼, ପିଲି ଗୌଡ଼ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ରେଜାଙ୍ଗ'ଲା ଯୁଦ୍ଧର ବୀର ଶହୀଦଙ୍କ ସ୍ମୃତିରେ...

## ଶହୀଦ ରଜ କଳସ ଶୋଭାଯାତ୍ରାକୁ ପାହାଳଠାରେ ସମ୍ବର୍ଦ୍ଧନା

ଫୁଲନଖରା (ଭାସ୍କର ନ୍ୟୁଜ୍) : ନଭେମ୍ବର ୧୮ ତାରିଖ ୧୯୬୨ ମସିହାରେ ଚୀନର ସୈନିକ ମାନେ କାଶ୍ମୀର ଅଞ୍ଚଳରେ ରେଜାଙ୍ଗ'ଲା ଘାଟି ଉପରେ ଅତର୍କିତ ଆକ୍ରମଣ କରନ୍ତି । ଭାରତର ୧୨୦ଜଣ ଯାଦବ ସୈନ୍ୟସେମାନଙ୍କ ସହ ଯୁଦ୍ଧ କରନ୍ତି । ସେଥିମଧ୍ୟରୁ ୧୧୪ ଜଣ ସୈନିକ ଶହୀଦ ହୁଅନ୍ତି । ସେହି ଅହୀର ଯାଦବ ଶହୀଦଙ୍କ ସ୍ମୃତିରେ ଭାରତୀୟ ସେନା ବାହିନୀରେ ଏକ ସ୍ୱତନ୍ତ୍ର ଅହୀର ରେଜିମେଣ୍ଟ ଗଠନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିକଟରେ ଦୃଢ ଦାବି ଜଣାଇବା ଉଦ୍ଦେଶ୍ୟରେ ଚଳିତବର୍ଷ ଅପ୍ରେଲ ୧୩ ତାରିଖରୁ ବିହାରର ଚାପ୍ରାରୁ ଆରମ୍ଭ ହୋଇଥିବା ଉକ୍ତ ଶହୀଦ କଳସ



ଶୋଭାଯାତ୍ରା ପାହାଳରେ ପହଞ୍ଚିଥିଲା । ଉକ୍ତ ଶହୀଦ କଳସ ଶୋଭାଯାତ୍ରାକାରୀ ଦଳକୁ ପାହାଳ ଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ସମ୍ବର୍ଦ୍ଧନା ସଭାରେ ପାହାଳ ସଭାର ସଭାପତି ରାମଚନ୍ଦ୍ର ଦାସ, ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟ ସଙ୍ଘର ସଭାପତି ରାଜେନ୍ଦ୍ର ବଲ୍ଲଭ ବେହେରା, ଉପସଭାପତି ବାବୁଲି ବେହେରା, ସମ୍ପାଦକ ବିପ୍ଳବ କୁମାର ଯାଦବ, ସହ ସମ୍ପାଦକ ରାମଚନ୍ଦ୍ର ଦାସ, ଲକ୍ଷ୍ମୀଧର ଦାସ ନିରଞ୍ଜନ ବେହେରା, ପ୍ରଦୀପ୍ତ କିଶୋର ବେହେରା, ତୁଷାର ରଞ୍ଜନ ଦାସ ରଶ୍ମୀରଞ୍ଜନ ଦାସ, ବିଶ୍ୱନାଥ ବେହେରା ସରୋଜ ବେହେରା ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ସଚେତନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ୟାମସୁନ୍ଦର ବିଶ୍ୱାଳ, ବିବି ମଡ଼େଲ ହାଇସ୍କୁଲର ପ୍ରଧାନଶିକ୍ଷକ ବିଶ୍ୱ ବିଜୟ ଦାସ, କେନ୍ଦ୍ରାପଡ଼ା ସ୍ଥିତ ସ୍ୱରାଜ ନିଶା ନିବାରଣ କେନ୍ଦ୍ରର ଫାର୍ମାସିଷ୍ଟ ପ୍ରଭୁ ପ୍ରସାଦ ମିଶ୍ର ଓ ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତିଲତା ମାହୁନ୍ତ ଯୋଗଦେଇ ନିଶା ସେବନର ଭୟାବହତା ଉପରେ ଉପସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ନିଶା ସେବନ ଦ୍ୱାରା କିପରି ଶରୀର କ୍ଷତିଗ୍ରସ୍ତ ହେବା ସହିତ ମାରାତ୍ମକ ରୋଗ ସୃଷ୍ଟି କରୁଛି ସେ ସମ୍ପର୍କରେ କହିଥିଲେ। ଏଥିସହିତ ନିଶା ସେବନ ଦ୍ୱାରା ପରିବାର ଓ ସମାଜ ମଧ୍ୟ ନଷ୍ଟ ହେଉଥିବା ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଭିଭାବକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦେବାଶିଷ ସାହୁ, ତରୁଣକାନ୍ତି ସେଣ, ଶାନ୍ତନୁ କୁମାର ବଳ, ବରଦା ପ୍ରସନ୍ନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ମାଉସୀ ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ମାଉସୀ ମା'ଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ସ୍ଥାନରେ ପୂର୍ବରୁ ଏକ ପୁରୁଣା ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏଠାକୁ ପ୍ରଭୁ ଦଧିବାବନଜୀଉ ଶ୍ରୀଗୁଣ୍ଡିଚାରେ ଆସି ମାଉସୀ ମା'ଙ୍କ ଘରେ ଅବସ୍ଥାନ କରିବା ସହିତ ବାହୁଡ଼ା ପର୍ଯ୍ୟନ୍ତ ରହିଥାନ୍ତି। ଦୁମୁକାହାଟ ଗ୍ରାମର ଲୋକମାନଙ୍କ ପ୍ରଚେଷ୍ଟାରେ ଏଠାରେ ମାଉସୀଙ୍କ ଏକ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଶ୍ରୀଗୁଣ୍ଡିଚା ଉପଲକ୍ଷେ ଏହା ପ୍ରତିଷ୍ଠା କାର୍ଯ୍ୟ ବେଦଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଛି। ଏହି ପ୍ରତିଷ୍ଠା କାର୍ଯ୍ୟରେ କର୍ତ୍ତାକର୍ତ୍ତୀ ଭାବେ ଗ୍ରାମର ଗୋବିନ୍ଦ ଚନ୍ଦ୍ର ରାଉତ ଓ ନିବେଦିତା ରାଉତ କାର୍ଯ୍ୟନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ତ୍ରିଲୋଚନ ରାଉତ, କୈଳାସ ଚନ୍ଦ୍ର ପ୍ରଧାନ, ବିଷ୍ଣୁଦେବ ବେହେରା, ସତ୍ୟଜିତ ଲେଙ୍କା, ଗୌରାଙ୍ଗ ମହାନ୍ତି, ରାମଚନ୍ଦ୍ର ରାଉତ, ସତ୍ୟଜିତ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଖାକିରେ ଦାଗ
## ଦୁଷ୍କର୍ମ ଅଭିଯୋଗ, କନେଷ୍ଟବଳ ନିଲମ୍ବିତ



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଘଟଣା ଗଞ୍ଜାମ ତଥା ବ୍ରହ୍ମପୁରକୁ ଛାଡୁନି। ଯାହାକି ଏବେ ଜିଲ୍ଲା, ରାଜ୍ୟ ତଥା ଦେଶରେ ସହରର ନାମ ବଦନାମ ହୋଇଛି। ଗୋଳନ୍ଥରା ଗଣଦୁଷ୍କର୍ମ ହେଉ କିମ୍ବା ଗୋପାଳପୁର ସମୁଦ୍ର ବେଳାଭୂମିରେ ହୋଇଥିବା ଗଣଦୁଷ୍କର୍ମ ଘଟଣା ଓ ନକଲି ଡାକ୍ତର ଚାକିରି ଦେବାକୁ କହି ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା ହେଉ ତାହା ମନରୁ ନ ଲିଭୁଣୁ ବର୍ତ୍ତମାନ ବ୍ରହ୍ମପୁର ପୁଲିସ୍ ଜିଲ୍ଲାରେ କାର୍ଯ୍ୟରତ କନେଷ୍ଟବଳ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗକୁ ନେଇ ଜିଲ୍ଲା ପୁଲିସ୍ ଏବେ ନିନ୍ଦିତ ହେବାକୁ ପଡିଛି। ମିଳିଥିବା ସୂଚନା ପ୍ରକାରେ, ବ୍ରହ୍ମପୁର ଟାଉନ୍ ଥାନା ବିଜିପୁର ଅଞ୍ଚଳର ମୂଳବାସିନ୍ଦା ବର୍ତ୍ତମାନ ଦିଗପହଣ୍ଡି ଥାନାରେ କାର୍ଯ୍ୟରତ ପୁଲିସ୍ କନେଷ୍ଟବଳ ଟାଉନ୍ ଥାନା ଅଞ୍ଚଳର ଜୈନିକ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ୨୫ତାରିଖ ରାତିରେ ଦୁଷ୍କର୍ମର ଶିକାର ହୋଇଥିବା ମହିଳାଜଣଙ୍କ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଏସ୍‌ପି ଟାଉନ୍ ଥାନାରେ ଲିଖତ ଅଭିଯୋଗ କରିବାକୁ ପରାମର୍ଶ ଦେବା ପରେ ଟାଉନ୍ ଥାନା ପୁଲିସ୍ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ପୁଲିସ୍ କନେଷ୍ଟବଳଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍। ଦୁଷ୍କର୍ମ କରିଥିବା କନେଷ୍ଟବଳ ଜଣେ ବିବାହିତ ଓ ତାଙ୍କର ୨ଟି ସନ୍ତାନ ରହିଥିବା ବେଳେ ଅଭିଯୋଗକାରୀ ମହିଳା ମଧ୍ୟ ବିବାହିତ ତାଙ୍କର ୨ଟି ସନ୍ତାନ ରହିଛି। ତେବେ କେଉଁ ପରିସ୍ଥିତିରେ ପୁଲିସ୍ କନେଷ୍ଟବଳ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି ତାହାର ତଦନ୍ତ କରୁଛି ଟାଉନ୍ ଥାନା ପୁଲିସ୍। ବର୍ତ୍ତମାନ ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତରେ କନେଷ୍ଟବଳ ପୁଲିସ୍‌କୁ ସହଯୋଗ କରୁଥିବା ମଧ୍ୟ ଜଣାପଡିଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ପୁଲିସ୍ କନେଷ୍ଟବଳଙ୍କୁ ପଚରା ଉଚୁରା ବେଳେ ମହିଳା ଜଣଙ୍କ ତାଙ୍କ ପଛରେ ପଡି ପ୍ରେମ ନିବେଦନ କରିଥିବା ପୁଲିସ୍ ନିକଟରେ କୁଆଡେ କହିଥିବା ବେଳେ ଅପରପକ୍ଷରେ ମହିଳା ଜଣଙ୍କ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କନେଷ୍ଟବଳ ଦୁଷ୍କର୍ମ କରିଥିବା କଥା ପୁଲିସ୍ ଦୁହିଁଙ୍କ ବୟାନ ରେକର୍ଡ ବେଳେ ଏହି ତଥ୍ୟ ପାଇଛି। ତେବେ ଏସ୍‌ପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ କହିଛି।

## ସର୍ବସାଧାରଣଙ୍କ ରାସ୍ତାକୁ ପ୍ଲଟ ଦର୍ଶାଇ ବିକ୍ରି ଅଭିଯୋଗ
# ମହିଳାଙ୍କ ସମେତ ୩ ଗିରଫ







ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ସର୍ବସାଧାରଣଙ୍କ ରାସ୍ତାକୁ ପ୍ଲଟ ଦର୍ଶାଇ ବିକ୍ରି କରି ଜଣେ ବ୍ୟକ୍ତିଙ୍କ ଠାରୁ ୬୬ଲକ୍ଷ ୯୭ହଜାର ୫ଶହ ଟଙ୍କା ଠକେଇ ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଫେରାର ଥିବା ଜଣାପଡିଛି। ଗିରଫ ୩ଜଣ ହେଲେ ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀନଗର ସ୍ୱେକ୍ସମ କଲୋନୀର ରୀତା ଦଳାଇ(୭୦), ରୀତାଙ୍କ ସ୍ୱାମୀ ଜଳନ୍ଧର ଦଳେଇ ଓ ବଡ଼ବଜାର ଶାନ୍ତିନଗର ୧ମ ଲାଇନର ସଞ୍ଜୀବ ରତନ (୪୨)। ସେହିପରି ଏହି ଠକେଇରେ ସମ୍ପୃକ୍ତ ଆଉ ଜଣ ମନୋଜ କୁମାର ପଣ୍ଡା ଫେରାର ରହିଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଶା ବିବେକ ଏମ୍ ପ୍ରେସ୍ ରିଲିଜ ମାଧ୍ୟମରେ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ, ବଡ଼ବଜାର ଥାନା ଅନ୍ତର୍ଗତ ପଦ୍ମନଗର ପୁଲିସ କଲୋନୀ ନିବାସୀ ମିଳନ କୁମାର ସାହୁ କିଛି ମାସ ପୂର୍ବେ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ନାଳବନ୍ଧପୁର ମୌଜାର ଖାତା ନଂ ୧୭୪/୨୮୮୦ ଓ ପ୍ଲଟ ୨୯୨ରେ ଥିବା ୦.୦୪୨ ଡେସିମିଲ ବିଶିଷ୍ଟ ଏକ ପ୍ଲଟ କ୍ରୟ କରିଥିଲେ। ଗାନ୍ଧୀ ନଗର ସ୍ୱେକ୍ସମ କଲୋନୀର ଜଳନ୍ଧର ଦଳେଇ ତାଙ୍କୁ ଏହି ପ୍ଲଟଟି ୬୭ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ ଓ କିଣାବିକା ବେଳେ ଜଳନ୍ଧରଙ୍କ ପତ୍ନୀ ଗୀତା ଓ ୨ଜଣ ମଧ୍ୟସ୍ଥି ଯଥା ସଞ୍ଜୀବ ରତନ ଓ ମନୋଜ କୁମାର ପଣ୍ଡା ସାମିଲ ଥିଲେ। ଜମି ମାଲିକ ଜଳନ୍ଧରଙ୍କ ସମେତ ଉପରୋକ୍ତ ୩ ଅଭିଯୁକ୍ତ ବ୍ରହ୍ମପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ମିଳନଙ୍କ ନାମରେ ଜମି ପଞ୍ଜିକରଣ ମଧ୍ୟ କରାଇଥିଲେ। ଏପରିକି କିଛିଦିନ ପରେ ମିଳନଙ୍କ ନାମରେ ସେଲ ଡିଡ୍ ଓ ଉକ୍ତ ପ୍ଲଟର ଅସଲି ପଟ୍ଟା ମଧ୍ୟ ମିଳିଥିଲା। ତେବେ ଗତ କିଛିଦିନ ପୂର୍ବେ ମିଳନ ଉକ୍ତ ପ୍ଲଟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯିବାବେଳେ ସେଠାରେ ସେଭଳି କୌଣସି ପ୍ଲଟ୍ ନଥିବା ଜାଣିବାକୁ ପାଇଥିଲେ। ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରି ଉକ୍ତ ଅଞ୍ଚଳରେ ଥିବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏକ ରାସ୍ତା ଓ ଅନ୍ୟଜଣେ ବ୍ୟକ୍ତିଙ୍କ ପ୍ଲଟର କିଛି ଅଂଶକୁ ମିଳନଙ୍କ ନାମରେ ପଞ୍ଜୀକରଣ କରି ଠକିଥିବା ଜଣାପଡିଥିଲା। ତେବେ ତାଙ୍କୁ ଏକ ଭୂତ ପ୍ଲଟ ବିକ୍ରି କରି ପଇସା ଧରାଇ ଦିଆଯାଇଥିବା ଜାଣିବା ପରେ ମିଳନ ଅଭିଯୁକ୍ତଙ୍କୁ ପଚାରିବା ପରେ ସେମାନେ ଧମକଚମକ ଦେଇଥିଲେ। ଶେଷରେ ନିରାଶ ହୋଇ ଶେଷରେ ମିଳନ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା (ନଂ ୨୫୮/୨୫) ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଉକ୍ତ ପ୍ଲଟର କିଣାବିକା କେବଳ ଇ-ଷ୍ଟାମ୍ପ ଅସଲି ସେଲଡିଡ୍, ପଟ୍ଟା, ପ୍ଲେସ ମ୍ୟାପ ଇ-ରେଜିଷ୍ଟ୍ରେସନ କପିକୁ ଜବତ କରିଛି। ପୂର୍ବରୁ ମଧ୍ୟ ଜମି ଜାଲିଆତି ମାମଲାରେ ରୀତା ଗିରଫ ହୋଇ ଜେଲ ଯାଇଥିବା ପୁଲିସ କହିଛି।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଜଳସେବା ଶିବିର

ପାରାଦୀପ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ଅନ୍ତର୍ଗତ ଗଡକୁଜଙ୍ଗ ସ୍ଥିତ କୁଞ୍ଜବିହାରୀ ପୀଠରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେଇଯାଇଛି । କିମ୍ବଦନ୍ତୀ ଅନୁସାରେ ଏହି ପୀଠରେ ପୁରୀ ଶ୍ରୀକ୍ଷେତ୍ର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରଦିନ ଏଠାରେ ରଥ ଟଣା ହେଇଥାଏ। ସେଥିପାଇଁ ଏହାକୁ ବାସି ରଥଯାତ୍ରା ବେଲି ମଧ୍ୟ କୁହାଯାଇଥାଏ। ଚଳିତ ବର୍ଷ ପ୍ରତିକୂଳ ପାଗ ହୋଇଥିଲେ




ମଧ୍ୟ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ଜନସାଧାରଣ ଯୋଗ ଦେଇଥିଲେ। ଶନିବାର ସକାଳୁ ମହାପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସମସ୍ତ ନିତୀକାନ୍ତି ଶେଷ ହେବା ପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କମ୍ପାନୀ ପକ୍ଷରୁ ବଡ଼ଦାଣ୍ଡରେ ଜଳସେବା ଶିବିରର ଆୟୋଜନ କରାଯାଇଥିଲା। ସ୍ଥାନୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଶିବିରରେ ବିଶୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ପ୍ରଭୁ ଶ୍ରୀ କୁଞ୍ଜ ବିହାରୀଙ୍କ ଦର୍ଶନ କରିବା ସହିତ ରଥ ଟାଣିବାର ସୌଭାଗ୍ୟ ଓ ପୁଣ୍ୟ ଅର୍ଜନ କରିଥିଲେ।

## ଘୋଷଯାତ୍ରା ଅବସରରେ ଜନସେବା କାର୍ଯ୍ୟକ୍ରମ




ବାରିପଦା (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡ଼ଦାଣ୍ଡରେ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ଘୋଷଯାତ୍ରା ଅବସରରେ ଏକ ବିଶେଷ ଜନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତୀକ ଅରଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟ, ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶା ଓ ପୂର୍ବୀ ଭାରତ ନ୍ୟୁଜଙ୍କ ମିଳିତ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍ୟମ ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ପ୍ରତିଷ୍ଠାତା ଦିଲ୍ଲୀପ କୁମାର ଦାସଙ୍କ ନିର୍ଦ୍ଦେଶନା ଏବଂ ତାଙ୍କ ସଂଗଠନର ସଦସ୍ୟମାନଙ୍କ ସଚେତନ ପ୍ରୟାସ ଓ ପ୍ରତୀକ ଅରଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟର ପ୍ରତିଷ୍ଠାତା ପ୍ରତିମା ବାରିକ, ସମ୍ପାଦକ ପ୍ରବୀର ବାରିକ ଓ ସଂଗଠନର ବହୁ ସଦସ୍ୟ ଏହି ମହତ କାର୍ଯ୍ୟରେ ସକ୍ରିୟ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ ସବ୍-କଲେକ୍ଟର ଏବଂ ଦେବୋତ୍ତର ବିଭାଗର ଅଧିକାରୀ ଡ. ଦୟାସିନ୍ଧୁ ପରିଡ଼ା, ଏ.ଡି.ଏମ୍ ନେତ୍ରାନନ୍ଦ ମଲ୍ଲିକ ଓ ଆଡିସନାଲ୍ ଏସ.ପି ସବିତା ମାଝୀ। ଘୋଷଯାତ୍ରାରେ ଯୋଗ ଦେଇଥିବା ତୃଷାର୍ତ୍ତ ଶ୍ରଦ୍ଧାଳୁମାନେ ଏହି ଶୁଦ୍ଧ ପାନୀୟ ବଣ୍ଟନ ସେବାରେ ବହୁତ ଆତ୍ମସନ୍ତୋଷ ଅନୁଭବ କରିଥିଲେ। ଉଭୟ ସଂଗଠନର ଏଭଳି ଜନହିତକର କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ନବଦିନାତ୍ମକ ଭାବରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଶୁଦ୍ଧ ପାନୀୟ, ସୁଷମ ଖାଦ୍ୟ ଓ ଫାଷ୍ଟଏଡ୍ ସେବା ଯୋଗାଇବା ବ୍ୟବସ୍ଥା ରହିଛି। ଏହା ମହାପ୍ରଭୁଙ୍କ ଅନୁଗ୍ରହ ଓ ସମସ୍ତଙ୍କ ମିଳିତ ପ୍ରୟାସର ଫଳ ବୋଲି ଆୟୋଜକ ଉଭୟପକ୍ଷ କହିଛନ୍ତି। ଏଥି ନିମନ୍ତେ ଉଭୟ ସଂଗଠନର ପକ୍ଷରୁ ବାରିପଦା ଦେବୋତ୍ତର ବିଭାଗ, ବାରିପଦା ମ୍ୟୁନିସିପାଲିଟି ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ସଦୟ ସହଯୋଗ ପାଇଁ ଉଭୟ ସଂଗଠନ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ରାଜ୍ୟ ଯୁବ ସଭାପତି ଶାନ୍ତନୁ ଦାସ, ହ୍ରିତିକ ନାଥ, ମନୋଜ୍ ପଲେଇ ପ୍ରମୁଖ ବହୁ ସଦସ୍ୟ ସମେତ୍ ପ୍ରତୀକ ଅରଗାନାଇଜେସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସଭାପତି ରାଜୀବ୍ ସାହୁ, ଲଳିତ୍ ଗିରି ସମେତ ବହୁ ସଦସ୍ୟ ଏଇ କାର୍ଯ୍ୟକ୍ରମରେ ଯୋଗଦେଇ ସେବା ପ୍ରଦାନ କରିଥିଲେ।

## ବିଭିନ୍ନ ସ୍ଥାନରେ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପନ୍ନ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପନ୍ନ ହୋଇଛି। ତିନିଠାକୁର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ରଥାରୁଢ଼ କରାଯାଇଥିଲା। ପରେ ଛେରାପହଁରା କାର୍ଯ୍ୟ କରାଯାଇ ଭକ୍ତମାନେ ରଥ ଟାଣିଥିଲେ। ସନ୍ଧ୍ୟା ସୁଦ୍ଧା ଗ୍ରାମ ଶେଷ ମୁଣ୍ଡରେ ଥିବା ମାଉସୀମା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । ପୁନର୍ବାର ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ମାଉସୀ ମା' ମନ୍ଦିରକୁ ନିଆଯାଇଥିଲା। ସେହିପରି ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳ ସ୍ଥିତ କବିସୂର୍ଯ୍ୟ ବ୍ରହ୍ମାଙ୍କ ମଠ ପରିସରରୁ ଆଜି ଶ୍ରୀ ପତିତପାବନ ଜୀଉଙ୍କୁ ରଥାରୁଢ଼ କରାଯାଇ ଶ୍ରୀଧରପୁର -ପବିତ୍ରପଡ଼ା ସ୍ଥିତ ବଟମହାପୁରୁଷଙ୍କ ନିକଟରେ ଥିବା ମାଉସୀମାନଙ୍କ ମନ୍ଦିରକୁ ନିଆଯାଇଥିଲା । ସେହିପରି ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା ସ୍ଥିତ ଜଗନ୍ନାଥ ମନ୍ଦିରରୁ ତିନିଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ପରେ ଭକ୍ତମାନେ ରଥ ଟାଣି ନେଇ ଗ୍ରାମ ଶେଷ ମୁଣ୍ଡରେ ଥିବା ମା' ଶାରଳାଙ୍କ ମନ୍ଦିର ନିକଟସ୍ଥ ମାଉସୀ ମା' ମନ୍ଦିରରେ ପହଞ୍ଚାଇ ଥିଲେ। ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ସ୍ଥିତ ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉଙ୍କୁ ରଥାରୁଢ଼ କରାଯାଇ ଭକ୍ତମାନେ ଓଉଖଣ୍ଡ ଗ୍ରାମସ୍ଥିତ ମାଉସୀ ମା'ଙ୍କ ମନ୍ଦିରରେ ପହଞ୍ଚାଇ ଥିଲେ। ସେହିପରି ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଶ୍ରୀ ଜୀଉଙ୍କୁ ଗୋଟି ପହଣ୍ଡିରେ ସେବାୟତ ମାନେ ନେଇ ରଥାରୁଢ଼ କରିଥିଲେ। ପରେ ରଥ ଉପରେ ଛେରାପହଁରା କାର୍ଯ୍ୟ କରାଯାଇ ରଥକୁ ଭକ୍ତମାନେ ଅଳ୍ପବାଟ ଟାଣିବା ପରେ ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ ରହିଥିଲା। ସେହିପରି ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଓଳକଣା ମେଳଣ ପଡ଼ିଆରେ ଥିବା ଓଁକାର କ୍ଷେତ୍ର ଭାବେ ପରିଚିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ତିନି ଦିଅଁଙ୍କୁ ଗୋଟି ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ପରେ ଭକ୍ତମାନେ ଘଣ୍ଟଘଣ୍ଟା ଓ ସଂକୀର୍ତ୍ତନ ମଧ୍ୟରେ ରଥ ଟାଣିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ଲୋକ କବିରତ୍ନ ହଳଧର ନାଗଙ୍କ ଉପରେ ଦୁଇଦିନିଆ ଆଲୋଚନାଚକ୍ର
## ଅଭିବ୍ୟକ୍ତି ଓ ଆବେଗର ପ୍ରତୀକ ପଦ୍ମଶ୍ରୀ ହଳଧର ନାଗ : ଧର୍ମେନ୍ଦ୍ର




ସମ୍ବଲପୁର (ଭାସ୍କର ନ୍ୟୁଜ୍) : ଲୋକ କବିରତ୍ନ, ଯାଦବ ରତ୍ନ ଆଦି ଅନେକ ସମ୍ମାନରେ ଭୂଷିତ ପଦ୍ମଶ୍ରୀ ହଳଧର ନାଗ ହେଉଛି ଭାରତର ଜଣେ ଉଜ୍ଜ୍ୱଳ ରତ୍ନ। ଓଡ଼ିଶାର ଅସ୍ମିତା, ଅଭିବ୍ୟକ୍ତି ଓ ଆବେଗର ଅନ୍ୟତମ ପ୍ରତୀକ। ସମ୍ବଲପୁରୀ ଭାଷାକୁ ସୁସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଶନିବାର ବରଗଡ଼ ବରହାଗୁଡ଼ା ଠାରେ ସମ୍ବଲପୁରୀ ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଆୟୋଜିତ ଦ୍ୱି-ଦିବସୀୟ ଜାତୀୟ ଆଲୋଚନା ଚକ୍ର "ହଲଧର-ସଜନ ଆର୍ ଦର୍ସନ" କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ଏବଂ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ, ବରଗଡ଼ର ମିଳିତ ଉଦ୍ୟମରେ ଆୟୋଜିତ ଏହି ସେମିନାରକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ବରଗଡ଼ ଭଳି ସାରସ୍ୱତ କେନ୍ଦ୍ରସ୍ଥଳୀରେ ଏହି ସେମିନାର ସ୍ୱାଗତଯୋଗ୍ୟ। ଲୋକକବି ହଳଧର ନାଗଙ୍କ ସାହିତ୍ୟକୁ ନେଇ ଦୁଇଦିନ ଧରି ଆୟୋଜିତ ହେଉଥିବା ଏହି ବହୁଭାଷୀ ଜାତୀୟ ସେମିନାରରେ ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ଗବେଷକ ଯୋଗ ଦେବା ପ୍ରଶଂସନୀୟ। ଏହା ସମ୍ବଲପୁରୀ ଭାଷାକୁ ସର୍ବଭାରତୀୟ ସ୍ତରରେ ପରିଚିତ କରିବାରେ ବିଶେଷ ସହାୟକ ହେବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଜନୈକ ବ୍ୟକ୍ତିକୁ ଲେଖାରେ ସକ୍ରିୟ କରିବାର ମାଧ୍ୟମ ହେଉଛି ସାହିତ୍ୟ। ବୌଦ୍ଧିକ ତରଙ୍ଗକୁ ନିରନ୍ତର ସଞ୍ଚାଳିତ କରି ନୂଆ ଆବେଗ ତିଆରି କରିବାର ନାଁ ହେଲା ସାହିତ୍ୟ। ସାହିତ୍ୟ ଅମର। ସମସ୍ତେ ସାହିତ୍ୟିକ ହୋଇପାରନ୍ତିନି। କିନ୍ତୁ ସମସ୍ତଙ୍କ ମଧ୍ୟରେ ସାହିତ୍ୟ ଥାଏ ତଥା ସାହିତ୍ୟର ଆବଶ୍ୟକତା ରହିଥାଏ। କ୍ୱଚିତ୍ ଲୋକମାନେ ସେହି ବିଚାର ଓ ଆବେଗକୁ ଲୋକଭାଷା ବା ମାତୃଭାଷାରେ ପରିପ୍ରକାଶ କରିବାର କ୍ଷମତା ରଖିଥାନ୍ତି। ସେହିଭଳି ଜଣେ ବ୍ୟକ୍ତିବିଶେଷ ହେଉଛନ୍ତି ହଳଧର ନାଗ। ତାଙ୍କର ସାହିତ୍ୟ ରଚନାରେ ଥିବା ଦର୍ଶନ, ତତ୍ତ୍ୱର ପଟାନ୍ତର ନାହିଁ। ତାଙ୍କର ଲେଖନୀ ଚାଳନା ଆହୁରି ପ୍ରଶଂସିତ ହେବା ନେଇ ସବୁ ସ୍ତରରେ ଉଦ୍ୟମ ହେବା ଦରକାର। ସେ ଆହୁରି କହିଛନ୍ତି ଯେ ମାତୃଭାଷାରେ ମୌଳିକ ଚିନ୍ତନର ସଠିକ୍ ପରିପ୍ରକାଶ ହୋଇଥାଏ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ପ୍ରଣୀତ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଭାରତର ସବୁ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି ଅଭିହିତ କରିଛନ୍ତି। ଓଡ଼ିଆ ଭାଷା ଓ ସମ୍ବଲପୁରୀ ଭାଷା, ଉଭୟ ରାଷ୍ଟ୍ରୀୟ ଭାଷା। ଛାତ୍ରଛାତ୍ରୀଙ୍କର ସୃଜନଶୀଳତା ବିକଶିତ କରିବାକୁ ହେଲେ ମାତୃଭାଷାରେ ଶିକ୍ଷା ଦେବା ଜରୁରି। ଭାରତକୁ ପୁଣି ଥରେ ବିଶ୍ୱର ଶିଖରରେ ପହଞ୍ଚାଇବାକୁ ହେଲେ ଆମକୁ ଭାରତୀୟ ଭାଷାକୁ ଅଗ୍ରାଧିକାର ଦେବାକୁ ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ହଳଧର ନାଗଙ୍କ ଉପରେ ଲିଖିତ କିଛି ପୁସ୍ତକ, ଗ୍ରନ୍ଥାବଳୀ ଏବଂ ସଂକଳନକୁ ଉନ୍ମୋଚନ କରିଥିଲେ। ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସମେତ ବରଗଡ଼ ସାଂସଦ, ବିଧାୟକଗଣ ଏବଂ ଜନପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ଉମାଚରଣଙ୍କ ସ୍ମୃତିଚାରଣ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ପ୍ରଥିତଯଶା, କୃତବିଦ୍ୟ ଶିକ୍ଷକ ସ୍ୱର୍ଗତଃ ଉମାଚରଣ ଶତପଥିଙ୍କର ୮୯ ବର୍ଷ ବୟସରେ ପରଲୋକ ଘଟିଛି। ସେ ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ଡେଲାଙ୍ଗରେ ୧୯୭୧ ମସିହାରୁ ୧୯୯୫ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ସ୍ୱର୍ଗତଃ ଶିକ୍ଷକଙ୍କ ନିଜ ଗ୍ରାମ ହରିପୁର ପିପିଲି ଠାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶିକ୍ଷାଶ୍ରୀ ସନ୍ତୋଷ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତଃ ଉମାଚରଣଙ୍କର ଜ୍ୟେଷ୍ଠ ଜାମାତା ଅବସରପ୍ରାପ୍ତ ସର୍ବଭାରତୀୟ ସ୍ତରର ବ୍ୟାଙ୍କ ଅଧିକାରୀ ରବିନାରାୟଣ ପଣ୍ଡା ସ୍ମୃତିଚାରଣ ସଭା ଆୟୋଜନ କରିଥିଲେ। ସଭା ପ୍ରାରମ୍ଭରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ଏକ ମିନିଟ୍ ନିରବ ପ୍ରାର୍ଥନା ହୋଇଥିଲା। କସ୍ତୁରବା ବାଲବାଡ଼ି କେନ୍ଦ୍ରର ସଂଚାଳିକା କବିତା ପରିଡ଼ାଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା କରାଯିବା ପରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସିଥିବା ଛାତ୍ରୀ/ଛାତ୍ର ତଥା ଶୁଭେଚ୍ଛୁମାନେ ସ୍ୱର୍ଗତଃ ଶିକ୍ଷକଙ୍କର ବହୁବିଧ ପ୍ରତିଭାର ଗୁଣଗାନ କରିଥିଲେ। ସେ ମୌଳିକ ବିଦ୍ୟାଳୟର ଶିକ୍ଷକ ରୂପେ ସମ୍ପ୍ରତି ପରିକଳ୍ପିତ ଶିକ୍ଷାଦାନ ପ୍ରଣାଳୀକୁ ୪୦ବର୍ଷ ପୂର୍ବେ ଆପଣେଇ ନିଆରା ଢ଼ଙ୍ଗରେ ଶିକ୍ଷାଦାନ କରି ଅନେ୍ୟକ କୃତି ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ଥିଲେ ମାହିର୍। ଜଣେ ସଚ୍ଚୋଟ, ସମୟାନୁବର୍ତ୍ତୀ ଓ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସମଗ୍ର ପୁରୀ ଜିଲ୍ଲାରେ ସେ ଥିଲେ ଅନନ୍ୟ।



ଆୟୋଜିତ ସ୍ମୃତିଚାରଣ ସଭାରେ ସୁଧାଂଶୁବାଳା ମହାପାତ୍ର, ଅନୁସୂୟା ଦାଶ, ଅଭିମନ୍ୟୁ ସ୍ୱାଇଁ, ବିଶ୍ୱଜିତ୍ ପରିଡ଼ା, ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ସାରଦାନନ୍ଦ ପ୍ରଧାନ, ଜାମାତା ରାମଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଉମାଚରଣ ଶତପଥିଙ୍କର କୋହଭରା କଣ୍ଠରେ ଗୁଣଗାନ କରିଥିଲେ। ଶେଷରେ ସୁପୁତ୍ର ଶକ୍ତି ପ୍ରସାଦ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଲାଇରେ ପରୀକ୍ଷା, ଆଜି ପର୍ଯ୍ୟନ୍ତ ପିଲାଙ୍କୁ ମିଳିନି ବହି

ଆସିକା (ଭାସ୍କର ନ୍ୟୁଜ୍) : ଆସିକା ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଆଜି ସୁଦ୍ଧା ପିଲାଙ୍କୁ ବହି ମିଳିନାହିଁ। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସରେ ବିଦ୍ୟାଳୟ ଗୁଡ଼ିକୁ ସରକାର ପିଲାଙ୍କ ସକାଶେ ବହି ଯୋଗାଇ ଦେଉଥିବାର ନଜିର ରହିଛି। ଚଳିତ ବର୍ଷ ଆସିକା ଅଞ୍ଚଳରେ ଥିବା ଅଧିକାଂଶ ବିଦ୍ୟାଳୟ ଗୁଡିକରେ ଆଜି ସୁଦ୍ଧା ପିଲାଙ୍କୁ ବହି ମିଳିନାହିଁ। ଏପଟେ ଆଦର୍ଶ ବିଦ୍ୟାଳୟରେ ଜୁଲାଇ ପହିଲାରେ ପିଲାଙ୍କ ପରୀକ୍ଷା ହେବାକୁ ଯାଉଛି। ବହି ମିଳିନି ପରୀକ୍ଷା ଦେବେ ପିଲାମାନେ କେମିତି ? ଏନେଇ ଆସିକା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ବହି ବଣ୍ଟନ ଦାୟିତ୍ୱରେ ଥିବା ମହାଶୟଙ୍କୁ ଫୋନ କରିଲେ ବାବୁ କହୁଛନ୍ତି ବହି ବଣ୍ଟନ ସରିଛି ବୋଲି। ଗଣଶିକ୍ଷା ବିଭାଗ ମାର୍ଚ୍ଚ ମାସରେ ବହି ଯୋଗାଇବା ବଦଳରେ ଜୁଲାଇ ହେବାକୁ ଯାଉଛି। ଆଜି ସୁଦ୍ଧା ପିଲାଙ୍କ ନିକଟରେ ବହି ପହଁଞ୍ଚି ପାରିନାହିଁ। ସେପଟେ କିଛି ଅଭିଭାବକ ଅଭିଯୋଗ କରିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବହି ବାହାରେ ବିକ୍ରୀ ହୋଇଥିବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଅଭିଭାବକ। ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଓଡ଼ିଆ ବହି ଯୋଗାଇ ଥିବାବେଳେ ବାକି ବହି ପିଲାଙ୍କୁ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।

## ଡେରାବିଶ ସାଂସ୍କୃତିକ ସଂଗଠନର ପ୍ରତିଷ୍ଠା ଦିବସ ପାଳିତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ସାଇ ଟ୍ୟୁଟୋରିଆଲ ପରିସରରେ ଆଜି ଡେରାବିଶ ସାଂସ୍କୃତିକ ସଂଗଠନର ପଂଚଦଶତମ ପ୍ରତିଷ୍ଠା ଦିବସ ଓ ପ୍ରତିଭା ସମ୍ମାନ ଉତ୍ସବ ପାଳନ ହୋଇଯାଇଛି। ସାଂସ୍କୃତିକ ସଂଗଠନର ଉପସଭାପତି ମହେନ୍ଦ୍ର କୁମାର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାକର ସାମଲ, ଗୋଲଖ ମହାଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ୧୫ ବର୍ଷ ବୟସ୍କ ଏହି ସାଂସ୍କୃତିକ ସଂଗଠନ ଡେରାବିଶ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଡେରାବିଶର ଲୁକ୍କାୟିତ ପ୍ରତିଭାମାନଙ୍କୁ ସାରା ରାଜ୍ୟରେ ପହଂଚାଇ ପାରିଛି ବୋଲି କହିଥିଲେ। ଏହି ଅବସରରେ ଡେରାବିଶର ଦୁଇଜଣ ପ୍ରତିଭାବାନ୍ ଛାତ୍ରୀଙ୍କୁ ସଂଗଠନ ପକ୍ଷରୁ ଅତିଥିମାନେ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ସଂଗଠନର ଦୀର୍ଘ ୧୫ ବର୍ଷର ବିଭିନ୍ନ ସୁମଧୁର ସ୍ମୃତିକୁ ବଖାଣିଥିଲେ । ପ୍ରାରମ୍ଭରେ ସଂଗଠନର ସହ-ସମ୍ପାଦକ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଗୋଲରାହାଟର ପୂର୍ବତନ ସରପଂଚ ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ଅଂଚଳର ବହୁ ବୁଦ୍ଧିଜୀବୀ ଓ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଦସ୍ୟ ସାହାଜାନ ଖାଁ, ସରୋଜ କୁମାର ଦାସ, ପ୍ରଭାକର ଲେଙ୍କା, ଅନୁପ କୁମାର ରାଉତ, ମରୁତ କୁମାର ସ୍ୱାଇଁ, ସଚିଦାନନ୍ଦ ରଥଙ୍କ ସମେତ ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ରାଶିଫଳ


**ରବିବାର, ୨୯ ଜୁନ୍ ୨୦୨୫**



**ମେଷ:** ପାରିବାରିକ ସମସ୍ୟା ଚିନ୍ତାର କାରଣ ହୋଇପାରେ। ଦୂରେଇ ଚାଲିଯାଇଥିବା ବନ୍ଧୁ ଆପଣଙ୍କ ସହ ମିଶିବା ପାଇଁ ଚେଷ୍ଟା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ଭାବିବେ। ଶିକ୍ଷାର୍ଥୀମାନେ ବିଦ୍ୟାରେ ସଫଳତା ହାସଲ କରିବେ। ସାମାଜିକ ଆଦୃତି ମାଧ୍ୟମରେ ସୁଖ ସମ୍ମାନ ପ୍ରଦାନ କରିବେ।




**ବୃଷ:** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ପିଲାମାନେ ପଢାପଢିରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ।



**ମିଥୁନ:** ରୋଗର ପ୍ରକୋପ ବୃଦ୍ଧି ପାଇବ। ଉଚିତ୍ ବ୍ୟବହାର ପାଇଁ ଖୁସିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଖର୍ଚ୍ଚ ହେବାର ସମ୍ଭାବନା ଅଛି। ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ।




**କର୍କଟ:** କର୍ମ କ୍ଷେତ୍ରରେ ଯେଉଁ କାର୍ଯ୍ୟ ହାତକୁ ନେବେ ସେଥିରେ ବିଫଳ ହେବେ। ପ୍ରତ୍ୟେକ କ୍ଷେତ୍ରର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶତ୍ରୁମାନଙ୍କ ଚକ୍ରାନ୍ତ ଓ କାର୍ଯ୍ୟ କଳାପ ଆପଣଙ୍କୁ ଦୁଃଖି କରିପାରେ। ବାଦବିବାଦ ସୃଷ୍ଟି ହୋଇ ପରେ ସମାଧାନ ହୋଇଯିବ ।



**ସିଂହ:** ପାରିବାରିକ କଷ୍ଟ ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। କର୍ମକ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ । ଜମିଜମା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ମହିଳା ମାନଙ୍କ ପାଇଁ ଦିନଟି ମହତ୍ୱପୂର୍ଣ୍ଣ ରହିବ ।



**କନ୍ୟା:** ରୋଗୀମାନଙ୍କ ଅସୁସ୍ଥତା କମି ଯାଇପାରେ। ଭାଗ୍ୟ ଆପଣଙ୍କୁ ବହୁତ ସମର୍ଥନ କରିବ ଓ କାର୍ଯ୍ୟ ଅବସ୍ଥା ଅନୁକୂଳ ହେବ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ମହିଳାମାନେ ବନ୍ଧୁଙ୍କ ସହିତ ସମୟ କଟିବେ।



**ତୁଳା:** ପୁରୁଣା କରଜ ଆପଣଙ୍କୁ ଫେରସ୍ତ ମିଳିପାରେ। ସ୍ୱାସ୍ଥ୍ୟ ଲାଗି ଖର୍ଚ୍ଚ କରିବେ। ବିଦ୍ୟାର୍ଥୀମାନେ କିଛି ନୂତନ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିବେ । ବ୍ୟବସାୟ, ପରିବହନ କ୍ଷେତ୍ରରେ ଥିବା ଦ୍ୱନ୍ଦ ଦୂର ହେବ । ରାଜନୀତିରେ ସାଧାରଣ କଥାକୁ କଥା କଟାକଟି ହୋଇପାରେ।



**ବିଚ୍ଛା:** ପିଲାମାନେ ପରିଶ୍ରମ କରି ମଧ୍ୟ ବିଫଳ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ଦୂର ଜାଗାକୁ ସ୍ଥାନାନ୍ତର ହେଲେ ମଧ୍ୟ ସମ୍ମାନ ଓ ପଦବୀରେ ଉନ୍ନତି ଆସିପାରେ। ଗୃହିଣୀ ମାନଙ୍କ ପାଇଁ ଦିନଟି ଶୁଭପ୍ରଦ ରହିବ ।




**ଧନୁ:** ବ୍ୟବସାୟରେ ଆଂଶିକ ସଫଳତା ପାଇବେ । ରାଜନିତିରେ ଛୋଟ କଥାକୁ ବଡ କରି ବିବାଦ ଲାଗିପାରେ। ଛାତ୍ରଛାତ୍ରୀମାନେ ପଢାରେ କଷ୍ଟ କରିବେ। କର୍ମକ୍ଷେତ୍ରରେ ସାମାନ୍ୟ ବିଶ୍ରାମ କରିବାର ସୁଯୋଗ ପାଇବା କଷ୍ଟକର ହୋଇପାରେ। ଅଧିକ ମୂଲ୍ୟ ଦେଇ ଜମି କିଣିବେ। ଶତ୍ରୁଙ୍କର ସଡ ଯନ୍ତ୍ରର ଶିକାର ହୋଇ ପାରନ୍ତି।




**ମକର:** ବ୍ୟବସାୟରେ ଉନ୍ନତି ସହିତ ଅନେକ ସୁବିଧା ସୁଯୋଗ ପ୍ରାପ୍ତି ହେବ। ପୋଲିସ୍ ଓ ଟିକସ କର୍ମଚାରୀମାନଙ୍କ ଠାରୁ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିଦେଶ ଭ୍ରମଣରେ ଯୋଗ ରହିଛି । ସଞ୍ଚିତ ଅର୍ଥ ବ୍ୟୟ ହୋଇପାରେ । ମହିଳା ମାନେ ସମସ୍ତଙ୍କ ପ୍ରତି ବ୍ୟବହାର ଭଲ ରଖିବେ ।



**କୁମ୍ଭ:** ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।



**ମୀନ:** ଦୂରସ୍ଥାନକୁ ଯାତ୍ରାକରି ଶାରିରୀକ ଅସୁସ୍ଥତା ଅନୁଭବ କରିବେ । ଅନ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି, କିନ୍ତୁ ଠିକ୍ ସିଦ୍ଧାନ୍ତ ଯୋଗୁ କାର୍ଯ୍ୟ ଉତମ ହେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କୋର୍ଟରେ ଶୁଭ ଫଳ ପାଇବେ । ମହିଳାମାନେ ନିରାଶବାଦୀ ରହିବେ।



ଜ୍ୟୋତିର୍ବିଦ ଶ୍ରୀପତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟର ବିଜେପି କାର୍ଯ୍ୟାଳୟ ଠାରେ ଜୁନ ୨୫ ତାରିଖ ଦିନ ସନ୍ଧ୍ୟାରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ କଂଗ୍ରେସ ସରକାରଙ୍କ ଆପାତ କାଳ ଘୋଷଣା ଦିନକୁ କଳା ଦିବସ ରୂପେ ପାଳନ କରିଛି। କେନ୍ଦ୍ରରେ ପୂର୍ବ ସରକାରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧିନ କଂଗ୍ରେସ ସରକାର ୨୫ ଜୁନ ୧୯୭୫ ରେ ଭାରତୀୟ ଲୋକତନ୍ତ୍ରରେ ଯେଉଁ କଳଙ୍କ ଲଗାଇଥିଲା, ଭାରତର ସମ୍ବିଧାନର ନିୟମାବଳୀକୁ ଉଲଘଂନ କରି ଲୋକତନ୍ତ୍ରର ସମ୍ପୂର୍ଣ୍ଣ ଧ୍ୱଜିଆ ଉଡ଼ାଯାଇଥିଲା, ଭାରତର ନୂଆ ପିଢି ଏହି କଥାକୁ କେବେ ଭୁଲିପାରିବେ ନାହିଁ। ଭାରତୀୟ ଲୋକତନ୍ତ୍ରରେ ଗୋଟିଏ ପରିବାରବାଦ ସରକାର ସବୁଦିନ ପାଇଁ ଶାସନ କରିବା ଏବଂ ପରବର୍ତ୍ତି ସମୟରେ ନିର୍ବାଚନ ହାରିବା ଭୟରେ ଯେଉଁ ଆପାତକାଳ ଘୋଷଣା କରି ଯେଉଁ କଳଙ୍କ ଲଗାଇଥିଲା ତାକୁ କେବେ ମଧ ଭୁଲା ଯାଇପାରିବ ନାହିଁ । କଂଗ୍ରେସ ସରକାର ଭାରତୀୟ ଲୋକତନ୍ତ୍ର ବ୍ୟବସ୍ଥାରେ ଯେଉଁ ଭୁଲ କରିଛି ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଏ ବିଷୟରେ ଜାଣିବା ଉଚିତ ଏବଂ ଗୋଟିଏ ଗୋଟିଏ ସାଧାରଣ ଜନତାଙ୍କୁ ଜଣାଇବା ଉଚିତ ବୋଲି ଆଜି ଭାରତୀୟ ଜନତା ପାର୍ଟି ଏହି ଦିନକୁ କଳା ଦିବସ ରୂପେ ପାଳନ କରୁଅଛି । ବୈଠକରେ ମୁଖ୍ୟ ଅତିଥି ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ନଗର ସଭାପତି ସନ୍ତୋଷ ଶର୍ମା, ବିଧାନସଭା ସଂଯୋଜକ ସୁରେଶ ଆଚାର୍ଯ୍ୟ, ପୂର୍ବତନ ନଗର ସଭାପତି ଗୋପୀନାଥ ସାହୁ, ଆପାତକାଳ ସମୟର କଳଙ୍କିତ ଦୃଶ୍ୟାବଳିକୁ କାର୍ଯ୍ୟକର୍ତ୍ତା ଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବୈଠକ ପରିଚାଳନା କରିଥିଲେ ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ। ଏହି ବୈଠକରେ ବହୁତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



# ଗୋପାଳକୃଷ୍ଣଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ରୀତିଯୁଗର ଶ୍ରେଷ୍ଠ ଗୀତିକବି କଳହଂସ ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ୨୪୨ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ପାଳିତ ହୋଇସାରିଛି। ପାରଳାର କିମ୍ବଦନ୍ତୀ ପୁରୁଷ, ଏମାଟିର ଅମ୍ଳାନ ପ୍ରତିଭାଧର ଓଡ଼ିଶା ଇତିହାସର ଅଦ୍ୱିତୀୟ ମନିଷୀ ଗୋପାଳକୃଷ୍ଣଙ୍କ ପଦାବଳୀ କାଳଜୟୀ ବୋଲି ବକ୍ତାମାନେ କହିଥିଲେ। ସଭା ପ୍ରାରମ୍ଭରେ ରାଜେନ୍ଦ୍ର କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମୁଖ୍ୟ ଅତିଥି ଭାବେ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ,ମୁଖ୍ୟବକ୍ତା ଭାବେ ମନୋଜ କୁମାର ପଟ୍ଟନାୟକ,ସମ୍ମାନିତ ଅତିଥି ଭାବେ ଅର୍ଚ୍ଚନା ମଙ୍ଗରାଜ,ସମ୍ମାନିତ ବକ୍ତା ଭାବେ ଇଂ.ଶ୍ୱେତା ପଟ୍ଟନାୟକ ଓ ବ୍ରଜାନନ୍ଦ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କବିଙ୍କର ଗୀତ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଗୋପାଳ ନାୟକ, ଶ୍ୟାମସୁନ୍ଦର ଗନ୍ତାୟତ, ଡ.ନରସିଂହ ଗୌଡ,ଭାଗବତ ପାଢୀ, ସ୍ନେହା ବେହେରା, ତ୍ରିପତି ପଣ୍ଡା,ପ୍ରଭୃତି ନିଜ ନିଜର ମତ ପ୍ରକାଶ କରିଥିଲେ। ପ୍ରତିଯୋଗିତାର ବିଜୟୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ତନିଶା ବେବର୍ତ୍ତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ନୟନା ପଟ୍ଟନାୟକ ଗାଇଥିବାବେଳେ । ଶେଷରେ ରାଜେଶ୍ୱରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ନିର୍ଯାତନା ବିରୁଦ୍ଧରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଆନ୍ଦୋଳନ




ମାଲକାନାଗିରି(ଭାସ୍କର ନ୍ୟୁଜ୍): ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ମାଲକାନଗିରି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ମହିଳା ନିର୍ଯାତନା ବିରୁଦ୍ଧରେ ଯୁବ ବିଜେଡି ନେତା ରବି ରାଜେଶ ଏବଂ ଛାତ୍ର ବିଜେଡି ନେତା ତାପଶ ନାୟକଙ୍କ ନେତୃତ୍ୱରେ ମାଲକାନଗିରି ମହାବିଦ୍ୟାଳୟ ଛକ ଏବଂ ମହାବିଦ୍ୟାଳୟ ଗେଟ୍ ସମ୍ମୁଖରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରି ବିଜେପି ଶାସିତ ସରକାରଙ୍କ ବିରୁଦ୍ଧରେ ଗର୍ଜନ କରିଛନ୍ତି। ଯୁବତୀମାନଙ୍କ ଉପରେ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଘଟଣାରେ ଅହେତୁକ ବୃଦ୍ଧି ରାଜ୍ୟରେ ପ୍ରତିଦିନ ୧୫ ଯୁବତୀ ଦୁଷ୍କର୍ମର ଶିକାର ପାଇଁ ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ, ପିକେଟିଂ, କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଛନ୍ତି। ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଆଜି ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ଡାକରା ଦେଇଛି। ଆଜିର ଏହି ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ଡାକରାରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗ ଦେଇ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ, ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି ବୋଲି କହିଥିଲେ। ଯୁବ ବିଜେଡି ନେତା ରବି ରାଜେଶ ଏବଂ ଛାତ୍ର ବିଜେଡି ନେତା ତାପସ ନାୟକ ମଧ ବିକ୍ଷୋଭ ପ୍ରଦର୍ଶନ କରି ମାଲକାନଗିରି ଜିଲ୍ଲାରେ ମଧ ଦିନକୁ ଦିନ ଛାତ୍ରୀ ଗଣ ଦୁଷ୍କର୍ମ ଶିକାର ହେଉଥିବା ବେଳେ ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବା କହିଥିଲେ। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପୂର୍ବତନ ଯୁବ ସଭାପତି ଆତ୍ମା ରାବା, ବିଜେଡି ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ବିଜେଡି ମହିଳା ନେତ୍ରୀ ପ୍ରଶାନ୍ତି ଲତା ବିଶୋଇ , ଯୁବ ବିଜେଡି ନେତା ଅଟାଲ ରାଜୁ , ଯୁବ ବିଜେଡି ନେତା ବଳରାମ ଭଞ୍ଜ , କାଳିମେଳା ବିଜେଡି ଛାତ୍ର ନେତା ସଞ୍ଜୁ ସରକାର , ଯୁବ ନେତା ଶଙ୍କର ପାଣିଗ୍ରାହୀ, ସୋମେଶ ବାଘ , ଯୁବ ନେତା କେ .ରାହୁଲ ,ଏସ୍‌ବାଲା , ସୁବ୍ରତ ଶୀଲ , ସତ୍ୟ ଜିତ ଗୌଡ଼ , ଚକ୍ରଧର ଦୁର୍ଗା ଏବଂ ମିଡ଼ିଆ ସଂଯୋଜକ ସଦାନନ୍ଦ ଖରା ପ୍ରମୁଖଙ୍କ ସହ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତା ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ମଦ ଦୋକାନ ସ୍ଥାନାନ୍ତର ଦାବି

କୁଚିଣ୍ଡା, (ଭାସ୍କର ନ୍ୟୁଜ୍) : ବଣାଇଁ ମୁଖ୍ୟ ରାସ୍ତାକଡ଼ରେ ବିଦେଶୀ ମଦ ଦୋକାନ ଖୋଲିବା ନେଇ ଅଭିଯୋଗ ହୋଇଛି। ଏହି ଦୋକାନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମଧ୍ୟରେ ମହିଳା +୨ କଲେଜ,ବସଷ୍ଟାଣ୍ଡ, ଏଲ୍‌ଆଇସି ଅଫିସ, ଗ୍ରାମ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ମଦଦୋକାନ ସମ୍ମୁଖରେ ଗାଧୁଆ ବନ୍ଧ, ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଓ କେନ୍ଦୁପତ୍ର ରେଞ୍ଜ' ଓ ଡିଭିଜନ ଅଫିସ ମାନ ରହିଛି। ତେଣୁ, ବନ୍ଧକୁ ଗାଧୋଇ ଆସୁଥିବା ମହିଳା, +୨ ମହିଳା କଲେଜ ଯାତାୟତ ଛାତ୍ରୀ ସମେତ କାର୍ଯ୍ୟାଳୟ କର୍ମଚାରୀଙ୍କ ସମସ୍ୟା ବଢ଼ିଚାଲିଛି। ଏନେଇ କୁଚିଣ୍ଡା ଜିଲ୍ଲା ପରିଷଦ ୨ର ସଦସ୍ୟ ଦିବ୍ୟ ରାଜ କିଶାନ, ଓ ସମ୍ବଲପୁର ସାଂସଦ ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ, ତୁରନ୍ତ ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ଦୃଢ଼ ଦାବି କରିଛନ୍ତି।

## ସମ୍ବିଧାନ ହତ୍ୟା ଦିବସ ପାଳିତ

ବରଗଡ଼, (ଭାସ୍କର ନ୍ୟୁଜ୍) : ଅଞ୍ଚଳ ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧକ୍ଷ ପ୍ରଫେସର ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗ ମୁଖ୍ୟ ଅଧାପିକା ଶର୍ମିଳା ପଣ୍ଡା, ଅଧାପକ ଭୁବନେଶ୍ୱର ବରିହା, ଅଧାପକ ବିପିନ ପାଇକ, ଇତିହାସ ବିଭାଗ ମୁଖ୍ୟ ଅଧାପିକା ବୁନି ସାହୁ, ଅନନ୍ତ ମଲ୍ଲିକ ଯୋଗଦେଇ ଭାରତୀୟ ସମ୍ବିଧାନ ଉପରେ ବିଶଦ ଆଲୋଚନା କରିବା ସହ ସମ୍ବିଧାନ ହତ୍ୟା ଦିବସ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଶ୍ରୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।ଏହି ସଭାରେ କଲେଜର ଶତାଧିକ ଛାତ୍ର ଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ଯୋଗ ଦେଇଥିଲେ।

# ପଥ ପାର୍ଶ୍ୱରେ ନର୍କ ପାଲଟିଛି ଅଳିଆଗଦା

## ପୌରପରିଷଦର ଅବହେଳା ଅଭିଯୋଗ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ଜନସାଧାରନଙ୍କ ପ୍ରତି ମାଲକାନଗିରି ପୌରପରିଷଦର ବେଖାତିର ଓ ଅଣଦେଖା । ଗୌଡଗୁଡ଼ା ପଞ୍ଚାୟତ ଦେଇ ମାଲକାନଗିରି ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘ ଦିନରୁ ଏକ ବିରାଟ ଅଳିଆ ଗଦା କିପରି ପଡ଼ି ରହିଛି, ଯାହାକି ପୌର ପରିଷଦ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଉପରେ ପ୍ରଶ୍ନ ସୃଷ୍ଟି କରୁଛି । ବର୍ତ୍ତମାନ ଏହି ରାସ୍ତା ଦେଇ ମାଲକାନଗିରି ସହରକୁ ପ୍ରତି ଦିନ ଯାତାୟାତ କରୁଥିବା ଶହ ଶହ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଅଳିଆରୁ ବାହାରୁଥିବା ଦୁର୍ଗନ୍ଧ ଏତେ ଭୟଙ୍କର ଯେ ଲୋକଙ୍କୁ ନାକ ବନ୍ଦ କରି ଯିବାକୁ ପଡୁଛି, ଯାହା ଚିତ୍ରରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହା କେବଳ ଏକ ଅସୁବିଧା ନୁହେଁ ବରଂ ଏହି ସ୍ଥାନରୁ ପ୍ରତିଦିନ ଯାତାୟାତ କରୁଥିବା ଲୋକଙ୍କ ପାଇଁ ଏକ ପ୍ରମୁଖ ଦୈନନ୍ଦିନ ଚ୍ୟାଲେଞ୍ଜ ପାଲଟିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିବା ସହ ଅଭିଯୋଗ କରିଛନ୍ତି ଯେ ଏହି ଅଳିଆ ମାଲକାନଗିରି ପୌର ପରିଷଦ ଦ୍ୱାରା ଚାଳିତ ଭ୍ୟାନ ଓ ସହର କେତେକ ଲୋକଙ୍କ ଦ୍ୱାରା ଫୋପାଡ଼ି ଦିଆଯାଉଛି। ତେବେ ବର୍ତ୍ତମାନ ବର୍ଷା ଋତୁ ଆସିଲାଣି ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନିକ ଅଧିକାରୀ ବିଭିନ୍ନ ସଂକ୍ରମକ ରୋଗ, ହଇଜା, ଡାଇରିଆ, ମ୍ୟାଲେରିଆ ଆଦିରୁ ନିରାକରଣ ପାଇଁ ଲୋକଙ୍କୁ ସଚେତନତା କରାଉଛନ୍ତି। କିନ୍ତୁ ବର୍ତ୍ତମାନ ଖୋଲା ସ୍ଥାନରେ ପଡ଼ି ରହିଥିବା ଏହି ଅଳିଆ ଆବର୍ଜନା ଡାଇରିଆ, ମ୍ୟାଲେରିଆ, ଡେଙ୍ଗୁ, ଟାଇଫଏଡ୍ ଇତ୍ୟାଦି ବିଭିନ୍ନ ରୋଗର ଆଶ୍ରୟସ୍ଥଳ ହୋଇଥିବାବେଳେ ଏହା ବିଶେଷକରି ପିଲା ଏବଂ ବୟସ୍କ ଲୋକଙ୍କଠାରେ ଶ୍ୱାସକ୍ରିୟା ଜନିତ ରୋଗ ମଧ ସୃଷ୍ଟି କରିପାରେ ଓ ଏଠାରୁ ଯାତାୟାତ କରୁଥିବା ଲୋକଙ୍କ ପାଇଁ ଆଗାମୀ ଦିନରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେଇପାରେ ।ଏହି ମଇଳା ସମଗ୍ର ଅଞ୍ଚଳର ସୌନ୍ଦର୍ଯ୍ୟ ଏବଂ ପରିବେଶକୁ ନଷ୍ଟ କରୁଥିବା ବେଳେ ବର୍ତ୍ତମାନ ମାଲକାନଗିରି ପୌର ପରିଷଦର ଅପାରଗତା ଏବଂ ଅବହେଳା ଉପରେ ସିଧାସଳଖ ପ୍ରଶ୍ନ ଉଠୁଛି। ଏହି ସ୍ଥାନରୁ ମାତ୍ର ୧୦୦ ମିଟର ଦୂରତାରେ ଅବସ୍ଥିତ ଅନ୍ୱେଷା ହଷ୍ଟେଲରେ ରହୁଥିବା କୁନି କୁନି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଆସିଲେ କିଏ ଦାୟୀ ରହିବ ଏବଂ ପ୍ରତି ଦିନ ପ୍ରାୟ ୧ ହଜାରରୁ ୧୫୦୦ ଲୋକେ ଯିବା ଆସିବା କରୁଥିବା ରାସ୍ତା କଡ଼ରେ ଏପରି ଅଳିଆ ଆବର୍ଜନା ପାଇଁ କାହିଁକି ଉପଯୁକ୍ତ ବ୍ୟବସ୍ଥା କଲେ ନାହିଁ ମାଲକାନଗିରି ପୌର ପରିଷଦ? କ'ଣ ଏହାର ଦାୟିତ୍ୱରୁ ମୁହଁ ଫେରାଇ ନେଉଛି କି ? ତେବେ ଜିଲ୍ଲା ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଧ୍ୟାନ ଦେବା ଉଚିତ ଏବଂ ଏକ ସ୍ଥାୟୀ ସମାଧାନ ଯୋଗାଇବା ଉଚିତ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# 'ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ ଉଦ୍‌ଯାପିତ

କନ୍ଧମାଳ (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନର 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ଅବସରରେ କନ୍ଧମାଳ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଶେଷଦିନରେ ସକାଳୁ ମିନି ମାରାଥନ, ଶୋଭାଯାତ୍ରା ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଏହି ରକ୍ତଦାନ ଶିବିରରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସକାଳେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦି, କନ୍ଧମାଳ ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢୀ ପ୍ରମୁଖ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାକୁ ନିଶାମୁକ୍ତ କରିବା, ଅପମିଶ୍ରିତ ଓ ବିଷାକ୍ତ ଏବଂ ବେଆଇନ ମଦ କାରବାର ବନ୍ଦ କରିବା, ନିଶା ସେବନ ଦ୍ୱାରା ହେଉଥିବା ସମସ୍ୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଘରୋଇ ହିଂସା ରୋକିବା ପାଇଁ ସର୍ବସାଧାରଣଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ବେଆଇନ ମାଦକ ଦ୍ରବ୍ୟ କାରବାର କରୁଥିବା ଲୋକଙ୍କ ବିରୋଧରେ ରହିଥିବା କଠୋର ଆଇନ ଉପରେ ମଧ ସଚେତନ କରାଇଥିଲେ। ଗୁରୁବାର ସନ୍ଧ୍ୟା ସମୟରେ ଫୁଲବାଣୀ ଗାନ୍ଧିସ୍ମୃତି ଭବନ ଠାରେ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀର ବିଜେପି ବିଧାୟକ ଉମାଚରଣ ମଲ୍ଲିକ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ସରକାରୀ କାର୍ଯ୍ୟକ୍ରମ କ୍ରମକୁ ସରକାରୀ ଅଧିକାରୀମାନେ ସଂଯୋଜନା କରିନଥିଲେ, କାରଣ ଓଡ଼ିଆ କହିବାରେ ସମସ୍ୟା ଯୋଗୁ ଅନ୍ୟକୁ କାର୍ଯ୍ୟକ୍ରମ ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଅବକାରୀ ବିଭାଗର ଆରକ୍ଷୀ ଅଧକ୍ଷଙ୍କ ଦ୍ୱାରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସଭାକାର୍ଯ୍ୟକୁ ଆଗକୁ ନେଇଥିଲେ। ମୁଖ୍ୟଅତିଥି ଫୁଲବାଣୀ ବିଧାୟକ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ,ପରିବହନ ବିଭାଗ ଓ ପୋଲିସ ବିଭାଗ ଅଧିକାରୀମାନଙ୍କୁ କହିଥିଲେ ନିଶା ଦ୍ରବ୍ୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ବେନିୟମ ଭାବରେ ମଦ ,ଗଂଜେଇ, ଧଳା ଜହର ବିକ୍ରି କରୁଥିବା ବ୍ୟକ୍ତି ଙ୍କ ପ୍ରତି ଦୃଢ଼କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।ଏହା କରାଗଲେ ଜିଲ୍ଲାରେ ଦୁର୍ଘଟଣା, ଅପରାଧ କମିବ। ଜିଲ୍ଲା ଏକ ଦୁର୍ଘଟଣା ମୁକ୍ତ, ନିଶା ମୁକ୍ତ ଜିଲ୍ଲା ହୋଇପାରିବ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ନିଶା ଦ୍ରବ୍ୟ ବିକ୍ରି, ପାନୀୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିୟମ ଆରମ୍ଭ କରି ସଚେତନତା କରାଉଛନ୍ତି ବୋଲି ପ୍ରକାଶ କରିଥିଲେ।କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ନାୟକ, ଫୁଲବାଣୀ ଆଇଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ବିଡିଓ ସୌମ୍ୟ ରଞ୍ଜନ ପାତ୍ର ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରିଣୀ ଶତପଥୀ ଉପସ୍ଥିତ ଥିଲେ। ଏହାସହିତ ସଚେତନତା ସମୟରେ ସ୍କୁଲ, କଲେଜ ଜିଲ୍ଲା ସ୍ତରରେ ବକ୍ତୃତା, ଚିତ୍ରାଙ୍କନ,ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଶେଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରିଣୀ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ।।।। ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ ।।।।

ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ଠାରେ ଶାନ୍ତି ଶୃଙ୍ଖଳାର ସହ ରଥ ଯାତ୍ରା ସଂପନ୍ନ ହେଇଯାଇଛି। ସମସ୍ତ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ପରେ ୩ ଠାକୁର୍ ରଥରେ ବିଜେମାନ ହେଇଥିଲେ। ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟ ରାଜ ପୁରୋହିତ ଗୌରହରୀ ମିଶ୍ରଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ




ମନ୍ଦିର ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ତହସିଲଦାର ମେଘବାନ ବାଘ ଛେରା ପହରା କରିବା ପରେ ଶହ ଶହ ପୁରୁଷ ଓ ମହିଳା ଭକ୍ତ ମିଶି ରଥଟଣା ଆରମ୍ଭ କରିଥିଲେ। ପୌରାଧକ୍ଷା ରାଧା ଭତ୍ର। ଦେବଦତ୍ତ କମିଟି ସଭାପତି ତଥା ତହସିଲଦାର ମେଘବାନ ବାଘ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉପ ସଭାପତି ଜୟଦେବ କୁମାର ପରିଡ଼ା, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ନଗରପାଳ ପାଳ ଝାଡେଶ୍ୱର ମହାନ୍ତି , ରଜତ ସନ୍ତରା, ଦ୍ୱାରିକା ନାଥ ପାଣିଗ୍ରାହୀ, କାଉନସିଲର ତପନ କୁମାର ଦେବନାଥ, ମୁନା ପାଢ଼ୀ ଓ ଚିତ୍ତରଞ୍ଜନ ପାତ୍ର, ବୁଢା ମିଶ୍ର, ଗଜେନ୍ଦ୍ର ନାୟକ, ବିନୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସମେତ, ଜୋଡ଼ିଙ୍ଗା, ତୁରୁଡ଼ି, ବାଗ ବେଡ଼ା, ହାଟ ଭରାଣ୍ଡି, ହତୀଙ୍ଗା, ଚିଙ୍ଗିଡ଼ା ଭାଟା, ଆଦି ସ୍ଥାନରେ ଜଗତର ନାଥ ଜଗନ୍ନାଥଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଓ ଭଉଣୀ ସୁଭଦ୍ରା ରଥାରୁଢ ହୋଇ ଛେରା ପହଁରା ପରେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରା ବଜାର ସ୍ଥିତ ମାଉସୀ ମା' ମନ୍ଦିର କୁ ବିଜେ କରିଥିଲେ। ଭକ୍ତ ଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖାଦେଇଥିଲା। ମାଉସୀ ମା ମନ୍ଦିରରେ ପ୍ରତ୍ୟେକ ଦିନ ଅନ୍ନ ଭୋଗ ମିଳିବା ସହ ସନ୍ଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି । ରାଇଘର ବିଭିନ୍ନ ସଂଗଠନ ତଥା ଯୁବ ସମାଜ ସହଯୋଗ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ୍ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜଗନ୍ନାଥ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଅଞ୍ଚଳରେ ପବିତ୍ର ରଥଯାତ୍ରା ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଅଞ୍ଚଳର ସର୍ବ ପୁରାତନ ରାଜପୁର ଗ୍ରାମର ଜଗନ୍ନାଥ ମନ୍ଦିରରେ ରାଜପୁରୋହିତ ପ୍ରଦୀପ ପାଟଯୋଶୀ ତିନି ଠାକୁରଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚନା କରିବା ପରେ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ରାଜପୁର ଜମିଦାର ଗିରିଶ ଚନ୍ଦ୍ର ସାଏ ଛେରାପହଁରା କରିଥିଲେ। ପଣ୍ଡିତ ମନୋଜ ମିଶ୍ର, ସଂଜୀବ ମିଶ୍ର, ରାମ ମିଶ୍ର, ସରୋଜ ପାଟଯୋଶୀ, ବାସୁଦେବ ଦାସ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ରଥାରୂଢ଼ ଶ୍ରୀ ବିଗ୍ରହଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହା ସହିତ କୁନି କୁନି ପିଲାଙ୍କୁ ମଧ ରଥଛୁଆଁ ହୋଇଥିଲା। ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ, ଘଣ୍ଟ ନାଦ ମଧ୍ୟରେ ଶ୍ରଦ୍ଧାଳୁମାନେ ଜଗନ୍ନାଥ ମନ୍ଦିରରୁ ସମଲାଇ ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ନେଇଥିଲେ। ଶରତ ରାଏ, ଜଗଦୀଶ ରାଏ, ପୁରନ୍ଦର ମେହେର, ଲଳିତ ମେହେର, ବେଣୁଧର ଠାକୁର, ବୈଷ୍ଣବ ସେଠ, ଲକ୍ଷ୍ମଣ ବେହେରା, ନେତ୍ରାନନ୍ଦ ସେଠ, ବିବେକ ସେଠ, ମିକୁ ସେଠ, ବିକାଶ ସେଠ, ଭିକାରୀ କାଲୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗାନ୍ଧିଛକରେ ମଧ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି। ମଣିରାମ ସିଂହ ଓ ଭବାନୀ ଶଙ୍କର ସାହୁ ଛେରାପହଁରା କରିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ପଣ୍ଡିତ ମନୋଜ ହୋତା, ମନବୋଧ ପଣ୍ଡା ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ବୁନ୍ଦେଶ୍ୱର ରାଉତ, ମେଘ ବାରିକ, ଅଶୋକ ବେହେରା, ଧନୁ ଖମାରୀ, କ୍ଷମା ଭୋଇ, ସୁନୀଲ ସରାଫ, ଲାଲଜୀ ଜୟସ୍ୱାଲ, ରୋହିତ ସିଂହ ପ୍ରମୁଖ ସହଯୋଗ କରିଥିଲେ। ବ୍ରଜରାଜନଗର ମୁଖ୍ୟ ସହର ସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀ ବିଗ୍ରହଙ୍କ ପୂଜାର୍ଚ୍ଚନା କରାଯିବା ପରେ ଅପରାହ୍ନ ୫ଟାରେ ତିନି ଠାକୁରମାନଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯିବା ପରେ ଭକ୍ତମାନେ ରଥ ଟାଣିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ କୋଷାଧକ୍ଷ ଯୁଧିଷ୍ଠିର ନାୟକ ଛେରାପହଁରା ଓ ଶ୍ରୀଧର ଦାଶ ପୂଜାକାର୍ଯ୍ୟ କରିଥିଲେ।



କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମୁଖ୍ୟ ଦପ୍ତର ଠାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଏକ କିଲୋମିଟରରୁ ଉର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ରଥ ଟଣା ବହୁ ଆଡମ୍ବର ସହିତ ସମାପ୍ତ ହୋଇଯାଇଛି । ଶୁକ୍ରବାର ଅପରାହ୍ନ ତିନିଟା ଠାରୁ ରଥ ଟଣା ସଂଧ୍ୟା ସାତଟା ରେ ସମାପ୍ତ ହୋଇଥିଲା । ରଥଟଣା ସମୟରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ତରଫରୁ ସଂଗୀତ କୀର୍ତନ ଓ ହରେକୃଷ୍ଣ ମହାମନ୍ତ୍ର ନାମ ଜପ ହୋଇଥିଲା । ଠିକ ରଥଟଣା ଆରମ୍ଭରେ ପାଗର ପରିବର୍ତନ ହୋଇ ଥଣ୍ଡା ପବନ ସହ ବର୍ଷା ହୋଇଥିଲା ଉକ୍ତ ରଥ ଟଣାରେ ବଡଦାଣ୍ଡ ରେ ଛବିଶି ଗୋଟି ପଂଚାୟତରୁ ହଜାର ହଜାର ଭକ୍ତ ଙ୍କ ସମାବେଶ ବଡଦାଣ୍ଡକୁ ଅତି ମନୋହର କରୁଥିଲା । ଅଂଚଳର କୋଡିଙ୍ଗା ଓ ବୋରଗାଁ ଠାରେ ରଥ ଟଣା ଶାନ୍ତିପୂର୍ଣ୍ଣ ଭାବରେ ସମାପ୍ତ ହୋଇଥିଲା । ରଥଯାତ୍ରା ରେ ସ୍ଥାନୀୟ ବିଡିଓ ଆଶିଷ ତ୍ରିପାଠୀ କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ,ବ୍ଲକ ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ସତ୍ୟନାରାୟଣ ଚୌଧୁରୀ , ପ୍ରକାଶ ପରିଡ଼ା ,ମନୋଜ ଚୌଧୁରୀ, ସୁଦର୍ଶନ ନାୟକ, ଚନ୍ଦନ ଗୁପ୍ତା, ନଳିନୀ କାନ୍ତ ପାତ୍ର, ନରେନ୍ଦ୍ର ବିଷୋୟୀ, ମୋହିତ ଜୈନ ପ୍ରମୁଖ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଦ୍ୱାରା ଛକ ଛକରେ ପୋଲିସ ମୁତୟନ କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଉଥିବାର ଦେଖିବାକୁ ମିଳିଥିଲା ।

କୁଚିଣ୍ଡା(ଭାସ୍କର ନ୍ୟୁଜ୍):କୁଚିଣ୍ଡା ଉପଖଣ୍ଡ ସଦରମହକୁମା ସମେତ ବିଭିନ୍ନ ବ୍ଲକ ଓ ଗାଁରେ ରଥଯାତ୍ରା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ବର୍ଷା ବାଧକ ସାଜିଥିଲା। ୫ଟାରେ ବର୍ଷା କମିବା ପରେ, ସହସ୍ରାଧିକ ଆବାଳ ବୃଦ୍ଧବନିତାଙ୍କ ସମାଗମ ବଢ଼ିଥିଲା। କୁଚିଣ୍ଡା ମନ୍ଦିର ଛକ ମନ୍ଦିରରେ ରୀତି ନୀତି ପରେ ଏକକ ବାମନଙ୍କୁ ପୂଜାପଣ୍ଡା ଗଣ ପହଣ୍ଡି ବିଜେ କରିଥିଲେ। ଛେରା ପହଁରା ନୀତି ସଂପନ୍ନ ପରେ, ଛୋଟ ପିଲାମାନଙ୍କୁ ରଥଚଢା ନୀତି ଆରମ୍ଭ ହୋଇଥିଲା। ଅପରାହ୍ନ ୫ଘଣ୍ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ଛକରୁ ମହାପ୍ରଭୁ ଜଗନ୍ନାଥ ବାହାରୀ ଗାର୍ଲ୍ସ ହାଇସ୍କୁଲ ଛକ,ପଞ୍ଚମୁଖି ଛକ, କଲେଜ ଛକ ପୁରୁଣା ବସଷ୍ଟାଣ୍ଡ ଦେଇପ୍ରାୟ ୧କିଲୋମିଟର ଦୂର ଗୁଣ୍ଡିଚା ମନ୍ଦିରକୁ ଅପରାହ୍ନ ସାଢ଼େ ୭ ଘଣ୍ଟାରେ ପହଁଞ୍ଚିଥିଲା ରଥ। ବିଧି ମତେ ପହଁଣ୍ଡି କରି ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ ମହାପ୍ରଭୁ। ରଥଟଣା ଆଗେ ଆଗେ ସଙ୍କୀର୍ତ୍ତନ, ଭଜନ କୀର୍ତ୍ତନ ସହରକୁ ପ୍ରକମ୍ପିତ କରିଥିଲା। ସେହିପରି ବାମରାଓ, ଜମନକିରା ବ୍ଲକ ସହ ବିଭିନ୍ନ ଗ୍ରାମରେ ଧୁମଧାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ପୋଲିସ,ପ୍ରଶାସନ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ। ଉଲ୍ଲେଖଯୋଗ୍ୟଯେ, ସର୍ବପୁରାତନ ଗଡ଼ଜାତ କାଳରୁ ଏକ କୋଠରୀରେ ପୂଜିତ ହୋଇ ଆସୁଥିଲେ। ୧୯୦୭ ମସିହାରେ ବାମଣ୍ଡା ରାଜାଙ୍କ ନିର୍ଦ୍ଦେଶ ରେ ମନ୍ଦିର ନିର୍ମାଣ ଓ ତା୧୦,୦୫, ୧୯୦୮ ରେ କାର୍ଯ୍ୟ ସଂପାଦନ ପରେ, ପ୍ରତିଷ୍ଠା ହୋଇ ଥିଲା। ସେଇଦିନ ଠାରୁ ମନ୍ଦିରରେ ପୂଜାପାଇ ଆସୁଛନ୍ତି ମହାପ୍ରଭୁ ଦଧିବାମନ। ସୂଚନା ଥାଉକି କୁଚିଣ୍ଡା ଉପଖଣ୍ଡରେ ରଥଯାତ୍ରା ୧ମାସ ପର୍ଯ୍ୟନ୍ତ ଗାଁମାନଙ୍କରେ ରଥଯାତ୍ରା ଅନୁଷ୍ଠିତ ଅବ୍ୟାହତ ରହିବ।।





ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧିନସ୍ଥ ଆମ୍ୱତୁମ୍ବା ଜଙ୍ଗଲକୁ ଗତ ୨୧ ତାରିଖ ରାତିରେ ପଶି ଆସିଥିବା ୧୫ ଟିକିଆ ଶିମିଳିପାଳ ହାତୀପଲ ଜଙ୍ଗଲ ବିଭାଗ ସହ ସ୍ଥାନୀୟ ଅଧିବାସୀଙ୍କୁ ନାକେଦମ କଲାଣି। ଲୋକଙ୍କ ଧନ ଜୀବନର ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ପୁରା ରାତି ରାଇବଣିଆର ବିଭିନ୍ନ ବନାଞ୍ଚଳକୁ ଜଗୁଛି। ସେହିପରି ଜଙ୍ଗଲ ମହଲକୁ ଲାଗିଥିବା ଗ୍ରାମବାସୀ ମଧ୍ୟ ଜଙ୍ଗଲକୁ ହାତୀ ଭୟରେ ଯାଉ ନଥିବାରୁ ସେମାନଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି। ଶିମିଳିପାଳରୁ ଆସିଥିବା ଏହି ହାତୀ ପଲରେ ଗୋଟିଏ ଦନ୍ତା,୮ ଟି ମାଈ ହାତୀ ଓ ୬ ଟି ଛୁଆ ହାତୀ ରହିଥିବା ବେଳେ ଆଜି ଦନ୍ତାଟି ରାସଗୋବିନ୍ଦପୁର ରେଞ୍ଜକୁ ଚାଲି ଯାଇଛି। ଅବଶିଷ୍ଟ ୧୪ ଟି ହାତୀ ଆଜି ଲୁହାପଡା ଓ ମେନାକସା ଜଙ୍ଗଲରେ ରହିଛନ୍ତି।ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଆଜି ଜଙ୍ଗଲ ବିଭାଗ ପକ୍ଷରୁ ୪ ଟି ଟିମ ଗଠନ କରାଯାଇଛି। ବିଶେଷ କରି ଲୁହାପଡା ଓ ମେନାକସା ଜଙ୍ଗଲ ନିକଟରେ ଲୁହାପଡା, ଖିରକୋଳିସାହି, ବାଖୁଡିଦା,ଦୁଧିଆଶୋଳ, ରଙ୍ଗାମାଟିଆ ଓ ଆମ୍ୱତୁମ୍ବା ଆଦି ଜନବସତିପୂର୍ଣ୍ଣ ଗାଁ ଥିବାରୁ ଲୋକେ ଭୟରେ ଦିନ କାଟୁଛନ୍ତି। ଏସବୁ ଗାଁ ର ଲୋକଙ୍କୁ ଦିନରେ ଜଙ୍ଗଲ କୁ ନ ଯିବାକୁ ଓ ରାତିରେ ଜଙ୍ଗଲ ସନ୍ନିକଟ ରାସ୍ତାରେ ଗତାଗତ ନ କରିବାକୁ ବନ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କନଭେନ୍‌ସନ୍



କଟକ(ଭାସ୍କର ନ୍ୟୁଜ୍): ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ଚାଷୀ ଫସଲର ଉଚିତ୍ ମୂଲ୍ୟ ପାଇଁ ଆଇନ୍ କରିବା, ଖାଲି ପଡିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି କରିବା, ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା ପ୍ରମୁଖ ୧୭ ଦଫା ଦାବିରେ ଜୁଲାଇ ୯ ଦେଶବ୍ୟାପୀ ସାଧାରଣ ଧର୍ମଘଟ ସଫଳତା ପାଇଁ କଟକ ଜିଲ୍ଲା ସ୍ତରୀୟ କନ୍ ଭେନ୍ ସନ୍ ଓଷ୍ଟା ହଲ୍ ରେ ଅନୁଷ୍ଠିତ ହୋଇଯାଇଛି। ଏହି କନଭେନସନରେ ଶ୍ରମିକ ନେତା କିଶୋର ଜେନ, ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ଅମୃତା ଦାସ, ଉଷାରାଣୀ ମହାପାତ୍ର, ନିର୍ମଳ ଦାସ, ଅଜୟ ବେହୁରିଆଙ୍କୁ ନେଇ ଏକ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତ୍ୟ ପ୍ରୟୋଜନୀୟ ଜିନିଷର ଦର ବୃଦ୍ଧି ବନ୍ଦ କରିବା, ଜନବିରୋଧୀ ଶ୍ରମ କୋଡ ବାତିଲ, ୨୦୨୦ ଜାତୀୟ ଶିକ୍ଷା ନୀତି ବାତିଲ, ବିଦ୍ୟୁତ ଆଇନ ୨୦୨୨ ବାତିଲ ଦାବି କରି ବକ୍ତାମାନେ ତାଙ୍କର ଆଲୋଚନା କରିଥିଲେ। ଏଆଇଟିୟୁସି ପକ୍ଷରୁ ଅମରେନ୍ଦୁ ମହାନ୍ତି, ସିଆଇଟିୟୁ ପକ୍ଷରୁ ରବିନାରାୟଣ ମଲ୍ଲିକ ଏଆଇୟୁଟିୟୁସି ପକ୍ଷରୁ ରାଜକିଶୋର ମଲ୍ଲିକ, ଆଇଏନଟିୟୁସି ପକ୍ଷରୁ ସନ୍ତୋଷ ଭୋଳ, ଏଲପିଏଫ ପକ୍ଷରୁ ମନୋରଞ୍ଜନ ମହାରଣା, ଏନଏଫଆଇଟିୟୁ ପକ୍ଷରୁ ନିହାରରଞ୍ଜନ ଦାସ, ସିଟି କୋ-ଅର୍ଡିନେସନ ପକ୍ଷରୁ ଅକ୍ଷୟ ଦାସ, ସିଟି ଫେଡେରେସନ ପକ୍ଷରୁ ବିପିନ ପାତ୍ର1, ଏଆଇକେକେଏମଏସ୍ ପକ୍ଷରୁ ବସନ୍ତ ନାୟକ, ଏଆଇଏମ୍ଏସ୍ଏସ୍ ପକ୍ଷରୁ ମାଳବିକା ସାମଲ, ଏଆଇଡିଏସଓ ପକ୍ଷରୁ ତରୁଣସେନ ନାୟକ,କର୍ମଚାରୀ ନେତା ରବିନ୍ଦ୍ରନାଥ ଧଳ, ପ୍ରଦୀପ କୁମାର ସିନ୍‌ହା, ସୌଭାଗ୍ୟ କେତେକ ସାମଲ, ଅଶୋକ ତା ପ୍ରମୁଖ ସମସ୍ୟା ଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ।

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଫ୍ରିଡମର ଆକର୍ଷଣୀୟ ଅଫର




ପୁରୀ (ଭାସ୍କର ନ୍ୟୁଜ) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଯାଇଛନ୍ତି । ଏହି ଅବସରରେ ଭାରତବର୍ଷର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଖାଇବା ତେଲ ଫ୍ରିଡମର ଷ୍ଟଲ ପକ୍ଷରୁ ଶରଧାବାଲିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଅବସରରେ ବିଷ୍ଣୁପ୍ରସାଦ ପତି ଡିସିପି, ଭୁବନେଶ୍ୱର କମିଶନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଫ୍ରିଡମ ତେଲ ପକ୍ଷରୁ ରଥଯାତ୍ରାଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ଏହି ଯାତ୍ରାରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି । ଏଥିସହିତ କମ୍ବୋ ଅଫର ଭାବେ ପ୍ରତେକ ଦୁଇ ଲିଟର ସନ ଫ୍ଲାୱାର ସହ ଏକ ଲିଟର ସୋରିଷ ତେଲ ଉପରେ ଆକର୍ଷଣୀୟ ରିହାତି ଦରରେ ମିଳୁଥିବା ବେଳେ ପାଞ୍ଚ ଲିଟର ବିଶିଷ୍ଟ ସୋରିଷ ତେଲ ସହ ପାଞ୍ଚ ଲିଟର ରିଫାଇନ ତେଲ କିଣିଲେ ଆକର୍ଷଣୀୟ ରିହାତି ଦରରେ ମିଳୁଥିବା ବେଳେ ଦୁଇଟି ବାଲ୍ଟି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ ତେଲର ଓଡ଼ିଶା ହେଡ ଅମୀୟ କୁମାର ଧଳ ସୂଚନା ଦେବା ସହ ଜଗତର ନାଥ ଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା, ସମୀର ପଟ୍ଟନାୟକ, ଜୟଦେବ ବେହେରା, ପ୍ରମୋଦ ଖିଲାର ଏବଂ ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମାଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମାଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମାଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ।

## ଅମିୟ ପଟ୍ଟନାୟକ ଏଆଇସିସି କିଷାନ କଂଗ୍ରେସର ନୂତନ ଜାତୀୟ ସଂଯୋଜକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଅଖିଳ ଭାରତ କଂଗ୍ରେସ କମିଟି ସଦସ୍ୟ ଅମିୟ କୁମାର ପଟ୍ଟନାୟକ ଅଖିଳ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସର ନୂତନ ଜାତୀୟ ସଂଯୋଜକ ଭାବେ ନିଯୁକ୍ତି ହୋଇଛନ୍ତି। ଏଆଇସିସି କିଷାନ କଂଗ୍ରେସର ଜାତୀୟ ଅଧ୍ୟକ୍ଷ ସୁଖପାଲ ସିଂହ ଖୈରା ଏହି ନିଯୁକ୍ତି କରିଥିବା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଶ୍ରୀ ପଟ୍ଟନାୟକ କଂଗ୍ରେସର ବିଚାରଧାରା ଓ ସଂଗଠନକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଦେଶର କୃଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବେ ବୋଲି ଦଳ ଆଶା ବ୍ୟକ୍ତ କରିଛି।

## ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି: ଆଇନମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀରେ ରଥ ଟଣାରେ ବିଳମ୍ବକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବୟାନ ଉପରେ ପ୍ରତିକ୍ରିୟା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି, ଜଣ୍ଡିସ ହୋଇଥିବା ଲୋକଙ୍କୁ ମହାପ୍ରଭୁଙ୍କ ଲୀଳା ରାଜନୀତି ପରି ଲାଗୁଛି। କିନ୍ତୁ ମନେ ରଖିବା ଉଚିତ ଯେ, ଅତୀତରେ ସେମାନେ ତ୍ରୁଟି କରି ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି। ମୋ ଦେଖିବାରେ ୧୯୭୭ ଠାରୁ ଆଜି ଯାଏଁ ପ୍ରଥମ ଦିନରେ ତିନି ରଥ ପହଂଚି ନାହିଁ। ଅଧିକାଂଶ ବର୍ଷ ରଥ ଦ୍ୱିତୀୟ ଦିନରେ ଶରଧାବାଲିରେ ପହଂଚିଥାନ୍ତି। ଯେଉଁମାନେ ରାଜନୀତି କରୁଛନ୍ତି, ଆଜି ନ ହେଲେ କାଲି ଭୋଗିବେ।

■ ଆସୁଛି ଦୁଇ ଦୁଇଟି ଲଘୁଚାପ ■

# ୪ ଯାଏ ପ୍ରବଳ ବର୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସୁଛି ଦୁଇ ଦୁଇଟି ଲଘୁଚାପ। ଏହାର ପ୍ରଭାବରେ ସାରା ରାଜ୍ୟରେ ଲାଗି ରହିବ ପ୍ରବଳ ବର୍ଷା। ଏପରିକି ୪ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯିବା ସହ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବିଭାଗର ପୂର୍ବାନୁମାନ ଅନୁଯାୟୀ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଦେବଗଡ଼, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାପାଇଁ ବଜ୍ରପାତ, ଝଟ୍‌କା ପବନ ସହ ବର୍ଷାର ସମ୍ଭାବନା ଥିବାନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ଘଡ଼ଘଡ଼ି ଓ ବିଜୁଳିର ପ୍ରଭାବ ଅଧିକ ରହିବ ବୋଲି ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ରବିବାର ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ସୋମବାର ବେଳକୁ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ତେବେ ଭଦ୍ରକରେ ୧୭.୨ ମିମି, ଭବାନୀପାଟଣାରେ ୧୩.୨ ମିମି, ଦାରିଙ୍ଗବାଡ଼ିରେ ୧୨ମିମି, ଚାନ୍ଦବାଲିରେ ୮.୯ମିମି ଏବଂ ଯାଜପୁରରେ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପୂର୍ବ ଓ ପଶ୍ଚିମ ଭାଗରେ ଯୋଡ଼ା ଲଘୁଚାପ ପ୍ରବଳ ବର୍ଷା ଓ ପବନ ଆଣିବାର ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ୨୯ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାପାଇଁ ବାରଣ କରାଯାଇଛି।

## ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ନିକଟସ୍ଥ ଚାଇଁପୁର ଗ୍ରାମ ପଂଚାୟତର ଷଡ଼ାଙ୍ଗୋଇ ପଶ୍ଚିମବାଡ଼ ଗ୍ରାମର ବାଙ୍କେଶ୍ୱରଦେବଙ୍କ ମନ୍ଦିର ସାମ୍ନା ରମେଶ ଚନ୍ଦ୍ର ମହାପାତ୍ର , ଉଲ୍ଲାସ ଚନ୍ଦ୍ର ମହାପାତ୍ର ଓ ନାରାୟଣ ମହାପାତ୍ରଙ୍କର ୮ ବଖରା ପୁରୁଣା ଚାଳଘର ରାତି ୯ଟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ କୈାଣସି ଜୀବନ କ୍ଷତିଗ୍ରସ୍ତ ହୋଇନାହିଁ। ଗ୍ରାମବାସୀମାନଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଥିଲା। ପ୍ରାୟ ୪୦ ମିନିଟ୍ ବିଳମ୍ବରେ ଦମକଳ ବାହିନୀ ପହଞ୍ଚିଥିଲେ। ଅଗ୍ନି ବିପନ୍ନ ମାନଙ୍କୁ ଜରୁରିକାଳୀନ ସହାୟତା ଓ କ୍ଷତିପୂରଣ ଯୋଗାଇଦେବା ପାଇଁ ଚାଇଁପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା ସରକାରୀ କଳ ନିକଟରେ ଦାବି କରିଛନ୍ତି।

## ୩ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ



ବୋଲଗଡ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ସୁଜିତ କୁମାର ନାଗଙ୍କ ତତ୍ୱାବଧାନରେ ଚଢାଉ ହୋଇଛି । ସୂଚନା ଅନୁଯାୟୀ ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ଗ୍ରାମର ପାଟଣାସାହିର ପ୍ରକାଶ କୁମାର ସାହୁ(୩୮)ଙ୍କ ଠାରୁ ୩ କେଜି ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ବୋଲି କହିଛନ୍ତି।

## ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟବଲ୍ ପ୍ରତିଯୋଗିତା ପାଇଁ କେନ୍ଦ୍ରାପଡା ଦଳ ମନୋନୀତ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ) : ୭୧ତମ ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ କେନ୍ଦ୍ରାପଡା ଦଳ ମନୋନୀତ ହୋଇଛି। ବ୍ରହ୍ମପୁରସ୍ଥିତ ନିଷ୍ଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୨୯ତାରିଖ ଠାରୁ ଜୁଲାଇମାସ ୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟବଲ୍ ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାର ଜୁନିଅର ବାଳକ ଦଳ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ମହମ୍ମଦ ତସିବ୍, ସେକ ଫଏଜୁଲ୍, ତଲା ଅହେମ୍ମଦ୍, ରିୟାନ ଦାସ, ସରଫରାଜ୍, ଅଫତାବ ବେଗ୍, ବିକାଶ ସୁନ୍ଦର, ବିଶ୍ୱାସ ସୁନ୍ଦର, ଶଙ୍କର ନାଥ, ବିଜ୍ଞାନ ନାଥ ପ୍ରମୁଖ ରହିଛନ୍ତି। ଖେଳାଳୀମାନଙ୍କୁ ମ୍ୟାନେଜର ତଥା କୋଚ ରୁଦ୍ରନାରାୟଣ ସାହୁ ସଙ୍ଗରେ ନେଇ ଶନିବାର ବ୍ରହ୍ମପୁର ଯାତ୍ରା କରିଛନ୍ତି। ଖେଳାଳୀମାନଙ୍କୁ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଓ ବାସ୍କେଟବଲ ସଙ୍ଘର ସମ୍ପାଦକ ଦେବେନ୍ଦ୍ର ସାହୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମ ବସ୍...

ପିପିଲି ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ବସ୍‌କୁ ନେଇ ପିପିଲି ଥାନାରେ ପହଞ୍ଚିଥିଲା ଓ ଆତ୍ମସମର୍ପଣ କରିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତ ଛାତ୍ରୀଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

### ଚତୁର୍ଦ୍ଧାମୂର୍ତ୍ତିଙ୍କୁ...

ନିଜକୁ ସାମିଲ କରିଥିଲେ । ରଥଯାତ୍ରାରେ ଏହି ସୁଯୋଗ ମିଳିବା ବେଶ ସୌଭାଗ୍ୟର ବିଷୟ ବୋଲି ନିଜ ସୋସିଆଲ ମିଡିଆ ଢରେ ସେୟାର କରିଛନ୍ତି ।ଚଳିତ ରଥଯାତ୍ରାରେ ନିଜକୁ ସାମିଲ କରିଛନ୍ତି ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ । ଆଜି ପୁରୀ ଗସ୍ତରେ ଆସି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେ ତାଙ୍କ ପରିବାର ଆସି ଦର୍ଶନ କରିଛନ୍ତି । ଏହି ଅବସର ଇସ୍କନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରସାଦ ସେବାରେ ନିଜକୁ ସାମିଲ କରିଥିଲେ । ଚଳିତ ରଥଯାତ୍ରା ପ୍ରତ୍ୟେକ ଭକ୍ତକୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଭକ୍ତଙ୍କ ସେବାରେ ସାମିଲ ହୋଇଛି ଆଦାନୀ ପରିବାର ।ପୁଣ୍ୟ ଭୂମି ପୁରୀରେ ଭକ୍ତଙ୍କ ସେବା କରିବାରେ ଯୋଡ଼ି ହେବା ଏକ ସୌଭାଗ୍ୟର ବିଷୟ ବୋଲି ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଗୌତମ ଆଦାନୀ କହିଛନ୍ତି । ମହାକୁମ୍ଭ ମେଳାରେ ଭକ୍ତଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଇ ଭକ୍ତଙ୍କ ସେବାରେ ପ୍ରୟାସ କରିଥିଲା ଆଦାନୀ ପରିବାର । ତେବେ ମହାପ୍ରଭୁଙ୍କ ରଥଯାତ୍ରାରେ ଏହି ସୁଯୋଗ ମିଳିବା ବେଶ ସୌଭାଗ୍ୟର ବିଷୟ ବୋଲି ଗୌତମ ଆଦାନୀ ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ କହିଛନ୍ତି ।ଗୌତମ ଆଦାନୀ ପ୍ରତିକ୍ରିୟାରେ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଲୋକଙ୍କ ନିକଟକୁ ଆସିଛନ୍ତି । ଏହା ପ୍ରମାଣିତ କରୁଛି ଅହଙ୍କାର ଆଗରେ ନମ୍ରତାର ବେଶ୍ ଗୁରୁତ୍ୱ ରହିଛି । ମହାପ୍ରଭୁଙ୍କ ଚରଣକୁ ଆସିବାର ମୋର ସୌଭାଗ୍ୟ ମିଳିଲା । ଏହି ମୁହୂର୍ତ୍ତ ମୋ ସାରା ଜୀବନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ । ମୋ ପାଖରେ ଦିନ ଥିଲା କିଛି ନ ଥିଲା । ହେଲେ ଲୋକ ଙ୍କ କୃପା ଓ ମହାପ୍ରଭୁ ଙ୍କ ଆଶୀର୍ବାଦ ଯୋଗୁ ଏବେ ମୋ ପାଖରେ ସବୁ କିଛି ଅଛି । ଦେଶର ଉନ୍ନତି ଓ ଓଡ଼ିଶାର ସମୃଦ୍ଧି ନେଇ ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କଲି । ମହାକୁମ୍ଭରେ ମୁଁ ପ୍ରଥମେ ଲୋକଙ୍କ ସେବା ପାଇଁ ପ୍ରୟାସ ଆରମ୍ଭ କରିଥିଲି । ତେବେ ଆଗାମୀ ଦିନରେ କିଭଳି ଏହି ସେବା ଜାରି ରହିବ ସେ ନେଇ ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଂକଳ୍ପ ନେଇଛି । ରଥଯାତ୍ରାକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ସଫେଇ କର୍ମଚାରୀଙ୍କ ସହ ଅନେକ ଅନୁଷ୍ଠାନ ଲାଗିଛନ୍ତି । ମୁଁ ତାଙ୍କୁ ଅଭିବାଦନ କରୁଛି ।

### ଆଜି ଆଡପ...

ନନ୍ଦିଘୋଷ ରଥ ପହଞ୍ଚିଥିଲା । ଶୁକ୍ରବାର ସିଂହଦ୍ୱାରରୁ ମାତ୍ର ୧୦ ହାତ ଗଡି ଅଟକିଥିଲା ନନ୍ଦିଘୋଷ ରଥ । ସେହିପରି ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡିରେ ଅଟକିଥିବା ବେଳେ ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟରେ ଅଟକିଥିଲା । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଆଜି ସକାଳ ସାଢେ ୯ଟାରେ ରଥଟଣା ଆରମ୍ଭ ହୋଇଥିଲା । ଆଜି ପାଖାପାଖି ସମୟ ୧.୧୫ ସୁଦ୍ଧା ୩ ରଥ ଶରଧା ବାଲିରେ ପହଞ୍ଚିଛନ୍ତି । ତାଳଧ୍ୱଜ ରଥ ମୋଡ଼ରେ କିଛି ତ୍ରୁଟି ଆସିବା କାରଣରୁ ଗତକାଲି ରଥଟଣାରେ ବିଳମ୍ବ ହୋଇଥିବା କୁହାଯାଉଛି । ଏନେଇ ସୁଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଳଧ୍ୱଜ ରଥ ମୋଡ଼ରେ କିଛି ତ୍ରୁଟି ଯୋଗୁଁ ରଥ ଟାଣିବାରେ ବିଳମ୍ବ ହୋଇଥିଲା । ଏହାକୁ ଅନୁଧାନ କରି ସମାଧାନ କରାଯିବ । ୯ଟା ୩୦ରୁ ପୁଣି ରଥ ଟଣା ଆରମ୍ଭ ହୋଇଛି । ସବୁ ନୀତି କାନ୍ତି ସଠିକ୍ ସମୟରେ ଅନୁଷ୍ଠିତ ହୋଇଛି। ତେବେ ମହାପ୍ରଭୁ ହେଉଛନ୍ତି ଲୀଳାମୟ । ତାଙ୍କରି ଇଚ୍ଛାରେ ସବୁ କିଛି ନୀତି ଅନୁଷ୍ଠିତ ହୋଇଛି ।ରଥ କର୍ଷଣରେ ଅଧିକ ଭକ୍ତ ରହିଯିବା ଯୋଗୁଁ ରଥଟଣାରେ ବିଳମ୍ବ ହୋଇଥିଲା ବୋଲି କୁହାଯାଉଛି। ପାଗ ଅନୁକୂଳ ଥିବା କାରଣରୁ ବଡ଼ଦାଣ୍ଡରେ ମାତ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିବା ମଧ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। 'ବଡ଼ଦାଣ୍ଡରେ ଆଶାଠାରୁ ପ୍ରାୟ ଦେଢ଼ ଗୁଣ ଅଧିକ ଭକ୍ତ ଆସିଥିଲେ। ସମସ୍ତ ପୂଜା କାର୍ଯ୍ୟସୂଚୀ ଅନୁଯାୟୀ କରାଯାଇଥିଲା ଏବଂ ନନ୍ଦିଘୋଷ ରଥ ଟିକେ ବିଳମ୍ବରେ ଟଣାଯାଇଥିଲା। ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ରଥ ଟଣାରେ ବିଳମ୍ବ ହୋଇଛି ଏବଂ ଏହାକୁ ବ୍ୟତିକ୍ରମ ଭାବେ ଦେଖାଯିବା ଉଚିତ୍ ନୁହେଁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଅନ୍ୟପକ୍ଷରେ ରବିବାର ଅପରାହ୍ନରେ ହେବ ଆଡପମଣ୍ଡପ ବିଜେ ନୀତି। ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ସୋମବାର ସକାଳୁ ଆଡପ ମଣ୍ଡପରେ ଦର୍ଶନ ଦେବେ ଦାରୁବ୍ରହ୍ମ। ବାହାରିବ ଆଡପ ଅବଢା। ଏଥିପାଇଁ ପ୍ରସ୍ତୁତି ଚାଲିଥିବା ନେଇ ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ। ସେ କହିଛନ୍ତି, ଆଡପ ମଣ୍ଡପ ପହଣ୍ଡି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ଆଡପ ମଣ୍ଡପ ବିଜେ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଶୁକ୍ରବାର ଘୋଷଯାତ୍ରା ଦିନ ସବୁ ଦେବନୀତି ଠିକ୍ ଥିଲା। ନିର୍ଦ୍ଧାରିତ ସମୟରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ସମସ୍ୟା ନାହିଁ। ସବୁ ଶୃଙ୍ଖଳିତ ଭାବେ ସଂପାଦିତ ହୋଇଛି। ସବୁ ସେବାୟତଙ୍କ ସହ ଉତ୍ତମ ସମନ୍ୱୟ ମଧ୍ୟ ରହିଥିବା ସେ କହିଥିଲେ।

# ବିଜେପି ନେତା କରୁଣାକର ତ୍ରିପାଠୀଙ୍କ ସ୍ମୃତିଚାରଣ ସଭା

ଆଳି,( ଭାସ୍କର ନ୍ୟୁଜ ):ଆଜି ପୂର୍ବାହ୍ନ ରେ ଏକ ଶୋକ ଭରା ପରିବେଶରେ ସ୍ୱର୍ଗତ କରୁଣାକର ତ୍ରିପାଠୀ (କରୁଣୀ ସାର୍) ଙ୍କ ଦ୍ୱାଦଶାହ ସ୍ମୃତି ଚାରଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଆଳି ନାଗରିକ ମଞ୍ଚ ର ସଂଯୋଜନା ରେ ଆୟୋଜିତ ଏହି ସଭା ରେ ସଭାପତି ଧନେଶ୍ୱର ରାଉତ୍ ଙ୍କ ସଭାପତିତ୍ୱ ରେ ସଭା ଆରମ୍ଭ କରାଯାଇଥିଲା କ୍ଷ ମଞ୍ଚର ପରାମର୍ଶଦାତା ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦ ଙ୍କ ସଞ୍ଚାଳନ ରେ ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ମଲିକ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ନନ୍ଦ, ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜ ସୁନ୍ଦର ଭୂୟାଁ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଶିକ୍ଷାବିତ୍ ବୈକୁଣ୍ଠନାଥ ପରିଡ଼ା, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତ୍ ରାୟ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭୂବନ ମୋହନ ଜେନା, ରାଜ୍ୟ ବିଜେପି ମହିଳା ନେତ୍ରୀ ସୁଜାତା ବାରିକ୍, ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ଭକ୍ତବନ୍ଧୁ ମିଶ୍ର, ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ସୁଶାନ୍ତ କର, ଶରତ କର, ଅନନ୍ତ ରଥ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ କରୁଣା କର ତ୍ରିପାଠୀ ଙ୍କ ସାନ ପୁଅ ଦିଲ୍ଲୀପ ତ୍ରିପାଠୀ କୃତଜ୍ଞତା ଜ୍ଞାପନ କରିଥିଲେ, ଆଡଭୋକେଟ ଜଗନ୍ନାଥ କଣ୍ଠ, ସହଦେବ ସିଂହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁଳସୀପୁର କଟକର ଶ୍ରୀଗୁଣ୍ଡିଚା ଅବସରରେ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ବିଶିଷ୍ଟ ଶିଳ୍ପପତି ପୁରୁଷୋତ୍ତମ ଲାଲ କାଣ୍ଡୋଇ ବିଦ୍ୟାଳୟକୁ ୨୧ଟି କମ୍ପ୍ୟୁଟର ପ୍ରଦାନ କରିବା ସହିତ ଆଉ ୨୧ଟି କମ୍ପ୍ୟୁଟର ଦେବା ପାଇଁ ପ୍ରତିଶୃତି ଦେଇଛନ୍ତି । ଉଦଘାଟନ ଉତ୍ସବରେ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଦିବାକର ମିଶ୍ର, କୌସ୍ତୁଭ ଚୌଧୁରୀ, ସଦସ୍ୟା ଚିନ୍ମୟୀ ମହାନ୍ତି, ଅଧ୍ୟକ୍ଷ ହୃଷୀକେଶ ଆଚାର୍ଯ୍ୟ ଏବଂ ବିଦ୍ୟାଳୟର ଉପଦେଷ୍ଟା କିଶୋର କୁମାର ମହାନ୍ତି ଉପସ୍ଥିତ ରହି କମ୍ପ୍ୟୁଟର ଶିକ୍ଷାର ଗୁରୁତ୍ୱ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ ଏହାର ସଦୁପଯୋଗ କରିବାପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏହି ପାର୍ବଣ୍ୟ ମୁହୂର୍ତ୍ତରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଓଡ଼ିଶା ତଥା ବିଦ୍ୟାଳୟର ଟପର ଶ୍ରୀମାନ ଚନ୍ଦନ କୁମାର ମହାନ୍ତଙ୍କୁ କାଣ୍ଡୋଇ ଲ୍ୟାପଟପ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତ ରଞ୍ଜନ ଭୁକ୍ତା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲାବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ପାଦକ ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

**Office of the Executive Engineer (E/M) Division,**
**Public Health Engineering Department, Raipur (C.G)**
**Email.id. :- emeerpr-phe-cg@gov.in**

NIT No. 02 / 2025-26 /TS/ EE/(E/M) /PHED/ Raipur / Dated 26.06.2025

**SYSTEM TENDER NO. 170963**
**SHORT NOTICE INVITING ONLINE TENDERS**
**(In Form A.B.C. )**

On line tender are invited in three envelope system in form "C" on behalf of Governor of Chhattisgarh for the Supply, Testing, Commissioning and Trial Run of following equipment from the reputed ISO 9001 accredited manufacturers. The tender documents may also be downloaded by other technically eligible manufacturers having valid ISO award certificate/Registered with DGS&D/MSME/State and Central industries Department for supplying such equipment to Unicef, Central Govt./ State Govt. Departments and undertakings.

| Sr. No | Name of work | Qty. | Probable amount of contract (In Rs. lacs) |
|---|---|---|---|
| 1 | 2 | 3 | 4 |
| 1 | Supply, Testing, Commissioning and trial run of single Truck mounted Hydraulically operated Hydrofracture unit suitable for 125 mm and 150 mm dia borewell consisting of following items inclusive of essential accessories for working depth of 180 meter. The machine is equipped with high pressure water injection pump (Reciprocating pump) flow (335-350) LPM at (120-140) bar coupled with Water Cooled Diesel Engine, Mast, Water Tank, Packer Assembly, Packer Inflation pump with hose pipe, Generator Set, Submersible Pump, Injection pipe etc. with all required accessories and T&P for successful operation of Hydrofracture Unit and water tanker truck mounted (minimum capacity-8000 Ltr.) as per annexure– "B". | 01 HF Unit | 199.38 Lac |

Online Release NIT :- 02.07.2025
Bid Due Date :- 23.07.2025

The details tender documents can be downloaded from the web Portal https://eproc.cgstate.gov.in. Only those Manufacture bidder, interested in bidding shall have to pay the processing charges as per required.

G-252601827/ 6

Sd/- Executive Engineer (E&M) Dn
Publoc Health Engineering Department
Raipur (C.G.)

**AFFIDAVIT**

By virtue of an affidavit No 4031, dated: 26.06.2025 sworn before the Executive Magistrate, Baripada, I Tushar Kinkar Hansda, S/o- Ravan Hansda, resident of ward No-08, Po/Ps- Udala, Dist- Mayurbhanj, declares that I have changed my name from Tushar Kinkar Hasda to Tushar Kinkar Hansda. Henceforth, I shall be known as Tushar Kinkar Hansda for all purposes.

**Sd/- Tushar Kinkar Hansda**

**AFFIDAVIT**

By virtue of an affidavit sworn before the Executive Magistrate, Khallikote, Ganjam, dated: 29.05.2025, I Barik Mahesh Meghanad, address: village- Manikapur, Po- Kanheipur, Ps- Khallikote, Dist- Ganjam, Odisha, PIN-761029, declare that I have changed my name from Mahesh Barik to Barik Mahesh Meghanad. Henceforth, I shall be known as Barik Mahesh Meghanad for all purposes.

Sd/- Barik Mahesh Meghanad

**AFFIDAVIT**

By virtue of an affidavit sworn before the Executive Magistrate, Kanas, dated: 25.06.2025, I Harapriya Pradhan, Address: village- Ranipada, Po- Trilochanpur, Ps- Kanas, Dist- Puri, Odisha, PIN- 752015, declare that I have changed my name from Haripriya Pradhan to Harapriya Pradhan. Henceforth, I shall be known as Harapriya Pradhan for all purposes.

**Sd/- Harapriya Pradhan**

**AFFIDAVIT**

By virtue of an affidavit sworn before the Notary Public, R. Udayagiri, Gajapati, dated: 25.06.2025, I Hadi Raita, Address: village- Tandarang, Po- Anuguru, Ps- R. Udayagiri, Dist- Gajapati, Odisha, PIN- 761016, declare that I have changed my daughter's name from Jirimiya Raita to Jimima Raita. Henceforth She shall be known as Jimima Raita for all purposes.

**Sd/- Hadi Raita**

**AFFIDAVIT**

By virtue of an affidavit sworn before the Executive Magistrate, Chikiti, Ganjam, dated: 25.06.2025, I M Debaraj, Address: village- Dalapalanka, Po- Ramachandrapur, Ps- K Nuagaon, Dist- Ganjam, Odisha, PIN- 761010, declare that I have changed my name from M Raju to M Debaraj. Henceforth, I shall be known as M Debaraj for all purposes.

**Sd/- M Debaraj**

**AFFIDAVIT**

By virtue of an affidavit sworn before the Executive magistrate Nabarangour Dtd : 26/ 06.2025 I SRI VAVILA MAHESWAR RAO 47 yrs S/O V APPA RAO, AT- in front of RMC GODAM , PO/PS Nabarangpur Dist- nabarangpur , declare that I have changed my name from VAVILA MAHESWARA RAO to VAVILA MAHESWAR RAO , VAVILA MAHESWARA RAO and VAVILA MAHESWAR RAO being one and same person .this affidavit is required to be produce before the concerned School Authorty for necessary action .



ମସ୍କୋ: ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ୩ବର୍ଷ ଧରି ଯୁଦ୍ଧ ଚାଲିଛି। ଏହି ସମୟରେ ପୂର୍ବ ୟୁକ୍ରେନର ପୋକରୋଭସ୍କ ସହର ଦୁଇ ଦେଶ ମଧ୍ୟରେ ସଂଘର୍ଷର ସବୁଠାରୁ ବଡ଼କ୍ଷେତ୍ର ପାଲଟିଛି। ରୁଷିଆ ଏଠାରେ ୧ ଲକ୍ଷ ୧୦ ହଜାର ସୈନିକଙ୍କୁ ମୁତୟନ କରିଛି। ଏହା କୌଣସି ଛୋଟ ସାମରିକ ସମାବେଶ ନୁହେଁ, ବରଂ ଏହା ଏକ ସ୍ପଷ୍ଟ ସୂଚନା ଯେ, ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଯେକୌଣସି ମୂଲ୍ୟରେ ଏହି ସହରକୁ ତାଙ୍କ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି। ଗତ ଗୋଟିଏ ବର୍ଷ ଧରି ରୁଷିଆ ଏହି ସହରକୁ କବଜା କରିବାକୁ ନିରନ୍ତର ଚେଷ୍ଟା କରିଆସୁଛି। କିନ୍ତୁ ପ୍ରତ୍ୟେକଥର ପୁଟିନଙ୍କ ସେନାଙ୍କୁ ୟୁକ୍ରେନୀୟ ସେନା ପକ୍ଷରୁ କଠିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଏହି କାରଣରୁ ରୁଷିଆକୁ ଅନେକଥର ରଣନୀତି ପରିବର୍ତ୍ତନ କରିବାକୁ ପଡିଛି। ପୋକରୋଭସ୍କ ଏକ ବହୁତ ବଡ଼ ସହର ନୁହେଁ, କିନ୍ତୁ ଏହାର ଭୌଗୋଳିକ ସ୍ଥିତି ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସହର ଡୋନେଟସ୍କର ସେହି ଅଂଶରେ ରହିଛି ଯାହା ଏବେ ବି ୟୁକ୍ରେନର ନିୟନ୍ତ୍ରଣରେ ଅଛି। କେବଳ ଏତିକି ନୁହେଁ, ପୋକରୋଭସ୍କ ଯୋଗାଣ ମାର୍ଗ ଏବଂ ରେଳ ସଂଯୋଗର ଏକ ପ୍ରମୁଖ କେନ୍ଦ୍ର, ଯାହା ୟୁକ୍ରେନୀୟ ପ୍ରତିରକ୍ଷାକୁ ସହାୟତା ପ୍ରଦାନ କରିଥାଏ।

## ଭାବପ୍ରବଣ ହେଲେ ଭାରତର ମୁଖ୍ୟ ବିଚାରପତି



ନୂଆଦିଲ୍ଲୀ: ଏକ ସମାରୋହରେ ଭାରତର ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇ ଭାବପ୍ରବଣ ହୋଇପଡ଼ିଛନ୍ତି। ସିଜେଇ ତାଙ୍କ ଜୀବନର ବ୍ୟକ୍ତିଗତ ଅଭିଜ୍ଞତା ଏବଂ ତାଙ୍କ ମାତାପିତାଙ୍କ ସଂଘର୍ଷ ବିଷୟରେ କହିଥିଲେ। ଏହି ସମୟରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ସିଜେଇ ଗଭାଇ କହିଥିଲେ, ସେ ପିଲାଦିନରୁ ବାସ୍ତୁ ଶାସ୍ତ୍ରଜ୍ଞ ହେବାକୁ ଚାହୁଁଥିଲେ, କିନ୍ତୁ ତାଙ୍କ ପିତାଙ୍କ ସ୍ୱପ୍ନ ଅନ୍ୟ କିଛି ଥିଲା। ସିଜେଇ ଭାବପ୍ରବଣ ହୋଇ କହିଲେ, ମୋ ବାପା ଜଣେ ଓକିଲ ହେବାକୁ ଚାହୁଁଥିଲେ, କିନ୍ତୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ଗିରଫ କରାଯାଇଥିଲା ତେଣୁ ସେ ତାଙ୍କର ସ୍ୱପ୍ନ ପୂରଣ କରିପାରିଲେ ନାହିଁ। ତାଙ୍କ ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଶ୍ରୀ ଗଭାଇ ଆହୁରି ମଧ୍ୟ କହିଥିଲେ, ଆମେ ଏକ ଯୌଥ ପରିବାରରେ ରହୁଥିଲୁ ଏବଂ ସମସ୍ତ ଦାୟିତ୍ୱ ମୋ ମାଆ ଏବଂ ମାଉସୀଙ୍କ ଉପରେ ଥିଲା। ସେ କହିଥିଲେ, ତାଙ୍କ ପିତାଙ୍କ ଇଚ୍ଛା ପୂରଣ କରିବା ପାଇଁ, ସେ ବାସ୍ତୁ ଶାସ୍ତ୍ରଜ୍ଞ ହେବାର ସ୍ୱପ୍ନ ତ୍ୟାଗ କରିଥିଲେ। ଯେତେବେଳେ ହାଇକୋର୍ଟରେ ବିଚାରପତି ପଦ ପାଇଁ ମୋ ନାମ ସୁପାରିଶ କରାଯାଇଥିଲା, ମୋ ବାପା କହିଥିଲେ ଯେ, ଯଦି ତୁମେ ଓକିଲ ରହିବ, ତେବେ ତୁମେ କେବଳ ଟଙ୍କା ପଛରେ ଦୌଡ଼ିବ, କିନ୍ତୁ ଯଦି ତୁମେ ବିଚାରପତି ହୁଅ, ତେବେ ତୁମେ ଆମ୍ବେଦକରଙ୍କ ଦ୍ୱାରା ଦର୍ଶାଯାଇଥିବା ପଥ ଅନୁସରଣ କରିବ। ତୁମେ ସମାଜର ମଙ୍ଗଳ କରିବ। ମୋ ବାପା ମଧ୍ୟ ଚାହୁଁଥିଲେ, ତାଙ୍କ ପୁଅ ଦିନେ ଭାରତର ମୁଖ୍ୟ ବିଚାରପତି ହୁଅନ୍ତୁ, କିନ୍ତୁ ଏହା ଘଟିବା ବେଳକୁ ସେ ବଞ୍ଚି ନ ଥିଲେ। ଆମେ ତାଙ୍କୁ ୨୦୧୫ ମସିହାରେ ହରାଇଥିଲୁ, କିନ୍ତୁ ମୁଁ ଖୁସି ଯେ ମୋ ମା' ଏବେ ବି ଆମ ମଧ୍ୟରେ ଅଛନ୍ତି। ଯେତେବେଳେ ସିଜେଆଇ ଭୂଷଣ ରାମକୃଷ୍ଣ ଗଭାଇ ଏହି ବିଷୟରେ କହୁଥିଲେ, ସେଠାରେ ଉପସ୍ଥିତ ଅନେକ ଲୋକ ଭାବପ୍ରବଣ ହୋଇଗଲେ। ପରିବେଶକୁ ହାଲୁକା କରିବା ପାଇଁ ସିଜେଆଇ ଗଭାଇ ଏକ ମଜାଦାର ଘଟଣା ମଧ୍ୟ ବର୍ଣ୍ଣନା କଲେ। ସେ କହିଥିଲେ, ଥରେ ନାଗପୁର ଜିଲା କୋର୍ଟରେ ଅଭିନେତ୍ରୀ ହେମା ମାଳିନୀଙ୍କ ବିରୋଧରେ ଚେକ ବାଉନ୍ସ ମାମଲା ଆସିଥିଲା। ସେହି ସମୟରେ ସେ ଏବଂ ପୂର୍ବତନ ସିଜେଆଇ ଶରଦ ବୋବଡେ ହେମା ମାଳିନୀଙ୍କ ପକ୍ଷରୁ କୋର୍ଟରେ ହାଜର ହେବାକୁ ଯାଉଥିଲେ। ବିଚାରପତି ହସି ହସି କହିଲେ, ସେଦିନ ହେମା ମାଳିନୀଙ୍କୁ ଦେଖିବା ପାଇଁ କୋର୍ଟରେ ଏତେ ଭିଡ଼ ଥିଲା ଯେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଆମେ ମଧ୍ୟ ସେହି ମୁହୂର୍ତ୍ତକୁ ଟିକିଏ ଉପଭୋଗ କରୁଥିଲୁ।

## ୧୪ ଲକ୍ଷ ୪୦ ହଜାର ଶିଶୁ ନେଇନାହାନ୍ତି କୌଣସି ଟିକା



ନୂଆଦିଲ୍ଲୀ: ଦେଶରେ ଶିଶୁ ଟିକାକରଣ ପ୍ରକ୍ରିୟାରେ ମନ୍ଥରତା ଆସିଥିବା ନେଇ ଲାନସେଟ୍ ପକ୍ଷରୁ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ଭାରତ ନୁହେଁ କରୋନା ମହାମାରୀ ପରେ ସମଗ୍ର ବିଶ୍ୱରେ ଶିଶୁ ଟିକାକରଣ ପ୍ରକ୍ରିୟାରେ ମନ୍ଥରତା ଆସିଛି। ୨୦୨୩ ସୁଦ୍ଧା ଭାରତର ୧୪ଲକ୍ଷ ୪୦ହଜାର ଶିଶୁ କୌଣସି ଗୋଟିଏ ହେଲେ ଟିକା ନେଇନଥିବା ରିପୋର୍ଟରେ କୁହାଯାଇଛି। ନିୟମିତ ଶିଶୁ ଟିକାକରଣ ଯୋଗୁଁ ବିଶ୍ୱରେ ପ୍ରତିବର୍ଷ କୋଟି କୋଟି ଶିଶୁଙ୍କ ଜୀବନ ରକ୍ଷା ହେଉଛି। ୧୯୮୦ ମସିହା ପରଠୁ ସରକାରଙ୍କ ପକ୍ଷରୁ ଶିଶୁଙ୍କୁ ସାମୂହିକ ଟିକାକରଣ କରାଯାଇ ଅନେକଙ୍କ ଜୀବନ ରକ୍ଷା କରାଯାଉଛି। ଡିପ୍‌ଥେରିଆ, ମିଳିମିଳା, ପୋଲିଓ, ଟ୍ୟୁବରକ୍ୟୁଲୋସିସ୍, ନିମୋନିଆ ଓ ରୋଟାଭାଇରସ୍‌ରୁ ଶିଶୁଙ୍କୁ ରକ୍ଷା ପାଇଁ ନିୟମିତ ଟିକାକରଣ କରାଯାଇଥାଏ। ମାତ୍ର କରୋନା ମହାମାରୀ ପରଠୁ ବିଶ୍ୱର ଅନେକ ରାଷ୍ଟ୍ରରେ ଏସବୁ ଟିକାକରଣ ପ୍ରକ୍ରିୟାରେ ମନ୍ଥରତା ଆସିଛି। ଶିଶୁଙ୍କୁ ଦୁରାରୋଗ୍ୟ ରୋଗରୁ ରକ୍ଷା କରିବାଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୭୪ ପରଠୁ ଉପରୋକ୍ତ ପ୍ରମୁଖ ଟିକାକରଣକୁ ଗୁରୁତ୍ୱ ଦେଇ ଆସୁଛି। ଟିକାକରଣ ଦ୍ୱାରା ବିଶ୍ୱବ୍ୟାପୀ ୧୫କୋଟି ୪୦ଲକ୍ଷ ଶିଶୁଙ୍କ ଜୀବନ ରକ୍ଷା କରାଯାଇ ପାରିଥିବା କୁହାଯାଇଛି। ୨୦୨୩ ସୁଦ୍ଧା ୧୫କୋଟି ୭୦ଲକ୍ଷ ଶିଶୁଙ୍କୁ କୌଣସି ଟିକା ଦିଆଯାଇ ନଥିବା ଆକଳନ କରାଯାଇଛି। ଟିକା ପାଇ ନଥିବା ଶିଶୁଙ୍କ ମଧ୍ୟରୁ ଅର୍ଦ୍ଧାଧିକ ୮ଟି ରାଷ୍ଟ୍ରରେ ରହିଛନ୍ତି।

## ଆଇଏସ୍‌ଆଇଏସ୍ ଭାରତ ମୁଖ୍ୟ ସାକିବ ନାଚନର ମୃତ୍ୟୁ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ଆତଙ୍କବାଦ ସଙ୍ଗଠନ ଆଇଏସ୍‌ଆଇଏସ୍ ଭାରତ ମୁଖ୍ୟ ସାକିବ ନାଚନର ମୃତ୍ୟୁ ହୋଇଛି। ସେ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାର ମୃତ୍ୟୁ ହୋଇଥିବା ଜଣାପଡିଛି। ସାକିବକୁ ଏନଆଇଏ ଗିରଫ କରିଥିଲା ଓ ସେ ଦିଲ୍ଲୀର ତିହାର ଜେଲରେ ବନ୍ଦୀ ଥିଲା। ସାକିବ ଷ୍ଟୁଡେଣ୍ଟ ଇସ୍ଲାମିକ ମୁଭମେଣ୍ଟ ଅଫ ଇଣ୍ଡିଆ (ସିମି)ର ପୂର୍ବତନ ପଦାଧିକାରୀ ମଧ୍ୟ ଥିଲା। ଜନୈକ ଅଧିକାରୀଙ୍କ ଅନୁସାରେ ସାକିବର ବ୍ରେନ ହାମରେଜ ହୋଇଥିଲା ଓ ତାକୁ ଚିକିତ୍ସା ପାଇଁ ଦିଲ୍ଲୀ ସପଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୦୨୩ ମସିହାରେ ଏନଆଇଏ ସାରା ଦେଶରେ ଆଇଏସଆଇଏସ ବିରୋଧରେ ହାତକୁ ନେଇଥିବା କାର୍ଯ୍ୟାନୁଷ୍ଠାନରେ ମହାରାଷ୍ଟ୍ର ପଡଘାରେ ତଲାସୀ କାଳରେ ନାଚନ ସମେତ ଅନେକ ଲୋକଙ୍କୁ ଗିରଫ କରାଯାଇଥିଲା। ନାଚନକୁ ଦିଲ୍ଲୀ ତିହାର ଜେଲରେ ରଖାଯାଇଥିଲା। ତେବେ ୨୪ ଜୁନ ମଙ୍ଗଳବାର ଜେଲରେ ନାଚନର ସ୍ୱାସ୍ଥ୍ୟ ଅଚାନକ ବିଗିଡି ଯାଇଥିଲା। ତାକୁ ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଥିବାବେଳେ ତାର ମୃତ୍ୟୁ ହୋଇଛି। ହସ୍ପିଟାଲରେ ଡାକ୍ତର ତାର ବ୍ରେନ ହାମରେଜ ହୋଇଥିବା କହିଥିଲେ। ସେହି ଅନୁସାରେ ଚିକିତ୍ସା କରାଯାଉଥିଲା। ତେବେ ଶନିବାର ମଧ୍ୟାହ୍ନରେ ତାର ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିବା ବେଳେ ୧୨ଟା ୧୦ ମିନିଟରେ ତାର ମୃତ୍ୟୁ ହୋଇଛି।

## କୋଲକାତା 'ଲ' କଲେଜ ଛାତ୍ରୀ ଗଣଦୁଷ୍କର୍ମ ମାମଲା: ୪ ଗିରଫ



କୋଲକାତା: ପଶ୍ଚିମବଙ୍ଗ ଦକ୍ଷିଣ କୋଲକାତା 'ଲ' କଲେଜ ପରିସରରେ ଜଣେ ପ୍ରଥମ ବର୍ଷର ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଶନିବାର କୋଲକାତା ପୋଲିସ କଲେଜର ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛି। ଏହି ମାମଲାରେ ଏହା ଚତୁର୍ଥ ଗିରଫ। ଏହା ପୂର୍ବରୁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ପୁଲିସ ତିନି ଜଣଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ହେଉଛି ଶାସକ ଦଳ ଟିଏମ୍‌ସିର ନେତା। ରିପୋର୍ଟ ଅନୁସାରେ ଘଟଣା ଜୁନ୍ ୨୫ ତାରିଖରେ ଘଟିଥିଲା। ପୀଡ଼ିତା ୨୪ ବର୍ଷୀୟା ଆଇନ ଛାତ୍ରୀଙ୍କୁ ସୁରକ୍ଷା କର୍ମୀଙ୍କ କୋଠରୀ ଭିତରେ କିଛି ଘଣ୍ଟା ପର୍ଯ୍ୟନ୍ତ ଦୁଷ୍କର୍ମ ସହ ମାରପିଟ୍ ବି କରାଯାଇଥିଲା। ଶୁକ୍ରବାର ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି। ପୀଡିତାଙ୍କ ଅଭିଯୋଗ ଅନୁସାରେ, କଲେଜର ମୁଖ୍ୟ ଫାଟକ ବନ୍ଦ ହେବା ପରେ ସୁରକ୍ଷା କର୍ମୀଙ୍କୁ କୋଠରୀ ବାହାରେ ବସାଇ ଦିଆଯାଇଥିଲା। ସେ ଏହା ମଧ୍ୟ କହିଛନ୍ତି ଯେ ଘଟଣା ସମୟରେ କଲେଜର ମୁଖ୍ୟ ଫାଟକ ବନ୍ଦ ଥିଲା। ଯଦିଓ ସୁରକ୍ଷା କର୍ମୀ ସେଠାରେ ଥିଲେ, ହେଲେ ସେ ହସ୍ତକ୍ଷେପ କରି ନଥିଲେ। ପୋଲିସ ସୂତ୍ର ଅନୁଯାୟୀ, ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗଣବଳାତ୍କାର ସମୟରେ ଗିରଫ ସୁରକ୍ଷା କର୍ମୀ ପିନାକୀ ବାନାର୍ଜୀ ସେଠାରେ ଉପସ୍ଥିତ ଥିଲେ। ହେଲେ ଅଭିଯୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେ ପୀଡିତାଙ୍କୁ ତାଙ୍କ ଗାର୍ଡରେ ରୁମ୍‌ରେ ଏକା ଛାଡି ଚାଲିଯାଇଥିଲେ। ସାହାଯ୍ୟ ପାଇଁ ପୀଡିତା ବାରମ୍ବାର ନିବେଦନ କରିବା ସତ୍ତ୍ୱେ, ଗାର୍ଡ ତାଙ୍କୁ ସାହାଯ୍ୟ କରି ନଥିବା ପୋଲିସ କହିଛି। କେବଳ ସେତିକି ନୁହେଁ, ଘଟଣା ବିଷୟରେ କଲେଜ କର୍ତ୍ତୃପକ୍ଷ କିମ୍ବା ପୋଲିସକୁ ରିପୋର୍ଟ କରିବା ସିକ୍ୟୁରିଟି ଗାର୍ଡ ପିନାକୀ ବାନାର୍ଜୀର ଦାୟିତ୍ୱ ଥିଲା। କିନ୍ତୁ ସେ ଏସବୁ କିଛି କରି ନଥିଲା। ପଚରାଉଚରା ସମୟରେ ଏଥିରେ ତାଙ୍କର ଅବହେଳା ଥିବା ଜଣାପଡ଼ିବା ପରେ ତାକୁ ଗିରଫ କରାଯାଇଥିଲା।

## ଆତ୍ମଘାତୀ ଆକ୍ରମଣରେ ଥରିଲା ପାକିସ୍ତାନ: ୧୩ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ: ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳରେ ଏକ ଆତ୍ମଘାତୀ ବୋମା ଆକ୍ରମଣରେ ୧୩ଜଣ ସୈନିକ ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଜଣ ସୈନିକ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ୧୯ଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି। ଏହି ଆକ୍ରମଣ ଖାଇବର ପଖତୁନଖ୍ୱା ପ୍ରଦେଶର ଉତ୍ତର ୱାଜିରିସ୍ତାନ ଜିଲ୍ଲାରେ ଘଟିଛି। ଜଣେ ଆତ୍ମଘାତୀ ବିସ୍ଫୋରଣକାରୀ ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ଏକ ସାମରିକ ଦଳ ସହିତ ଧକ୍କା ଦେଇଥିଲେ। ଏହି ବଡ଼ ଧରଣର ବିସ୍ଫୋରଣ ସୈନିକ ଦଳଙ୍କୁ କ୍ଷତି ପହଞ୍ଚାଇବା ସହିତ ନିକଟବର୍ତ୍ତୀ ଆବାସିକ କୋଠାଗୁଡ଼ିକୁ ମଧ୍ୟ କ୍ଷତିଗ୍ରସ୍ତ କରିଛି। ଜଣେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏହି ଘଟଣାକୁ ନିଶ୍ଚିତ କରିଛନ୍ତି। ଜଣେ ପୁଲିସ ଅଧିକାରୀଙ୍କ ଅନୁଯାୟୀ, ବିସ୍ଫୋରଣ ଯୋଗୁ ଦୁଇଟି ଘରର ଛାତ ଭୁଶୁଡ଼ି ପଡ଼ିଛି ଏବଂ ଛଅଜଣ ପିଲା ଆହତ ହୋଇଛନ୍ତି। ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ ହୋଇନାହାନ୍ତି। ଏହି ଅଞ୍ଚଳକୁ ପାକିସ୍ତାନର ସବୁଠାରୁ ଅଶାନ୍ତ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି। ଏହି ଅଞ୍ଚଳରେ ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଦ୍ୱାରା ଆତଙ୍କବାଦୀ ଆକ୍ରମଣ ଘଟଣା ପ୍ରାୟତଃ ଘଟୁଛି। ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ ସାମ୍ପ୍ରତିକ ସମୟରେ ବୃଦ୍ଧି ପାଇଛି। ବିଶେଷକରି ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ପ୍ରଦେଶରେ ଏଭଳି ଘଟଣା ଘଟିବାରେ ଲାଗିଛି।

## ପ୍ରତ୍ୟେକ ବିକାଶ କ୍ଷେତ୍ରରେ ମୋଦିଙ୍କ ଗ୍ୟାରେଣ୍ଟି ପୂର୍ଣ୍ଣ କରୁଛି ଛତିଶଗଡ଼: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଯଶପୁର ଜିଲ୍ଲାର ତପକରା ତହସିଲ ଅନ୍ତର୍ଗତ ବିଚାରପତିଙ୍କ କାର୍ଯ୍ୟାଳୟର ଶୁଭାରମ୍ଭ କରିଛନ୍ତି। ଗତ ୧୪ ଜାନୁଆରୀରେ ଯଶପୁର ଜିଲ୍ଲାରେ ଏକ ପୂର୍ଣ୍ଣକାଳୀନ ତହସିଲ୍ ଅଫିସ୍ ଖୋଲାଯିବ ବୋଲି ଶ୍ରୀ ସାଏ ପୂର୍ବରୁ ଘୋଷଣା କରିଥିଲେ। ଏହି ତହସିଲ ସ୍ଥାପନ ହେବା ଫଳରେ ୩୩ଟି ଗ୍ରାମର କୃଷକ, ଛାତ୍ର ଏବଂ ନାଗରିକମାନଙ୍କୁ ସମସ୍ତ ସୁବିଧା ଉପଲବ୍ଧ ହୋଇପାରିବ। ଏହି ଅବସରରେ ସେ ତପକରା ଖେଳ ଷ୍ଟାଡିୟମ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ମୋ ସରକାର ବିକାଶ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟିକୁ ପୂରଣ କରିବାରେ ଶତପ୍ରତିଶତ ସଫଳ ହୋଇଛି। ସରକାର ଗଠନର ପ୍ରଥମ କ୍ୟାବିନେଟ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୮ଲକ୍ଷ ଘର ଯୋଗାଇ ଦିଆଯାଇଛି। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମହତାରୀ ବନ୍ଦନ ଯୋଜନା ମାଧ୍ୟମରେ ୭୦ଲକ୍ଷ ମହିଳାଙ୍କୁ ପ୍ରତି ମାସରେ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ସେହିପରି କେନ୍ଦୁପତ୍ର ତୋଳାଳିଙ୍କୁ ଆୟ ବୃଦ୍ଧି ପାଇଁ କେନ୍ଦୁପତ୍ରର ଏମ୍‌ଏସ୍‌ପି ୫୫୦୦ ଟଙ୍କା କରାଯାଇଛି। ଗାଁଗୁଡିକରେ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇବା ପାଇଁ ଅଟଳ ଡିଜିଟାଲ ସ୍ଥାପନ କରାଯାଇଛି। ଅବଶିଷ୍ଟ ଗାଁଗୁଡିକରେ ଆଗାମୀ ପଞ୍ଚାୟତ ଦିବସରେ ଏହାକୁ ସ୍ଥାପନ କରାଯିବ। ସେ କହିଥିଲେ ନାଗରିକମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରୋହିତ ବ୍ୟାସ୍ ଯୋଗଦେଇ କହିଥିଲେ ଯେ, ଏହି ତହସିଲ୍ ସ୍ଥାନୀୟ ଲୋକଙ୍କ ସେବାରେ ଲାଗିପାରିବ। ଏଥିପାଇଁ ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ଏହି ସମାରୋହରେ ଜିଲ୍ଲା ପଞ୍ଚାୟତ ଅଧକ୍ଷ ସାଲିକ୍ ସାଏ, ନଗରପାଳିକା ଉପାଧକ୍ଷ ଜଶପ୍ରତାପ ସିଂ ଜୁଦେବ, ଭରତ ସାଏ, ରୋହିତ ସାଏ, ଆଇଜି ଦୀପକ କୁମାର ଝା, ଏସ୍‌ପି ଶଶୀମୋହନ ସିଂ ପ୍ରମୁଖ ସାମିଲ ହୋଇଥିଲେ।

# ବାଣିଜ୍ୟ

ମୁମ୍ବାଇ: ଆମାଜନ ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହାର ପ୍ରାଇମ ଡେ' ୨୦୨୫ ଭାରତରେ ପ୍ରଥମ ଥର ପାଇଁ ଏକ ତିନିଦିନିଆ ସେଲିବ୍ରେଶନ ହେବ ଯାହା ଜୁଲାଇ ୧୨ ତାରିଖ ମଧ୍ୟରାତ୍ରୀରୁ ଜୁଲାଇ ୧୪ ତାରିଖ ରାତି ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରାଇମ ଡେ' ୨୦୨୫ ପ୍ରାଇମ ମେମ୍ବରଙ୍କ ପାଇଁ ୭୨ ଘଂଟାର ଉନ୍ନତ ଡିଲ, ସେଭିଙ୍ଗ୍, ନୂଆ ଲଞ୍ଚ ଓ ସ୍ୱତନ୍ତ୍ର ମନୋରନ ପ୍ରଦାନ କରିବ। ଗ୍ରାହକମାନେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ ଓ ଡେବିଟ କାର୍ଡ, ଏସ୍‌ବିଆଇ କ୍ରେଡିଟ କାର୍ଡ ଏବଂ ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ୧୦% ସଂଚୟ କରିପାରିବେ। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ସହିତ ପ୍ରାଇମ ମେମ୍ବରମାନେ ନିଜର ସପିଂ ଉପରେ ୫% କ୍ୟାଶବ୍ୟାକ ଓ ଅତିରିକ୍ତ ୫% ତତ୍କାଳ ରିହାତି ପାଇପାରିବେ। ଆମାଜନର ଇଣ୍ଡିଆ ଓ ଏମର୍ଜିଙ୍ଗ ମାର୍କେଟ୍‌ର ପ୍ରାଇମ,ଡେଲିଭରି ଓ ରିଟର୍ଣ୍ଣସ ବିଭାଗର ନିର୍ଦ୍ଦେଶକ ଅକ୍ଷୟ ସାହି କହିଛନ୍ତି, ଚଳିତ ବର୍ଷ ପ୍ରଥମ ଥର ପାଇଁ ଆମେ ପ୍ରାଇମ ଡେକୁ ୩ ଦିନକୁ ବିସ୍ତାର କରିଛୁ ଯାହା ଆମର ସଦସ୍ୟଙ୍କୁ ସପିଂ, ସଞ୍ଚୟ ଓ ମନୋରନ ପାଇଁ ଅଧିକ ସମୟ ପ୍ରଦାନ କରିବ। ଆମେ ବିସ୍ତୃତ ସିଲେକ୍ସନ, ନୂଆ ଲଞ୍ଚ, ଉନ୍ନତ ଡିଲ୍‌କୁ ନେଇ ଉତ୍ସାହିତ ଅଛୁ।

## ଆଇଜି ଡ୍ରୋନ୍‌ର ଆଡଭାନ୍ସଡ୍ ଡ୍ରୋନ୍ ସର୍ଭିଲାନ୍ସ ବ୍ୟବସ୍ଥାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ପୁରୀରେ ସୁରକ୍ଷା ବ୍ୟସ୍ଥା ଓ ନୀରିକ୍ଷଣ ପ୍ରସ୍ତୁତିକୁ ସମୀକ୍ଷା କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଓଡିଶାର ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବିଜେପି ଜାତୀୟ ପ୍ରବକ୍ତା ତଥା ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ପୁରୀରେ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ର ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀମାନେ ଓଡିଶାର ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ ଦ୍ୱାରା ବିକଶିତ ଏବଂ ଓଡିଶା ପୋଲିସ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଟେକ୍ନୋଲୋଜି-ପରିଚାଳିତ ସମାଧାନଗୁଡ଼ିକର ବ୍ୟବହାରକୁ ପ୍ରଶଂସା କରିଛନ୍ତି। ପ୍ରଥମ ଥର ପାଇଁ ରଥଯାତ୍ରାରେ ସହରର ପ୍ରମୁଖ ସ୍ଥାନଗୁଡିକରେ ଆଡଭାନ୍ସଡ ଡ୍ରୋନ ସର୍ଭିଲାନ୍ସ ଟେକ୍ନୋଲୋଜିକୁ ବ୍ୟାପକ ରୂପେ ନିୟୋଜିତ କରାଯାଇଛି, ଯାହା ଆକାଶମାର୍ଗରୁ ଭିଡର ଗତିବିଧି, ଟ୍ରାଫିକ ଓ ସମ୍ଭାବ୍ୟ ଜରୁରୀକାଳିନ ସ୍ଥିତିକୁ ବାସ୍ତବ ସମୟରେ ତଦାରଖ କରିବା କାର୍ଯ୍ୟକୁ ସୁଗମ କରୁଛି। ଏଥିସହିତ ଆକାଶମାର୍ଗରୁ ଅନଧିକୃତ ବିପଦକୁ ଚିହ୍ନଟ କରିବା ଓ ମୁକାବିଲା କରିବା ପାଇଁ ଆଣ୍ଟି-ଡ୍ରୋନ ସିଷ୍ଟମଗୁଡିକୁ ରଣନୈତିକ ଭାବେ ଅବସ୍ଥାପିତ କରାଯାଇଛି। ଏସମ୍ପର୍କରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଟେକ୍ନୋଲୋଜିକୁ କିଭଳି ବ୍ୟବହାର କରାଯାଇପାରିବ ଏହା ତାହାର ଏକ ଉତ୍କୃଷ୍ଟ ଉଦାହରଣ। ଏଆଇ ଡ୍ରୋନ ସର୍ଭିଲାନ୍ସ ଓ ରିଅଲ-ଟାଇମ କମାଣ୍ଡ କ୍ଷମତାର ସମନ୍ୱୟ ପ୍ରଶଂସନୀୟ ଅଟେ। ସେହିପରି ଆଇଜି ଡ୍ରୋନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ରଥଯାତ୍ରା ମୋ ପାଇଁ ଗଭୀର ଭାବେ ବ୍ୟକ୍ତିଗତ, କେବଳ ଜଣେ ବୈଷୟିକ ଉଦ୍ୟୋଗୀ ଭାବେ ନୁହେଁ ବରଂ ଏଭଳି ଜଣେ ବ୍ୟକ୍ତି ଭାବେ ଯିଏ ଓଡିଶାରେ ଜନ୍ମିତ ଓ ପାଳିତ। ଏହି ଗୁରୁତ୍ୱପୂର୍ଣ୍ଣ ଆଧାତ୍ମିକ ଓ ସାଂସ୍କୃତିକ ଉତ୍ସବର ସୁରକ୍ଷାରେ ଯୋଗଦାନ ଦେବା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ ଓ ବଡ ଦାୟିତ୍ୱ। ଚଳିତ ବର୍ଷ ଆମର ଆଡ୍‌ଭାନ୍ସଡ ଡ୍ରୋନ ସର୍ଭିଲାନ୍ସକୁ ଆଣ୍ଟି-ଡ୍ରୋନ ଡିଫେନ୍ସ ସିଷ୍ଟମ ସହ ଏକୀକୃତ କରି ଆମେ ରଥଯାତ୍ରା ଯେପରି ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ବାଧାମୁକ୍ତ ହେବ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରୁଛୁ।

## ବଜାଜ ଫିନସର୍ଭ ଏମ୍‌ସି ପକ୍ଷରୁ ସ୍ମଲ କ୍ୟାପ୍ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ବଜାଜ ଫିନସର୍ଭ ଏଏମସି ପକ୍ଷରୁ ବଜାଜ ଫିନସର୍ଭ ସ୍ମଲ କ୍ୟାପ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଯାହା ମୁଖ୍ୟତଃ ସ୍ମଲ-କ୍ୟାପ ଷ୍ଟକରେ ନିବେଶ କରେ, ଯାହା ଗୁଣବତା, ଅଭିବୃଦ୍ଧି ଏବଂ ମୂଲ୍ୟ ପ୍ରଦାନ କରେ। ଏହି ଫଣ୍ଡ ୨୭ ଜୁନ ୨୦୨୫ ରେ ସବସ୍କ୍ରିପସନ୍ ପାଇଁ ଖୋଲିବ ଏବଂ ୧୧ ଜୁଲାଇ ୨୦୨୫ ରେ ବନ୍ଦ ହେବ। ସ୍ମଲ କ୍ୟାପରେ ସାମ୍ପ୍ରତିକ ସଂଶୋଧନ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଉପସ୍ଥାପନ କରୁଛି। ୮୦% ରୁ ଅଧିକ ସ୍ମଲ୍-କ୍ୟାପ୍ କମ୍ପାନୀ ୩୮%ର ଦୃଢ଼ ଲାଭ ବୃଦ୍ଧି ଏବଂ ଦୃଢ଼ ରିଟର୍ଣ୍ଣ ଅନୁପାତ ଦେଖାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି ସେମାନଙ୍କ ୧୫-ସପ୍ତାର ସର୍ବୋଚ୍ଚ ସ୍ତର ତଳେ ୪୫-୫୨% କାରବାର କରୁଛନ୍ତି। ଶୁଭାରମ୍ଭ ଅବସରରେ ବଜାଜ ଫିନସର୍ଭ ଏଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ଗଣେଶ ମୋହନ କହିଛନ୍ତି, ସ୍ମଲ୍ କ୍ୟାପ୍ ଫଣ୍ଡର ଶୁଭାରମ୍ଭ ଭାରତର ଗତିଶୀଳ ସ୍ମଲ୍ କ୍ୟାପ୍ ଜଗତର ଦୀର୍ଘକାଳୀନ ସମ୍ଭାବନା ପ୍ରତି ଆମର ଗଭୀର ବିଶ୍ୱାସକୁ ପ୍ରତିଫଳିତ କରେ। ସ୍ମଲ୍ କ୍ୟାପ୍ ସାଧାରଣତଃ ବ୍ୟାପକ ସୂଚକାଙ୍କ ତୁଳନାରେ ଅଧିକ ଅସ୍ଥିରତା ପ୍ରଦର୍ଶନ କରେ, ଯାହା ବଜାରର ଉଥାନ-ପତନକୁ ନେଭିଗେଟ୍ କରିବାରେ ଏବଂ ଗୁଣାତ୍ମକ ସୁଯୋଗ ଚିହ୍ନଟ କରିବାରେ ସକ୍ରିୟ ପରିଚାଳନାର ଗୁରୁତ୍ୱକୁ ଗୁରୁତ୍ୱ ଦିଏ। ବଜାଜ ଫିନସର୍ଭ ଏଏମସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ ଆହୁରି କହିଛନ୍ତି, ଣଆମର ନୂତନ ସ୍ମଲ୍-କ୍ୟାପ୍ ଫଣ୍ଡ ହେଉଛି ଗୁଣାତ୍ମକ ବ୍ୟବସାୟଗୁଡ଼ିକର ଏକ ପୋର୍ଟଫୋଲିଓ ଯାହାର ସ୍କେଲେବିଲିଟି ସେମାନଙ୍କ ଆନ୍ତରିକ ମୂଲ୍ୟ ତଳେ ବାଣିଜ୍ୟ କରିବ।

## ଖିମଜୀ ଜୁଏଲର୍ସ ଆଣିଛି 'ଦି ଗ୍ରାଣ୍ଡ ମହାସେଭର୍-ଏଣ୍ଡ ଅଫ୍ ସିଜନ୍ ସେଲ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସିଛି ଣଗ୍ରାଣ୍ଡ ମହାସେଭର-ଏଣ୍ଡ ଅଫ୍ ସିଜନ୍ ସେଲ୍, ଯେଉଁଥିରେ ଆପଣମାନେ ସୁନା, ହୀରା, ରୂପା, ଫ୍ୟାସନ୍ ଗହଣା ଏବଂ ହାତଘଣ୍ଟା ଆଦିକୁ ଅବିଶ୍ୱସନୀୟ ରିହାତି ସହ କିଣିପାରିବେ। ଜୀବନ କାଳରେ ଥରେ ମାତ୍ର ସୁଯୋଗ ଆକାରରେ ଆସିଥିବା ଏହି ସେଲ୍ ଓଡ଼ିଶାର ସମସ୍ତ ଖିମ୍‌ଜୀ ଜୁଏଲର୍ସ ଶୋରୁମ୍‌ରେ ଉପଲବ୍ଧ ରହିଛି। ଗ୍ରାହକମାନେ ସୁନା ଅଳଙ୍କାରର ଗଢ଼ା ମୂଲ୍ୟରେ ଫ୍ଲାଟ୍ ୫୦% ରିହାତି, ହୀରା ଅଳଙ୍କାରରେ ଫ୍ଲାଟ୍ ୨୦% ରିହାତି, ରୂପା ଅଳଙ୍କାରର ଓଜନ ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି, ରୂପା ଏବଂ ଫ୍ୟାସନନ୍ ଜୁଏଲରିର ଏମ୍‌ଆର୍‌ପିରେ ଫ୍ଲାଟ୍ ୧୫% ରିହାତି, ହାତଘଂଟାଗୁଡ଼ିକରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ଆର୍ଟିଫ୍ୟାକ୍ଟରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ। ଏହି ବିଶେଷ ଏଣ୍ଡ ଅଫ୍ ସିଜନ୍ ସେଲ୍ ସମ୍ପର୍କରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ନିଜ ହୃଦୟସ୍ପର୍ଶୀ ବାର୍ତରେ କହିଛନ୍ତି ଯେ, ଖିମ୍‌ଜୀ ଜୁଏଲର୍ସରେ ଆମେ ଆମର ଗ୍ରାହକଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ବିଶ୍ୱାସକୁ ପୁରସ୍କୃତ କରିବାରେ ବିଶ୍ୱାସ କରୁଛୁ। ଗ୍ରାଣ୍ଡ ମହାସେଭର୍ ହେଉଛି ଆମର ଏକ ଉପାୟ ଯେଉଁଥିରେ ବଡ଼ ବଡ଼ ଅଫର୍ ସହିତ ଆମେ ସେମାନଙ୍କୁ ଫେରସ୍ତ ଦେଉଛୁ ଏକ ଆନନ୍ଦଦାୟକ କ୍ରୟ ଅନୁଭୂତି ନିଶ୍ଚିତ କରୁଛୁ। ଆମର ଉତ୍କୃଷ୍ଟ ସଂଗ୍ରହ ଏବଂ ଗ୍ରାହକ-ବନ୍ଧୁତ୍ୱପୂର୍ଣ୍ଣ ନୀତି ସହିତ ଆମେ ଗୁଣବତା, ସାମସ୍ୟ ଏବଂ ସେବାର ଆମର ବିରାସତକୁ ବଜାୟ ରଖିଛୁ। ୮୯ ବର୍ଷରୁ ଅଧିକ ସମୟ ଧରି ଖିମ୍‌ଜୀ ଜୁଏଲର୍ସ ବିଶ୍ୱାସର ପ୍ରତୀକ ହୋଇଛି ଯାହା ବିଆଇଏସ୍ ହଲମାର୍କ ୯୧୬ ଏଚ୍‌ୟୁ ଶୁଦ୍ଧ ସୁନାର ଅଳଙ୍କାର, ପୁରାତନ ସୁନାର ୧୦୦% ବିନିମୟ, ସୁସ୍ଥ ମୂଲ୍ୟ ନୀତି, ହୀରା ଉପରେ ମାଗଣା ବୀମା, ପ୍ରମାଣିତ ହୀରା, ସୁରକ୍ଷିତ ସୁନା କ୍ରୟ ଯୋଜନା, ଏବଂ ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ପ୍ରଦାନ କରୁଛି। ଏହି ସେଲ୍ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ାର ସମସ୍ତ ଖିମ୍‌ଜୀ ଜୁଏଲର୍ସ ଶୋରୁମ ଉପଲବ୍ଧ। ଅସାଧାରଣ ମୂଲ୍ୟରେ ସମୟହୀନ ଅଳଙ୍କାର କିଣିବାର ଏହି ସୀମିତ ସମୟ ଅଫରକୁ ହାତଛଡ଼ା କରନ୍ତୁ ନାହିଁ।

## ଫୋନ୍‌ପେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କୋ-ବ୍ରାଣ୍ଡେଡ କ୍ରେଡିଟ୍ କାର୍ଡର ଶୁଭାରମ୍ଭ

ମୁମ୍ବାଇ: ଫୋନପେ ଏବଂ ଏଚଡିଏଫସି ବ୍ୟାଙ୍କ, ଫୋନ ପେ' ଏଚଡିଏଫସି ବ୍ୟାଙ୍କ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଘୋଷଣା କରିଛନ୍ତି ଯାହା ଫୋନପେର କୋ-ବ୍ରାଣ୍ଡେଡ୍ କାର୍ଡ ସେଗମେଂଟରେ ପ୍ରବେଶକୁ ଚିହ୍ନିତ କରିଛି। ଏଚଡିଏଫସି ବ୍ୟାଙ୍କ ସହଭାଗୀତାରେ, ନୂତନ କୋ-ବ୍ରାଣ୍ଡେଡ୍ ରୁପେ କ୍ରେଡିଟ୍ କାର୍ଡଗୁଡ଼ିକର ଏହି ନୂଆ ଶୃଙ୍ଖଳ ଭାରତୀୟ ଗ୍ରାହକଙ୍କ ବିକଶିତ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି ଯାହା ବିଶେଷକରି ଫୋନପେ ପ୍ଲାଟଫର୍ମରେ ୟୁପିଆଇ ଖର୍ଚ୍ଚ ଉପରେ ଲାଭ ପ୍ରଦାନ କରିଥାଏ। ଏଚଡିଏଫସି ବ୍ୟାଙ୍କ ଏବଂ ଫୋନପେ ମଧ୍ୟରେ ଏହି ରଣନୈତିକ ସହଭାଗୀତା କ୍ରେଡିଟ୍ କାର୍ଡଗୁଡ଼ିକୁ ସୁଲଭ ଏବଂ ବ୍ୟବହାରକାରୀ-ଅନୁକୂଳ କରିବା ପାଇଁ ସେମାନଙ୍କର ବ୍ୟାଙ୍କିଂ ଏବଂ ଫିନଟେକ୍ ଶକ୍ତିକୁ ବ୍ୟବହାର କରୁଛନ୍ତି। ଏହି କାର୍ଡ ସମ୍ବନ୍ଧରେ ଫୋନପେ'ର କ୍ୟୁମର ପେମେଣ୍ଟସର ମୁଖ୍ୟ ବ୍ୟବସାୟିକ ଅଧିକାରୀ ସୋନିକା ଚନ୍ଦ୍ରା କହିଛନ୍ତି, ଏଚଡିଏଫସି ବ୍ୟାଙ୍କର ସହଭାଗୀତାରେ ଆମର ପ୍ରଥମ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଆରମ୍ଭ କରି ଆମେ ଅତ୍ୟନ୍ତ ଆନନ୍ଦିତ।

## ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ଗାଡ଼ି ବୀମା

ମୁମ୍ବାଇ: ମୌସୁମୀ ଋତୁ ଗରମରୁ ଆଶ୍ୱସ୍ତି ପ୍ରଦାନ କରିଥିବା ବେଳେ ଗାଡ଼ି ମାଲିକମାନଙ୍କ ପାଇଁ ଆହ୍ୱାନ ଆଣିଛି। ରାସ୍ତାରେ ପାଣି ଜମିବା, ଅପ୍ରତ୍ୟାଶିତ ବନ୍ୟା, ଖସଡ଼ା ସଡ଼କ ଏବଂ ରାସ୍ତା ଠିକ ଭାବେ ଦେଖା ନଯିବା ଭଳି ସମସ୍ୟା ପାଇଁ ଗାଡ଼ି ଚାଳନା ବିପଦପୂର୍ଣ୍ଣ ହୋଇଛି। ସେହି ସମସ୍ୟାକୁ ବୁଝିଥିବା ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ଗାଡ଼ି ମାଲିକମାନଙ୍କୁ ସଠିକ ମୋଟର ବୀମା ଗ୍ରହଣ କରିବାକୁ ଆହ୍ୱାନ ଦେଉଛି। ଏକ ବ୍ୟାପକ ମୋଟର ଯାନ ବୀମା ପଲିସି ଆପଣଙ୍କ ଗାଡ଼ିକୁ ସ ମ୍ଭାବ୍ୟ କ୍ଷୟକ୍ଷତିରୁ ସୁରକ୍ଷା ପ୍ରଦାନ କରିବା ସହ ଆପଣଙ୍କୁ ମାନସିକ ଶାନ୍ତି ସହ ବର୍ଷା ଭିଜା ସଡ଼କ ଅତିକ୍ରମ କରିବାରେ ସହାୟକ ହେବ। ଏହି ବର୍ଷା ଋତୁରେ ସଡ଼କରେ ନିଜକୁ ସୁରକ୍ଷିତ ଓ ଚିନ୍ତାମୁକ୍ତ ରଖିବା ଲାଗି ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ କେତେକ ସୁପାରିସ କରାଯାଇଛି।

ଶୁଭେଚ୍ଛା ବାର୍ତ୍ତା
ରଥଯାତ୍ରା ଅବସରରେ ଗୋପବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।


ଜିତେନ୍ଦ୍ର ମହାନ୍ତି
ସମାଜସେବୀ, ଗୋପ ବ୍ଲକ

ଶୁଭେଚ୍ଛା ବାର୍ତ୍ତା
ରଥଯାତ୍ରା ଅବସରରେ କୃଷ୍ଣପ୍ରସାଦବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।


କବି ଦେବରାଜ ଜେନା
ପ୍ରାକ୍ତନ ଶିକ୍ଷକ, ସୁସାହିତ୍ୟିକ
ତିତିପ, କୃଷ୍ଣପ୍ରସାଦ ବ୍ଲକ୍
ଜିଲ୍ଲା-ପୁରୀ

ଶୁଭେଚ୍ଛା ବାର୍ତ୍ତା
ରଥଯାତ୍ରା ଅବସରରେ ଗୋପବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।


ପ୍ରମୋଦ କୁମାର ରାୟ
୧୧ ନଂ ଜୋନ
ଜିଲ୍ଲା ପରିଷଦ, ବିଜେପି

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ତନ୍ୱୀ ଶର୍ମା ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଐତିହାସିକ ପ୍ରଦର୍ଶନ କରି ମହିଳା ଏକକର ପ୍ରଥମ ରାଉଣ୍ଡରେ ବିଶ୍ୱମାନ୍ୟତାର ୨୩ତମ ସ୍ଥାନରେ ଥିବା ତଥା ଦ୍ୱିତୀୟ ସିଡ୍ ଭିଏତ୍‌ନାମର ଏନ୍‌ଗୁଏନ୍ ଡଉଏ ଲିନ୍‌ଙ୍କୁ ୨୧-୧୯, ୨୧-୯ରେ ହରାଇ ପ୍ରିକ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ନଂ-୧ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତାଙ୍କୁ ପ୍ରଥମ ରାଉଣ୍ଡରେ ବିଶ୍ୱମାନ୍ୟତାର ୭୭ତମ ସ୍ଥାନରେ ଥିବା ଇଂଲଣ୍ଡର ହାରି ହୁଆଙ୍ଗ ୨୧-୧୯, ୨୧-୧୪ରେ ପରାସ୍ତ କରିଛନ୍ତି। ସେହିପରି ଅନ୍ୟ ୩ଭାରତୀୟ ପ୍ରିୟାଂଶୁ ରଜାୱତ, ଶଙ୍କର ସୁବ୍ରମଣ୍ୟମ ଓ ରିତ୍ୱିକ ସଂଜୀବ ସତୀଶ ମଧ୍ୟ ପ୍ରଥମ ରାଉଣ୍ଡ ବାଧା ପାର କରିପାରି ନାହାନ୍ତି। ଆୟୁଷ ସେଟ୍ଟୀ ଓ ତରୁଣ ମନେପାଲି କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ବିଶ୍ୱମାନ୍ୟତାର ୩୪ତମ ସ୍ଥାନରେ ଥିବା ସେଟ୍ଟୀ ଡେନ୍‌ମାର୍କର ମ୍ୟାଗ୍ନସ ଜୋହାନସେନ୍‌ଙ୍କୁ ୨୧-୧୭, ୨୧-୧୯ ଏବଂ ମାନେପାଲି ଫ୍ରାନ୍ସର ଅର୍ଣ୍ଣଡ ମର୍କେଲଙ୍କୁ ୧୯-୨୧, ୨୧-୧୮, ୨୧-୧୮ରେ ହରାଇଥିଲେ। ମହିଳା ଏକକରେ ଇରା ଶର୍ମା ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲା ବେଳେ ତାନ୍ୟା ହେମନ୍ତ ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ବିଦାୟ ନେଇଛନ୍ତି।

# ନଭେମ୍ବର ୨୮ରୁ ଭାରତ-ପାକିସ୍ତାନ ଜୁନିୟର ପୁରୁଷ ହକି ବିଶ୍ୱକପ୍

ଲାଉସାନେ: ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରାଯାଇଛି। ଏଥିପାଇଁ ସ୍ଥାନୀୟ ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟାଳୟରେ ଡ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଗ୍ରୁପ୍ 'ବି'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ବ୍ୟତୀତ ଚିଲି ଓ ସୁଇଜରଲାଣ୍ଡ ସ୍ଥାନ ପାଇଛନ୍ତି। ଏହି ସଂସ୍କରଣରେ ପ୍ରଥମ ଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ପୁଲ୍ 'ଏ'ରେ ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ସି'ରେ



ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ଓ ଚାଇନାକୁ ସ୍ଥାନ ମିଳିଛି। ପୁଲ୍ 'ଡି'ରେ ସ୍ପେନ, ବେଲଜିୟମ, ଇଜିପ୍ଟ ଓ ନାମ୍ବିଆ ଏବଂ ପୁଲ୍ 'ଇ'ରେ ନେଦରଲାଣ୍ଡ୍ସ, ମାଲେସିଆ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ରହିଛନ୍ତି। ସେହିପରି ପୁଲ୍ 'ଏଫ୍'ରେ ଫ୍ରାନ୍ସ, ଅଷ୍ଟ୍ରେଲିଆ, କୋରିଆ ଓ ବାଂଲାଦେଶକୁ ନିଆଯାଇଛି। ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଏବଂ ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଆର.କେ. ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜର୍ମାନୀ ବର୍ତ୍ତମାନ ଜୁନିୟର ପୁରୁଷ ବିଶ୍ୱକପ୍ ଚାମ୍ପିୟନ। ୨୦୨୩ ସଂସ୍କରଣରେ ଦଳ ଫାଇନାଲରେ ଫ୍ରାନ୍ସକୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ଜର୍ମାନୀ ରେକର୍ଡ ସର୍ବାଧିକ, ସେ ୬ଥର ଏହି ଟୁର୍ନାମେଣ୍ଟର ଟାଇଟଲ ବିଜୟୀ ହୋଇଛି।

## ଟିମ୍ ଇଣ୍ଡିଆ ଲାଗି ଶୁଭ ସଙ୍କେତ

# ନେଟ୍‌ସ୍‌କୁ ଫେରିଲେ ଯଶପ୍ରୀତ୍ ବୁମ୍‌ରା

ବର୍ମିଂହାମ୍: ଷ୍ଟାର ପେସର ଯଶପ୍ରୀତ ବୁମରା ଶନିବାର ଭାରତୀୟ ଦଳର ଟ୍ରେନିଂକୁ ଫେରିଛନ୍ତି। ଏଜ୍‌ବାଷ୍ଟନରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଟିମ ଇଣ୍ଡିଆର ପ୍ରସ୍ତୁତିର ପ୍ରଥମ ଦିନରେ ବୁମରାଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଥିଲା। କିନ୍ତୁ ପ୍ରାକ୍ଟିସର ଦ୍ୱିତୀୟ ଦିନରେ ବୁମରା ଦଳର ଅନ୍ୟ ଖେଳାଳିଙ୍କ ସହ ଗ୍ରାଉଣ୍ଡରେ ଝାଳବୁହା ପରିଶ୍ରମ କରିଥିଲେ। ସାଥି ପେସର ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ବୁମରା ଡ୍ରିଲ୍ସ କରିବା ପରେ ସମସ୍ତ ୩ ପେସର ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ବ୍ୟାଟରଙ୍କ ମଧ୍ୟରେ ହେଡିଙ୍ଗଲେ ଟେଷ୍ଟରେ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଅଭ୍ୟାସ କରିଥିଲେ। କିନ୍ତୁ ଏହି ପ୍ରାକ୍ଟିସ ସେଶନରେ ଅଧିନାୟକ ଶୁବମନ ଗିଲ, ଉପ ଅଧିନାୟକ ରିଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଭାଗ ନେଇ ନ ଥିଲେ। ଏହି ୪ ବ୍ୟାଟର ଶୁକ୍ରବାର



ଦୀର୍ଘ ଘଣ୍ଟା ଧରି ବ୍ୟାଟିଂ କରିଥିଲେ। ଉପସ୍ଥିତି ଭାରତୀୟ ଦଳ ପାଇଁ ଏକ ଭଲ ସଙ୍କେତ। ହେଲେ ଦ୍ୱିତୀୟ ଟେଷ୍ଟରେ ଖେଳିବେ କି ନାହିଁ, ସେଥିଲାଗି ଦ୍ୱନ୍ଦ୍ୱ ଲାଗି ରହିଛି। ୩୧ ବର୍ଷୀୟ ପେସର ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିଲେ। କାର୍ଯ୍ୟବୋଝ ମ୍ୟାନେଜମେଣ୍ଟ ଷ୍ଟ୍ରାଟେଜୀ ଯୋଗୁ ସେ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୩ ମ୍ୟାଚ୍ ଖେଳିବେ।

# ବଦଳିପାରନ୍ତି ଟିମ୍ ଇଣ୍ଡିଆ କ୍ୟାପଟେନ୍

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମ୍ ବର୍ତ୍ତମାନ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜ ଖେଳୁଛି, ଯାହାର ଅଧିନାୟକତ୍ୱ ଶୁବମନ ଗିଲଙ୍କ ହାତରେ ଅଛି। ଏହି ଗସ୍ତ ପରେ, ଟିମ ଇଣ୍ଡିଆ ଧଳା ବଲ କ୍ରିକେଟ ଖେଳିବ, ଯାହା ପାଇଁ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇପାରେ। ଟିମ ଇଣ୍ଡିଆ ଅଗଷ୍ଟରେ ବାଂଲାଦେଶ ଗସ୍ତ କରିବ, ସେଠାରେ ୩ଟି ଦିନିକିଆ ଏବଂ ସମାନ ଟି-୨୦ମ୍ୟାଚର ସିରିଜ ହେବ। ଏହି ଗସ୍ତ ପାଇଁ ଭାରତୀୟ ଦଳର ଅଧିନାୟକ ପରିବର୍ତ୍ତନ ହୋଇପାରେ। ଟିମ ଇଣ୍ଡିଆ ବାଂଲାଦେଶ ଗସ୍ତରେ ଅଗଷ୍ଟ ୧୭ରୁ ଦିନିକିଆ ସିରିଜ ଖେଳିବ। ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇଥିବା ରୋହିତ ଶର୍ମା ବର୍ତ୍ତମାନ ଦିନିକିଆ ଫର୍ମାଟରେ ଖେଳୁଛନ୍ତି, ତେଣୁ ସେ ଏହି ସିରିଜରେ ଅଧିନାୟକ ହୋଇପାରନ୍ତି। ଏହା ପରେ, ଅଗଷ୍ଟ ୨୬ରୁ ଟି-୨୦ ସିରିଜ ଆରମ୍ଭ ହେବ, ଯେଉଁଥିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାହାରେ ରହିପାରନ୍ତି। ଭାରତୀୟ କ୍ରିକେଟ ଦଳରେ ବର୍ତ୍ତମାନ ତିନୋଟି ଫର୍ମାଟରେ ଭିନ୍ନ ଭିନ୍ନ ଅଧିନାୟକ ଅଛନ୍ତି। ଟି-୨୦ର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, କିନ୍ତୁ ବାଂଲାଦେଶ ବିପକ୍ଷରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ପ୍ରକୃତରେ,



ସମ୍ପ୍ରତି ତାଙ୍କର ସ୍ପୋର୍ଟସ ହାର୍ନିଆ ପାଇଁ ଏକ ଅସ୍ତ୍ରୋପଚାର କରାଯାଇଛି। ଯାହା ପରେ ସେ ବିଶ୍ରାମ ନେଇଛନ୍ତି। ତାଙ୍କର ଅସ୍ତ୍ରୋପଚାର ଜର୍ମାନୀରେ କରାଯାଇଥିଲା। ଏହି ସୂଚନା ଦେଇ ସେ କହିଛନ୍ତି ଯେ ସେ ଏବେ ସୁସ୍ଥ ହୋଇଯିବେ ଏବଂ ଶୀଘ୍ର ପଡ଼ିଆକୁ ଫେରିବାକୁ ଆଗ୍ରହୀ। ହାର୍ନିଆ ଅସ୍ତ୍ରୋପଚାର ପରେ ସୁସ୍ଥ ହେବା ସମୟ ପ୍ରାୟ ୮ରୁ ୧୨ସପ୍ତାହ, ତେଣୁ ତାଙ୍କ ପାଇଁ ବାଂଲାଦେଶ ଗସ୍ତରେ ଯିବା କଷ୍ଟକର। କିଛି ସମୟ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଖରାପ ସମ୍ପର୍କ ଯୋଗୁ ଏହି ସିରିଜ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା, କିନ୍ତୁ ରିପୋର୍ଟ ଅନୁସାରେ, ବିସିସିଆଇ ଅଧିକାରୀ କହିଛନ୍ତି ଯେ ଏହି ଗସ୍ତ ବର୍ତ୍ତମାନ ହୋଇପାରେ। ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କୁ ଏହି ଗସ୍ତରେ ବିଶ୍ରାମ ଦିଆଯାଇପାରିବ, ଯେପରି ପୂର୍ବରୁ ସେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ କରି ଘରକୁ ଫେରିବେ। ଏପରି ପରିସ୍ଥିତିରେ, ଅକ୍ଷର ପଟେଲ କିମ୍ବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟିତ୍ୱ ଦିଆଯାଇପାରେ।

# ନବମ ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର୍ ହଲଠାରେ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ଆନୁକୂଲ୍ୟରେ ନବମ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ ଆରମ୍ଭ ହୋଇ ଯାଇଅଛି। ଏହି ଚାମ୍ପିଅନଶିପରେ ଜିଲ୍ଲାରୁ ବିଭିନ୍ନ ପ୍ରାନ୍ତରରୁ ଯଥା ହିନ୍ଦୋଳ, କାମାକ୍ଷାନଗର, ଭୁବନ, ମେରାମଣ୍ଡଳୀ, ଗନ୍ଦିଆ ଏବଂ ସଦର ମହକୁମାରୁ ୨୫୦ରୁ ଅଧିକ ଖେଳାଳୀ ଭାଗ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୯ବର୍ଷ ବୟସରୁ ଆରମ୍ଭ ହୋଇ ୫୫ ବର୍ଷ ବୟସର ଖେଳାଳୀ ବିଭିନ୍ନ ବର୍ଗରେ ଭାଗ ନେଇଛନ୍ତି। ଓଡ଼ିଶାରେ ଢେଙ୍କାନାଳ ଜିଲ୍ଲା ଗୋଟିଏ ବ୍ୟାଡମିଣ୍ଟନ ହବ୍ ଭାବେ ବର୍ତମାନ ଉଦୀୟମାନ ହୋଇଛି। ଏହି ବର୍ଷ ଏହି ଜିଲ୍ଲାରୁ ବହୁ ଯୁବ ଖେଳାଳି କେନ୍ଦୀୟ ଏକାଡେମୀ ଦ୍ୱାରା ଚୟନ ହୋଇଛନ୍ତି। ଆଶା କରାଯାଏ ଆଗାମୀ ବର୍ଷ ଜିଲ୍ଲାରୁ ଅଧିକ ଉଦୀୟମାନ ଖେଳାଳି କେନ୍ଦ୍ରୀୟ ବ୍ୟାଡମିଣ୍ଟନ ଏକାଡେମୀରେ ଚୟନ ହେବେ। ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଅତିପରିଚିତ ସମାଜସେବୀ ରାମଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ। ଆସୋସିଏସନ୍ ତରଫରୁ ଆସୋସିସନ ସଭାପତି ଦୀପକ ଦଳେଇ, କାର୍ଯକାରୀ ସଭାପତି ଅମିତ୍ ଶତପଥୀ, ସମ୍ପାଦକ ଟଙ୍କଧର ବେହେରା, ରଶ୍ମି ପ୍ରକାଶ ପଟ୍ଟନାୟକ, ଶୁଭ୍ରାଂଶୁ ଦଳେଇ, ସୁଶାନ୍ତ କୁମାର ସାହୁ, ପ୍ରମୋଦ ସିଂ, ସୂର୍ଯ୍ୟକାନ୍ତ ମହାପାତ୍ର, ସ୍ୱଦେଶ ସିଂ, ଦେବାଶିଷ ସାହୁ ଆଦି ପ୍ରମୁଖ କର୍ମକର୍ତା ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ତିନି ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି।

# ଟିମ୍ ଇଣ୍ଡିଆର ଅଭ୍ୟାସ୍ ସେସନ୍‌ରେ ଅନନ୍ୟ ଦୃଶ୍ୟ

ନୂଆଦିଲ୍ଲୀ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ମ୍ୟାଚ ୨ରୁ ୬ ଜୁଲାଇ ପର୍ଯ୍ୟନ୍ତ ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚ୍‌ରେ ପରାଜୟର ସାମ୍ନା କରିଥିବା ଟିମ୍ ଇଣ୍ଡିଆ



ପ୍ରତ୍ୟାବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛି। ଏଥିପାଇଁ ଦଳର ଖେଳାଳିମାନେ କଠିନ ପରିଶ୍ରମ କରୁଛନ୍ତି। କିନ୍ତୁ ଏହି ପ୍ରସ୍ତୁତି ମଧ୍ୟରେ ଏକ ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି, ଯେଉଁଠାରେ ଦଳର ଦୁଇ ଖେଳାଳି ନିଜ ପ୍ରଶିକ୍ଷକଙ୍କ ସହିତ କୁସ୍ତି କରୁଥିବା ଦେଖାଯାଇଛି। ଭାରତୀୟ ଦଳର ଖେଳାଳିମାନଙ୍କ ଅଭ୍ୟାସ ଅଧିବେଶନ ସମୟରେ ଏକ ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଛି। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ଆକାଶ ଦୀପ ଟିମ ଇଣ୍ଡିଆର ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲଙ୍କ ସହିତ (କୁସ୍ତି) କରିଥିଲେ। ଏହା ଏକ ଗମ୍ଭୀର ମ୍ୟାଚ ନ ଥିଲେ ବି ଖେଳାଳି ଏବଂ ପ୍ରଶିକ୍ଷକଙ୍କ ମଧ୍ୟରେ ପାରସ୍ପରିକ ବନ୍ଧୁତା ଏବଂ ମଜାର ଏକ ଅଂଶ ଥିଲା। ହସ ଏବଂ ଖେଳ ସମୟରେ ଏହି ମୁହୂର୍ତ୍ତକୁ ତିନିଜଣ ଉପଭୋଗ କରିଥିଲେ, ଏବଂ ସେମାନଙ୍କର ଦୁଷ୍ଟାମି କ୍ୟାମେରାରେ କଏଦ ହୋଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ପ୍ରଶଂସକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି। ଏହି ଭିଡିଓରେ, ମୋର୍ନେ ମୋର୍କେଲ ପ୍ରଥମେ ଅର୍ଶଦୀପ ସିଂହଙ୍କ ସହିତ ମଜା କରୁଥିବାର ଦେଖାଯାଇଥିଲା। କିନ୍ତୁ ପରେ ଅର୍ଶଦୀପ ସିଂହ, ଆକାଶ ଦୀପଙ୍କ ସହିତ ମିଶି ମୋର୍ନେ ମୋର୍କେଲଙ୍କୁ ତଳେ ପକାଇ ଦେଇଥିଲେ। ତା'ପରେ ମୋର୍ନେ ମୋର୍କେଲ ପୁଣି ଥରେ ଅର୍ଶଦୀପ ସିଂହଙ୍କ ସହିତ ଲଢୁଥିବା ଦେଖାଯାଇଥିଲା। ଏଜ୍‌ବାଷ୍ଟନ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିବା ଟିମ ଇଣ୍ଡିଆ ପାଇଁ ସହଜ ହେବ ନାହିଁ। ଏଜ୍‌ବାଷ୍ଟନ୍‌ରେ ଟିମ୍ ଇଣ୍ଡିଆର ରେକର୍ଡ ବହୁତ ଖରାପ। ଭାରତୀୟ କ୍ରିକେଟ ଦଳ ଏପର୍ଯ୍ୟନ୍ତ ଏଜ୍‌ବାଷ୍ଟନ୍‌ରେ ୮ଟି ମ୍ୟାଚ୍ ଖେଳିଛି। ଏଥିମଧ୍ୟରୁ ୭ଟି ହାରିଛି ଏବଂ ଗୋଟିଏ ମ୍ୟାଚ୍ ଡ୍ର ଥିଲା। ଅର୍ଥାତ ଏହି ସିରିଜରେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଟିମ୍ ଇଣ୍ଡିଆକୁ ଏଜ୍‌ବାଷ୍ଟନ୍‌ର ଇତିହାସ ବଦଳାଇବାକୁ ପଡିବ, ଯାହା ସେମାନଙ୍କ ପାଇଁ ସହଜ ହେବ ନାହିଁ।

## ଦୁଷ୍କର୍ମ ଅଭିଯୋଗ ଆଣିଲେ ୧୧ ମହିଳା

# ଗିରଫ ହେବେ କି ୱେଷ୍ଟଇଣ୍ଡିଜ୍ ବୋଲର ଶାମର !

ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଶାମର ଜୋସେଫଙ୍କ ବିରୋଧରେ ଆସିଛି ସଙ୍ଗୀନ ଅଭିଯୋଗ। ତାଙ୍କ ବିରୋଧରେ ଦୁଷ୍କର୍ମ, ଯୌନ ନିର୍ଯାତନା, ଉତ୍ପୀଡ଼ନ ଏବଂ ପ୍ରଲୋଭନର ଅଭିଯୋଗ ଆଣିଛନ୍ତି ୧୧ ମହିଳା। ଗୁୟାନାର କାଇଟିଉର ନ୍ୟୁଜର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ଜୋସେଫ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ବାରବାଡୋସ ଟେଷ୍ଟରେ ସେ ୯ଟି ୱିକେଟ ନେଇଥିଲେ। ରକେଟ ବୋଲିଂ କରି ସେ ବେଶ ଚର୍ଚ୍ଚାକୁ ଆସିଥିଲେ। କିନ୍ତୁ ଜୋସେଫଙ୍କ ବିରୋଧରେ ଏପରି ଅଭିଯୋଗ ଆସିବା ପରେ କ୍ରିକେଟ କ୍ୟାରିୟରକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି। ରିପୋର୍ଟ



ଅନୁସାରେ, ପୀଡିତମାନଙ୍କ ମଧ୍ୟରୁ ଜଣେ ୧୮ ବର୍ଷୀୟା ଯୁବତୀ। ୨୦୨୩ରେ ବର୍ବାଇସର ନ୍ୟୁ ଆମଷ୍ଟରଡାମରେ ତାଙ୍କ ବାସଭବନରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ପରିବାର ଅନୁଯାୟୀ, ଶାମର ତାଙ୍କୁ ସାମାଜିକ ସେବା ବାହାନାରେ ଉଠାଇ ନେଇଥିଲେ। ସେଠାରେ ବଳପୂର୍ବକ ବଳାତ୍କାର କରିଥିଲେ। ମାମଲାକୁ ଚପାଇବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ମଧ୍ୟ କରିଛନ୍ତି। ଖବର ପ୍ରକାଶିତ ହେବା ପରେ, ଅଧିକ ମହିଳା ଆଗକୁ ଆସି ଜୋସେଫ ବିରୋଧରେ ଅଭିଯୋଗ କରିଥିଲେ। ଏପରିକି ସ୍କ୍ରିନସଟ୍, ଭଏସ୍ ନୋଟ୍, ଡାକ୍ତରୀ ମାଇନା ରିପୋର୍ଟ ଏବଂ ଟେକ୍ସଟ୍ ମେସେଜର ପ୍ରମାଣ ଦେଇଥିଲେ। ପୀଡିତାମାନଙ୍କ ମଧ୍ୟରୁ ଜଣେ ଏହା ମଧ୍ୟ ରିପୋର୍ଟ କରିଛନ୍ତି ଯେ ଶାମର ମାମଲା ସମାଧାନ ପାଇଁ ଟଙ୍କା ପ୍ରଦାନ କରିଥିଲେ କିନ୍ତୁ ପରିବାର ମନା କରିଥିଲେ। ତଥାପି ନୂଆ ଅଭିଯୋଗ ଉପରେ ମାମଲା ରୁଜୁ ହୋଇନାହିଁ। କିନ୍ତୁ ରିପୋର୍ଟରେ ଦାବି କରାଯାଇଛି ଯେ କମ୍ ବୟସର ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଶାମରଙ୍କୁ ଗିରଫ କରାଯାଇଥିଲା। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜର ପ୍ରଥମ ଟେଷ୍ଟ ସମୟରେ ଏହି ଅଭିଯୋଗଗୁଡ଼ିକୁ ସାର୍ବଜନୀନ କରାଯାଇଥିଲା। ୱେଷ୍ଟଇଣ୍ଡିଜ କ୍ରିକେଟ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାପ ପଡିଥିଲା।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण सूचना संख्या – 05 RIV / 2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है।

दिनांक–26.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/DALTONGANJ/10/2024-25 | मुख्य पथ रामबांध से बरवाडीह टोला होते हुए मुख्य पथ नहर पंचायत सचिवालय तक पथ निर्माण कार्य। 1.70कि0मी0 | 200.292 | दो करोड़ उन्नतीस लाख दो सौ रू0 मात्र | 09 माह | द्वितीय |
| 2 | EE/RWD/DALTONGANJ/11/2024-25 | पंचायत पंसा के बरडीहा हरिजन टोला से बजरंगबली डोमा बाबा मंदिर तक पथ निमार्ण। 1.60कि0मी0 | 177.111 | एक करोड़ सत्हतर लाख ग्यारह हजार एक सौ रू0 मात्र | 09 माह | द्वितीय |
| 3 | EE/RWD/DALTONGANJ/12/2024-25 | सडेया से चन्द्रपुर स्कूल तक पथ निर्माण कार्य। 1.20कि0मी0 | 134.413 | एक करोड़ चौतीस लाख एक्कतालीस हजार तीन सौ रू0 मात्र | 09 माह | द्वितीय |
| 4 | EE/RWD/DALTONGANJ/13/2024-25 | मंगलडीह कोनापर से महादेव शर्मा के घर तक पथ निर्माण कार्य। 1.40कि0मी0 | 138.006 | एक करोड़ अड़तीस लाख छः सौ रू0 मात्र | 09 माह | द्वितीय |
| 5 | EE/RWD/DALTONGANJ/14/2024-25 | पंचायत पोलडीह ग्राम–बहेरा भोला मोड़ से कुंदन मोड़ तक पथ निर्माण कार्य। 1.35कि0मी0 | 182.046 | एक करोड़ बेरासी लाख चार हजार छः सौ रू0 मात्र | 09 माह | द्वितीय |

2. बेवसाईट में निविदा प्रकाशन की तिथि : 02.07.2025
3. ई–निविदा प्राप्ति की अंतिम तिथि एवं समय : 15.07.2025 up to 5.00 PM
4. निविदा खोलने की तिथि एवं समय 17.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 356092 (Rural Development)25-26*D



**Government of Jharkhand**
**Urban Development And Housing Department**
**Dhanbad Municipal Corporation, Dhanbad**

e-Procurement Re-Tender Notice No. DMC/14/2025-26

Reference No. : DMC/14/2025-26 Date : 28.06.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/14/2025-26/01 | Construction of Bitumenous Road from Rajkiya Madhya Vidyalaya Kusunda to Mahesh Kirana Store Jalan Factory via Kharikabandh Harijan Basti and from Near Jalan Factory gate to Near Kusunda Durga Mandir via Gondudih Thana in ward no. 14 under DMC, Dhanbad (2nd Call) | 14935400.00 | 2 % of BOQ | 10000.00 | 180 दिन |
| 2 | DMC/14/2025-26/02 | Construction of Bitumenous Road from Rahmatganj (Yunus Shop) to Ansar Nagar Khawajanur house and Bharat Chowk to Kumhar Patti to Das Tola via Mangru Hotel under DMC, Dhanbad | 10761200.00 | 2 % of BOQ | 10000.00 | 180 दिन |
| 3 | DMC/14/2025-26/03 | Renovation of Bitumenous Road from Polytehnic more to Bypass Road via Patel Chowk, Patel Chowk to Ara More under DMC, Dhanbad | 9028900.00 | 2 % of BOQ | 10000.00 | 180 दिन |

Date of Publication of Tender on website :- From **02.07.2025 At 03.00 PM**
Online Last Date / Time for receiving of bids :- **16.07.2025 (Online) till 03:00 PM**
Date of Bid Opening :- From **17.07.2025 at 03:00 PM** (Online)
**NOTE:-** (i) Only e-Tenders will be accepted. Further details can be seen on website http://www.jharkhandtenders.gov.in
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad

PR 356136 Urban Development(25-26)#D



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, सिमडेगा।**
अल्पकालीन ई–पुनर्निविदा आमंत्रण सूचना
**(e-Procurement Call) 2nd Call**
ई–पुनर्निविदा सूचना संख्या – 19/R1/2025-26/RWD/SIMDEGA दिनांक – 26-06-2025
**1.कार्य की विस्तृत विवरणीःमुख्यमंत्री ग्राम सड़क योजना (4515)**

| क्र० सं० | प्रखण्ड | आईडेन्टीफिकेशन संख्या | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि | निविदा कॉल सं0 |
|---|---|---|---|---|---|---|---|---|
| 1 | सिमडेगा | RWD/SIMDEGA/19/08/2023-24 | पी0डब्लू0डी0 रोड कुरडेग से पिथरा भाया लुकीबहार पथ तक पथ निर्माण कार्य। (लं0–7.150 कि0मी0) | 706.637 (सात करोड़ छः लाख तिरसठ हजार सात सौ रूपये मात्र) | 14,13,300 (चौदह लाख तेरह हजार तीन सौ रूपये मात्र) | 10,000 | 18 महिना | द्वितीय |

2. वेबसाइट में निविदा प्रकाशन की तिथि – 01-07-2025
3. ई–पुनर्निविदा प्राप्ति की अंतिम तिथि एवं समय – 15-07-2025 अपराह्न 05:00 बजे तक।
4. ई–पुनर्निविदा खोलने की तिथि एवं समय – 17-07-2025 अपराह्न 11:30 बजे।
5. ई–पुनर्निविदा आमंत्रित करने वाले पदाधिकारी का पदनाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, सिमडेगा।
6. अति अल्पकालीन ई–निविदा प्रकोष्ठ का दूरभाष सं० – 06525-299956 एवं मोबाईल नम्बर 9973512046
7. निविदा शुल्क एवं अग्रधन की राशि विभागीय पत्रांक 3130 अनु0 दि0 09-10-2023 के निर्देशानुसार केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही निविदादाता की होगी।
9. परिमाण विपत्र की राशि घट–बढ़ सकती है। अग्रधन की राशि परिमाण विपत्र के अनुसार मान्य होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR 356131 Simdega(25-26)D

ह0/– कार्यपालक अभियंता ग्रामीण कार्य विभाग, कार्य प्रमंडल, सिमडेगा।



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण सूचना संख्या – 13RI / 2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है।

दिनांक–26.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/DALTONGANJ/60/2024-25 | पंचायत पंसा, ग्राम–पंसा महावीर मंदिर से कोयल नदी तक पथ निर्माण कार्य। 1.60कि0मी0 | 163.455 | एक करोड़ तिरसठ लाख पैतालीस हजार पांच सौ रू0 मात्र | 09 माह | द्वितीय |
| 2 | EE/RWD/DALTONGANJ/61/2024-25 | मंझौली मेन रोड से बरवाडीह हरिजन टोला तक पथ निर्माण कार्य। 1.10कि0मी0 | 132.160 | एक करोड़ बत्तीस लाख सोलह हजार रू0 मात्र | 09 माह | द्वितीय |
| 3 | EE/RWD/DALTONGANJ/62/2024-25 | पंचायत महुवरी नवीनगर मुख्य पथ से ग्राम बसारी पी0डब्लू0डी0 पथ तक पथ निर्माण कार्य। 1.975कि0मी0 | 222.183 | दो करोड़ बाईस लाख अठ्ारह हजार तीन सौ रू0 मात्र | 09 माह | द्वितीय |
| 4 | EE/RWD/DALTONGANJ/63/2024-25 | हैदरनगर देवीधाम शिव मंदिर से ग्राम जमुआ खूर्द होते हुए रतनबीघा शिव सिंह के घर तक पथ निर्माण कार्य। 1.50कि0मी0 | 184.407 | एक करोड़ चौरासी लाख चालीस हजार सात सौ रू0 मात्र | 09 माह | द्वितीय |

2. बेवसाईट में निविदा प्रकाशन की तिथि : 02.07.2025
3. ई–निविदा प्राप्ति की अंतिम तिथि एवं समय : 15.07.2025 up to 5.00 PM
4. निविदा खोलने की तिथि एवं समय 17.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 356091 Rural Development(25-26)#D



## ହେ ମଣିମା ଶୁଣିମା ହେଉ

✶ ସୁରେନ୍ଦ୍ର ନାଥ ସାହୁ

କିଏ କହେ କି ଲାଭ
ଭାସିଗଲି
ତୁ ଥାଉ ଥାଉ ।
କିଏ କହେ ଯାହା ହେଉ
ହେଲେ
ତୋ ନାମ ତୁଣ୍ଡେରେ ଥାଉ ।
କିଏ କେତେ
ମାଗିଲେ ତାକୁ ଦେଉନା
କାହାକୁ ଜାଚି ଜାଚି ଦେଉ ।
ଆଉ କି ବିଚିତ୍ର ବିଚାର ତୋର
କାହାକୁ ଦେଇ
ପୁଣି ତୁ ଛଡେଇ ନେଉ ।
ଶୁଣିଛି ନିଇତି ତୋତେ ଲାଗି ହୁଏ
ଗୋଟେ ପରେ ଗୋଟେ ଭୋଗ
ତୁ କେତେ କଣ ଖାଉ ।
ହେଲେ କହରେ କାଳିଆ
ତୋ ଭକତ କେମିତି
ଭୋକ ଶୋଷ ଭୁଲିଯାଏ
ଖାଲି ତୋତେ ଟିକେ ଦେଖିଦେଲେ
ଅବା ତୋ ଗୁଣ ଗାଉ ଗାଉ ।
ସତରେ
ତୁ ବ୍ରହ୍ମାଣ୍ଡ ଠାକୁର
କିନ୍ତୁ ଓଡ଼ିଆଙ୍କ ଅ ଆ ଇ ଈ ଉ ।
ଓଡ଼ିଆ ଓଡ଼ିଆଣିଙ୍କ ଭାବ ଭକ୍ତି
ତୋତେ ଲାଗେ ବଢିଆ
ତୋ କୃପା ପାଖରେ ଋଣୀ ଆମେ
ତୋ ଲାଗି ବିଶ୍ୱରେ
ଓଡ଼ିଶାର ବଢିଛି ଭାଉ ।
ଏ ମାଟି ବିରଳ
ବିରଳ ତା ଭକ୍ତି ଭଙ୍ଗିମା
ତୋ ବିନା ଲୋଡା ନହିଁ
ଆମକୁ କିଛି ଆଉ ।
ତେଣୁ ତ
ଦୁଇ ହାତ ଟେକି ଡାକୁଛୁ ସଭିଏଁ
ହେ ମଣିମା ଶୁଣିମା ହେଉ ।

*କଳମ୍ବ (ଡିହସାହି), ପୋଲସରା, ଗଞ୍ଜାମ*



# ଦୁଃସମୟର ଅନ୍ତ



●●● ● ଅନସୂୟା ପଣ୍ଡା ● ●●●

ଅଭି ରଙ୍ଗ ଧରି ଦୌଡି ଆସିଲା ବୋଉ ପାଖକୁ । ଆଜି ହୋଲିରେ ଟିକେ ରଙ୍ଗ ତୋ ଗାଲରେ ଦେଖା ମାରିଦେବି । ବୋଉ ବଡ ପାଟିରେ ରହରହ କହି ଚିଲେଇ ଉଠିଲା ।

ଅଭି ପଚାରିଲା କ'ଣ ହେଲା ! ତୁ ଏମିତି ରଙ୍ଗ ଦେଖି ହଡବଡେଇଲୁ । ସମସ୍ତଙ୍କ ବୋଉମାନେ ତ ରଙ୍ଗ ଖେଳୁଛନ୍ତି । ତୁ କିନ୍ତୁ କେବେ ବି ରଙ୍ଗ ଖେଳୁନି । ପ୍ରତିବର୍ଷ ହୋଲି ଆସି ଚାଲିଯାଏ । ହେଲେ ତୁ ସେମିତି ଧଳା ଶାଢୀରେ ଉଦାସ ହସଟେ ହସି ଟାଳିଦେଉ ରଙ୍ଗ ଖେଳକୁ ।

ବୋଉର ଆଖି ଲୁହରେ ଉବୁଟୁବୁ ହେଇଗଲା । ଅଭିକି ବାଁରେଇ ଦେବା ଆଳରେ ଇନ୍ଦୁ କହିଲା, "ତୁ ଯା ହୋଲି ଖେଳିବୁ । ମୁଁ ଯାଉଛି ଭାତ ବସେଇବି । ତୁ ତ କଅଁଳ ବୟସର ପିଲାଟାଏ । ତତେ ଅବା କ'ଣ କହିବି । ଅଦେଖା ଘାଆ କଥା ।"

ଅଭି କିନ୍ତୁ ଆଜି ବୋଉର ମନର କଥା ଜାଣିବାକୁ ବଦ୍ଧ ପରିକର । କହିଲା ତୁ ସତ ସତ ସବୁ ନ ବତେଇଲେ, ମୁଁ ବି ଆଜି ଠାରୁ ଆଉ ରଙ୍ଗ ଖେଳିବିନି । କୁଣ୍ଢେଇ ପକେଇ ଶାନ୍ତ କରାଇଲା ଅଭିକୁ । କହିଲା "ତୁ ଯାଆ ! ତୋ' ସାଙ୍ଗମାନଙ୍କ ସାଙ୍ଗରେ ଖେଳ । ଖେଳି ଫେରିଲେ ସବୁ କହିବି" ।

ଚୂଲିରେ ଭାତ ହାଣ୍ଡିରେ ପାଣି ଥୋଇ ଦେଇ ଜାଳ ଲଗେଇ ଦେବା ଭିତରେ କେତେ ଅସରା ଲୁହ ପୋଛି ସାରିଲାଣି ସେ ଅତୀତକୁ ମନେ ପକେଇ । ଚାଉଳ ଆଣି ଥୋଇଛି । କିନ୍ତୁ ଭାବନାରେ ବୁଡ଼ି ନିଜ ଭାଗ୍ୟକୁ ଧିକ୍କାରୁଛି । ପୋଡା କପାଳ ମୋର । ଯେତେବେଳେ ବାହାଘର ଠିକ୍ ହେଲା, ସମସ୍ତେ କହିଲେ ବଡ ଭାଗ୍ୟ କରିଛୁ । ଏମିତି ସୁନ୍ଦର ଶୋଭନ ବ୍ୟକ୍ତିତ୍ୱର ବର ପାଇବୁ । ଘରେ କେହି ନାହାନ୍ତି । ନିଜେ ପ୍ରଜା ନିଜେ ରାଜା । ସରକାରୀ ଚାକିରି କରିଛି ପୁଅ । ଜମି ବାଡି ଘରଦ୍ୱାର ଜଣଙ୍କୁ ବହୁତ । ମୁଁ ବି ଭାବିଲି ସତରେ ଚାନ୍ଦ ଛୁଇଁଯିବି । ଅଭୀପ୍ସାର ନାଲି ନେଳି ଗୋଲାପି ସମ୍ଭାବନାର ଦିଗନ୍ତ ଛୁଇଁ ସୁଖଦ ଭାବନାମାନେ ବାଦଲ ପରି ଭାସି ବୁଲୁଥିଲେ ମନଆକାଶରେ । ବହୁତ ଚଞ୍ଚଳ ବାହାଘର ସ୍ଥିର ହେଉଥିଲା । ପିଲାର ମାମୁଁ ସବୁ ବୁଝୁଥିଲେ । ନିର୍ଦ୍ଧାରିତ ତିଥି ଓ ସମୟରେ ବିବାହ ଯଥା ସମ୍ଭବ ଭଲରେ ସରିଗଲା । ଘରେ ସ୍ୱାମୀ ସ୍ତ୍ରୀ ଦୁଇଜଣ । କିଛି ବନ୍ଧୁ ଦୂର ସମ୍ପର୍କୀୟ ଆସିଥିଲେ ସେମାନେ ଚତୁର୍ଥୀବାସୀ ଚାଲିଗଲେ । ବଡ ହସଖୁସିରେ ସମୟ କଟୁଥିଲା ଆମର । ସନ୍ଧ୍ୟାରେ ଫେରିଲା ବେଳକୁ ମୋ ପସନ୍ଦର ବରା ତରକାରୀ, କେବେ କେବେ ଗରମ ସିଙ୍ଗଡା ଆଣିଥାନ୍ତି ସାଙ୍ଗରେ । ବିବାହର ଚାରିମାସ ପରେ ଯେବେ ମୁଁ ପ୍ରଥମେ କହିଥିଲି ମୁଁ ମାଆ ହେବାକୁ ଯାଉଛି, ସେଦିନ ଅମରଙ୍କ ମୁହଁରେ ଯେଉଁ ଖୁସିର ଝଲକ ଆଜି ବି ମତେ ଆତ୍ମହରା କରିଦିଏ । ମୁଁ ଛଅମାସ ଯାଏ ଏଇଠି ଥିଲି । ମତେ କାମ କରେଇ ଦିଅନ୍ତିନି । ନିଜେ ଉଠି ଚାହା କରନ୍ତି । ସାଙ୍ଗ ହେଇ ପିଉ । ବାକି କାମ ସେ ନିଜେ କରନ୍ତି । ଲୋକଟିଏକୁ କହିଥାନ୍ତି ଆସି ରାନ୍ଧି ଦେଇ ଯିବା ପାଇଁ । ବୋଉ ଉପଦେଶ ଦେଲା ଏକୁଟିଆଟା କ'ଣ ସେଠି ରହିବୁ, ତୁ ମୋ ପାଖକୁ ଚାଲି ଆସେ । ପିଲାଟା ଦୁଇ ଚାରି ମାସର ହେଲେ ଯିବୁ । ମତେ ନେଇ ଆମ ଘରେ ଖୁସି ମନରେ ଛାଡି ଆସିଲେ । ଦିନକୁ ଫୋନରେ ପ୍ରାୟ ଦୁଇ ତିନି ଥର ମୋ କଥା ବୁଝନ୍ତି । ସପ୍ତାହରେ ଥରେ ମୋ ପାଖକୁ ଆସିଯିବା ଥୟ । ପୁଣି ମୋ ପସନ୍ଦର ସବୁ ଜିନିଷ ଆଣିଥାନ୍ତି ବ୍ୟାଗରେ ।

ମୁଁ ଦିନେ ବସି ଟିଭିରେ ନିଉଜ ଦେଖୁଥାଏ । ତଳେ ଲେଖା ହେଉଥାଏ, ସୁନ୍ଦରପୁରର ଅମର ମାହାନ୍ତଙ୍କୁ ବଳାତ୍କାର କେସ୍‌ରେ ପୋଲିସ ତାଙ୍କ ସହକର୍ମୀ ଦିବ୍ୟଙ୍କାର ଅଭିଯୋଗ ଆଧାରରେ ଆରେଷ୍ଟ କରିଛି । ବହୁତ ଅଶ୍ଳୀଳ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେଇଛି । ତାଙ୍କୁ ପଚରାଉଚରା ପରେ ଜେଲକୁ ପଠେଇ ଦିଆଯିବ । ଗଣମାଧ୍ୟମ ଏ ସେନ୍ସେସନାଲ ମାମଲାରେ ବେଶ କ୍ରିୟାଶୀଳ । ମୁଁ ବଡ ପାଟିରେ ବୋଉକୁ ଡାକ ପକେଇଲି । ବୋଉ ସବୁ ଶୁଣି ଦୌଡିଲା ବାପାଙ୍କ ପାଖକୁ । ଶରୀର ଉତ୍ତେଜନାରେ ତାତି ଉଠିଲା । ହୃଦୟର ସ୍ପନ୍ଦନ ବଢିଗଲା । ତା ପରେ ମୁଁ ଆଉ କିଛି ଜାଣିନି । ଚେତା ଆସିବା ବେଳକୁ ହତଭାଗା ଛୁଆଟା ଜନ୍ମ ହୋଇ ଶୋଇଛି ମୋ ପାଖରେ । ମୋ ମୁଣ୍ଡରେ ସିନ୍ଦୁର କି ହାତରେ ଚୁଡି ନାହିଁ । ବୋଉ ବସି ଧକେଇ ଧକେଇ କାନ୍ଦୁଛି । ସବୁ ଉଜୁଡି ଗଲାଲୋ ଇନ୍ଦୁ । ମୁଁ କିଛି ବି ବୁଝି ପାରୁନଥାଏ । ଥରେ ନିଜ ହାତକୁ ଆଉ ଥରେ ବୋଉକୁ ଚାହୁଁଥାଏ । ବାଧ ହେଇ ପଚାରିଲି, "କ'ଣ ହେଲା ବୋଉ । ଛୁଆ ମୋର ଠିକ ଅଛି ନା ?" ବୋଉ କହିଲା ସେ ଠିକ୍ ଅଛି, କିନ୍ତୁ...... !

"କିନ୍ତୁ କ'ଣ ଅମର ...... । ଅମରଙ୍କର କ'ଣ ହେଲା ? ସେ ଝିଅଟା ନିଶ୍ଚୟ ତା'ଙ୍କ ନାମରେ ମିଛ କହିଥିବ । ଆଜି କାଲି ଝିଅଙ୍କ ମାୟା ସମସ୍ତଙ୍କୁ ଜଣା । କାମ ହାସଲ କରିବାରେ ମାହିର । ତାଙ୍କ ଅସଲ ସ୍ୱରୂପକୁ କେହି ଠଉରେଇ ପାରିବେନି । ତୁମେ ବ୍ୟସ୍ତ ହୁଅନା । ସବୁ ଠିକ୍ ହେଇଯିବ । ମୋର ଆ,ଙ୍କ ଚରିତ୍ର ଉପରେ ଦୃଢ ବିଶ୍ୱାସ ।" ବୋଉ ପୁଣି ଜୋରରେ କାନ୍ଦି ଉଠି କହିଲା, "ଅମର ଏ ଅପମାନ ସହି ନ ପାରି ଜେଲରେ ଆତ୍ମହତ୍ୟା କରିଦେଇଛନ୍ତି । ଏବେ ବି ସବୁ ସମ୍ବାଦପତ୍ରରେ ଓ ଟିଭିରେ ଏ ଚର୍ଚ୍ଚା । ଥମିବାର ନାମ ଧରୁନି । ଘରେ ଆସି ଆଉସାଉ କଥା ପଚାରୁଛନ୍ତି । ମଲାପରେ ବି ପୂର୍ଣ୍ଣଛେଦ ପଡୁନି ।" ମସ୍ତିଷ୍କରେ ଭାବନାର ବୁଡିଆଣୀ ଜାଲ ତାକୁ ଅଣନିଃଶ୍ୱାସୀ କରି ପକାଇଲା । ଆହତ ସିଂହୀ ପରି ଉଠି ବସିଲି । କ'ଣ ହେଲା ମତେ ଏକା କରି ଚାଲିଗଲେ । ମୁଁ ତ ତାଙ୍କୁ ଦୋଷୀବୋଲି କେବେ ବି ଭାବି ନଥିଲି । ମୋର ବା କ'ଣ ଦୋଷ ଥିଲା, ମତେ ଦଣ୍ଡ ଦେଲେ । କହୁକହୁ ପୁଣି ଚେତାଶୂନ୍ୟ ହୋଇଗଲି । ଡାକ୍ତର ନିଦ ଇଞ୍ଜେକ୍ସନ୍ ଦେଇଦେଲେ । କୋଡିଏ ଦିନ ପରେ ମାଆପୁଅ ଡାକ୍ତରଖାନାରୁ ଘରକୁ ଗଲୁ । ପରଦିନ ଦୋଳ ଗୋବିନ୍ଦ ଆସିଥିଲେ ଘରକୁ ଭୋଗ ଖାଇବାକୁ । ବାପା ଅବିର ଟିକେ ତୁଳସୀଟିଏ ମୁଣ୍ଡରେ ଛୁଆଇଁ ଦେଇ କହିଲେ ଆଜିଠାରୁ ତା ନାମ ଅଭି । ଏଇ ଅବିର ପରି ତା' ଜୀବନ ରଙ୍ଗୀନ୍ ହେଉ, ମହାନ୍ ହେଉ ।

ଏହା ଭିତରେ ସାତଟି ଫଗୁଣ ବିତିଗଲାଣି । ତଦନ୍ତ ଚାଲିଛି କହି ସମସ୍ତ ସରକାରୀ ପାଉଣା ସ୍ଥଗିତ । ଆର୍ଥିକ ଅନାଟନ ଦେଇ ପରିବାର ଦୁଃସ୍ଥିତିରେ ଗତି କରୁଛି । ସହାୟତା ମାଗିବାକୁ ଗଲେ କ୍ଷମତାମତ୍ତ ପୋଲିସ ଓ ଅମରଙ୍କ ଅଫିସ ଲୋକେ ନାନା ବ୍ୟଙ୍ଗବିଦ୍ରୁପ ଓ ଅସୂୟାପୂର୍ଣ୍ଣ ଗାଳିଗୁଲଜ କରି ଫେରେଇ ଦିଅନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦେଖାକରି କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଦାବି କରିଛି । ଆଜି ବି ମନତଳେ ଅଭାବବୋଧ ।

କାହାର ଡାକରେ ଇନ୍ଦୁ ଭାବନାରେ ପୂର୍ଣ୍ଣଚ୍ଛେଦ ଟଣାହେଲା । ସେ ଦେଖିଲା ସେମିତି ପାଣି ଫୁଟୁଛି । ଚାଉଳ ପଡିନି । ତରତର ହେଇ ଚାଉଳ ପକେଇଲା । ଅଭି କେତେ ବେଳୁ ରଙ୍ଗ ଖେଳି ଫେରିଲାଣି ତାହା ଇନ୍ଦୁର ନଜର ନାହିଁ । ହେଲେ ଖାଇବା ହେଇନି । ଚଞ୍ଚଳ କଳା ହାତକୁ । ଖାଇବା ବାଢିଦେଲା ଅଭି ପାଇଁ । ଅଭି ବଡ ମଣିଷ ପରି କହିଲା ବୋଉ ତୋର ଭାତ କାହିଁ ।

-ମୋତେ ଜମା ଭୋକ ନାହିଁ । ତୁ ଖାଇଦେ । ମତେ ଭୋକ ଲାଗିଲେ ଖାଇବି । ନା ତୁମେ ଆଣ ଆମେ ମିଶି ଖାଇବା । ସେମିତି ହାତ ଟେକି ବସିଲା ଅଭି । ବାଧ୍ୟରେ ଖାଇ ବସିଲା ଇନ୍ଦୁ । ଏତିକିବେଳେ ଅଭି କହିଲା, "ବୋଉ ! ଆଜି ମତେ ମୋ ସାଙ୍ଗ ସୋନୁ କହିଲା ତୋ' ବାପା ଜଣେ ଝିଅକୁ ରେପ୍ କରିଥିଲେ । ରାଗରେ ମୁଁ ତାକୁ ଦୁଇଟା ଲଦିଦେଲି ।"

ଇନ୍ଦୁ ବିବ୍ରତରେ କହିଲା, "ବାବୁରେ ତୁ କାହିଁକି ମାରୁଥିଲୁ ? ମୁଁ ଜାଣିଛି ସତ ନିଶ୍ଚୟ ଦିନେ ପଦାକୁ ଆସିବ । ତୋ ବାପା ଏମିତି ନଥିଲେ ।

ଲୋକଙ୍କ ପାଟିକୁ ଆମେ କ'ଣ ମାରିକରି ବନ୍ଦ କରି ପାରିବା ! ସମୟ ସବୁର ସାକ୍ଷୀ । ତା' ଆଖିରୁ କେହି ବି ଖସି ପାରିବେନି । ଦିନେ ନା ଦିନେ ଏ ଗୁଜବର ପୂର୍ଣ୍ଣଚ୍ଛେଦ ପଡିବ । ମୁଁ ତତେ ପଦାକୁ ସେଥିଲାଗି ଖେଳିବାକୁ ଛାଡେନା । ସବୁବେଳେ କହେ ଆମରି ଦାଣ୍ଡରେ ଖେଳ । ଲୋକମାନେ ପରକୁ ଟେକା ପକେଇ ଖୁସି ପାଆନ୍ତି । ଆମେ ସେମିତି ମଣିଷଠାରୁ ଦୂରରେ ରହିଲେ, ଶାନ୍ତିରେ ରହିବା ।"

ବେଳେବେଳେ ନ୍ୟାୟଦ୍ରଷ୍ଟା ଇନ୍ଦୁର ଭଗବାନଙ୍କୁ କଇଫତ୍ ମାଗିବାକୁ ଇଚ୍ଛା ହୁଏ, "କ'ଣ ମୋର ଦୋଷ ? ତୁମର ନ୍ୟାୟ କେତେ ବିଚିତ୍ର ! କାହିଁକି ତୁମକୁ ଡାକିବି ? ଏ କୁଳାଙ୍କୁର ଅଭିଟାକୁ ଦେଇଛ, ସେ ହିଁ ମୋ ପରିଧି । ନ ଦେଇଥିଲେ କେମିତି କାଟିଥାନ୍ତି ଜୀବନ ?

ତୁମରି ନ୍ୟାୟକୁ ପ୍ରତୀକ୍ଷା । କେତେ ଆଉ ଏ ଦୋଷକୁ ମୁଣ୍ଡେଇ ଚାଲିବୁ ମାଆପୁଅ ? ଇଚ୍ଛା ହେଉଥିଲା ବାପାବୋଉ ଥିଲେ ଦଉଡିଯାଇ କୁଣ୍ଢେଇ କାନ୍ଦନ୍ତି ମନ ଭରି । ମୋରି ଚିନ୍ତାରେ ଦୁହେଁ ଆଗପଛ ହେଇ ଚାଲିଗଲେ ଆରପାରିକି । ଭଲ ହେଲା, ମୋର କଷ୍ଟକୁ ଦେଖି ଜିଇଁଜିଇଁ ମରିଯାଇଥାନ୍ତେ ।"

ଏମିତି ଦିନେ ସନ୍ଧ୍ୟାରେ ଅଭି ଟିଭି ଦେଖୁଥାଏ । ବଡ ପାଟିରେ ଡାକିଲା, "ବୋଉ ! ଦେଖ ବାପାଙ୍କ ଫଟୋ ଦେଖାଉଛି ।"

ଦୌଡିଗଲେ ଇନ୍ଦୁ । ଦିବ୍ୟଙ୍କା ବୋଲି ଝିଅଟି ଅପାଙ୍ଗରେ ଅନେକ ପୁରୁଷଙ୍କୁ ଏମିତି ଫାନ୍ଦରେ ପକେଇ ଲକ୍ଷାଧିକ ଟଙ୍କା ରୋଜଗାର କରିଛି ବୋଲି ଦୋଷୀ ସାବ୍ୟସ୍ତ ହୋଇଛି । ଅମର ନିର୍ଦ୍ଦୋଷରେ ଆତ୍ମହତ୍ୟାର ଶିକାର ହେଇଥିଲେ । ଓଃ କି ଶାନ୍ତି ଆଜି ଲାଗୁଛି କହି ସେଇଠି ମହାପ୍ରଭୁଙ୍କୁ ମୁଣ୍ଡିଆ ମାରିଲେ । ଅଭି ପଚାରୁଥିଲା ବୋଉ କ'ଣ ହେଲା କି ? ଇନ୍ଦୁ କହୁଥିଲା ତୋ ବାପା ଆଜି ଦୋଷମୁକ୍ତ । ବାପାବୋଉ ଥିଲେ, ଆଜି ଏ ଦୁଃସମୟର ଅନ୍ତ କଥା ଶୁଣି କେତେ ଖୁସି ହେଇଥାନ୍ତେ !

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## କବିତା ଗୁଚ୍ଛ

## ଆସିଛି ପରା ରଥ ଯାତରା

✶ ନିରଞ୍ଜନ ସାହୁ

ଆଷାଢ଼ ମାସରେ ରଥ ଯାତରା ଲୋ
ଦେଖିବାକୁ ଯିବା ସହୀ
ଠାକୁରଙ୍କ ଡୋରି ଲାଗିଗଲାଣି ଲୋ
ଆଉ ହେବନାହିଁ ରହି ।

ଆମ ଗାଆଁ ଠାରୁ ଶ୍ରୀକ୍ଷେତ୍ର ଧାମ ଲୋ
କାହିଁ ଅଛି କେତେ ଦୂରେ
କେମିତି ଯାଇକି ତହିଁ ପହଞ୍ଚିବା
ଚିନ୍ତାରେ ମୋ ମୁଣ୍ଡ ଘୁରେ
ଘରୁ ବାହାରିବା ପ୍ରଭୁଙ୍କୁ ସୁମରି
' ଜୟ ଜଗନ୍ନାଥ ' କହି ।

ଶ୍ରୀକ୍ଷେତ୍ର ଧାମରେ ରହଣି କରିକି
ଦେଖିବା ଲୋ ଘୋଷଯାତ
ଗୁଣ୍ଡିଚା ବାହୁଡ଼ା ରଥ ଟାଣିବା ଲୋ
ଆସୁ ଘାତ ପ୍ରତିଘାତ
ଘିଡ଼ିଘିଡ଼ି କରି ଚକ ଗଡୁଥିବ
ଘୁରି ଯାଉଥିବ ପହି ।

ଗଜପତି ମହାରାଜାଙ୍କୁ ଦେଖିବା
ନର ନାରାୟଣ ସିଏ
ଛେରାପହଁରା ସେ ରଥରେ କରିବେ
ତାଙ୍କ ସରି ହେବ କିଏ
ଲକ୍ଷେ ରାଜାଙ୍କର ମଉଡମଣି ସେ
ଜାଣିଅଛି ଏହି ମହୀ ।

ସୁବର୍ଣ୍ଣର ବେଶ , ଅଧରପଣା ଲୋ
ନୀଳାଦ୍ରି ବିଜୟ ଦେଖି
ଫେରିବା ବେଳକୁ ନିର୍ମାଲ୍ୟ ଆଣିବା
ଏକଥା ରଖିଥା ' ଲେଖି
ମେଲାଣି ମାଗିବା ପତିତପାବନେ
ଚାହିଁଥିବେ କୃପା ବହି ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ସ୍ମୃତି ରହିଥାଉ ଜୀଇଁ

✶ ପ୍ରଶାନ୍ତ କୁମାର ଦାଶ

ଜୀବନ ପ୍ରଦୀପ ଲିଭିଯିବାଯାଏଁ
ସ୍ମୃତିତ ରହିବ ଜିଇଁ
ମାଟି ଛାତିଲୋଟା ଶେଫାଳି ସମାନ
ମରମକୁ ଯିବ ଛୁଇଁ ।।

ସ୍ମୃତିତ ରାତିର ସୁନେଲୀ ସପନ
ଆସିବ ଆଖିରେ ନିଦ
ସ୍ମୃତିକୁ ଝୁରିଲେ ମନେ ପକାଇଲେ
ଜୀବନେ ଆସିବ ଖେଦ ।।

ଶରତରାତିର ଜହ୍ନପରି ସ୍ମୃତି
ଝଲସାଇ ଦେବ ମନ
ସ୍ମୃତିପାଇଁ ପୁଣି ସବୁଜ ସୁନ୍ଦର୍
ଦିଶିବ ହୃଦୟ ବନ ।।

ସ୍ମୃତିତ ବାଣ୍ଟିବ ମନ ମରମକୁ
ମେଘରାତି ପରି ବ୍ୟଥା
କହୁଥିଲେ ଜମା ସରିଯିବ ନାହିଁ
ଜୀବନର ସ୍ମୃତି କଥା ।।

ବିରହିଣୀ ପ୍ରିୟା ସ୍ମୃତିର ନିଆଁରେ
ଜଳିଯାଏ ଦିନ ରାତି
ସ୍ମୃତିଚିହ୍ନ ଦେଖି ଲୁହ ଖସିପଡେ
କୋହ ଭରିଯାଏ ଛାତି ।।

ଦୁଃଖର ଦହନ ସହି ଜୀବନରେ
ସ୍ମୃତିକୁ ହୁଅଇ ସଞ୍ଚି
ସ୍ମୃତିକୁ ନିଜର କରି ଦୁନିଆରେ
ମଣିଷ ପାରଇ ବଞ୍ଚି ।।

ମ୍ଳାନ ଶର୍ବରୀରେ ଜହ୍ନ ପରି ଯଦି
ସ୍ମୃତିତ ମଉଳି ଯାଏ
ମରୀଚିକା ପଛେ ଧାଇଁ ଏ ମଣିଷ
ଦୁଃଖର ସଂଗୀତ ଗାଏ ।।

*କୁଞ୍ଜର, ସଙ୍ଗଳାଇ*
*ପିପିଲି, ପୁରୀ*
*ମୋ -୯୬୬୮୮୨୨୧୯୦*

## ସର୍ବ ମଙ୍ଗଳ ଜଗନ୍ନାଥ

✶ ସ୍ୱାଗତିକା ସାହୁ



ମୁକ୍ତି ନିର୍ବାଣର ପରିଭାଷା ତୁମେ
ସାର୍ବଭୌମ ଠାଣୀ ଆହେ ଅନ୍ତର୍ଯ୍ୟାମୀ...
ଝଟକେ ଚାରୁ ଚିତ୍ର ତୁମ
ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ...।
ଭକ୍ତ ଓ ଭାବର ପ୍ରାବଲ୍ୟରେ
ଭାସିଯାଏ ଜଗତ ଦେଖି ନନ୍ଦିଘୋଷ ପରେ
ତେଣୁ ତ ତୁମେ ଜଗତର ନାଥ...।

ନୀଳ ନୟନର ତୃଷ୍ଣା ତ ତୁମେ
ବିଶ୍ୱ ବଦିତ ତୁମ ସର୍ବଜ୍ଞତା...
ଅବ୍ୟକ୍ତ ଅନାଦି ଜଗଦାନନ୍ଦ କାରୀ
ତୁମେହିଁ ଜ୍ଞାତବ୍ୟ, ଅବିନଶ୍ୱର....।
ରକ୍ତ ଠୁ ବି ଆପଣାର
ପ୍ରେମର ସ୍ୱର୍ଗୀୟ ଧାରାଟେ...
ଆତ୍ମା ପରମାତ୍ମାର ମିଳନ ଯେ ହୁଏ
ଆବାହନ ମୁଦ୍ରାରେ ଡାକେ ଯେ ଭକ୍ତ
କି ଅପୁର୍ବ ମିଳନ....।
ଦିବ୍ୟ ଲୌକିକ ଲୀଳାରେ ହୁଅ ପ୍ରକଟ
ପ୍ରକମ୍ପନ କରେ ରଙ୍ଗ ଅଧରର ମକରନ୍ଦ ହସ ।

ସ୍ପନ୍ଦିତ ହୁଏ କଳା ଡୋଳା ଦୁଇ ଦେଖି
ବର୍ଷ ସାରା ଶୋଷ ମେଣ୍ଟିଯାଏ
ଥରେ ଦେଖି ତୋ ଯାତରା ଢଙ୍ଗ ବଡଦାଣ୍ଡେ
ପ୍ରଗଳ୍ଭ ଓଡ଼ିଆ ଜାତି....।

ସତରେ କାଳିଆ କଳାମୟ ତୁହି
କୋଟି ନେତ୍ରେ କର କେତେ ଲୀଳା ଖେଳା
ତୁମ ସଂସ୍କୃତି ଜନାଦୃତ ସମଗ୍ର ବିଶ୍ୱେ
ବନା ଉଡେ ରଥ ଗଡେ....
ପତିତ ଜନଙ୍କ ଉଦ୍ଧାର ପାଇଁ
ବହୁ ବିସ୍ତାରି ଆଲିଙ୍ଗନ କର ଜଗତକୁ...।
ବିସ୍ତାରିତ ରଙ୍ଗଧର ହସରେ
ହସ କିଣି ନିଏ ଏ ମନ....
ଦିବ୍ୟ ଆୟୁଧ ଶଙ୍ଖ, ଚକ୍ର, ଗୋଦା, ପଦ୍ମ ସହ
ବିରାଜ ସାରି ପ୍ରସାଧନ କ୍ରିୟା
ଅଚଳା ଭକ୍ତିର ମହାପ୍ରଭୂ ତୁମେ...।

ଭରି ନବରଙ୍ଗ ଛଇ ଉଡାଇ ପତିତ ପାବନ
ତ୍ରୈଲୋକ ମୋହି ନିଅ
ଭୂମି ରୁ ଭୁମା ଯାଏଁ...।
ମନ ଉଦବେଳନରେ ପ୍ରକଟିତ ହୁଏ
ତୁମ ବିଶ୍ୱ ବିରାଟ ଆକାର
ଭୂଜତଳେ ରଖ ମହାବହୁ...
ନିର୍ବିକାରେ ବସିଛ ହେ ଆଦି ମୂଳ ପୁରୁଷ ।

କୃପା ସରିତ ଜଳ ଧାରା ଢାଳିଦିଆ
ଝୁରେ ମୋ ହୃଦୟ ଜିମୁତ...
ହଜିଯାଏ ମୋ ସ୍ଥୁଳ ତନୁ ତୁମ ସୂକ୍ଷ୍ମ ପରଶେ...
ଢାଳିଦିଆ ଆଶ୍ରୀର୍ବାଦର ବ୍ରହ୍ମ ରେଣୁ
ଲୋଡ଼େ ତୁମ ପାଦ ଆଶର... !
ଚେତନାର ଗୁମ୍ଫାରେ ଫୁଟି ଉଠେ
କେବଳ ତୁମେ ଓ ତୁମ ପଦ୍ମ ବେଶ ।

*ଉମରକୋଟ, ନବରଙ୍ଗପୁର*

## ହାତ

✶ ଡ. ଦୀପକ କୁମାର ମିଶ୍ର

ଛାଏଁ ଛାଏଁ କଅଁଳି ଆସେ ହାତ
ଶୂନ୍ୟତାର ନୈଋତ କୋଣରୁ
ଟେକିଦେବାକୁ ଅଭୟ
ଯାଚିଦେବାକୁ ଜୟ
ଯେମିତି ରଙ୍କ ଓ ରାତି ଭିତରେ
ଟାଣିଦିଏ ତତକ୍ଷଣାତ୍
କେହିଜଣେ ତନ୍ମୟତାର ଅକୁହା କାରୁଣ୍ୟ
ଅଭିଷେକ କରିବାକୁ ଅନିଦ୍ରାର କ୍ଷୋଭ
ତିମୀରରୁ ତୃଷ୍ଣାକୁ ନିଗାଡ଼ି ।
ଏହି ହାତ ବି ତଣ୍ଟି ଚିପେ
ଏହି ହାତ ତୋଳିଦିଏ ବଇଁଶୀରେ ମଧୁର ମୂର୍ଚ୍ଛନା
ଏଇ ହାତ ରୋପିଦିଏ
ଚେତନାର ଚିକିଟା ମାଟିରେ ମମତାର ତଳି
ଏଇ ହାତ ଆଙ୍କିଦିଏ ତୂଳୀ ଧରି ଛବି
ଏଇ ହାତ ତାଳି ମାରି
ଖସେଇଦିଏ ଆକାଶରୁ ନିବାରଣେ ଶୋଷ
ଶୋଇଥିବା ଲାସ୍ୟମୟୀ ଶ୍ରାବଣରେ
ଅଲିଅଳି ଅଳସୀ ତରୁଣୀ ।
ତୁମର କେଉଁ ଅଙ୍ଗକୁ ସ୍ପର୍ଶ କଲେ
ତୁମେ ବୋହିଯିବ ନଈଟିଏ ହୋଇ
ଫୁଟି ଉଠିବ ଅଭିଶପ୍ତା ଫୁଲଟିରେ
ମଗ୍ନତାର ବାସ୍ନା ମୁଠେ ପରି
ତାହା ଊଣା ଅଧିକ ହାତକୁ ହିଁ ଜଣା ।
ତଥାପି ତ
ଦୟାକୁ ଦାଦନ ପଠେଇ
ଏଇ ହାତ ଯୁଦ୍ଧ କରେ, ବୋମା ଭିଡ଼େ
ଗୁଳି କରି ବିଦ୍ଧ କରେ
ହିତାହିତ ମାନବୀୟ ଯେତେ ମୂଲ୍ୟବୋଧ
ଫାଶୀଖୁଣ୍ଟରେ ହସି ହସି ଭିଡ଼ିଦିଏ ରଶି
ଜହ୍ଲାଦର ମୁଖାଟିଏ ପିନ୍ଧି ।
ଭାତ ବାଢୁଥିବା ହାତ
ଅସ୍ତ୍ର ଧରିଥିବା ହାତ
ଭିତରେ ଉହ୍ୟ ଥାଏ
ନିରୁତା କହୁଣିଏ ଦୂରତ୍ୱ କାହାଣୀ
ବିନା ବ୍ୟତିକ୍ରମରେ
ଭୋକ ଓ ବେକକୁ ହାଣିଦେବା ପାଇଁ ।

*ଭୁବନେଶ୍ୱର, ମୋ- ୮୨୮୦୨୧୧୦୦୦*

## ହଇରେ ମୋ କଳା କାହ୍ନୁ

✶ ଲକ୍ଷ୍ମୀକାନ୍ତ ଦାସ

ହଇରେ ମୋ କଳା କାହ୍ନୁ
କାହିଁକି ମୋ ଭାଗ୍ୟ ସାଥେ
ଖେଳୁ ଲୁଚ କାଳି
ଏଇ ଅଛି ଏଇ ନାହିଁ
ଗଦା ଗଦା ଦୁଃଖ ଦେଉ ଢ଼ାଳି
ହଇରେ ମୋ କଳା କାହ୍ନୁ
କାହିଁକି ମୋ ଭାଗ୍ୟ ସାଥେ
ଖେଳୁ ଲୁଚକାଳି....।

ଏତେ ଦୁଃଖରେ କି ବଞ୍ଚିବି
ଭାବି ଭାବି ହୁଏ ଭାଳି
ଜୀବନ ଜଞ୍ଜାଳ ଅଳି
ସହି ହୁଏକି
ହଇରେ ମୋ କଳା କାହ୍ନୁ
କହି ଦେ ତୁ ସତ
ଆରେ ମୋ ଜପା ମାଳି
କାହିଁକି ମୋ ଭାଗ୍ୟ ସାଥେ
ଖେଳୁ ଲୁଚକାଳି...।

କାହିଁକି ତୁ ଜନମ ଦେଲୁ
ତା ସାଥେ ଏତେ ଯନ୍ତ୍ରଣା ଦେଉ
ସେ ଯନ୍ତ୍ରଣା ର ଉପଶମ ଟୀକା
କେ ଦେବ ଘୋଳି, ହୁଏ ମୁଁ ଭାଳି
ମୋ ଭାଗ୍ୟର ଚାବି
କାହିଁ ରଖିଛୁ କିଳୀ
ମଥା ପିଟି ପାଦେ ତୋର କରେ ମୁଁ ଅଳୀ
ଜୀବନ ଯନ୍ତ୍ରଣା ରୁ ଦେ ମୁକାଳି
ରେ କଳା କାହ୍ନୁ
କାହିଁକି ମୋ ଭାଗ୍ୟ ସାଥେ
ଖେଳୁ ଲୁଚକାଳି....।

*ନାହାଳ ପୁର, ବେଣିରାମ ପୁର, କଟକ*
*ମୋ -୯୪୩୯୬୧୪୬୭୭*

## ସ୍ମୃତି

✶ ଅକ୍ଷୟ କୁମାର ରାଉତ

କୌଣସି କଥାକୁ ଖାତିରି ନଥିଲା
ଦୁଇଟି ମନକୁ ଯୋଡି
ଡେଣା ମେଲୁ ଥିଲେ-
ମେଘ ରାଇଜରୁ ଜହ୍ନ ରାଇଜ
ଜହ୍ନ ରାଇଜରୁ ପ୍ରେମରାଇଜ
ଅମରାବତୀ ।
ଥରେ ଚୁମାଦେଇ ଗାଉଥିଲେ
ପ୍ରେମସୁଧା ନିଧି
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଭିତରୁ
ତୁମେ ଥିଲ ଜଣେ ।
ସମୟ ସାଥି ଦେଲାନି
ସ୍ୱପ୍ନ ବହୁତ ଥିଲେବି ରାତି ନଥିଲା ।
ସିଦ୍ଧାନ୍ତ ଦର୍ପଣ ପୃଷ୍ଠା କେତେ ତନଖିଛି
ଜ୍ୟାମିତିର ରେଖାତକ ଗୋଟିକ ପରେ ଗୋଟିଏ
ଅତିକ୍ରମ କରିଛି
କିଏ ଯେମିତି କାନରେ କହି ଦେଉଥାଏ
ତୁମେ ଅଛ ଭୂଗୋଳର ବାହାରେ
ବଳୟର ସେପାରିରେ
ନାଁ କଷି ପାରୁଛି ସନ୍ଧାନର ଅଙ୍କ
ନାଁ ମିଳୁଛି ଉତ୍ତର
ନାଁ ହେଉଛି ମୋ ଅପେକ୍ଷାର ଅନ୍ତ
ଶୂନ୍‌ଶାନ୍-
ଲାଗେ ଶୂନ୍‌ଶାନ୍
ନିଃସଙ୍ଗ ଯନ୍ତ୍ରଣାରେ ଦିଗହରାଟାଏ
ଛଟପଟ ହେଉଛି ।
କିଏସେ ହେବ ଦାବିଦାର
ମୋର ହୃଦୟ ଉପନ୍ୟାସର
ମୁଖ୍ୟ ଚରିତ୍ରରେ ?
କିଏ ସେ ସାଜିବ
କାବ୍ୟକବିତାର ଶୀର୍ଷକ ?
ଅବସାଦ ମୂହୁର୍ତ୍ତରେ କିଏସେ କରିବ
ଆବେଗ ଭରା ଆଲିଙ୍ଗନ ?
ଋତୁ ମାନେ ପରିବର୍ତ୍ତନ ଶୀଳ
ତୁମେ ଅପରିବର୍ତ୍ତିତା
ମୋର ପ୍ରତିଟି ସୃଜନର ଅନ୍ୟନ୍ୟା ।
ଅଧା ବାଟରେ ହାତ ଛାଡିଲନି ଯେ
ହୃଦୟର କଳାପଟାରେ ସବୁଦିନ ପାଇଁ
ଅଲିଭା ସ୍ମୃତି ହୋଇ ରହିଗଲ !!
ହାୟ ...........

*ପାରାଦ୍ୱୀପଗଡ, କୁଜଙ୍ଗ,*
*ଜଗତସିଂହପୁର*
*ମୋ-୯୯୩୭୬୯୧୪୭୫*

## ନାରୀ

✶ ରାଧାରାଣୀ ପଟ୍ଟନାୟକ

ସେ ନୁହେଁ କାହାର ଉପଭୋଗ୍ୟ ବସ୍ତୁ
ସେ ଅଟେ ଜଗତ ରାଣୀ
ଆଜିର ମଣିଷ ଧନ ଗର୍ବେ ମାତି
ଭାବେ ସେ ନାରୀଠୁ ଧନୀ
ନାରୀ ଯେ ଦୁହିତା ଦୁଇ କୂଳ ହିତା
ତାହାର ଅନେକ ରୂପ
ନାରୀଁ ସୃଷ୍ଟିରେ ମହତ ଦୃଷ୍ଟିରେ
ବିଭୂର ବୈଭବ ରୁପ ।
ଧନ୍ୟ ସେ ସମାଜ ଧନ୍ୟ ସେ ଜୀବନ
ଯେ ପାରେ ନାରୀ କୁ ଜାଣି
ନାରୀ ନୁହେଁ କାହା ମାଟିର ଖେଳନା
ନାରୀ ପରା ନାରାୟଣୀ ।
ନାରୀର ଗାରିମା ନାରୀର ଇଜ୍ଜତ
ବେଦର ପବିତ୍ର ଶ୍ଳୋକ
ନାରୀର ଗୌରବ ନାରୀର ଗାରିମା
ଗାଇଥାଏ ତିନି ଲୋକ ।।
ଯୁଗଯୁଗ ଧରି ନାରୀ ର ପ୍ରଶଂସା
ଶୁଭେ ଓଁ କାର ଧ୍ୱନି
ନାରୀ ନୁହେଁ କାହାଉପଭୋଗ୍ୟ ବସ୍ତୁ
ସେ ଅଟେ ନାରାୟଣୀ
ନାରୀହିଁ ଗଙ୍ଗା ସାବିତ୍ରୀ ଅନୂଶୟା
ନାରୀ ହିଁ ସୀତାସତି ।
ସେହିଁ ଅହଲ୍ୟା, ସେହିଁ ଦେବକୀ
ତା ପାଖରେ ଅଛି ଶକ୍ତି
ନାରୀ ଅଟେ ପରା ଧରଣୀ ଭୂଷଣ
ନାରୀ ହିଁ ସତ୍ୟ ସନାତନୀ
ନାରୀନୁହେଁ କାହା ଉପଭୋଗ୍ୟ ବସ୍ତୁ
ନାରୀ ଅଟେ ନାରାୟଣୀ ।

*ଚନ୍ଦନ ନଗର, ବରଗଡ଼*
*ମୋ- ୮୯୧୭୨୩୭୧୩୭*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ଯାଦବ ସଂଘ ପକ୍ଷରୁ କଣ୍ଟାପଡା ବ୍ଲକ୍ ଛକରୁ ନିଆଳୀ ବଜାର ପର୍ଯ୍ୟନ୍ତ ଏକ ବିଶାଳ ଯାଦବ ଭାଇମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ହୋଇଯାଇଛି। ୧୯୬୨ ମସିହା ଚୀନ୍ ସହିତ ରେଜଙ୍ଗାଲାରେ ହୋଇଥିବା ଯୁଦ୍ଧରେ ସହିଦ ହୋଇଥିବା ଯାଦବ ସୈନିକଙ୍କ ସ୍ମୃତି ଉଦେଶ୍ୟରେ ଯାଦବମହାସଙ୍ଘସଭାପତି ବିପ୍ଳବ ଯାଦବଙ୍କ ଆହ୍ୱାନ କ୍ରମେ ଏହି କଳସ ଶୋଭାଯାତ୍ରା କରାଯାଇଥିଲା, ଯାଦବ ମହାସଂଘର ଯୁବ ସଭାପତି ଇ. ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ବାହାରି କୁଆମଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଇଂ. ପ୍ରଦୀପବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମର୍ଜିତ ବେହେରା, ତୀର୍ଥବାସୀ ବେହେରା, ଗୋପାଳ ଦାସ, ମନୋରଞ୍ଜନ ବେହେରା, ରମେଶ ଚନ୍ଦ୍ର ଦାସ, ତ୍ରିଲୋଚନ ବେହେରା, ଜ୍ୟୋତିରଞ୍ଜନ ଦାସ, ଅଜୟ କୁମାର ମହାପାତ୍ର, ଘନଚନ୍ଦ୍ର ବେହେରା, ନନ୍ଦ ଲାଲ ଜୀ, ଫକୀରଦାସ, ଲକ୍ଷ୍ମ ଣ ଦାସ, ସିମେତ ସତାଧୀକ ଯାଦବ ଭାଇମାନେ ଉପସ୍ଥିତ ରହିଥିଲେ।

# ବିଳମ୍ବିତ ଟେଣ୍ଡର ପାଇଁ ପୌର କାର୍ଯ୍ୟାଳୟ ଘେରାଉ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ପୌର ପରିଷଦରେ ରାଜନୀତି ସରଗରମ ରହିଛି। ବିକାଶମୂଳକ କାମଗୁଡିକର ବିଳମ୍ବିତ ଟେଣ୍ଡର ପ୍ରକ୍ରିୟା ପାଇଁ ଅଧ୍ୟକ୍ଷଙ୍କ ସମେତ ବିଜେଡିର ୨୦ ପାରିଷଦ ଗୁରୁବାର ପୌର କାର୍ଯ୍ୟାଳୟ ଘେରାଉ କରିଥିଲେ। ଯେଉଁ ୬ଜଣ ପାରିଷଦଙ୍କ ଅଭିଯୋଗ ଆଧାରରେ ୪ କୋଟି ଟଙ୍କାର ଟେଣ୍ଡର ଅଟକିଛି ସେହି ପାରିଷଦ ମାନେ ଶୁକ୍ରବାର ଏକ ପ୍ରେସ ମିଟ୍ ଡାକି ବିଜେଡି ପାରିଷଦଙ୍କ ବିରୋଧରେ ବିଷ ଓଗାଳିଛନ୍ତି। ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟରେ ଗୁରୁବାର ଦିନ ଜନହିତକର କାର୍ଯ୍ୟର ଟେଣ୍ଡର ନହେବା ପ୍ରସଙ୍ଗରେ କ୍ଷୁବ୍ଧ ବିଜୁ ଜନତା ଦଳର ୨୦ ପାରିଷଦ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀଙ୍କୁ ରାତି ୯ଟା ପର୍ଯ୍ୟନ୍ତ ଘେରିବା ସହିତ ତାଙ୍କୁ ତୁରନ୍ତ ଟେଣ୍ଡର ପକ୍ରିୟା ନକଲେ ଅଫିସରେ ଚାବି ପକାଇବାକୁ ଧମକ ଦେଇଥିଲେ। ନିର୍ବାହୀ ଅଧିକାରୀ ଟେଣ୍ଡର ପକ୍ରିୟା ତୁରନ୍ତ କରିବାକୁ ରାଜି ହେବା ପରେ ଆନ୍ଦୋଳନ ଥମିଥିଲା। ଅନ୍ୟପକ୍ଷରେ ବିଜେଡି ପାରିଷଦଙ୍କ କାର୍ଯ୍ୟଧାରା ବିରୋଧରେ ବିରୋଧୀ ୬ ପାରିଷଦ ବ୍ୟାସନଗର ର ଉତ୍ସବ ପ୍ୟାଲେସ ଠାରେ ଏକ ପ୍ରେସ ମିଟ ଡାକି ୨୦ ପାରିଷଦ ଓ ଅଧ୍ୟକ୍ଷ ମନମାନି ଚଳାଇଥିବା ଅଭିଯୋଗ କରିଛନ୍ତି। ବଜେଟ ପୂର୍ବରୁ ଆକ୍ସନ ପ୍ଲାନ ଏବଂ ଟେଣ୍ଡର କିପରି ହେବ ନେଇ ସେମାନେ ପ୍ରଶ୍ନ ଉଠାଇବା ସହିତ ଟେଣ୍ଡର ପକ୍ରିୟାରେ ପକ୍ଷପାତିତା ଏବଂ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ପୂର୍ବତନ ପୌରାଧକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିବା ସମୟରେ ୬ ଜଣ ପାରିଷଦ ଭୋଟିଂରେ ସାମିଲ ହୋଇ ନଥିଲେ। ଯାହାର ଆକ୍ରୋଶ ସ୍ୱରୂପ ସେମାନଙ୍କ ୱାର୍ଡର ବିକାଶ ମୂଳକ କାର୍ଯ୍ୟକୁ ଅଣଦେଖା କରିବା ପାଇଁ ମସୁଧା ଚାଲିଥିବା ପ୍ରେସ୍ ମିଟ୍ ରେ ଅଭିଯୋଗ ହୋଇଛି। ସେହିପରି ହୀନ ରାଜନୀତି କରାଯାଇ ଦୈନନ୍ଦିନ ପରିମଳ କାର୍ଯ୍ୟରେ ମଧ ପକ୍ଷପାତିତ ଚାଲିଥିବା ଅଭିଯୋଗ ଉଠାଇଛନ୍ତି। ସମସ୍ତ ପ୍ରସଙ୍ଗରେ ୬ ପାରିଷଦଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଏହି ଘଟଣାରେ ବିଧାୟକ ଆକାଶ ଦାସ ନାୟକଙ୍କୁ ଅଯଥା ଦୋଷାରୋପ କରାଯାଉଛି ବୋଲି ସେମାନେ କହିଥିଲେ। ବ୍ୟାସନଗର ପ୍ରସଙ୍ଗରେ ବିଜେଡି ନେତା ବବି ରାଜନୀତିର ଗୋଟି ଚଳାଇ ବିବାଦମାନ ପରିସ୍ଥିତି ସୃଷ୍ଟି କରୁଥିବା ପାରିଷଦ ଅଶୋକ ରାଉତ, ସରୋଜିନି ସେଠୀ, ରଶ୍ମିତା ରାଉତ, ଭରତ ଓଝା, ଟୁନିଆ ନାୟକ ଓ ମଣିନ୍ଦ୍ର କୁମାର ସାହୁ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ସବୁ ୱାର୍ଡକୁ ସମାନ ଅର୍ଥ ପ୍ରଦାନ କରାନଗଲେ ପାରିଷଦ ମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ହାତୀ ଆକ୍ରମଣରେ ଜଣେ ଜୁଆଙ୍ଗ ମୃତ୍ୟୁ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ବିଟ କୁଳଙ୍ଗ ବଲାଙ୍ଗୀ ସାହିରେ ହାତୀ ଆକ୍ରମଣରେ ଜଣେ ଜୁଆଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଇସୁଆଁ ପଞ୍ଚାୟତ କୁଳଙ୍ଗ ବଲାଙ୍ଗୀ ସାହି ଗ୍ରାମର ଧନେଶ୍ୱର ଜୁଆଙ୍ଗ (୬୦)। ତେବେ ଧନେଶ୍ୱର ନିକଟସ୍ଥ ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଖବରପାଇ ତେଲକୋଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଥିବା ସୂଚନା ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଧନେଶ୍ୱର ଆଜି(ଶୁକ୍ର ବାର) ନିକଟସ୍ଥ ଝାରବେଡା ସଂରକ୍ଷିତ ଜଙ୍ଗଲର ଝିଙ୍କ ଦରି ଗ୍ରାମ୍ୟ ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣ କରିଥିଲା। ହାତୀ ଶୁଣ୍ଢରେ ଧରି କଚାଡ଼ିବା ପରେ ପିଠି ଓ ଛାତିରେ ମାଡ଼ି ଅତି ବିଭତ୍ସ ଭାବେ ହତ୍ୟା କରିଥିଲା। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣା ସ୍ଥଳରେ ପହଞ୍ଚିବା ପରେ ହାତୀଙ୍କୁ ଘଉଡାଇବା ସହିତ ଧନେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଘଟଣା ପରେ ରକ୍ତମୁଖା ଦନ୍ତା ଉକ୍ତ ଝାରବେଡା ଜଙ୍ଗଲ ମଧ୍ୟକୁ ଚାଲିଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି।

## ଜଳ ଯୋଗାଇଲେ ଶ୍ରୀଜଗନ୍ନାଥ ମାନବ ସେବା ପରିବାର



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ଶ୍ରୀଜଗନ୍ନାଥ ମାନବ ସେବା ପରିବାର ପକ୍ଷରୁ ଗତକାଲି ପବିତ୍ର ରଥଯାତ୍ରା ଉପଲକ୍ଷେ ଜଳେଶ୍ୱର ନୂଆବଜାର ସ୍ଥିତ ଜଗନ୍ନାଥଙ୍କ ରଥ ଟଣା ସମୟରେ ୩ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଯୋଗାଇଥିଲେ। ଉକ୍ତ ସେବା କାର୍ଯ୍ୟରେ ଶ୍ରୀଜଗନ୍ନାଥ ମାନବ ସେବା ପରିବାର ଜଳେଶ୍ୱର ପକ୍ଷରୁ ସଭାପତି ରାଜେଶ କୁମାର ଖଟୁଆ ସଂଗଠନ ପ୍ରତିଷ୍ଠାତା ତୋଫାନ ଆଚାର୍ଯ୍ୟ ଏବଂ ସହ କାର୍ଯ୍ୟକାରୀ କ୍ଷିତୀଶ ବ୍ରହ୍ମ ଆଡ଼ଭାଇଜର ଅମୀୟ କୁମାର ପରିଡା, ମୀନକେତନ ଆଚାର୍ଯ୍ୟ, ହିମାଂଶୁ ଜେନା, ଅକ୍ଷୟ ଜେନା, ରାଜେନ୍ଦ୍ର ପାଣିଗ୍ରାହୀ, ସଦସ୍ୟ ଆଲକ ଡଗର, ଦୀପକ ବ୍ରହ୍ମ, ବିଜୟ ଆଚାର୍ଯ୍ୟ, ହିତେଶ କୁମାର ନନ୍ଦୀ, ଚନ୍ଦନ କୁମାର ସାହୁ, ସୁଜୟ କୁମାର ନନ୍ଦୀ, ରାଜେଶ ସେନ, ଜ୍ୟୋତି, ଚିନୁ, ଚିନ୍ମୟ ଦାସ, ମଳୟ ଡଗର, ସାଗର ବ୍ରହ୍ମ, ରାଜୁ, ନମ ହେମ୍ବ୍ରମ ପ୍ରମୁଖ ସେବା କାର୍ଯ୍ୟ କରିଥିଲେ।

## ଚିକିତ୍ସା କିଟ୍ ପ୍ରଦାନ ଓ ସ୍ୱାସ୍ଥ୍ୟସେବା ନେଇ ସଚେତନତା

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ ଜାରକା ତରଫରୁ ସେଣ୍ଟ ଜାଭିୟର୍ସ ସ୍କୁଲ, ଜାରକାଠାରେ ଏକ ସ୍ୱାସ୍ଥ୍ୟ ସେବା ବିଷୟରେ ସଚେତନ କରାଯାଇଥିଲା । ଏହି ପରାପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ବୁଝାଯିବା ସହ କରାଯିବା ସହିତ ଛାତ୍ରୀଛାତ୍ରମାନଙ୍କ ନିରାପତ୍ତା ବଜାୟ ରଖିବା ପାଇଁ ପ୍ରାଥମିକ ଚିକିତ୍ସା କିଟ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ରୋଟାରୀକ୍ଲବ ଜାରକାର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ରୋଟାରିଆନ୍ ଲକ୍ଷ୍ମୀକାନ୍ତ ଟ୍ୟାଉ ପଟ୍ଟନାୟକ, ସୁକାନ୍ତ ସ୍ୱାଇଁ, ଜୟଗୁରୁ ପାତ୍ର, ବିଘ୍ନେଶ କୁମାର ମିଶ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥଲେ।

## ଆଇକ୍ୟୁଏସି ପକ୍ଷରୁ ଆଲୋଚନାଚକ୍ର




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇକ୍ୟୁଏସି ପକ୍ଷରୁ ପ୍ରାକ୍ତନ ଛାତ୍ରଙ୍କ ବକ୍ତୃତାମାଳା କ୍ରମରେ ଶନିବାର ପୁରାତନ ଛାତ୍ର କିଟ୍ ବିଶ୍ୱବିଦ୍ୟାଳୟର ଗଣଯାଗାଯୋଗ ବିଭାଗର ସହଯୋଗୀ ପ୍ରାଧାପକ ଡକ୍ଟର ବିଦୁଭୂଷଣ ଦାଶ ସମାଜ ବିଜ୍ଞାନରେ ଗୁଣାତ୍ମକ ଗବେଷଣାର ସ୍ୱଳ୍ପ ଆଲୋଚିତ ଦିଗ ଉପରେ ଅନୁଶୀଳନ ମୂଳକ ଚର୍ଚ୍ଚା କରିଥିଲେ। ଏହି ଆଲୋଚନାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସଞ୍ଜୀବ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇକ୍ୟୁଏସିର ସଂଯୋଜକ ଡ. ଦିପ୍ତୀ ରାୟ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ପରିଚାଳନା କରିଥିଲେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ଆର୍ସିୟା ଅଞ୍ଜୁମ। ଏହି ସଭାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ପୁରାତନ ଛାତ୍ର ସଂସଦ ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ଉପସଭାପତି ତଥା ପ୍ରାକ୍ତନ ସହଯୋଗୀ ପ୍ରଫେସର ଡକ୍ଟର ପ୍ରଦୀପ୍ତ କିଶୋର ଦାଶ, ସମ୍ପାଦକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ପ୍ରମୋଦ ଦାସ, ଗବେଷିକା ବିଜୟନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଡକ୍ଟର ଗୌତମ ଚରଣ ଦାସ, ଅଧ୍ୟାପିକା ମଧୁସ୍ମିତା ସିଂ, ଅଧ୍ୟାପିକା ଡକ୍ଟର ପୂର୍ବାଶା ପ୍ରିୟଦର୍ଶିନୀ, ଅଧ୍ୟାପକ ଡକ୍ଟର ଆନନ୍ଦ ଚନ୍ଦ୍ର ନାୟକ, ଅଧ୍ୟାପିକା ସୌମ୍ୟାରାଣୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇକ୍ୟୁଏସିର ସହ ସଂଯୋଜକ ଅଧ୍ୟାପକ ହିମାଂଶୁ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକ୍ତର ଅଲେଖ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ପୂର୍ବତନ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଅଲେଖ ଚନ୍ଦ୍ର ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଲକରୋଡସ୍ଥିତ ତାଙ୍କ ବାସ ଭବନରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ



ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡା. ପର୍ଶୁରାମ ସାହୁ, ଡା. ନାରାୟଣ ସାହୁ, ଡା. ବିଶ୍ୱପ୍ରକାଶ କାନୁନଗୋ, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ସମାଜସେବୀ ଗାୟତ୍ରୀ ମହାନ୍ତି, ମୁକ୍ତାର ଖାଁ, ସୁପୁତ୍ର ସ୍ୱୟଂଭୂବ ଦାସ ପ୍ରମୁଖ ଶତାଧିକ ବିଶିଷ୍ଟବ୍ୟକ୍ତି ଯୋଗଦେଇ ଡାକ୍ତର ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସମନ୍ୱିତ ଇସ୍ପାତ କାରଖାନା ଲାଗି ଶିଳାନ୍ୟାସ

## ୬୩୦ ପ୍ରତ୍ୟକ୍ଷ ଓ ୧୨୫୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟଙ୍କ ୨୦୩୬ରେ ସାରା ଦେଶ ଦେଖିବ ଓଡ଼ିଶାର ବୈପ୍ଳବିକ ପରିବର୍ତ୍ତନ ଏହି କ୍ରମରେ ଆଜି କେନ୍ଦୁଝର ଜିଲ୍ଲାର ସଦର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ସଲାରପେଣ୍ଠ ଭଳି ଗ୍ରାମାଞ୍ଚଳରେ ଶିଳ୍ପ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ପାଇଁ ତଥା ସ୍ଥାନୀୟ ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥିକ ଅଭିବୃଦ୍ଧି କୁ ନଜରରେ ରଖି ଏହାର ଆଗାମୀ ସମନ୍ୱିତ ଇସ୍ପାତ କାରଖାନା ଲାଗି ଶୁକ୍ରବାର ଶିଳାନ୍ୟାସ କରିଛି। ଆଞ୍ଚଳିକ ଅର୍ଥନୀତିକୁ ବୃଦ୍ଧି କରିବା ପାଇଁ ଆଶା କରାଯାଉଥିବା ଏହି ନୂତନ କାରଖାନା ପ୍ରାୟ ୬୩୦ ପ୍ରତ୍ୟକ୍ଷ ଏବଂ ୧୨୫୦ରୁ ଅଧିକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୭୫୦ କୋଟି ଟଙ୍କା ନିବେଶ ସହିତ, ଏହି ପ୍ରକଳ୍ପ ଭାରତରେ ଲୁହା ପଥରର ସଦୁପଯୋଗ କରି, ସ୍ପଞ୍ଜ ଆଇରନ୍, ପେଲେଟ ଆଇରନ୍ ଓର୍, କାରଖାନାର ତାପଜ ଶକ୍ତି ର ସୁବିନିଯୋଗ କରି ବିଦ୍ୟୁତ୍ ଉତ୍ପାଦନ ଓ ସମୟ ସହିତ ତାଳ ଦେଇ ଆଗକୁ ଆବଶ୍ୟକ ପଡିଲେ ଅନ୍ୟାନ୍ୟ ଚାହିଦା ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରସ୍ତୁତ ହେଉଛି। କେନ୍ଦୁଝର ଜିଲ୍ଲାର ସାଲାରାପେଣ୍ଠ ଠାରେ ଅବସ୍ଥିତ, ଏହି କାରଖାନା ୨୦୨୫ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ଶିଳ୍ପ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରୟାସ ସହିତ ସମସ୍ତ ଜନସାଧାରଣଙ୍କ ସହିତ ସମନ୍ୱିତ ହୋଇ ଆଗକୁ ବଢିବା ପାଇଁ ଚେଷ୍ଟା କରିବ। ଏକ କମ୍ପାନୀର ଯାତ୍ରାରେ ଆଜିଠାରୁ ଏକ ନୂତନ ଅଧ୍ୟାୟର ଆରମ୍ଭ ହେଲା ଓ ଯାହା ଭବିଷ୍ୟତ ପାଇଁ ଆଶା ଏବଂ ପ୍ରତିଶ୍ରୁତି ଦିଆଯାଇଛି ତାହାକୁ ଶତପ୍ରତିଶତ ପାଳନ କରାଯିବ ବୋଲି କହିଛନ୍ତି କାରଖାନାର ମାଲିକ ସରୋଜ କୁମାର ସାହୁ। କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାର ଇଂ.ଦେବବ୍ରତ ସ୍ୱାଇଁ କହିଛନ୍ତି ରଥଯାତ୍ରା ଏପରି ଏକ ଉତ୍ସବ ଯାହା ପ୍ରତ୍ୟେକ ଓଡ଼ିଆଙ୍କୁ ଏକତା ଏବଂ ଭକ୍ତିର ଭାବନାରେ ଏକାଠି କରିଥାଏ, ତେଣୁ ଆଜିର ଏହି ଭୂମିପୂଜା ଆମ ପ୍ରସ୍ତାବିତ କାରଖାନା ଆଞ୍ଚଳିକ ଜନସାଧାରଣ ଓ ବିକାଶମୁଖୀ ଶିଳ୍ପାୟନ ପାଇଁ ଏକ ମାଇଲଖୁଣ୍ଟ ଭାବେ ଉଭା ହେବାକୁଯାଉଛି।

## ଭଜନ ସମାରୋହର ପ୍ରଥମ ସନ୍ଧ୍ୟା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାଜିଚୌକ ଠାରେ ଅନୁଷ୍ଠିତ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ପ୍ରଥମ ସନ୍ଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ଦ୍ୱାରା ୨୬ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ଭଜନ ସମାରୋହକୁ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ସନ୍ତପୁରର ସତ୍ୟ ସଙ୍ଗୀତ ଭଜନ ସଂଧ୍ୟା ସୁନ୍ଦର ସୁନ୍ଦର ଭଜନ ପରିବେଷଣ କରି ଶ୍ରୋତାମାନଙ୍କୁ ମନମୁଗ୍ଧ କରିଥିଲେ। ମୁଖ୍ୟ ଆକର୍ଷଣ କଳାକାର ଗୋବିନ୍ଦ ଚନ୍ଦ୍ରଙ୍କ ସହିତ ସତ୍ୟାନନ୍ଦ, ଅବକାଶ, ବଳରାମ, ନିରୁପମା, ବର୍ଷାରାଣୀ ଓ ଦୀପ୍ତିମୟୀ ସୁମଧୁର ଭଜନ ଗାଇଥିଲେ। ବାଦ୍ୟରେ କୃଷ୍ଣ, ଲୁଲୁ, ଅଶ୍ୱିନୀ ଓ ଟୁନିଆ ଭାଇ ସହଯୋଗ କରିଥିଲେ। କମିଟିର ସଭାପତି ରୁଦ୍ରାନ୍ତ ଦଳେଇ, ସାଧାରଣ ସଂପାଦକ ସାଗିର ମହମ୍ମଦ, ସ୍ୱରୂପା ନନ୍ଦ ଦାସ, ଜଜି ଭାଇ, ସଂଗ୍ରାମ କେଶରୀ ପାଣି, ଉପଦେଷ୍ଟାମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମଙ୍ଗଳପୁର ଓ ନରେନ୍ଦ୍ରପୁରରେ ରଥଯାତ୍ରା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ଓ ନରେନ୍ଦ୍ରପୁର ଗ୍ରାମରେ ରଥାଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ମଙ୍ଗଳପୁରରେ ସକାଳେ ଯଥାରୀତି ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନା କରାଯିବା ପରେ ଅପରାହ୍ନରେ ପହଣ୍ଡିବିଜେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମର ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ଦାସ ରାଜା ବେଶରେ ଛେରା ପହଁରା କରିଥିଲେ। ପରେ ଭକ୍ତମାନେ ଘଣ୍ଟଘଣ୍ଟା, ହୁଳହୁଳି ଦେଇ ସଂକୀର୍ତ୍ତନ କରି ରଥ ଟାଣିଥିଲେ। ଏହି ରଥକୁ ଶତାଧିକ ମହିଳା ଓ ପୁରୁଷ ମଳିକ ସାହିରୁ ଟାଣି ଟାଣି ଆଣି ମଙ୍ଗଳାସାହି ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକଙ୍କ ବାସଭବନ ସ୍ଥିତ ମାଉସୀମା ବାଡ଼ିରେ ପହଞ୍ଚିଥିଲେ। ପୂଜକ ଆଲୋକ ରଂଜନ ଆର୍ଯ୍ୟ ପୂଜା କାର୍ଯ୍ୟ ସମେତ ପହଣ୍ଡି କରାଇଥିଲେ। ଜୟ ଜଗନ୍ନାଥ କମିଟି ଉପଦେଷ୍ଟା ଗୀତିକାର ପଞ୍ଚାନନ ନାୟକ, ରମାକାନ୍ତ ମହାଳିକ, ପ୍ରତାପ ଚନ୍ଦ୍ର ନାୟକ, ଅନାଦି ଚରଣ ବେହେରା, ଗଦାଧର ମଳିକ, ଦୁର୍ଗାଚରଣ ନାୟକ, ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ସତ୍ୟାନନ୍ଦ ବାରିକ, କୋଷାଧ୍ୟକ୍ଷ ଚିତ୍ତରଂଜନ ବାରିକଙ୍କ ସମେତ କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ନରେନ୍ଦ୍ରପୁର ଗ୍ରାମରେ ନରେନ୍ଦ୍ରପୁର, ଛତ୍ରପଦା, ପାଟଣା ଗ୍ରାମର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନରେନ୍ଦ୍ରପୁର ସନାତନ ଗୋସେଇଁଙ୍କ ମଠରୁ ରଥଯାତ୍ରା ଆରମ୍ଭ ହୋଇଥିଲା। ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରଘୁନାଥ ପଣ୍ଡା ପୂଜାକାର୍ଯ ଓ ପହଣ୍ଡି କରାଇଥିଲେ। ଗ୍ରାମର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଇଂ ଅଭୟ ସୂତାର ରାଜା ବେଶରେ ରଥରେ ଛେରା ପହଁରା କରିଥିଲେ। ପରେ ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ ହୁଳହୁଳି ଦେଇ ଘଣ୍ଟଘଣ୍ଟା, ଝାଞ୍ଜ କରତାଳି ତାଳେ ତାଳେ ସଂକୀର୍ତ୍ତନ କରି ରଥ ଟାଣିଥିଲେ। ଏହି ରଥ ସନାତନ ଗୋସେଇଁଙ୍କ ମଠରୁ ଆରମ୍ଭ ହୋଇ ମା' ପାଟଣ ମଙ୍ଗଳା ପୀଠ ସ୍ଥିତ ମାଉସୀ ମା ମନ୍ଦିରକୁ ଆସିଥିଲା। ରଥ କମିଟିର ମୁଖ୍ୟ ଶୀତଳ କୁମାର ବେହେରା, ଲକ୍ଷ୍ମୀଧର ମାଝୀ, ସତ୍ୟାନନ୍ଦ ଧଳ, ରାଧାଶ୍ୟାମ ସୂତାର, ସୌଭାଗ୍ୟ ରଂଜନ ନାୟକ, ଗୌରହରି ମହାକୁଡ଼, ତରୁଣ ସୂତାର, ହରିହର ପଣ୍ଡା, ଭରତ ଚନ୍ଦ୍ର ସୂତାର, ସରପଞ୍ଚ ଦୀପ୍ତିମୟୀ ନାୟକ, ପୂର୍ବତନ ସରପଞ୍ଚ ସୁଧାଂଶୁ କୁମାର ନାୟକଙ୍କ ସମେତ ସନାତନ ମଠ କମିଓ ରଥ କମିଟିର ସଦସ୍ୟମାନେ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ରଥଯାତ୍ରାରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## କାଦୁଅ ରାସ୍ତା ପାଇଁ ସାଧାରଣରେ ଅସନ୍ତୋଷ

ବୋଲଗଡ, (ଭାସ୍କର ନ୍ୟୁଜ୍): ବର୍ଷା ଯୋଗୁଁ ସାହି ଭିତର ରାସ୍ତା କାଦୁଅ ପଚପଚ ଯୋଗୁଁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ସୂଚନା ଅନୁଯାୟୀ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ନୂଆପାଇକରା ସାହିର ବିକ୍ରମ ଦାଶ ଘର ଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପର୍ଯ୍ୟନ୍ତ ୩୦ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଯାହାକୁ ବିଗତ ଦିନରେ ଗ୍ରାମର ମେଳଛ ମାଣିକ ରାସ୍ତା ମଧ୍ୟରେ ଯାଉଥିବା ସମୟରେ ଗୋଡ ଖସିଯାଇ ଆହତ ହୋଇଥିବା ବେଳେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ମାନ ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦା ମାନେ କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଗ୍ରାମର ସାହି ରାସ୍ତାକ ସିମେଣ୍ଟ ଢ଼ଳେଇ କରିଥିବା ବେଳେ କାହିଁକି ଏଥିପ୍ରତି ଦୃଷ୍ଟି ଦିଆ ଯାଇ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ରାସ୍ତାଟିରେ ବର୍ଷା ଯୋଗୁଁ ପାଣି ଜମି ରହିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ମଶା ଓ ମାଛିମାନଙ୍କ ପାଇଁ ଡିମ୍ବ



ସୃଷ୍ଟି କରିବା ପାଇଁ ଅନୁକୂଳ ପରିବେଶ ହୋଇ ପାରିବ ବୋଲି ସଚେତନ ନାଗରିକ ମାନେ କହିଛନ୍ତି। ତେଣୁ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ସମାଧାନ କରିବାକୁ ଦାବି କରିଛନ୍ତି।

## ଗୋପବନ୍ଧୁ ସେବକ ସେନା ପକ୍ଷରୁ ସେବା କାର୍ଯ୍ୟ



ତିହିଡ଼ି, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବକ ସେନା ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ବିସ୍କୁଟ ଓ ଜଳ ପ୍ରଦାନ କରିବା ସହ ଜଳସିଞ୍ଚନ ଓ ବିଞ୍ଚଣା ସେବା କରି ତିହିଡ଼ି ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲ୍ଲାପାଳଙ୍କ ଅନୁମତି କ୍ରମେ ସେନାର କର୍ମକର୍ତ୍ତାମାନେ ପୁରୀ ବଡ଼ଦାଣ୍ଡ ବଳଗଣ୍ଡି ଛକ ସ୍ଥିତ ଛତାମଠ ନିକଟରେ ଦିବସ ବ୍ୟାପି ଏହି ସେବା ଯୋଗାଇ ଦେଇଥିଲେ। ସୂଚନା ଯୋଗ୍ୟ, ଗୁରୁବାର ଦିନ ସେନାର କର୍ମକର୍ତ୍ତା ଓ ସଭ୍ୟମାନେ ପୁରୀରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେନାର ସଭାପତି ରାଜୀବ କୁମାର ନାୟକ, ଉପସଭାପତି ଅଭିରାମ ଦାସ, ସମ୍ପାଦକ ଅଶୋକ କୁମାର ନାୟକ, ସହସମ୍ପାଦକ ବୀରେନ ସେନାପତି, କୋଷାଧ୍ୟକ୍ଷ ସେକ୍ ଲିଆକତ, ସଦସ୍ୟ ସତ୍ୟରଂଜନ ନାୟକ, ବାବୁରାମ ଗାରିଡ଼ି, ଧନେଶ୍ୱର ପଣ୍ଡା, ହରିହର ମଲିକ, ତ୍ରିଲୋଚନ ସାହୁ, କାହ୍ନୁ ଚରଣ ନାୟକ, କପିଳ ମଲ୍ଲିକ୍, ଉପଦେଷଷ୍ଟା ରାମଚନ୍ଦ୍ର ନାୟକ, ବସନ୍ତ ଦାସ, କ୍ଷୀରୋଦ ଦାସ, ଅଭୟ ନାୟକ, ମଧୁସୂଦନ ପାଢ଼ୀ ପ୍ରମୁଖ ବଡ଼ଦାଣ୍ଡରେ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

## ମଦ୍ୟପ ପୁଅ ମାଡ଼ରେ ବାପା ମୃତ, ପୁଅ ଫେରାର




ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ବରପଦା ଗ୍ରାମରେ ଜଣେ ମଦ୍ୟପ ପୁଅ ଅମାନୁଷିକ ଭାବେ କାଠ ଫାଳିଆରେ ନିଜ ବାପାକୁ ମାରିବା ଫଳରେ ବାପାର ମୃତ୍ୟୁ ହୋଇଯାଇଥିବା ଘଟଣା ଏବେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ସୂଚନା ଥାଉକି, ବରପଦା ଗ୍ରାମର ବିପିନ୍‌ବିହାରୀ ସ୍ୱାଇଁ (୫୨)ଙ୍କ ପୁଅ ବିଶ୍ୱଜିତ୍ ସ୍ୱାଇଁ ଚାରବାଟିଆ ସ୍ଥିତ କେନ୍ଦ୍ରସରକାର ଅଧିନସ୍ ଏଆରସିରେ ଚାକିରି କରୁଥିବାବେଳେ ଅଧିକାଂଶ ସମୟରେ ମଦ୍ୟପାନ କରି ଘରେ ଗଣ୍ଡଗୋଳ ସହ ଗାଳିଗୁଲଜ କରେ। ଗତ ରବିବାର ଅପରାହ୍ଣରେ ବିଶ୍ୱଜିତ୍ ନିଶାସକ୍ତ ଅବସ୍ଥାରେ ତାଙ୍କ ଦାଦା ପୂର୍ଣ୍ଣାନନ୍ଦଙ୍କ ଘରକୁ ଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ମାରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ବିପିନ୍‌ବିହାରୀ ପୁଅକୁ ଅଟକାଇବା ବେଳେ ହଠାତ୍ ସେ ରାଗିଯାଇ ଉକ୍ତ କାଠ ଫାଳିଆରେ ବାପା ବିପିନ୍‌କୁ ମାଡ଼ ମାରିବାରୁ ତାଙ୍କର ମୁଣ୍ଡ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବିପିନ୍‌ଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରକୁ ନେବା ପରେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ମାତ୍ର ଗତ ଗୁରୁବାର ଦିନ ବିପିନ୍‌ଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଏ ନେଇ ପୂର୍ଣ୍ଣାନନ୍ଦଙ୍କ ପୁଅ ପ୍ରମୋଦ ସ୍ୱାଇଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ହତ୍ୟାକାଣ୍ଡ ଘଟାଇଥିବା ପୁଅ ନିଜର ମୋବାଇଲ ଫୋନ୍‌କୁ ସୁଇଚ୍‌ଅଫ୍ କରି କେଉଁଆଡ଼େ ଫେରାର ଅଛି। ହତ୍ୟାକାଣ୍ଡ ଭିଆଇଥିବା ପୁଅ ଚାରବାଟିଆ ଏଆରସିରେ ଲୁଚିଥାଇ ପାରେ ବୋଲି ଗ୍ରାମବାସୀମାନେ ଅନୁମାନ କରୁଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତ ପୁଅକୁ ଗିରଫ୍ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ସରିଲା ରଥଟଣା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ପାରମ୍ପରିକ ରୀତିନୀତି ଅନୁଯାୟୀ କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ବାହାରି ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହୋଇଛି ଅପୂର୍ବ ମିଳନ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ଦିନ ରଥ ପ୍ରତିଷ୍ଠା ସହ ଠାକୁରଙ୍କ ନିତିକାନ୍ତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ପୂଜା ପଣ୍ଡା ଓ ସେବାୟତଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ଆରମ୍ଭ କରି ତିନି ଠାକୁରଙ୍କୁ ରଥରେ ବିଜେ କରାଯାଇ ଥିଲା। ନାରାୟଣପାଟଣା ତହସିଲଦାର ଛେରା ପହଁରା କରିବା ପରେ ମନ୍ଦିରଠାରୁ କିଛି ଦୂର ଯାଏଁ ରଥ ଟଣାହୋଇ ରଖାଯାଇଥିଲା। ଶନିବାର ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଗହଣରେ ଆଧାତ୍ମିକ ପରିବେଶ ମଧ୍ୟରେ ମାଉସୀ ମାଙ୍କ ମନ୍ଦିର ଯାଏଁ ସମ୍ପୂର୍ଣ୍ଣ ରଥ ଟଣା ହୋଇଥିଲା। ରାଜା ରାଜଡା ଅମଳରୁ ଚଳି ଆସୁଥିବା ଏହି ଯାତ୍ରାର ପ୍ରଥମଦିନ ଅଧା ଟଣାହୋଇ ରଖାଯାଏ। ତହିଁ ଆରଦିନ ପୁରା ରଥ ଟଣାହୁଏ। ରଥଯାତ୍ରା ଅବସରରେ ଏଇ କ୍ଷେତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ନାରାୟଣପାଟଣା ଥାନା ତରଫରୁ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା।

## ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ମାସ ପାଳନ ନେଇ ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ନିରାକରଣ ମାସ ପାଳନ ଓ ଅନ୍ତ ବିଭାଗୀୟ ଏକାଭିମୁଖୀ ବୈଠକ କଳାହାଣ୍ଡି ଜିଲାପାଳ ପାଥ୍ରୋ ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡେଙ୍ଗୁ, ମ୍ୟାଲେରିଆ ଜ୍ୱର ଆଦି ରୋଗର ଲକ୍ଷଣ,ପ୍ରତିକାର ଏବଂ ସମସ୍ତ ବ୍ୟବସ୍ଥା ତଥା ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ନିୟନ୍ତ୍ରଣ କରିବା ପାଇଁ ମଶାରୀ ବ୍ୟବହାର, ପରିବେଶ ସଫାସୁତୁରା ରଖିବା, ଜ୍ୱର ହେଲା ମାତ୍ରେ ନିକଟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ଉପରେ ସଚେତନ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଜିଲ୍ଲାର ସମସ୍ତ ଆବାସିକ ବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ମୁଖ୍ୟ ଓ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିଜ ବିଭାଗର ଦାୟିତ୍ୱ ଠିକ ଭାବରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଶା ବାହିତ ରୋଗର ନିୟନ୍ତ୍ରଣ ପାଇଁ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଡେଙ୍ଗୁ ନିରାକରଣ କାର୍ଯ୍ୟକ୍ରମ ଜିଲ୍ଲାରେ ଆସନ୍ତା ତା.୦୧.୦୭.୨୦୨୫ ଠାରୁ ତା. ୩୦.୦୭.୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କାର୍ଯ୍ୟକ୍ରମକୁ ସହରାଞ୍ଚଳରେ ତଥା ଗ୍ରାମାଞ୍ଚଳରେ ବ୍ୟାପକ କରାଯିବା ସହ ଏଥିରେ ଆଶା କର୍ମୀ ଓ ଅଙ୍ଗନୱାଡିକର୍ମୀ ମାନେ ଘରକୁ ଘର ଯାଇ ସଚେତନତା ପତ୍ରିକା ବଣ୍ଟନ ସହ ଡେଙ୍ଗୁ ,ମ୍ୟାଲେରିଆ ଜ୍ୱର ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରିବେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଏବଂ ଖସଡା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ପ୍ରତ୍ୟେକ ବିଭାଗୀୟ କର୍ମଚାରୀଙ୍କୁ ଆଦେଶ ପ୍ରଦାନ କରିଥିଲେ। ସହରରେ ପ୍ରତ୍ୟେକ ୱାର୍ଡରେ ନାଳଗୁଡିକୁ ସଫା ରଖିବା ଓ ଭବାନୀପାଟଣା ପୌରପାଳିକା ତଥା ଜୁନାଗଡ଼, ଧର୍ମଗଡ଼ ଓ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଆବର୍ଜନା ମୁକ୍ତ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପୃଷ୍ଟି ଜିଲ୍ଲାକୁ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ମୁକ୍ତ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି,ଏଡିପିଏଚଓ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଡିପିଏଚଓ ଡାକ୍ତର ରାକେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ସ୍ଥାନରେ ଘୋଷଯାତ୍ରା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସ ମଧ୍ୟରେ ତିନି ଠାକୁରଙ୍କ ପବିତ୍ର ଘୋଷଯାତ୍ରା ପାଳିତ ହୋଇଯାଇଅଛି। ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଏହି ଦିନ ଏକ ବହୁ ପ୍ରତୀକ୍ଷିତ ଦିନ। ନିଜର ଚର୍ମଚକ୍ଷୁରେ ରଥାରୂଢ଼ ତିନି ଠାକୁରଙ୍କୁ ଦର୍ଶନ ପାଇଁ ବ୍ୟାକୁଳିତ ପ୍ରାଣ ହିଁ ଏହି ଶୁଭ ଦିନରେ ସନ୍ତାପିତ ହେଇଥାଏ। କାହିଁ କେଉ ଅନାଦି କାଳରୁ ଜଗନ୍ନାଥ ଧାମ। ପୁରୀ ଠାରୁ ଭକ୍ତ ପ୍ରବଣ ପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ଏହି ଜଗନ୍ନାଥ ସଂସ୍କୃତି ପରିବ୍ୟାପ୍ତ ଓ ଆବାଳ ବୃଦ୍ଧବନିତା ମହାପ୍ରଭୁଙ୍କ ଅପାର କୃପାଲାଭ ନିମନ୍ତେ ପାଗଳପ୍ରାୟ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଛି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ନୀତିକାନ୍ତିକୁ ନେଇ ପୂଜା ଅର୍ଚ୍ଚନା ସହ ପାଳିତ ହେଉଛି ଶ୍ରୀ ଜୀଉଙ୍କ ବାରମାସରେ ତେରପର୍ବ। ୨୭ ତାରିଖ ଶୁକ୍ରବାର ଦିନ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାସ୍ଥିତ ମୁଖ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରମାନଙ୍କରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ରଥଯାତ୍ରା ପାଳିତ ହୋଇଯାଇଥିବା ଖବର ମିଳିଛି। ଭବାନୀପାଟଣାରେ ଥିବା ମୁଖ୍ୟ ଶ୍ରୀଜଗନ୍ନାଥ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ସେନାପଟା ଲାଗି ପରେ ଅପରାହ୍ନ ଘ.୪.୩୦ ସମୟରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ଶ୍ରୀବଳଭଦ୍ରଙ୍କୁ ଓ ଯୁବରାଜ ଅଦ୍ୱୈତ ପ୍ରତାପ ଦେଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଟଦଉଡି ଟାଣି ପବିତ୍ର ପହଣ୍ଡି ବିଜେ ସେବା ପ୍ରଦାନ କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ରଥପରିକ୍ରମା ପରେ ଦିଅଁମାନଙ୍କୁ ରଥାରୂଢ଼ କରାଯାଇଥିଲା। ହଜାର ହଜାର ଭକ୍ତ ଏହି ରଥଯାତ୍ରାରେ ସାମିଲ ହୋଇ ରଥକୁ ରାଜ ପ୍ରାସାଦ ନିକଟରେ ଥିବା ମାଆ ମାଣିକେଶ୍ୱରୀଙ୍କ ମନ୍ଦିର ସମ୍ମୁଖ ମୋଡ ପର୍ଯ୍ୟନ୍ତ ଟାଣି ଟାଣି ନେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ଭକ୍ତ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅନନ୍ୟ ଦର୍ଶନ ଲାଭ କରିଥିଲେ। ଶନିବାର ଅପରାହ୍ନରେ ତିନି ଠାକୁରଙ୍କୁ ରଥ ଉପରୁ ପହଣ୍ଡି ବିଜେ କରାଇ ଗୁଣ୍ଡିଚା ମନ୍ଦିରକୁ ନିଆଯିବ ବୋଲି ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଅଜୟ ମହାପାତ୍ର ପ୍ରକାଶ କରିଛନ୍ତି। ରଥଯାତ୍ରା ଚାଲିଥିଲା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଯାତ୍ରାର ଧାରା ବିବରଣୀ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଭବାନୀପାଟଣା ପୌରପାଳିକା, ପୋଲିସ ପ୍ରଶାସନ ପକ୍ଷରୁ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଭବାନୀପାଟଣା ସହରର ବାଲାଜୀ ମନ୍ଦିର, ଇରିଗେସନ୍ କଲୋନୀ ଜଗନ୍ନାଥ ମନ୍ଦିର, ଅଟାଙ୍ଗଗୁଡା ଠାରେ ଥିବା ସିଆରପିଏଫ୍ ୬୪ ବାଟାଲିୟନ ଠାରେ ଥିବା ଜଗନ୍ନାଥ ମନ୍ଦିର ମାନଙ୍କରେ ମଧ୍ୟ ଧୁମ ଧାମରେ ରଥଯାତ୍ରା ପାଳିତ ହୋଇଥିଲା।



କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜିଉଙ୍କ ଘୋଷଯାତ୍ରା ପାଳିତ ହୋଇଥିବାବେଳେ ଲଡୁଗାଁଠାରେ କୁନି ରଥେ ବିଜେ କରିଛନ୍ତି ତିନି ଠାକୁର। ଶୁକ୍ରବାର ଘୋଷଯାତ୍ରା ପାଇଁ ଘଣ୍ଟ, ଶଙ୍ଖ ସଂକୀର୍ତ୍ତନ ବାଜାରେ ପ୍ରକମ୍ପିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଭକ୍ତଙ୍କ ଗହଣରେ ମାଉସୀ ଘର ଗଲେ ଚତୁର୍ଦ୍ଧାମୂର୍ତ୍ତି। ଚଳିତ ବର୍ଷ ସ୍ୱାଭାବିକ ପାଗ ଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। କୋକସରା ବ୍ଲକ୍ ସଦରମ ହକୁମା ସମେତ ବ୍ଲକର ବଡ଼ପୋଡାଗୁଡା, ଆମପାଣି, ସିଉନୀ, କାଉଡୋଲା, ଗୋତମୁଣ୍ଡା, ଲଡୁଗାଁ, ଟେମରା, ମୋଟେର, ତୁନଗାଁ, ଡଙ୍ଗରୀଗୁଡା, ଛିଲିପାମାଲ, କେନ୍ଦୁଡଙ୍ଗରୀ, କାଶୀବାହାଲ ଆଦି ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଲଡୁଗାଁ ଠାରେ ବ୍ଲକ୍ ଅଧ୍ୟକ୍ଷାଙ୍କ ବାସଭବନରୁ କୁନି ରଥ ବାହାରି ନଗର ପରିକ୍ରମା କରି କୁନି ରଥରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ତିନି ଠାକୁର ରଥାରୂଢ଼ ହୋଇଥିଲେ। ରିୟାଂଶ ଅଗ୍ରୱାଲ ଛେରାପହଁରା କରିବା ପରେ ଘଣ୍ଟ, ଶଙ୍ଖ ସଂକୀର୍ତ୍ତନ ଦଳ ଓ ବାଜାର ମେଳରେ ରଥଟଣା ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନି ଓ ଭକ୍ତିମୟ ପରିବେଶରେ ଲଡୁଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ଏଥିରେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସାମିଲ ହୋଇ ରଥ ଟାଣିଥିଲେ। କୁନି ରଥରେ ତିନି ଠାକୁରଙ୍କୁ ଦର୍ଶନ କରିବା ପାଇଁ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ବିଭିନ୍ନ ସ୍ଥାନରେ ହୋଇଥିବା ରଥଯାତ୍ରାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ପରିଚାଳନା କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ପାଣି



- ସାପ୍ତାହିକ ହାଟ ଦିନ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ
- ସ୍ଥାୟୀ ସମାଧାନ ଦାବି

କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ କୁଲେରଗୁଡା ଗ୍ରାମର ମୁଖ୍ୟ ରାସ୍ତା ବଜାରଛକ ନିକଟରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଫଳରେ ପ୍ରତିଦିନ ଲୋକେ ଅସୁବିଧା ଭୋଗୁଥିବାବେଳେ ସାପ୍ତାହିକ ହାଟ ଦିନେ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହେଉଛି। ସୂଚନା ଯେ’ କୁଲେରଗୁଡା ଗାଁ ମଝି ଦେଇ ପୂର୍ତ୍ତ ବିଭାଗର ରାସ୍ତା ଯାଇଥିବାବେଳେ କୋକସରା, ବଙ୍ଗୋମୁଣ୍ଡା ଛକଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା କୁଲେରଗୁଡା ସାପ୍ତାହିକ ବଜାର ଛକ ପର୍ଯ୍ୟନ୍ତ ସଂଯୋଗ କରୁଛି। ରାସ୍ତା ସଂଯୋଗ କରୁଥିବା ଉକ୍ତ ଛକ ନିକଟରେ ଉଭୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ରାସ୍ତା କାର୍ଯ୍ୟ ଯୋଗୁଁ ଲୋକଙ୍କ ଦୁଃଖ ବଢୁଛି। ସାମନ୍ୟ ବର୍ଷା ହେଲେ ଏହି ଛକରେ ପାଣି ଜମି ରହିବା ସହ ନିଷ୍କାସନ ହୋଇନପାରି ରାସ୍ତା ମାଝିରେ କାଦୁଅ ଜମି ରହୁଛି। ଉକ୍ତ ରାସ୍ତା କଡ଼ରେ ପ୍ରତି ଗୁରୁବାର ଦିନ ସାପ୍ତାହିକ ହାଟ ବସୁଥିବାରୁ କାଦୁଅ ପାଣି ଜମି ରହିବା ଫଳରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏମିତିକି ରାସ୍ତାରେ ଯିବା ଆସିବା କରିବାବେଳେ ବୁଲାଣି ସ୍ଥାନ ହୋଇଥିବାରୁ ପାଣି କାଦୁଅ ଯୋଗୁଁ ଲୋକେ ବିଭିନ୍ନ ସମୟରେ ଖସିପଡି ଖଣ୍ଡିଆଖାବରା ହେଉଥିବା ନଜିର ରହିଛି। ତେଣୁ ସ୍ଥାନୀୟ ଗ୍ରାମବାସୀ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଦାବି କରିଛନ୍ତି।

## ସୁପରଫାଷ୍ଟ୍ ଏକ୍ସପ୍ରେସ୍ ବଗିରେ ଅଗ୍ନିକାଣ୍ଡ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳ ଷ୍ଟେସନରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ଅହମଦାବାଦଠାରୁ ପୁରୀ ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଟ୍ରେନ୍‌ଟି ଟିଟିଲାଗଡ଼ରୁ କେସିଙ୍ଗା ଦେଇ ଟ୍ରେନ୍ ନଂ – ୧୨୮୪୪ ଅହମ୍ମଦାବାଦରୁ ପୁରୀକୁ ଯାଉଥିବା ସୁପର ଫାଷ୍ଟ୍ ଏକ୍ସପ୍ରେସ ନିର୍ଦ୍ଧାରିତ ସମୟରେ କେସିଙ୍ଗା ରେଳ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। କିନ୍ତୁ ଟ୍ରେନ୍ ପହଞ୍ଚିବା ପରେ ହଠାତ୍ ଟ୍ରେନର ମଧ୍ୟ ଭାଗରେ ଥିବା ଏସ୍-୧ କୋଚ୍‌ରେ ହଠାତ୍ ନିଆଁ ଲାଗିଯାଇ ଧୂଆଁ ବାହାରିଥିଲା। ନିଆଁ ଲାଗିବା ଜାଣିପାରି ଟ୍ରେନ୍‌ର ବଗିରେ ବସିଥିବା ଯାତ୍ରୀମାନେ ଭୟରେ ହୋ-ହଲ୍ଲା କରି ବଗିରୁ ଓହ୍ଲାଇ ପଡ଼ିଥିଲେ। ଷ୍ଟେସନ ପରିସରରେ ଯାତ୍ରୀମାନେ ଭୟରେ ଟ୍ରେନ୍‌ରୁ ପଳାୟନ କରିଥିଲେ। ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିବାର ଜାଣି ଷ୍ଟେସନ ମ୍ୟାନେଜର ପ୍ରଶାନ୍ତ ଭୋଇ ଆରପିଏଫ୍‌ଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଟ୍ରେନ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। କେସିଙ୍ଗା ରେଳ ଷ୍ଟେସନରେ ଟ୍ରେନ୍‌ଟି ୪୦ ମିନିଟ୍ ବିଳମ୍ବ ହୋଇଥିଲା। ପରେ ଟ୍ରେନ୍‌କୁ ପରୀକ୍ଷା ନିରୀକ୍ଷା କଲା ପରେ ଟ୍ରେନଟି ସ୍ୱାଭାବିକ ହେଲା ପରେ ପୁରୀ ଅଭମୁଖେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ୍‌ଟିରେ ହଠାତ୍ କେମିତି ନିଆଁ ଲାଗିଲା ବର୍ତ୍ତମାନ ସୁଦ୍ଧା କିଛି ଜଣାପଡ଼ି ନ ଥିବା ବେଳେ ତାହାର ତଦନ୍ତ ଜାରି ରହିଥିବା ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସରକାରୀ କର୍ମଚାରୀ-ନେଟୱାର୍କିଂ ସମନ୍ୱୟ ବୈଠକ

ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଭାଗୃହ ଠାରେ ଆରସିଡ଼ିସି ଭୁବନେଶ୍ୱରଙ୍କ ତରଫରୁ ବିଏମ୍ ଜେଡ୍ ଜର୍ମାନ ଓ ଚାଇଲଡ୍ ଫଣ୍ଡଙ୍କ ମିଳିତ ସହାୟତାରେ ଏକ ଦିବସୀୟ ସରକାରୀ କର୍ମଚାରୀଙ୍କ ସହିତ ନେଟୱାର୍କିଂ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥୁରାମ ବାଗ ପ୍ରକଳ୍ପ ସଂଯୋଜକ ଆରସିଡ଼ିସି ସମସ୍ତଙ୍କୁ ସ୍ୱାଗତ ଜଣେଇ ବୈଠକ କରିବାର ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବିଶ୍ୱନାଥ ରାଉତ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋଲାମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମହାନନ୍ଦ ଗୋଲାମୁଣ୍ଡା ବ୍ଲକରେ ନରେଗା କାମ ପାଇଁ ଅର୍ଥ ର ଅଭାବ ନାହିଁ, କାମ କରିବାରେ କୌଣସି ଅସୁବିଧା ନାହିଁ ଓ ଯଥା ଶୀଘ୍ର ପାରିଶ୍ରମିକ ଦିଆଯିବା, ଦାଦନ ଶ୍ରମିକ କମେଇବା ପାଇଁ ସରକାରଙ୍କ ଯୋଜନାକୁ ଲାଭ ଉଠେଇବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ରାଉତ ଯୁବପିଢ଼ି ବ୍ଲକ ସ୍ତରୀୟ କର୍ମ ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିବା ପରେ ନିଜ ପସନ୍ଦ ଅନୁଯାୟୀ କାମ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ନିଜ ବିଭାଗର ଲାଭ ନେବା ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୋପାଳ ନାଏକ ଜୈବିକ ଚାଷ କରି କେମିତି ଲାଭ ପାଇଲେ ସେ ବିଷୟରେ ଅବଗତ କରିଥିଲେ ତଥା ଭକ୍ତରାମ ମହାନନ୍ଦ ଯୁବ ଉଦ୍ୟୋଗୀ ତାଲିମ ପରେ ଆର୍‌ସିଡ଼ିସିରୁ ପାଇଥିବା ଦଶହଜାର ଅନୁଦାନ ରାଶି ସହାୟତାରେ ଦେଶୀ କୁକୁଡା ପାଳନ କରି ଅଣ୍ଡା ଓ କୁକୁଡା ବିକ୍ରୟ କରି ଲାଭ ପାଇବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୪୦ ରୁ ଉର୍ଦ୍ଧ୍ୱ ଯୁବ ଉଦ୍ୟୋଗୀ, କୃଷକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଆର୍‌ସିଡ଼ିସିରୁ ସରିତା , ସଞ୍ଜୟ, ଯାଜ୍ଞ, ଲଛମଣି, ସୁଧାଂଶୁ ଓ ନାଦିଆ ସହଯୋଗ କରିଥିବା ବେଳେ ବୁଲୁ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ସଂଘର ବରିଷ୍ଠ ସଦସ୍ୟ ବିଶିକେଶନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମଗୁଡିକର ଖସଡା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ସଂଘର ଉପଦେଷ୍ଟା ଦୁର୍ଗା ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ନିର୍ବାଚନ ଅଧିକାରୀ ମଧୁସୂଦନ ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ,ଡ.ଅଜୟ ମିଶ୍ର, ଟି.ରାମକୃଷ୍ଣ, ଓ ବରିଷ୍ଠ ଆଇନଜୀବୀ ସତ୍ୟ ପଟ୍ଟନାୟକ ନିର୍ବାଚନ ପରିଚାଳନା କରି ଥିଲେ। ସଭାପତି ଭାବେ ଶରତ ଚନ୍ଦ୍ର ନାୟକ,କାର୍ଯ୍ୟକାରୀ ସଭାପତି ସବିତା ପଟ୍ଟନାୟକ, ଉପ ସଭାପତି ବିଶିକେଶନ ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ମନୋଜ ପାଣିଗ୍ରାହୀ, ସାଧା ରଣ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଅର୍ଥ ସଂପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ସଂପାଦକ କଳ୍ପନା ରଥ, ସୁଧୀର ରଥ, ମହେନ୍ଦ୍ର ପଣ୍ଡା ଓ ସୁବାଷ ପଣ୍ଡା ଅଡିଟର ଭାବେ ଗୋପାଳ ସାହୁ ନିର୍ବାଚିତ ହୋଇଥିଲେ । ସଭାପତି ଶରତ ନାୟକ ପ୍ରକାଶ କରିଥିଲେ ଯେ ସଂଘର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଗମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ପାଳିତ ହେବ।

## ନିଆରା ପରମ୍ପରା
## ଦ୍ୱିତୀୟା ନୁହେଁ ତୃତୀୟା ତିଥିରେ ଟଣା ହୁଏ ରଥ



ଫାଇଲ୍ ଫଟୋ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସାଧାରଣ ଭାବେ ଦ୍ୱିତୀୟା ତିଥିରେ ଟଣା ହୋଇଥାଏ। ହେଲେ ଏଭଳି ଏକ ସ୍ଥାନ ଅଛି ଯେଉଁଠି ପୁରୀ ରଥ ଟଣା ହେବା ଆରଦିନ ଅର୍ଥାତ ତୃତୀୟା ତିଥିରେ ଟଣା ଯିବା ନଜିର ରହିଛି। ଅବଶ୍ୟ ଏହି ରଥ ଟଣା ଉତ୍ପନ୍ନର ବିଶେଷତ୍ୱ ରହିଛି। ଦିନକୁ ଦିନ ଲୋକଙ୍କ ମଧ୍ୟରେ ଧର୍ମ ପରିବର୍ତ୍ତନ କରୁଥିବା ନଜିର ରହୁଛି। ହୁଏତ ଏଥିପାଇଁ ଅନେକ କାରଣ ଥାଇପାରେ। ବିଶେଷ କରି ଦଳିତମାନେ ହିନ୍ଦୁ ଧର୍ମ ପରିବର୍ତ୍ତେ ଖ୍ରୀଷ୍ଟ ଧର୍ମ ଅବଲମ୍ବନ କରୁଥିବା ନଜିର ରହୁଛି। ଦେଶର କୋଣ ଅନୁକୋଣରେ ଖ୍ରୀଷ୍ଟ ପ୍ରଚାରକମାନେ ଲୋକଙ୍କୁ ପ୍ରଲୋଭନ ଦେଖାଇ ପରିବର୍ତ୍ତନ କରୁଥିବା ବେଳେ ଖ୍ରୀଷ୍ଟ ଅବଲମ୍ବୀ କିନ୍ତୁ ହିନ୍ଦୁ ଧର୍ମରେ ଭେଦଭାବ ଜାତି ପ୍ରଥା ରହିଥିବା କହି ଯୁକ୍ତି ବାଢ଼ନ୍ତି।୧୯୭୧ମସିହା ପର ଠାରୁ ଧର୍ମଗଡ଼ ଅଞ୍ଚଳ ରେ ଖ୍ରୀଷ୍ଟ ଧର୍ମୀ ମାନେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଧର୍ମ ପରିବର୍ତ୍ତନ କରିବାରେ ଲାଗିରହିଛନ୍ତି। ବିଶେଷ ଭାବେ ଧର୍ମଗଡ଼ ଜୋନ ୧,୨,ଅଞ୍ଚଳ ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଏବେ ତାର କାୟା ବିସ୍ତାର ହୋଇଛି। ଏହି ପରିବର୍ତ୍ତନକୁ ରୋକିବା ଓ ହିନ୍ଦୁଧର୍ମକୁ ସୁରକ୍ଷା ଦେବା ଭଳି ଉଦ୍ୟମ କରି ଜଣେ କଠୋର ହିନ୍ଦୁବାଦୀ ଅବସରପ୍ରାପ୍ତ ଶିକ୍ଷକ ଅଣ୍ଟା ଭିଡିଛନ୍ତି। ତାଙ୍କରି ଅନେକ ଉଦ୍ୟମ ଭିତରେ ନିଆରା ରଥଯାତ୍ରା ଅନ୍ୟତମ। ଡିକସନ ମଙ୍ଗରାଜ ଜଣେ ଶିକ୍ଷକ ହୋଇଥିଲେ ବି ହିନ୍ଦୁବାଦୀ ଓ ସମାଜସେବୀ ଭାବେ ବେଶ ପରିଚିତ। କହିବାକୁ ଗଲେ ସଂସାରି ତ୍ୟାଗୀ କହିଲେ ଅତ୍ୟୁକ୍ତି ହେବନାହିଁ।୧୯୭୬ମସିହା ସମୟରେ ସରୋଜିନୀ ସରୋବର ନିଜ ମାଆଙ୍କ ପିଣ୍ଡଦାନ କରିଥିବା ସମୟ ସ୍ୱର୍ଗୀୟ ମାଆ ଦେଖା ଦେଇ କାନ୍ଦୁଥିବା ଦେଖିବାକୁ ପାଇଥିଲେ। ତାଙ୍କ ପାଇଁ ମାଆଙ୍କ ଇଙ୍ଗିତ ଥିବା ବେଳେ ନିଜ ମାଟି ଧର୍ମ ଅସୁରକ୍ଷିତ ଥିବା ଏକ ସୂଚନା ଦେଇଥିବା କାନ୍ଦରୁ ବୁଝିପାରିଥିବା ସେ କହନ୍ତି। ସେ ଦିନୁ ସଂକଳ୍ପ ନେଇ ଘର ବାହୁଡା କରି ଉପାୟ ମନ୍ଥନ କରିଥିଲେ। ଶେଷରେ କାଂକେରି ପଞ୍ଚାୟତ ଛତିଶଗଡ଼ ସୀମାଞ୍ଚଳ ବୁଢ଼ୀମୁଣ୍ଡା ଗ୍ରାମ ଠାରେ ୧୯୮୧ମସିହାରେ ଶ୍ରୀରାମ ମନ୍ଦିର ନିର୍ମାଣ କରିବା ସହ ୧୯୯୨ମସିହାରେ ଏହାର ଶୁଭ ଉଦଘାଟନ କରିଥିଲେ। ଏଥିସହ ଅଞ୍ଚଳବାସୀଙ୍କୁ ଏକତ୍ରିତ କରିବା ଓ ସମସ୍ତଙ୍କ ଭିତରେ ହିନ୍ଦୁତ୍ୱ ଉଜାଗରଣ କରିବା ଉଦ୍ଦେଶ୍ୟରେ ଏକ ନୂତନ ପରିକଳ୍ପନା କରି ୧୯୯୮ମସିହାରେ ନିଆରା ରଥଯାତ୍ରା ପର୍ବ ଅନୁଷ୍ଠିତ କରିଥିଲେ। ଛତିଶଗଡ଼ ସୀମାନ୍ତ ଧର୍ମଗଡ ବ୍ଲକ କାଂକେରି ପଞ୍ଚାୟତ ବୁଢ଼ୀମୁଣ୍ଡା ଗ୍ରାମର ରଥଯାତ୍ରା ଏବେ ଚର୍ଚ୍ଚା ଆଉ ଚର୍ଚ୍ଚା ଭିତରେ। ଗାଁର ପାହାଡ଼ ପାଦ ଦେଶରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ବେଢାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶ୍ରଦ୍ଧାଳୁଙ୍କ ପାଇଁ ଏକ ଭିନ୍ନ ପରମ୍ପରା ଓ ଆକର୍ଷଣ ସୃଷ୍ଟି କରିପାରିଛି। ସାରା ବିଶ୍ୱରେ ରଥଯାତ୍ରା ଦ୍ୱିତୀୟା ଦିନ ଅନୁଷ୍ଠିତ ହେବାବେଳେ ଏଠାରେ କିନ୍ତୁ ତାର ପର ଦିନ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ।ତାହା ବି ପୁରୀ ଘୋଷ ଯାତ୍ରାର ଆର ଦିନ ରଥଯାତ୍ରା କରିବା ଏକ ନିଆରା ପରମ୍ପରା ସୃଷ୍ଟି କରିପାରିଛି। ଗତ ବର୍ଷ ତାର କିଛି ପରିବର୍ତ୍ତନ ହୋଇଥିବା କୁହାଯାଏ। ଇତିପୂର୍ବରୁ ବୁଢ଼ୀମୁଣ୍ଡା ଠାରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଅନେକ ସମାସ୍ୟ ଓ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ଛତିଶଗଡ଼ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକଙ୍କ ପ୍ରବଳ ଭିଡ଼ ଭିତରେ ମଦ୍ୟପ, ମଦମାଂସ, ଜୁଆଖେଳ ଭଳି ଘଟଣା ଦେଖା ଦେଇଥିଲା। ଏଭଳି ଅପ୍ରୀତିକର ବିଶୃଙ୍ଖଳାକୁ ଏଡ଼ାଇବାକୁ ଗତ ୨ ବର୍ଷରୁ ସାଲବେଗ ପୀଠରୁ ରଥ ଟଣା ହୋଇ ସନ୍ଧିକୁଳେର ଗ୍ରାମ ଦେଇ ଛିଲିପା ଗ୍ରାମ ସ୍ଥିତ ତେଲ ନଦୀ ନିକଟ ଏକ ପାହାଡ଼ରେ ଅବସ୍ଥିତ ମାଉସୀ ମନ୍ଦିରକୁ ରଥ ଗଡି ଥିଲା। ଚଳିତ ବର୍ଷ କିନ୍ତୁ ପରମ୍ପରା ଅନୁଯାୟୀ ବୁଢ଼ୀମୁଣ୍ଡାରେ ହିଁ ରଥ ଗଡି ଥିଲା। ପ୍ରବଳରୁ ପ୍ରବଳ ଲୋକଙ୍କ ସମାବେଶ ଜମି ରହିଥିଲା। ଛତିଶଗଡ, ସିନାପାଲି ଧର୍ମଗଡ଼ ସମେତ ନବରଙ୍ଗପୁର କୋରାପୁଟ ଆଦି ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶ୍ରୀ ଜୀଉଙ୍କ ଘୋଷଯାତ୍ରା ରଥ ଟାଣିବାକୁ ଭକ୍ତଙ୍କ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଷ୍ଟିତ ପରିବେଶ ମଧ୍ୟରେ ରଥଟଣା ଶେଷ ହୋଇଯାଇଛି।

## ରାଶିଫଳ


ରବିବାର, ୨୯ ଜୁନ୍ ୨୦୨୫



**ମେଷ:** ପାରିବାରିକ ସମସ୍ୟା ଚିନ୍ତାର କାରଣ ହୋଇପାରେ। ଦୂରେଇ ଚାଲିଯାଇଥିବା ବନ୍ଧୁ ଆପଣଙ୍କ ସହ ମିଶିବା ପାଇଁ ଚେଷ୍ଟା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ଭାବିବେ। ଶିକ୍ଷାର୍ଥୀମାନେ ବିଦ୍ୟାରେ ସଫଳତା ହାସଲ କରିବେ। ସାମାଜିକ ଆବୃତି ମାଧ୍ୟମରେ ସୁଖ ସମ୍ମାନ ପ୍ରଦାନ କରିବେ।




**ବୃଷ:** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ପିଲାମାନେ ପଢାପଢିରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ।




**ମିଥୁନ:** ରୋଗର ପ୍ରକୋପ ବୃଦ୍ଧି ପାଇବ। ଉଚିତ୍ ବ୍ୟବହାର ପାଇଁ ଖୁସିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଖର୍ଚ୍ଚ ହେବାର ସମ୍ଭାବନା ଅଛି। ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ।




**କର୍କଟ:** କର୍ମକ୍ଷେତ୍ରରେ ଯେଉଁ କାର୍ଯ୍ୟ ହାତକୁ ନେବେ ସେଥିରେ ବିଫଳ ହେବେ। ପ୍ରତ୍ୟେକ କ୍ଷେତ୍ରର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶତ୍ରୁମାନଙ୍କ ଚକ୍ରାନ୍ତ ଓ କାର୍ଯ୍ୟ କଳାପ ଆପଣଙ୍କୁ ଦୁଃଖି କରିପାରେ। ବାଦବିବାଦ ସୃଷ୍ଟି ହୋଇ ପରେ ସମାଧାନ ହୋଇଯିବ ।




**ସିଂହ:** ପାରିବାରିକ କଷ୍ଟ ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। କର୍ମକ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ । ଜମିଜମା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ମହିଳା ମାନଙ୍କ ପାଇଁ ଦିନଟି ମହତ୍ୱପୂର୍ଣ୍ଣ ରହିବ ।




**କନ୍ୟା:** ରୋଗୀମାନଙ୍କ ଅସୁସ୍ଥତା କମି ଯାଇପାରେ। ଭାଗ୍ୟ ଆପଣଙ୍କୁ ବହୁତ ସମର୍ଥନ କରିବ ଓ କାର୍ଯ୍ୟ ଅବସ୍ଥା ଅନୁକୂଳ ହେବ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ମହିଳାମାନେ ବନ୍ଧୁଙ୍କ ସହିତ ସମୟ କଟିବେ।



**ତୁଳା:** ପୁରୁଣା କରଜ ଆପଣଙ୍କୁ ଫେରସ୍ତ ମିଳିପାରେ। ସ୍ୱାସ୍ଥ୍ୟ ଲାଗି ଖର୍ଚ୍ଚ କରିବେ। ବିଦ୍ୟାର୍ଥୀମାନେ କିଛି ନୂତନ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିବେ । ବ୍ୟବସାୟ, ପରିବହନ କ୍ଷେତ୍ରରେ ଥିବା ଦ୍ୱନ୍ଦ ଦୂର ହେବ । ରାଜନୀତିରେ ସାଧାରଣ କଥାକୁ କଥା କଟାକଟି ହୋଇପାରେ।



**ବିଛା:** ପିଲାମାନେ ପରିଶ୍ରମ କରି ମଧ୍ୟ ବିଫଳ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ଦୂର ଜାଗାକୁ ସ୍ଥାନାନ୍ତର ହେଲେ ମଧ୍ୟ ସମ୍ମାନ ଓ ପଦବୀରେ ଉନ୍ନତି ଆସିପାରେ। ଗୃହିଣୀ ମାନଙ୍କ ପାଇଁ ଦିନଟି ଶୁଭପ୍ରଦ ରହିବ ।




**ଧନୁ:** ବ୍ୟବସାୟରେ ଆଂଶିକ ସଫଳତା ପାଇବେ । ରାଜନିତିରେ ଛୋଟ କଥାକୁ ବଡ କରି ବିବାଦ ଲାଗିପାରେ। ଛାତ୍ରଛାତ୍ରୀମାନେ ପଢାରେ କଷ୍ଟ କରିବେ। କର୍ମକ୍ଷେତ୍ରରେ ସାମାନ୍ୟ ବିଶ୍ରାମ କରିବାର ସୁଯୋଗ ପାଇବା କଷ୍ଟକର ହୋଇପାରେ। ଅଧିକ ମୂଲ୍ୟ ଦେଇ ଜମି କିଣିବେ। ଶତ୍ରୁଙ୍କର ସଡ ଯନ୍ତ୍ରର ଶିକାର ହୋଇ ପାରନ୍ତି।



**ମକର:** ବ୍ୟବସାୟରେ ଉନ୍ନତି ସହିତ ଅନେକ ସୁବିଧା ସୁଯୋଗ ପ୍ରାପ୍ତି ହେବ। ପୋଲିସ୍ ଓ ଟିକସ କର୍ମଚାରୀମାନଙ୍କ ଠାରୁ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିଦେଶ ଭ୍ରମଣର ଯୋଗ ରହିଛି । ସଞ୍ଚିତ ଅର୍ଥ ବ୍ୟୟ ହୋଇପାରେ । ମହିଳା ମାନେ ସମସ୍ତଙ୍କ ପ୍ରତି ବ୍ୟବହାର ଭଲ ରଖିବେ ।



**କୁମ୍ଭ:** ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।



**ମୀନ:** ଦୂରସ୍ଥାନକୁ ଯାତ୍ରାକରି ଶାରିରୀକ ଅସୁସ୍ଥତା ଅନୁଭବ କରିବେ । ଅନ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି, କିନ୍ତୁ ଠିକ୍ ସିଦ୍ଧାନ୍ତ ଯୋଗୁ କାର୍ଯ୍ୟ ଉତମ ହେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କୋର୍ଟରେ ଶୁଭ ଫଳ ପାଇବେ । ମହିଳାମାନେ ନିରାଶବାଦୀ ରହିବେ।




ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯